# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୩/୨୦୧୮ (୧୬ ପୃଷ୍ଠା) Bhubaneswar, Monday, September 3 / 2018 ★★★★★★

୪୪ଶ ଭାଗ ୨୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



DSPL-144

ଓଡ଼ିଶା ସରକାର

୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟର ବ୍ୟବଧାନ ପରେ ଆମ ରାଜ୍ୟରେ ପୁଣିଥରେ ସରକାରୀ
ମେଡିକାଲ କଲେଜ ଏବଂ ହସ୍‌ପିଟାଲ ପ୍ରତିଷ୍ଠା ହେବାର ନୂଆ ଧାରା ଆରମ୍ଭ ହୋଇଛି ।

ଗତବର୍ଷ ୪ ଓ ୬ ସେପ୍ଟେମ୍ବରରେ ଜନଜାତି ବହୁଳ କୋରାପୁଟ ଏବଂ ମୟୂରଭଞ୍ଜ
ଜିଲ୍ଲାର ବାରିପଦାଠାରେ ସ୍ଥାପିତ ହେଲା ଦୁଇଟି ନୂଆ ମେଡିକାଲ କଲେଜ ଏବଂ ହସ୍‌ପିଟାଲ ।

ଏ ବର୍ଷ ଅଗଷ୍ଟ ୩୧ରେ ଆରମ୍ଭ ହେଲା ବଲାଙ୍ଗୀରଠାରେ ନୂଆ ମେଡିକାଲ କଲେଜ ଏବଂ ହସ୍‌ପିଟାଲ ।

ଆଜି ଲୋକାର୍ପିତ ହେଉଛି ବାଲେଶ୍ୱରଠାରେ ସଂକ୍ରାନ୍ତି ପୁରୁଷ ବ୍ୟାସକବି
ଫକୀର ମୋହନ ସେନାପତିଙ୍କୁ ଏକ ବିନମ୍ର ଶ୍ରଦ୍ଧାଞ୍ଜଳି ଭାବରେ ଉତ୍ସର୍ଗୀକୃତ

## ଫକୀର ମୋହନ ମେଡ଼ିକାଲ କଲେଜ ଏବଂ ହସ୍‌ପିଟାଲ






ଆମ ରାଜ୍ୟର ଡାକ୍ତରୀ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାକୁ
ଏକ ନୂଆ ଦିଶା ଦେଇଛନ୍ତି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ।**



ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ
କଲେଜ ଏବଂ ହସ୍‌ପିଟାଲ, କୋରାପୁଟ



ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ
କଲେଜ ଏବଂ ହସ୍‌ପିଟାଲ, ବାରିପଦା



ଭୀମ ଭୋଇ ମେଡ଼ିକାଲ କଲେଜ
ଏବଂ ହସ୍‌ପିଟାଲ, ବଲାଙ୍ଗୀର

ଆଗକୁ ଆହୁରି ୫ଟି ନୂଆ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହେବ ଆମ ରାଜ୍ୟରେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ••• ପୂର୍ତ୍ତ ବିଭାଗ ••• ସୂଚନା ଓ ଲୋକସମ୍ପର୍କ ବିଭାଗ

10001/13/0021/1819

@Naveen_Odisha CMO.Odisha @CMO_Odisha

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ସେପ୍ଟେମ୍ବର, ୨୦୧୮



"କଶ୍ମୀରକୁ ନେଇ ଅତୀତରେ ଅନେକ ଭୁଲ୍ କରିଛି ନୂଆଦିଲ୍ଲୀ। ଏବେ ଲୋକଙ୍କ ହୃଦୟ ପରିବର୍ତ୍ତନ ପାଇଁ ପଦକ୍ଷେପ ନେବାର ବେଳ ଆସିଛି।
-ଫାରୁକ୍ ଅବ୍ଦୁଲ୍ଲା, ଏନ୍‌ସି ଅଧକ୍ଷ



## ସଂକ୍ଷେପରେ

### ୟୁପିରେ ବର୍ଷା ବିତ୍ପାତ: ୧୬ ମୃତ

ଲକ୍ଷ୍ନୌ,୨।୯(ପି.ଟି.):ଉତ୍ତର ପ୍ରଦେଶ (ୟୁପି)ରେ ଲଗାତର ବର୍ଷା ଜାରିରହିଛି। ଏଥିଯୋଗୁ ଶନିବାର ସୁଦ୍ଧା ୧୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୨ ଆହତ ହୋଇଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁସାରେ ଆହୁରି ୨ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବ। ଶାହାଜାହାନପୁରରେ ସବୁଠାରୁ ଅଧିକ ବର୍ଷା ହୋଇଛି। ଶନିବାର ମାତ୍ର ୨୪ ଘଣ୍ଟା ଭିତରେ ବଜ୍ରପାତ ଏବଂ ବର୍ଷା ଯୋଗୁ ୧୬ ଜଣଙ୍କର ଜୀବନ ଯାଇଛି।ଶାହାଜାହାନପୁରରେ ୬, ସୀତାପୁରରେ ୩, ଆମ୍ବୁରାୟିୟାରେ ୨, ଆମେଥିରେ ୨, ଲକ୍ଷ୍ମୀପୁର ଖିରି, ରାୟ ବରେଲି ଏବଂ ଉନ୍ନାଓରେ ୩ ଜଣ ପ୍ରାଣ ହରାଇଛନ୍ତି।

### 'ଯାହା କହିଛି, ତାହା କରିବି'



ମଦୁରାଇ,୨।୯(ପି.ଟି):ଡିଏମ୍‌କେର ପୂର୍ବତନ ଅଧକ୍ଷ ଏମ୍.କରୁଣାନିଧିଙ୍କ ପରଲୋକ ପରେ ଏବେ ତାଙ୍କ ପରିବାରରେ କ୍ଷମତା ପାଇଁ ବିବାଦ ଲାଗି ରହିଛି। ଦୁଇ ପୁଅ ଏମ.କେ. ଆଲାଗିରି ଏବଂ ଏମ.କେ. ଷ୍ଟାଲିନ୍ ଦଳ ଭିତରେ ନିଜର ପ୍ରାଧାନ୍ୟକୁ ନେଇ ମୁହାଁମୁହିଁ ପରିସ୍ଥିତିରେ। ଆଲାଗିରି ରବିବାର କହିଛନ୍ତି, ମୁଁ କରୁଣାନିଧିଙ୍କ ପୁଅ। ଯାହା କହିଛି ତାହା କରି ଦେଖାଇବି। ପୂର୍ବ ଘୋଷଣା ଅନୁସାରେ ୫ ତାରିଖରେ କରୁଣାନିଧିଙ୍କ ସ୍ମାରକୀ ସ୍ଥଳରେ ଏକ ବିରାଟ ରାଲିର ଆୟୋଜନ କରିବି।'ଉଲ୍ଲେଖଯୋଗ୍ୟ ଯେ, ଦଳର ନିଷ୍ଠାବାନ କର୍ମୀମାନେ ଏବେ ତାଙ୍କ ସପକ୍ଷରେ ରହିଥିବା କଥା ଆଲାଗିରି ବାରମ୍ବାର କହି ଆସୁଛନ୍ତି। ଏହି ରାଲି ଯୋଗେ ଆଲାଗିରି ନିଜର ଶକ୍ତିପ୍ରଦର୍ଶନ କରିବାକୁ ଚାହୁଁଛନ୍ତି ବୋଲି କୁହାଯାଉଛି।

### ବେଗୁସରାଇରୁ ଲଢ଼ିପାରନ୍ତି କହ୍ନେୟା

ନୂଆଦିଲ୍ଲୀ,୨।୯ (ପି.ଟି.): ସକ୍ରିୟ ରାଜନୀତିରେ ଭାଗନେବାକୁ ଯାଉଛନ୍ତି ଜେଏନ୍‌ୟୁର ପୂର୍ବତନ ଛାତ୍ର ସଂସଦ ସଭାପତି କହ୍ନେୟା କୁମାର। ୨୦୧୯ ଲୋକ ସଭା ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ମଧ କୁହାଯାଉଛି। ଏକ ରିପୋର୍ଟ ମୁତାବକ, କହ୍ନେୟା ବିହାରର ବେଗୁସରାଇ ନିର୍ବାଚନମଣ୍ଡଳୀରୁ ସିପିଏମ୍ ଟିକେଟ୍‌ରେ ଲଢ଼ିବେ। କଂଗ୍ରେସ, ଆର୍‌ଜେଡି, ବାମଦଳ ଏବଂ ଅନ୍ୟାନ୍ୟ ଛୋଟ ଛୋଟ ଦଳକୁ ନେଇ ଗଠିତ ହେବାକୁ ଥିବା ମହାମେଣ୍ଟର ସେ ଯୁଗ୍ମ ପ୍ରାର୍ଥୀ ହେବେ। ପ୍ରକାଶ ଯେ କହ୍ନେୟାଙ୍କ ବିରୋଧରେ ବର୍ତ୍ତମାନ ଦେଶଦ୍ରୋହ ମାମଲା ଚାଲିଛି।



### ୧୨୬ ବଦଳରେ ୩୬ ରାଫେଲ ବିମାନ ପାଇଁ ଚୁକ୍ତି କାହିଁକି

ମଥୁରା,୨।୯(ପି.ଟି.): ରାଫେଲ ଯୁଦ୍ଧ ବିମାନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ପୁଣି ଘେରିଛି କଂଗ୍ରେସ। ଯଦି ୧୨୬ଟି ଯୁଦ୍ଧ ବିମାନ ଫ୍ରାନ୍ସରୁ ଆସିବା ଦରକାର ଥିଲା ତେବେ ମାତ୍ର ୩୬ଟି ବିମାନ ଆଣିବା ପାଇଁ କାହିଁକି ଚୁକ୍ତି କରାଗଲା ବୋଲି ଦଳର ମୁଖପାତ୍ର ପ୍ରିୟଙ୍କା ଚର୍ତୁବେଦୀ ରବିବାର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଯଦି ଜରୁରୀ ଥିଲା ତେବେ ସରକାର ଏକାସାଙ୍ଗରେ ସବୁତକ ବିମାନ ଆଣିବା ପାଇଁ ଫ୍ରାନ୍ସର ଉକ୍ତ କମ୍ପାନୀକୁ କହିବାର ଥିଲା।

### ଚାଇନାରେ ସ୍ୱାଇନ୍ ଫ୍ଲୁ ଆତଙ୍କ ୩୮,୦୦୦ ଘୁଷୁରି ହତ୍ୟା

ବେଜିଂ,୨।୯(ପି.ଟି.):ଚାଇନାରେ ସ୍ୱାଇନ୍ ଫ୍ଲୁ ଆତଙ୍କ ସୃଷ୍ଟି ହୋଇଛି। ଆଫ୍ରିକୀୟ ସ୍ୱାଇନ୍ ଫ୍ଲୁ ଜ୍ୱର ସଂକ୍ରମଣ ଭୟରେ ଦେଶବ୍ୟାପୀ ୩୮,୦୦୦ ଘୁଷୁରିଙ୍କ ରବିବାର ହତ୍ୟା କରାଯାଇଛି। ଏପର୍ଯ୍ୟନ୍ତ ଚାଇନାର ୫ଟି ପ୍ରଦେଶରେ ଏହାକୁ ସଂକ୍ରମଣ ଆତଙ୍କ ଖେଳାଇ ସାରିଛି। ଭୟଙ୍କର ରୂପ ନେବା ପୂର୍ବରୁ ପ୍ରତିକାର ସ୍ୱରୂପ ଘୁଷୁରି ମାରଣ ଅଭିଯାନ ଆରମ୍ଭ ହୋଇଥିବା ଚାଇନାର ଜଣେ ବରିଷ୍ଠ ଅଧିକାରୀ ଜିନ୍‌ହୁଆ ନ୍ୟୁଜ୍ ଏଜେନ୍ସିକୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଚାଇନା ହେଉଛି ବିଶ୍ୱର ସର୍ବବୃହତ୍ ଘୁଷୁରିମାଂସ ଉତ୍ପାଦନକାରୀ ଦେଶ।

---

## ପାକିସ୍ତାନକୁ ୩୦୦ ନିୟୁତ ଡଲାର ସାମରିକ ସହାୟତା ବାତିଲ କଲା ଆମେରିକା

# ଇମ୍ରାନଙ୍କୁ ଟ୍ରମ୍ପ୍ ଝଟକା

### ଆତଙ୍କବାଦୀଙ୍କୁ ଲଗାମ ନ ଲଗାଇଲେ ସହାୟତାର ସବୁ ବାଟ ବନ୍ଦ: ପେଣ୍ଟାଗନ୍



ୱାଶିଂଟନ,୨।୯(ପି.ଟି.)

ଆତଙ୍କବାଦୀଙ୍କୁ ସୁରକ୍ଷା ଓ ପ୍ରୋତ୍ସାହନ ଦେବା ପାକିସ୍ତାନକୁ ପୁଣିଥରେ ମହଙ୍ଗା ପଡ଼ିଛି। ବିଶ୍ୱ ସମୁଦାୟର ବାରମ୍ବାର ତାଗିଦ୍ ସତ୍ତ୍ୱେ ଲଶ୍କର-ଇ-ତୋଇବା (ଏଲ୍‌ଇଟି), ତାଲିବାନ, ଅଲ୍-କାଏଦା ଓ ହକ୍କାନି ନେଟୱର୍କ ଭଳି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ପ୍ରତି ଇସ୍‌ଲାମାବାଦର କୋହଳ ମନୋଭାବ ପାକିସ୍ତାନକୁ ଦେବାଳିଆ ସ୍ଥିତିରେ ଛିଡ଼ା କରାଇଛି। ହେଲେ ଏହି ଦେଶ ସୁଧୁରିବାର ନାଁ ନେଉନାହିଁ । ଏହାକୁ ନେଇ କ୍ଷୁବ୍ଧ ୱାଶିଂଟନ ପାକିସ୍ତାନକୁ ୩୦୦ ନିୟୁତ ଡଲାର ସାମରିକ ସହାୟତା ଦେବାକୁ ମନା କରିଦେଇଛି। ପେଣ୍ଟାଗନର ଏହି ସଦ୍ୟ ଘୋଷଣା ପରେ ଆମେରିକା ଓ ପାକିସ୍ତାନ ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଛି। ଏଥିସହ ପାକିସ୍ତାନର ନବଗଠିତ ଇମ୍ରାନ ଖାନ୍ ସରକାରଙ୍କୁ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ଶକ୍ତ ଝଟକା ଲାଗିଛି।

ଦଳ ନିର୍ବିଶେଷରେ ଯେଉଁ ସରକାର କ୍ଷମତାସୀନ ଥାଉନା କାହିଁକି ଆତଙ୍କବାଦ ଉପରେ ଲଗାମ ଲଗାଇବାରେ ପାକିସ୍ତାନ ସବୁବେଳେ ବିଫଳ। ହେଲେ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନାମରେ ଆମେରିକାଠାରୁ ପାକିସ୍ତାନ ହଜାର ହଜାର କୋଟି ଡଲାର ଠକି ନେଇଛି। ଏହାକୁ ନେଇ ବର୍ଷ ଆରମ୍ଭରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇସ୍‌ଲାମାବାଦ ଉପରେ ବର୍ଷିଥିଲେ। ଏଥିସହ ଆଗକୁ ଠକାମିରେ ନ ପଡ଼ିବା ପାଇଁ ପାକିସ୍ତାନକୁ ଅଧିକ ସହାୟତା ଦେବାକୁ ମନା କରିଦେଇଥିଲେ। ଫଳରେ ୧.୧୫ ବିଲିୟନ୍ ଡଲାର ସହାୟତା ପାଇବାରୁ ପାକିସ୍ତାନ ବଞ୍ଚିତ ହୋଇଥିଲା। ଏହାର ୮ ମାସ ପରେ ପିଟିଆଇ ଅଧ୍ୟକ୍ଷ ଇମ୍ରାନ ଖାନ ପାକିସ୍ତାନ ଶାସନର ମଙ୍ଗ ଧରିଛନ୍ତି। ହେଲେ ଆତଙ୍କବାଦ ପ୍ରତି ଏହି ଇସ୍‌ଲାମିକ୍ ରାଷ୍ଟ୍ରର ମନୋଭାବରେ କିଛି ପରିବର୍ତ୍ତନ ଆସିନାହିଁ। ଫଳରେ ଏହାକୁ ଆଜି ପରିଣାମ ଭୋଗିବାକୁ ପଡ଼ିଛି। ଟ୍ରମ୍ପ୍ ପ୍ରଶାସନର ଦକ୍ଷିଣ ଏସିଆ ନୀତି ସପକ୍ଷରେ ପାକିସ୍ତାନ ସକ୍ରିୟ ପଦକ୍ଷେପ ନେଉନାହିଁ। ଏଥିଯୋଗୁ ସାମରିକ ସହାୟତା ବାବଦକୁ ଅବଶିଷ୍ଟ ୩୦୦ ନିୟୁତ ଡଲାର ଦିଆଯିବ ନାହିଁ ବୋଲି ଶନିବାର ଆମେରିକାର ପ୍ରତିରକ୍ଷା ମୁଖ୍ୟାଳୟ ପେଣ୍ଟାଗନ୍ ମୁଖପାତ୍ର ଲ୍ୟୁଟ୍‌ନାଣ୍ଟ କୋଲୋନେଲ୍ କୋନ୍ ଫଉକ୍‌ନେର ସ୍ପଷ୍ଟ କରିଛନ୍ତି। ଏହି ସହାୟତା ରାଶି ପାଇବାକୁ ହେଲେ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଉପରେ ପାକିସ୍ତାନକୁ ଲଗାମ ଲଗାଇବାକୁ ପଡ଼ିବ ବୋଲି ସେ କହିଛନ୍ତି। ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପୋମ୍ପେଓ ଏଇ ସପ୍ତାହରେ ଇସ୍‌ଲାମାବଦ ଗସ୍ତ କରି ଇମ୍ରାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାର ଠିକ୍ ପୂର୍ବରୁ ଟ୍ରମ୍ପ୍ ପ୍ରଶାସନର ଝଟକା ଇମ୍ରାନଙ୍କ ଉପରେ ଚାପ ସୃଷ୍ଟି କରିଛି। ଏଥିସହ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେଠାର ନୂଆ ସରକାରକୁ ଏକରକମର ବାଧ୍ୟ କରିଛି ବୋଲି କୂଟନୀତିଜ୍ଞ ମହଲରେ ମତପ୍ରକାଶ ପାଇଛି।

---

# ଗଳିତ ଭ୍ରୂଣ ନେଇ ଆତଙ୍କ

### ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ମେଡିକାଲ ଆବର୍ଜନା

କଲିକତା,୨।୯(ପି.ଟି.)

ନବଜାତକଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣାକୁ ନେଇ ପଶ୍ଚିମବଙ୍ଗର କଲିକତା ସହରରେ ରବିବାର ଆତଙ୍କ ସୃଷ୍ଟି ହୋଇଥିଲା। ପୋଲିସ ମଧ ଏ ନେଇ ସ୍ପଷ୍ଟ କରିଥିଲା। କିନ୍ତୁ ଏବେ ସେଗୁଡ଼ିକ ପଚା ଭ୍ରୂଣ ନୁହେଁ, ବରଂ ମେଡିକାଲ ଆବର୍ଜନା ବୋଲି ପୋଲିସ ସ୍ପଷ୍ଟ କରିଛି।

ହରିଦେବପୁର ଥାନା ଅନ୍ତର୍ଗତ ରାଜା ରାମମୋହନ ରୟ ସରଣି ଅଞ୍ଚଳରେ ରବିବାର ସଫେଇ ଅଭିଯାନ ବେଳେ ଘାସଭରା ପଡ଼ିଆରୁ ଏକ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ କିଛି ମାନବୀୟ ଅବଶେଷ ଉଦ୍ଧାର କରାଯାଇଥିଲା। ସେଗୁଡ଼ିକୁ ୧୪ଟି ନବଜାତକଙ୍କ ମୃତଦେହ ବୋଲି ଦାବି କରାଯାଇଥିଲା। ପ୍ଲାଷ୍ଟିକ୍ ବ୍ୟାଗ୍‌ରୁ ସମ୍ପୂର୍ଣ୍ଣ ପଚା ଏବଂ ଅଧାପଚା ଅବସ୍ଥାରେ ତାହା ଉଦ୍ଧାର କରାଯାଇଥିବା ପୋଲିସ ସୂଚନା ଦେଇଥିଲା। ତଦନ୍ତ ପରେ ଏହା ଡାକ୍ତରଖାନା ଅଳିଆ ବୋଲି ଜଣାପଡ଼ିଥିବା କଲିକତା ଦକ୍ଷିଣ-ପଶ୍ଚିମ ଡିଭିଜନର ଡିସିପି ନିଳଞ୍ଜନ ବିଶ୍ୱାସ ସୂଚନା ଦେଇଛନ୍ତି।

---

# ଭାଜପା ମଞ୍ଚରେ ପ୍ରଣବ



ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟରଙ୍କ ସହ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ।

ନୂଆଦିଲ୍ଲୀ,୨।୯(ପି.ଟି.)

ଆର୍‌ଏସ୍‌ଏସ୍ ପରେ ଏବେ ଭାଜପା ମଞ୍ଚରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ। ଗୁରୁଗ୍ରାମର ଅଲିପୁରଠାରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ସହ ସ୍ମାର୍ଟଗ୍ରାମ ଯୋଜନାର ଉଦ୍‌ଘାଟନ କରିଛନ୍ତି ପ୍ରଣବ। ସ୍ମାର୍ଟଗ୍ରାମ ଯୋଜନା ଅଧୀନରେ ୨୦୧୬ରେ ମୁଖାର୍ଜୀ ଅଲିପୁର, ଦୌଲା, ହରଚାନ୍ଦପୁର, ତେଜପୁର, ମେୱାଟ୍‌ର ରୋଜ୍ କା ମିଓ ଗ୍ରାମକୁ ପୋଷ୍ୟଭାବେ ଗ୍ରହଣ କରିଥିଲେ। ଏହି ଯୋଜନାରେ ସେ ସମ୍ପୃକ୍ତ ଗ୍ରାମାଞ୍ଚଳରେ ସୁଲଭ ତଥା ପ୍ରଭାବଶାଳୀ ଭିତ୍ତିଭୂମି ନିର୍ମାଣ ଦାୟିତ୍ୱ ବହନ କରିଛନ୍ତି।

ପୂର୍ବତନ ରାଷ୍ଟ୍ରପତିଙ୍କ ଜନକଲ୍ୟାଣ କାରୀ ସଂସ୍ଥା 'ପ୍ରଣବ ମୁଖାର୍ଜୀ ଫାଉଣ୍ଡେଶନ' କେତେକ ସାମାଜିକ ପ୍ରକଳ୍ପ ପାଇଁ ଆର୍‌ଏସ୍‌ଏସ୍ ସହ ହାତ ମିଶାଇବାକୁ ଯାଉଥିବା ନେଇ ପୂର୍ବରୁ ଚର୍ଚ୍ଚା ଚାଲିଥିଲା। ରବିବାର କାର୍ଯ୍ୟକ୍ରମରେ ମୁଖାର୍ଜୀ ଅନେକ ବରିଷ୍ଠ ଏବଂ କନିଷ୍ଠ ଆର୍‌ଏସ୍‌ଏସ୍ କର୍ମୀଙ୍କୁ ନିମନ୍ତ୍ରଣ ଦେଇଥିବା ମଧ କୁହାଯାଉଥିଲା। କିନ୍ତୁ ଏଭଳି ଚର୍ଚ୍ଚାକୁ ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ଖଣ୍ଡନ କରାଯାଇଥିଲା। ଏହାର ଦୁଇଦିନ ପରେ ମୁଖାର୍ଜୀ ପୁଣିଥରେ ଭାଜପା ମଞ୍ଚରେ ଉପସ୍ଥିତ ରହି ରାଜନୈତିକ ଉଷ୍ମତା ବଢ଼ାଇ ଦେଇଛନ୍ତି। ପ୍ରକାଶ ଯେ, ଗତ ଜୁନ୍‌ରେ ପ୍ରଣବ ମୁଖାର୍ଜୀ ନାଗପୁରଠାରେ ଆର୍‌ଏସ୍‌ଏସ୍ ବୈଠକରେ ଉଦ୍‌ବୋଧନ ଦେବା ପରେ କେନ୍ଦ୍ର ରାଜନୀତିରେ ହଟଚମଟ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ସଂଘ ମୁଖ୍ୟ ମୋହନ ଭାଗବତଙ୍କ ସହ ତାଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଏଥିଲାଗି ବିରୋଧୀ ଦଳଗୁଡ଼ିକ ସମେତ ଅନେକ କଂଗ୍ରେସ ନେତା ମଧ ପ୍ରଣବଙ୍କୁ ସମାଲୋଚନା କରିଥିଲେ।

---

## ରଣଯନ୍ତାରେ ଛନ୍ଦିଦେଲାଣି ଚାଇନା

# ବିଆର୍‌ଆଇ ବିଫଳ



ବେଜିଂ,୨।୯

ବେଜିଂର ବହୁମୁଖୀ ବିକାଶ ରଣନୀତି ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ଲକ୍ଷ୍ୟଚ୍ୟୁତ ହୋଇଛି। ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ସ୍ୱପ୍ନର ପ୍ରକଳ୍ପ ବିଆର୍‌ଆଇରେ ସାମିଲ ଥିବା ଦେଶଗୁଡ଼ିକ ରଣଯନ୍ତାରେ ଛନ୍ଦି ହୋଇଗଲେଣି। ଏହାକୁ ନେଇ ଅନେକ ଦେଶ ଖୋଲାଖୋଲି ଭାବେ ଚାଇନା ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିବାରେ ଲାଗିଛନ୍ତି। ଫଳରେ ତିନୋଟି ମହାଦେଶର ଶତାଧିକ ରାଷ୍ଟ୍ରକୁ ନେଇ ଚାଇନାରୁ ୟୁରୋପକୁ ସ୍ଥଳପଥରୁ ଆକାଶମାର୍ଗରେ ଯୋଡ଼ିବା ପାଇଁ ବେଜିଂ ଚଳାଇଥିବା ଯୋଜନା ବିଫଳ ହେବାକୁ ବସିଲାଣି।

ଜିନ୍‌ପିଙ୍ଗ୍ ୨୦୧୩ରେ ଏହି ଭିତ୍ତିଭୂମି ପ୍ରକଳ୍ପର ଘୋଷଣା କରିଥିଲେ। ସେବେଠୁ ପାକିସ୍ତାନ ସମେତ ଅନେକ ରାଷ୍ଟ୍ର ରେଲୱେ, ରାସ୍ତା ଓ ବନ୍ଦର ପ୍ରତିଷ୍ଠା ପାଇଁ ଚାଇନାଠାରୁ ବହୁ ବିଲିୟନ୍ ଡଲାର ଋଣ ନେଇ ସାରିଲେଣି। ପ୍ରକଳ୍ପ ଆରମ୍ଭର ୫ ବର୍ଷ ପରେ ଋଣ ନେଇଥିବା ରାଷ୍ଟ୍ରଗୁଡ଼ିକ ତାହା ପରିଶୋଧ କରିପାରୁନାହାନ୍ତି। ଏଥିଯୋଗୁ ଚାଇନାର ରାଜକୋଷ ଉପରେ ବୋଝ ବଢ଼ିବାରେ ଲାଗିଛି। ଏହାକୁ ନେଇ ଜିନ୍‌ପିଙ୍ଗଙ୍କୁ ମଧ ଦେଶବାସୀଙ୍କ ଆଗରେ ସଫେଇ ଦେବାକୁ ପଡ଼ିଛି। ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର (ସିପିଇସି) ବିଆର୍‌ଆଇ ଅଧୀନରେ ଆସୁଛି। ଏଥିପାଇଁ ଚାଇନାଠାରୁ ନେଇଥିବା ଋଣ ପରିଶୋଧ କରିବା ଇସ୍‌ଲାମାବାଦ ପକ୍ଷରେ ଅସମ୍ଭବ ହୋଇପାରେ ବୋଲି ପାକିସ୍ତାନର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେହିପରି ଶ୍ରୀଲଙ୍କା, ମାଳଦ୍ୱୀପ, ମାଲେସିଆ, ଜିବୌତି, ମଙ୍ଗୋଲିଆ, ଲାଓସ୍, ତାଜିକିସ୍ତାନ ଓ କିର୍ଗିଜସ୍ତାନ ଭଳି ଦେଶ ମଧ ଚାଇନାର ଋଣଯନ୍ତାରୁ ମୁକୁଳି ପାରୁନାହାନ୍ତି। ଫଳରେ ଏହି ଦେଶଗୁଡ଼ିକ ଚାଇନାର ଉପନିବେଶବାଦର ଶିକାର ହୋଇ ବହୁମୂଲ୍ୟ ଦେଇପାରନ୍ତି।

---

# ବୋହୂଙ୍କୁ ବଳାତ୍କାର କଲେ ଶ୍ୱଶୁର

### ନିକାହ ହଲାଲା

ସମ୍ବଲ,୨।୯(ପି.ଟି.)

ଉତ୍ତର ପ୍ରଦେଶ ସମ୍ବଲର ଜଣେ ମହିଳା ତାଙ୍କ ଶାଶୁଘର ଲୋକଙ୍କ ସହ ଦୁଇ ଜଣ ମୌଲବୀଙ୍କ ବିରୋଧରେ ନିକାହ ହଲାଲା ଓ ବଳାତ୍କାର ଅଭିଯୋଗ ଆଣିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁସାରେ ୨୦୧୪ରେ ତାଙ୍କର ବିବାହ ହୋଇଥିଲା। କିନ୍ତୁ ୨୦୧୫ ରେ ତାଙ୍କ ସ୍ୱାମୀ ତଲାକ୍ ଦେଇ ଘରୁ ବାହାର କରିଦେଇଥିଲେ। ୨୦୧୬ରେ ଏ ନେଇ ସେ ଥାନାରେ ଏତଲା ଦେଇଥିଲେ। କିଛି ଦିନ ପରେ ଆପୋସ ବୁଝାମଣା ସହ ଶାଶୁଘର ଲୋକେ ତାଙ୍କୁ ଫେରାଇ ନେଇଥିଲେ। ଘରକୁ ଯିବା ପରେ ତାଙ୍କର ସ୍ୱାମୀ, ଶ୍ୱଶୁର, ମାମୁ ଶ୍ୱଶୁର ଏବଂ ଦୁଇ ଜଣ ମୌଲବୀ କହିଥିଲେ, ତଲାକ୍ ପରେ ଘର ବାହାରେ ଥିବାରୁ ନିକାହ ହଲାଲା କରିବାକୁ ପଡ଼ିବ। ପରେ ଶ୍ୱଶୁରଙ୍କ ସହ ବିବାହ ତାଙ୍କୁ କରିଦିଆଗଲା। ବିବାହ ପରେ ଶ୍ୱଶୁର ତାଙ୍କୁ ବଳାତ୍କାର କରିଥିଲେ। ପର ଦିନ ସକାଳେ ତାଙ୍କ ଶ୍ୱଶୁର ତଲାକ୍ ଦେଇଥିଲେ। ସ୍ୱାମୀ ମଧ ତାଙ୍କୁ ଗ୍ରହଣ କରି ନ ଥିଲେ।

# 'ଦେଶକୁ ବିପଦ ଧର୍ମାନ୍ତରୀକରଣ'

ନୂଆଦିଲ୍ଲୀ,୨।୯(ପି.ଟି.)

ଭାରତରେ ମାଓବାଦୀମାନେ ପାକିସ୍ତାନର ଏବଂ ଚାଇନାଠାରୁ ଅନବରତ ସହଯୋଗ ପାଇ ଆସୁଛନ୍ତି। ଏହା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ବଡ଼ ବିପଦ ବୋଲି ଭାଜପାର ଗାଇଡ୍‌ବୁକ୍‌ରେ ଉଲ୍ଲେଖ କରାଯାଇଛି। ଏହି ପୁସ୍ତକ ଭାଜପାର ନେତା, କର୍ମୀ ଏବଂ ବିଭିନ୍ନ ପଦାଧିକାରୀଙ୍କୁ ପ୍ରଶିକ୍ଷଣ ଦେବାବେଳେ ବ୍ୟବହାର କରାଯାଇଥାଏ। ଏହି ପୁସ୍ତକରେ ଜୋରଜବରଦସ୍ତ ଧର୍ମାନ୍ତରୀକରଣକୁ ମଧ ଆଭ୍ୟନ୍ତରୀଣ ବିପଦ ବୋଲି କୁହାଯାଇଛି। ଏଥିପ୍ରତି ସତର୍କ ରହିବା ଲାଗି ପରାମର୍ଶ ଦିଆଯାଇଛି।

# ଭିକ ମାଗୁଛନ୍ତି ପଦକଧାରୀ

ଭୋପାଳ,୨।୯



ଯେତେବେଳେ ବି ଜଣେ ଖେଳାଳି ମେଡାଲ ଜିତି ଦେଶପାଇଁ ଗୌରବ ଆଣିଥାନ୍ତି, ତାଙ୍କ ପାଇଁ ଅନେକ ବଡ଼ ବଡ଼ ଲୋଭନୀୟ ଘୋଷଣା ହୋଇଥାଏ। କିନ୍ତୁ ସମୟ ଅତିବାହିତ ହେବାସହ ଫିକା ପଡ଼ି ଯାଇଥାଏ ରାଜନେତାଙ୍କ ଫମ୍ପା ପ୍ରତିଶ୍ରୁତି। ମଧ୍ୟପ୍ରଦେଶର ମନମୋହନ ସିଂ ଲୋଧୀଙ୍କ କ୍ଷେତ୍ରରେ ବୋଧହୁଏ ତାହାହିଁ ଘଟିଛି। ଏକଦା ପଦକ ଜିତି ପ୍ରଶଂସିତ ହୋଇଥିବା ଲୋଧୀ ଏବେ ରାସ୍ତାରେ ବୁଲି ବୁଲି ଭିକ ମାଗୁଛନ୍ତି। ରାଜ୍ୟର ନରସିଂପୁର ଅଞ୍ଚଳର ଲୋଧୀ ଜାତୀୟସ୍ତରରେ ଏକାଧିକ ମେଡାଲ ହାସଲ କରିଛନ୍ତି। ମେଡାଲ ଜିତିବା ପରେ ତାଙ୍କୁ ଚାକିରି ଯୋଗାଇଦେବା ସହ ଅନେକ କିଛି ପୁରସ୍କାର ଘୋଷଣା ହୋଇଥିଲା। ଖୋଦ୍ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ତାଙ୍କ ପାଇଁ ଘୋଷଣା କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ତାହା ସେ ପାଇପାରି ନାହାନ୍ତି। ଏପରି କି ଇତିମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ୪ ଥର ସାକ୍ଷାତ୍ କରି ପ୍ରତିଶ୍ରୁତି ବିଷୟରେ ସେ ମନେ ପକାଇବାକୁ ଉଦ୍ୟମ କରିଛନ୍ତି। ତଥାପି କିଛି ଲାଭ ପାଇପାରି ନ ଥିବା ଲୋଧୀ କହିଛନ୍ତି।

# ସାରିଆ କୋର୍ଟ ବିରୋଧୀ ଆବେଦନର ଶୁଣାଣି ହେବ

ନୂଆଦିଲ୍ଲୀ,୨।୯(ପି.ଟି.)

ସାରିଆ କୋର୍ଟ ପ୍ରତିଷ୍ଠା ବିରୋଧରେ ହୋଇଥିବା ଆବେଦନର ଶୁଣାଣି କରିବା ଲାଗି ସୁପ୍ରିମକୋର୍ଟ ରାଜି ହୋଇଯାଇଛନ୍ତି। ସାରିଆ କୋର୍ଟ ବିବାହ ଏବଂ ଛାଡ଼ପତ୍ର ନିର୍ଦ୍ଧାରଣ କରିବା ଅସାମ୍ବିଧାନିକ ଦର୍ଶାଇ ଜଣେ ମହିଳା ଆବେଦନ କରିଥିଲେ। ବହୁବିବାହ, ନିକାହ ହଲାଲା ଆଦି ଅନେକ ପ୍ରଥା ବିରୋଧରେ ହୋଇଥିବା ଏକାଧିକ ମାମଲାକୁ ଗ୍ରହଣ କରି ଏହାର ଶୁଣାଣି କରିବେ ବୋଲି ପ୍ରଧାନ ବିଚାରପତି ଦୀପକ ମିଶ୍ର, ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ ଏ.ଏମ୍. ଖାନ୍‌ୱିଲ୍‌କରଙ୍କୁ ନେଇ ଗଠିତ ପୀଠ କହିଛନ୍ତି।

---

# ନାଇଡୁଙ୍କ କାର୍ଯ୍ୟକାଳ ଉପରେ ପୁସ୍ତକ ପ୍ରକାଶିତ

ନୂଆଦିଲ୍ଲୀ,୨।୯(ପି.ଟି.)

ଧର୍ମ, ଜାତି ଏବଂ ଲିଙ୍ଗ ଆଧାରରେ ଭେଦଭାବ ଗ୍ରହଣୀୟ ନୁହେଁ। ସମସ୍ତେ ଏହାର ଅନୁପାଳନ କରିବା ଉଚିତ ବୋଲି ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ପ୍ରକାଶ କରିଛନ୍ତି। ତାଙ୍କ ମତରେ ଜାତୀୟତାର ଅର୍ଥ ହେଲା 'ଭାରତ ମାତା କୀ ଜୟ' ଅର୍ଥାତ୍ ଲିଙ୍ଗ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ୧୩୦ କୋଟି ଲୋକଙ୍କ ଜୟ। ଏହି ଦିଗକୁ ଆଗେଇବା ଠିକ୍ ମାର୍ଗ ବୋଲି ଏଠାରେ ଅନୁଷ୍ଠିତ ନିଜ ବର୍ଷକର କାର୍ଯ୍ୟକାଳ ଉପରେ ଲିଖିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ନାଇଡୁ କହିଛନ୍ତି। ଏହି ଅବସରରେ ସେ ବିଧାନ ପରିଷଦର ଆବଶ୍ୟକତା ବିଷୟରେ ଯୁକ୍ତି ବାଢ଼ିଛନ୍ତି। ସେ କହିଛନ୍ତି, ରାଜ୍ୟଗୁଡ଼ିକରେ ବିଧାନ ପରିଷଦ ଗଠନ ଲାଗି ଜାତୀୟ ନୀତି ପ୍ରସ୍ତୁତ ହେବା ଦରକାର। ସେହିପରି ପାର୍ଲାମେଣ୍ଟ, ବିଧାନସଭା, ବିଧାନ ପରିଷଦ ଭିତରେ ଏବଂ ବାହାରେ ଆଚରଣ ପ୍ରଦର୍ଶନକୁ ନେଇ ରାଜନୈତିକ ଦଳଗୁଡ଼ିକ ନିଜ ସଦସ୍ୟଙ୍କ ପାଇଁ ଆଚରଣ ବିଧି ପ୍ରସ୍ତୁତ କରିବା ଉଚିତ। ଏଥିଲାଗି ଦଳମତ ନିର୍ବିଶେଷରେ ସହମତି ପ୍ରକାଶ ପାଇବା ଉଚିତ ବୋଲି ନାଇଡୁ ଆହ୍ୱାନ ଦେଇଛନ୍ତି।

ରାଜ୍ୟ ସଭା ଅଧକ୍ଷ ଭାବେ ତାଙ୍କ ୧ ବର୍ଷ ପୂର୍ତ୍ତି ଉପରେ ଆଧାରିତ ପୁସ୍ତକ 'ମୁଭିଂ ଅନ୍...ମୁଭିଂ ଫର୍‌ୱାର୍ଡ: ଏ ଇୟର୍ ଇନ୍ ଅଫିସ୍'ର ଉନ୍ମୋଚନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କ ପୂର୍ବସୂରୀ ମନମୋହନ ସିଂ, ଏଚ୍.ଡି. ଦେବେଗୌଡ଼ା ପ୍ରମୁଖ ଉପସ୍ଥିତ ଥିଲେ।




---

## ଟିଆର୍‌ଏସ୍‌ର ଶକ୍ତି ପ୍ରଦର୍ଶନ: ସଂଘୀୟ ସାମ୍ମୁଖ୍ୟ ଗଠନ ଉପରେ କେସିଆର୍‌ଙ୍କ ଗୁରୁତ୍ୱ

# ଆଗୁଆ ନିର୍ବାଚନ ନେଇ ଚୁପ୍

ହାଇଦ୍ରାବାଦ,୨।୯



"ତେଲେଙ୍ଗାନାକୁ ନେଇ ସମସ୍ତ ନିଷ୍ପତ୍ତି ଆମେ ଏଠାରେ ନେବା ନା ଦିଲ୍ଲୀ ଦଳଗୁଡ଼ିକର ଦାସତ୍ୱ ସ୍ୱୀକାର କରିବା, ତାହା ରାଜ୍ୟବାସୀ ବିଚାର କରନ୍ତୁ।
-କେ. ଚନ୍ଦ୍ରଶେଖର ରାଓ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) କେନ୍ଦ୍ରରେ ଏକ ସଂଘୀୟ ସାମ୍ମୁଖ୍ୟ ଗଠନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ଆଞ୍ଚଳିକ ଦଳଗୁଡ଼ିକୁ ନେଇ ସରକାର ଗଠନ କରାଯାଉ। ଏପରି କରାଗଲେ କୌଣସି ନିଷ୍ପତ୍ତି ନେବା ପାଇଁ ଦିଲ୍ଲୀକୁ ଦୌଡ଼ିବାକୁ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। କିନ୍ତୁ ବିଧାନସଭା ଭଙ୍ଗ କରି ଆଗୁଆ ନିର୍ବାଚନ କରାଇବା ନେଇ କେସିଆର୍ ପଦୁଟିଏ କହିନାହାନ୍ତି।

ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧକ୍ଷ କେସିଆର୍ ରବିବାର ରଙ୍ଗା ରେଡ୍ଡୀ ଜିଲା କୋଙ୍ଗରା କଲାନରେ ଆୟୋଜିତ 'ପ୍ରଗତି ନିବେଦନ ସଭା'ରେ ଦଳର ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଆଗାମୀ ଲୋକ ସଭା ନିର୍ବାଚନ ଲଢ଼ିବା ପାଇଁ କେନ୍ଦ୍ରରେ ଅଣଭାଜପା ଏବଂ ଅଣକଂଗ୍ରେସ ଦଳଗୁଡ଼ିକୁ ନେଇ ଏକ ସଂଘୀୟ ସାମ୍ମୁଖ୍ୟ ଗଠନର ଆବଶ୍ୟକତା ରହିଥିବା ସେ କହିଛନ୍ତି। ରାଜ୍ୟ ବିଧାନସଭାର କାର୍ଯ୍ୟକାଳ ୨୦୧୯ ମେ'ରେ ଶେଷ ହେଉଥିବାବେଳେ ଏହାର ୬ ମାସ ପୂର୍ବରୁ ଗୃହକୁ ଭଙ୍ଗକରି ଆଗୁଆ ନିର୍ବାଚନ ପାଇଁ କେସିଆର୍ ପଥ ଉନ୍ମୁକ୍ତ କରିବେ ବୋଲି କୁହାଯାଉଥିଲା। ହେଲେ ସେ ଏନେଇ ମୁହଁଖୋଲି ନାହାନ୍ତି। ଫଳରେ ଏ ସଂକ୍ରାନ୍ତ ସମସ୍ତ କଳ୍ପନାଜଳ୍ପନାର ଏକପ୍ରକାର ଅବସାନ ଘଟିଛି।

ବିଧାନସଭା ନିର୍ବାଚନ ପ୍ରସ୍ତୁତି ପରିପ୍ରେକ୍ଷୀରେ ଅନୁଷ୍ଠିତ ଏହି ସଭାରେ ଲକ୍ଷ ଲକ୍ଷ ଟିଆର୍‌ଏସ୍ ସମର୍ଥକ ଯୋଗଦେଇଥିଲେ। ହାଇଦ୍ରାବାଦରୁ ନେଇ ସଭାସ୍ଥଳ ଯାଏ ଦଳୀୟ ପତାକାର ଗୋଲାପୀ ରଙ୍ଗ ଛାଇହୋଇ ଯାଇଥିଲା। ଲୋକଙ୍କୁ ସେଠାକୁ ଆଣିବା ପାଇଁ ୧୨,୦୦୦ ଟ୍ରାକ୍ଟର, ୧୫,୦୦୦ ବସ୍, ୩୦,୦୦୦ କାର ଓ ଜିପ୍ ସମେତ ଅନ୍ୟ ଯାନବାହନଗୁଡ଼ିକୁ ନିୟୋଜିତ କରାଯାଇଥିଲା। ଏଥିରେ ୨୫ ଲକ୍ଷ ସମର୍ଥକ ଯୋଗଦେବେ ବୋଲି ଲକ୍ଷ୍ୟ ରଖାଯାଇଥିବାବେଳେ ୧୨ ଲକ୍ଷ ସାମିଲ ହୋଇଥିବା ଟିଆର୍‌ଏସ୍ ନେତାମାନେ ଆକଳନ କରିଛନ୍ତି। ଏହା ପୂର୍ବରୁ ହାଇଦ୍ରାବାଦସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ କ୍ୟାବିନେଟର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୩/୨୦୧୮ | Bhubaneswar, Monday, September 3 / 2018 | ପୃଷ୍ଠା-୧




**ଆମେରିକା କଟକଣା ଆଧାରରେ ପଦକ୍ଷେପ ନିଆଯିବ**

ତେଲକୁ ନେଇ ଇରାନ ବିରୋଧରେ ଆମେରିକାର କଟକଣାର ମୁକାବିଲା ଲାଗି ଭାରତ ପ୍ରସ୍ତୁତ ରହିଥିବା ଅର୍ଥ ମନ୍ତ୍ରଣାଳୟ ପ୍ରମୁଖ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲ କହିଛନ୍ତି।

୧୧

୦୯

**ଫିଲ୍ମ ମୋ ଜୀବନର ଏକ ଅଂଶ: ରବିନା**

୯୦ ଦଶକର ବଲିଉଡ୍ ଅଭିନେତ୍ରୀ ପୁଣି ଫିଲ୍ମ ଦୁନିଆକୁ ଫେରିଛନ୍ତି। କିନ୍ତୁ ରବିନା ଟଣ୍ଡନ୍ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ। ଫିଲ୍ମ ମୋ ଜୀବନର ସବୁକିଛି ନୁହେଁ, ଏହା ଏକ ଅଂଶ ବୋଲି ସେ ପ୍ରକାଶ କରିଛନ୍ତି।








## ଛତିଶଗଡ଼ରେ ଏନ୍‌କାଉଣ୍ଟର ୪ ମାଓବାଦୀ ନିହତ

ରାୟପୁର,୨।୯(ପି.ଟି.): ଛତିଶଗଡ଼ରେ ଯବାନଙ୍କ ଗୁଳିରେ ଟଳିଲେ ୪ ମାଓବାଦୀ। ରାଜ୍ୟର ନାରାୟଣପୁର ଜିଲାରେ ରବିବାର ସୁରକ୍ଷା ବାହିନୀର ଏନ୍‌କାଉଣ୍ଟରରେ ୪ ମାଓବାଦୀ ନିହତ ହେବା ସହ ବ୍ୟାପକ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ନାରାୟଣପୁର ଏସ୍‌ପି ଜିତେନ୍ଦ୍ର ଶୁକ୍ଳାଙ୍କ ସୂଚନା ମୁତାବକ, ଜିଲା ରଜର୍ଭ ଗାର୍ଡ (ଡିଆର୍‌ଜି)ର ଏକ ଟିମ୍ ରବିବାର ମାଓବାଦୀ ନିରୋଧୀ ଅପରେଶନ୍ ଚଳାଇଥିବାବେଳେ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ଗୁମିୟାବେଡା ଗ୍ରାମରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏହାପରେ ଉଭୟ ପକ୍ଷ ମଧ୍ୟରେ ଘମାଘୋଟ ଗୁଳିବିନିମୟ ଲାଗି ରହିଥିଲା। କିଛି ସମୟର ଲଢ଼େଇ ପରେ ମାଓବାଦୀମାନେ ଘଞ୍ଚ ଜଙ୍ଗଲ ଭିତରକୁ ଚାଲି ଯାଇଥିଲେ। ମାଓବାଦୀଙ୍କ ପଳାୟନ ପରେ ଘଟଣାସ୍ଥଳରୁ ୪ ମୃତଦେହ ଏବଂ ବ୍ୟାପକ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଥିବା ଏସ୍‌ପି ପ୍ରକାଶ କରିଛନ୍ତି। ଏହାସହ ଅଞ୍ଚଳରେ ଏବେ ବି କୋମ୍ବିଂ ଅପରେଶନ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

## ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨।୯(ବ୍ୟୁରୋ): ଉତ୍ତର ଓଡ଼ିଶାରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ଅପରାହ୍ନ ସାଢେ ୫ଟା ସୁଦ୍ଧା କେତେକ ସ୍ଥାନରେ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ରେକର୍ଡ କରିଛି। ମାଲକାନଗିରି ଏବଂ ପାରାଦୀପରେ ସର୍ବାଧିକ ୨୩ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ବାରିପଦାରେ ୯ ମିମି, ଭୁବନେଶ୍ୱରରେ ୩.୬ ମିମି, କଟକରେ ୩ ମିମି, ଟିଟିଲାଗଡରେ ୨ ମିମି ବର୍ଷା ହୋଇଛି। ଅନୁଗୋଳ, ଝାରସୁଗୁଡା, ଏବଂ ଭବାନୀପାଟଣାରେ ୧ ମିମି ଲେଖାଏ ବର୍ଷା ହୋଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ରେକର୍ଡ କରିଛି। ତେବେ ଆସନ୍ତା ୨ ଦିନ ବର୍ଷାର ମାତ୍ରା କମିବ। ୫ ତାରିଖରୁ ପୁଣି ବର୍ଷା ବଢ଼ିବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଆଜିର ସମ୍ପାଦକୀୟ

**ବିକଳ୍ପ ଲୋଡ଼ା**

### ଆଜିର ମନ୍ତବ୍ୟ

"ଆଜିକାଲି ଶୃଙ୍ଖଳା ପାଇଁ ଆହ୍ୱାନ ଦେଲେ ତାକୁ ସ୍ୱେଚ୍ଛାଚାରିତାର ରୂପ ଦିଆଯାଉଛି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ ଦେଶରେ କୋଇଲା ଆମଦାନୀ ୧୧.୯% ବୃଦ୍ଧି ପାଇ ୭୮.୭ ମିଲିୟନ ଟନ୍‌ରେ ପହଞ୍ଚିଛି। ୨୦୧୭-୧୮ ଆର୍ଥିକ ବର୍ଷର ସମାନ ସମୟରେ ଏହା ୭୦.୩ ମିଲିୟନ ଟନ୍‌ରେ ସୀମିତ ଥିଲା।

-ସରକାରଙ୍କ ପ୍ରଦତ୍ତ ତଥ୍ୟ


NECC NATIONAL EGG CO-ORDINATION COMMITTEE 02.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply

Eggs Retail Price- 43/-Dozen
Issued in the Interest of Consumers


# ଆର୍‌ଟିଆଇରେ ସୂଚନା ମାଗି ଗଣିଲେ ଜିଏସ୍‌ଟି

**ଭୋପାଳ,୨।୯**

ସୂଚନା ଅଧିକାର (ଆର୍‌ଟିଆଇ) ଆଇନ, ୨୦୦୫ ବଳରେ ତଥ୍ୟ ମାଗିଥିବା ଜଣେ ଆବେଦନକାରୀଙ୍କୁ ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଦେବାକୁ ପଡ଼ିଛି। ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ସାମାଜିକ କର୍ମୀ ଅଜୟ ଦୁବେଙ୍କ କ୍ଷେତ୍ରରେ ଏଭଳି ଅଜବ ଘଟଣା ଦେଖିବାକୁ ମିଳିଛି।

ଅଜୟ ଗତ ଜୁଲାଇରେ ମଧ୍ୟପ୍ରଦେଶ ଗୃହନିର୍ମାଣ ଓ ଭିତ୍ତିଭୂମି ବିକାଶ ବୋର୍ଡକୁ ଆର୍‌ଟିଆଇ ଅଧୀନରେ ରିୟଲ ଇଷ୍ଟେଟ୍ ନିୟାମକ କର୍ତ୍ତୃପକ୍ଷ (ରେରା) କାର୍ଯ୍ୟାଳୟର ମରାମତି ଖର୍ଚ୍ଚ ସମ୍ପର୍କିତ ସୂଚନା ମାଗିଥିଲେ। ଉକ୍ତ ସୂଚନା ପାଇଁ ୪୩ ଟଙ୍କା ପଇଠ କରିବାକୁ ଅଗଷ୍ଟ ୩ରେ ବୋର୍ଡ ପକ୍ଷରୁ ତାଙ୍କୁ କୁହାଯାଇଥିଲା। ସେ ଆବଶ୍ୟକ ସୂଚନା ପାଇବା ଲାଗି ଗତ ୬ ତାରିଖରେ ବୋର୍ଡରେ ୪୩ ଟଙ୍କା ପଇଠ କରିଥିଲେ। ମୋଟ ୧୮ଟି ଦସ୍ତାବିଜ ପାଇଁ ୨ ଟଙ୍କା ହିସାବରେ ସେ ୩୬ ଟଙ୍କା ଦେବା କଥା। କିନ୍ତୁ ୯% ଲେଖାଏ ଉଭୟ କେନ୍ଦ୍ରୀୟ ଜିଏସ୍‌ଟି ଏବଂ ରାଜ୍ୟ ଜିଏସ୍‌ଟି ବାବଦକୁ ୩ଟଙ୍କା ୫୦ ପଇସା ହିସାବରେ ଅଜୟଙ୍କଠାରୁ ଅଧିକ ୭ ଟଙ୍କା ଆଦାୟ କରିନେଇଛି ବୋର୍ଡ। ଅଜୟ ଏହା ଜାଣିବା ପରେ ବିସ୍ମିତ ହୋଇଯାଇଛନ୍ତି। ଆର୍‌ଟିଆଇ



ଅଜୟ ଦୁବେ

ତଥ୍ୟ ପାଇଁ ସରକାରୀ କର୍ତ୍ତୃପକ୍ଷଙ୍କ ଜିଏସ୍‌ଟି ଆଦାୟକୁ ଅଜୟ ବେଆଇନ ବୋଲି ଅଭିଯୋଗ କରିଛନ୍ତି। ଏହା ବିରୋଧରେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଅପିଲ କରିବେ ବୋଲି ଅଜୟ କହିଛନ୍ତି।

ପ୍ରକାଶ ଯେ, ଆର୍‌ଟିଆଇ ଆଇନ ଅଧୀନରେ ସୂଚନା ପ୍ରଦାନ ସେବାକୁ ଜିଏସ୍‌ଟି ମୁକ୍ତ କରିବା ପାଇଁ ଗତ ଜାନୁୟାରୀରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଜିଏସ୍‌ଟି ପରିଷଦ ବୈଠକରେ ସୁପାରିସ କରାଯାଇଥିଲା। ସେହିପରି କୌଣସି ସରକାରୀ କର୍ତ୍ତୃପକ୍ଷ ସୂଚନାକୁ ପଣ୍ୟ ସାମଗ୍ରୀ ବିବେଚନା କରି ଏହା ଉପରେ ଜିଏସ୍‌ଟି ବସାଇ ପାରିବେ ନାହିଁ। କେବଳ ସରକାରୀ ରାଜକୋଷ ଉପରେ ବୋଝ ଏଡାଇବା ଲାଗି ତଥ୍ୟ ପ୍ରଦାନ ବେଳେ ନକଲ ପାଇଁ ଆବଶ୍ୟକ ଖର୍ଚ୍ଚ ଆବେଦନକାରୀଙ୍କଠାରୁ ଆଦାୟ କରାଯିବ ବୋଲି ଫେବୃୟାରୀରେ କେନ୍ଦ୍ରୀୟ ସୂଚନା କମିଶନର (ସିଆଇସି) ଏମ୍. ଶ୍ରୀଧର ଆଚାର୍ଯ୍ୟୁଲୁ ସ୍ପଷ୍ଟ କରିଥିଲେ।

# ଶ୍ୱାସରୁଦ୍ଧ ହୋଇ ୫ ଜୀବନ ଗଲା

**ବିଷମକଟକ,୨।୯(ଡ଼ି.ଏନ.ଏ)**

### ପାଇଖାନା ଟାଙ୍କିରେ ଦୁର୍ଘଟଣା



- ଜଣକୁ ବଞ୍ଚାଇବାକୁ ଯାଇ ଫସିଗଲେ
- ଗୁରୁତର ଅସୁସ୍ଥ ହସ୍ପିଟାଲରେ ଚିକିତ୍ସିତ
- ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଜଣେ ମହିଳା ଶ୍ରମିକଙ୍କୁ ବଞ୍ଚାଇବାକୁ ଯାଇ ୫ ଜଣଙ୍କ ଜୀବନ ଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ରାୟଗଡା ଜିଲା ବିଷମକଟକ ଅଞ୍ଚଳରେ। ରବିବାର ବିଷମକଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀ ଗ୍ରାମରେ ଏକ ନବନିର୍ମିତ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ରାଜ ମିସ୍ତ୍ରି ପୂର୍ଣ୍ଣଚନ୍ଦ୍ର ଟାକ୍ରୀ, ମହିଳା ଶ୍ରମିକ ରଶ୍ମିତା ଉର୍ଲାକା, ବୈରାଗୀ କଲକା, ସୂର୍ଯ୍ୟନାରାୟଣ ପାତ୍ର ଓ ତାଙ୍କ ଭାଇ ବଂଶୀଧର ପାତ୍ର। ମୃତ ରଶ୍ମିତା ଓ ବୈରାଗୀଙ୍କ ଘର ଦୁର୍ଗୀ ନିକଟସ୍ଥ ଲାଞ୍ଜି ଗ୍ରାମରେ ହୋଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର, ସୂର୍ଯ୍ୟନାରାୟଣ ଓ ବଂଶୀଧରଙ୍କ ଘର ଦୁର୍ଗୀ ପାଇକସାହିରେ। ଏଥିରେ ଗୁରୁତର ହୋଇଥିବା କାର୍ତ୍ତିକ ଗୌଡ ବିଷମକଟକ ଖ୍ରୀଷ୍ଟିଆନ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅବସ୍ଥା ଗୁରୁତର ରହିଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ମୃତକଙ୍କ ପରିବାର ପିଛା ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି।

ଦୁର୍ଗୀ ଗ୍ରାମରେ ଏମ୍.ସତ୍ୟନାରାୟଣଙ୍କ ନୂତନ ଗୃହର ପାଇଖାନା ଟାଙ୍କି ନିର୍ମାଣ ଚାଲିଥିଲା। ରବିବାର ଉକ୍ତ ନିର୍ମାଣାଧୀନ ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲାଯିବାର ଥିଲା। ତେଣୁ ପୂର୍ବାହ୍ନ ୯ଟା ବେଳେ ମିସ୍ତ୍ରୀ ପୂର୍ଣ୍ଣଚନ୍ଦ୍ର, ଦୁଇ ଶ୍ରମିକ ରଶ୍ମିତା ଓ ବୈରାଗୀ କାମରେ ଲାଗିଥିଲେ। ଏଥିରେ ଲାଗିଥିବା ପଟା ଖୋଲିବାକୁ ରଶ୍ମିତା ପ୍ରଥମେ ଟାଙ୍କି ଭିତରକୁ ଯାଇଥିଲେ। କିଛି ସମୟ ପରେ ସେ ନ ଫେରିବାରୁ ବୈରାଗୀ ମଧ୍ୟ ଟାଙ୍କି ଭିତରକୁ ଯାଇଥିଲେ। ହେଲେ ସେ ମଧ୍ୟ ବାହାରକୁ ଆସି ନ ଥିଲେ। ଏହା ଦେଖି ମିସ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଭିତରକୁ ଯାଇଥିଲେ। ସେ ଭିତରେ ଚିତ୍କାର କରିବାରୁ ନିକଟରେ ଭଲିବଲ ଖେଳୁଥିବା ତିନିଜଣ ଯୁବକ ସୂର୍ଯ୍ୟନାରାୟଣ, ବଂଶୀଧର ☞ପୃଷ୍ଠା-୨

## ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପ୍ରେମଜାଲରେ ଫସାଇ ବ୍ଲାକମେଲିଂ
# ଜେଲରଙ୍କ ନାଁରେ ମାମଲା

**ଭଦ୍ରକ ଅଫିସ,୨।୯**

- ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ
- ଦିଲ୍ଲୀ ଟ୍ରେନିଂରେ ଯାଇଛନ୍ତି ଜେଲର

ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପ୍ରେମଜାଲରେ ଫସାଇ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ରଖି ତାଙ୍କୁ ବ୍ଲାକମେଲିଂ କରି ନିର୍ଯାତନା ଦିଆଯିବା ଭଳି ଘଟଣା ପଦାକୁ ଆସିଛି। ଏନେଇ ପୀଡିତା ଶନିବାର ସନ୍ଧ୍ୟାରେ ଭଦ୍ରକ ଟାଉନ ଥାନାରେ ବର୍ତ୍ତମାନର ଭଦ୍ରକ ଜେଲର ଚିନ୍ମୟ ପାତ୍ରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଚିନ୍ମୟଙ୍କ ବିରୋଧରେ ୪୯୮(ଏ), ୪୯୯, ୪୯୫, ୪୦୬, ୪୧୭, ୫୦୬ ଆଇପିସିରେ ଏକ ମାମଲା ( ନଂ. ୨୨୫/୧୮ ) ରୁଜୁକରି ତଦନ୍ତ ଚଳାଇଛି। ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ସମ୍ପୃକ୍ତ ଜେଲରଙ୍କୁ ଫୋନ ଯୋଗେ ପଚରାଯିବାରୁ ସେ ତାଙ୍କ ପ୍ରତିକ୍ରିୟାରେ ଅଭିଯୋଗକାରିଣୀ ଯୁବତୀଙ୍କୁ ଚିହ୍ନି ନ ଥିବା ଏବଂ ସେ କାହିଁକି ଏଭଳି ଅଭିଯୋଗ ଆଣିଛନ୍ତି ତାହା ଜାଣି ନ ଥିବା କହିଛନ୍ତି।

ଟାଉନ ଥାନାଧିକାରୀ ଦିଲୀପ ଦାସଙ୍କ ସୂଚନା ଅନୁସାରେ ପୀଡିତାଙ୍କ ଅଭିଯୋଗ ଅନୁଯାୟୀ ଭଦ୍ରକ ଜେଲ୍‌ର ଚିନ୍ମୟ ପୂର୍ବରୁ ମୟୂରଭଞ୍ଜ ଜିଲା କରଞ୍ଜିଆ ଜେଲ୍‌ରେ ଜେଲର ଭାବେ କାର୍ଯ୍ୟ କରୁଥିଲେ। ୨୦୧୭ରେ ସେ ଇଞ୍ଜିନିୟରିଂ ପଢ଼ିଥିବା ଏହି ଛାତ୍ରୀଙ୍କୁ ଖିଚିଂ ମନ୍ଦିରକୁ ନେଇ ସିନ୍ଦୂର ପିନ୍ଧାଇ ବିବାହ କରିଥିଲେ। ପରେ ତାଙ୍କୁ ସ୍ତ୍ରୀ ଭାବେ କରଞ୍ଜିଆ ଜେଲ କ୍ୱାର୍ଟର୍ସରେ ପ୍ରାୟ ୨ ମାସ ରଖିଥିଲେ। ପାତ୍ର ପୂର୍ବରୁ ବିବାହ କରିଥିବା ଓ ତାଙ୍କର ଦୁଇଟି ପିଲାଥିବା ଜାଣିବା ପରେ ଛାତ୍ରୀଜଣଙ୍କ ଦୂରେଇ ଯାଇଥିଲେ। ☞ପୃଷ୍ଠା-୨

# ମହାବଳ ବାଘ 'ମନୀଷ'ର ମୃତ୍ୟୁ

**ବାରଙ୍ଗ,୨।୯(ଡି.ଏନ୍.ଏ.)**

ବାରଙ୍ଗସ୍ଥିତ ନନ୍ଦନକାନନ ପ୍ରାଣୀଉଦ୍ୟାନର ମହାବଳ ବାଘ 'ମନୀଷ'ର ରବିବାର ଅପରାହ୍ନ ସାଢେ ୪ଟାରେ ମୃତ୍ୟୁ ହୋଇଛି। ମୃତ୍ୟୁବେଳକୁ ତାକୁ ୧୦ବର୍ଷ ହୋଇଥିଲା। ସେ ଗତ ୬ମାସ ହେବ ଅସୁସ୍ଥ ହୋଇ ନନ୍ଦନକାନନ ପରିସରରେ ଥିବା ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ନନ୍ଦନକାନନ ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ମାସରେ ଜଳଉଦରୀ, ଜୁଲାଇରେ ତରଳଝାଡା ଓ ଏବେ ରକ୍ତଜନିତ ସଂକ୍ରମଣରେ ମନୀଷ ଆକ୍ରାନ୍ତ ହୋଇ ଚିକିତ୍ସାଳୟର କ୍ୱାରେଂଟଟାଇନରେ ଚିକିତ୍ସିତ ହେଉଥିଲା। ଟେକ୍ନିକାଲ କମିଟି ଓ ଓୟୁଏଟିର ବିଶେଷଜ୍ଞମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିକିତ୍ସା ଚାଲିଥିଲେ ମଧ୍ୟ ତା'ର ମୃତ୍ୟୁ ଘଟିଥିଲା। ମନୀଷର ମୃତ୍ୟୁ ପରେ ନନ୍ଦନକାନନରେ ବାଘ ସଂଖ୍ୟା ହ୍ରାସ ପାଇ୨୪ରେ ପହଞ୍ଚିଛି। ସେଥିମଧ୍ୟରେ ୧୧ଟି ଅଣ୍ଡିରା ଓ ୧୩ଟି ମାଈ ଅଛନ୍ତି। ଏଥିରେ ୮ଟି ଧଳାବାଘ ଅଛନ୍ତି। ୨୮ଫେବୃୟାରୀ ୨୦୦୮ରେ ରୋହିତ ଓ ଶୈଳଜା ଔରଷରୁ ମନୀଷ ଜନ୍ମ ହୋଇଥିଲା। ଧଳାବାଘୁଣୀ ସ୍ନେହା ସହ ମନୀଷର ମିଳନରୁ ୨୮ଜୁଲାଇ ୨୦୧୪ରେ ସ୍ନେହାର ପ୍ରଥମ ଗର୍ଭରୁ କଳାଲୋମଯୁକ୍ତ ବାଘଛୁଆ କ୍ରିଷ୍ଣା ଜନ୍ମ ହୋଇଥିଲା। ପୁଣିଥରେ ସ୍ନେହା ସହ ମନୀଷର ଦ୍ୱିତୀୟଥର ପାଇଁ ମିଳନ ହୋଇ ୫ଅଗଷ୍ଟ ୨୦୧୬ରେ ଭିକି ନାମକ କଳାଲୋମଯୁକ୍ତ ବାଘଛୁଆ ଜନ୍ମହୋଇଥିଲା। ଫଳରେ ନନ୍ଦନକାନନରେ ମନୀଷର ଗୁରୁତ୍ୱ ବଢ଼ିବା ସହ ନନ୍ଦନକାନନକୁ ନେଇ ଅନ୍ୟ ଚିଡ଼ିଆଖାନାଗୁଡିକ ଚର୍ଚ୍ଚା କରିବାକୁ ଲାଗିଥିଲେ। ଏ ସମ୍ପର୍କରେ ନନ୍ଦନକାନନ ଉପ-ନିର୍ଦ୍ଦେଶକ ଦାସ କୁହନ୍ତି, ମନୀଷ ଗତ ୬ମାସ ହେବ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲା। ତା'ର ରକ୍ତଜନିତ ସଂକ୍ରମଣ ଯୋଗୁ ମୃତ୍ୟୁ ଘଟିଛି ବୋଲି ସେ କହିଛନ୍ତି।



ମୃତ ମହାବଳ ମନୀଷ।



ଏସିଆନ ଗେମ୍ସର ଉଦ୍‌ଯାପନୀ ଅବସରରେ ରବିବାର ଗେଲୋରା ବୁଙ୍ଗ କାର୍ନୋ ଷ୍ଟାଡିୟମରେ ଅନୁଷ୍ଠିତ ଆତସବାଜି କାର୍ଯ୍ୟକ୍ରମ।

# ଏସିଆନ ଗେମ୍ସ ଉଦ୍‌ଯାପିତ

**ଜାକର୍ତ୍ତା, ୨।୯(ପି.ଟି.)**

୧୮ତମ ଏସିଆନ ଗେମ୍ସର ରଙ୍ଗାରଙ୍ଗ ଉଦ୍‌ଯାପନ ହୋଇଛି। ବେଶ୍ ସଫଳତାର ସହ ବିଶ୍ୱର ଏହି ଦ୍ୱିତୀୟ ସର୍ବବୃହତ କ୍ରୀଡ଼ା ମହାକୁମ୍ଭକୁ ଇଣ୍ଡୋନେସିଆ ଆୟୋଜନ କରିଛି। ୧୫ ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ପୂର୍ବ ସଂସ୍କରଣ ଭଳି ଲୋକପ୍ରିୟ ହୋଇ ପାରିଛି। ୭୬ ହଜାର ଦର୍ଶକଙ୍କ ଉପସ୍ଥିତିରେ ସ୍ଥାନୀୟ ଗେଲୋରା ବୁଙ୍ଗ୍ କାର୍ନୋ ଷ୍ଟାଡିୟମରେ ରବିବାର ଉଦ୍‌ଯାପନୀ ଉତ୍ସବ ବେଶ୍ ମନମୋହକ ଥିଲା। ଏହି ଷ୍ଟାଡିୟମରେ ଟ୍ରାକ ଆଣ୍ଡ ଫିଲ୍ଡ ଇଭେଣ୍ଟ ଦେଖିବାକୁ ଗ୍ୟାଲେରିରେ ଦର୍ଶକଙ୍କ ଭିଡ ଆଦୌ ପରିଲକ୍ଷିତ ହୋଇ ନ ଥିଲା। ତେବେ ଦୀର୍ଘ ୨ ଘଣ୍ଟା ଧରି ଚାଲିଥିବା ଉଦ୍‌ଯାପନ ଉତ୍ସବକୁ ଦେଖିବା ଓ ଅଙ୍ଗେ ନିଭାଇବା ପାଇଁ ଦର୍ଶକମାନେ ପିମ୍ପୁଡି ଭଳି ଷ୍ଟାଡିୟମ ବାହାରେ ଲାଇନ ଲଗାଇଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଏହି ଉତ୍ସବରେ ଦର୍ଶକଙ୍କୁ ଜବରଦସ୍ତ ମନୋରଞ୍ଜନର ଖୋରାକ ମିଳିଥିଲା।

ଯେମିତି ଆଶା କରାଯାଉଥିଲା ଚାଇନା, ଜାପାନ ପଦକ ତାଲିକାର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ତାଲିକାରେ ଯଥେଷ୍ଟ ଉନ୍ନତି କରି ଇଣ୍ଡୋନେସିଆ ଚତୁର୍ଥ ସ୍ଥାନରେ ରହିଛି। ୪ ବର୍ଷ ତଳେ ଇଞ୍ଚିଅନ ଏସିଆଡ୍‌ରେ ଇଣ୍ଡୋନେସିଆ ୧୭ତମ ସ୍ଥାନରେ ରହିଥିଲା। ଭାରତ ୧୫ଟି ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୩୦ଟି ବ୍ରୋଞ୍ଜ୍ ସହ ମୋଟ ୬୯ଟି ପଦକ ହାସଲ କରିଛି। ୪ ବର୍ଷ ତଳେ ଇଞ୍ଚିଅନ୍ ଏସିଆନ ଗେମ୍ସରେ ଭାରତ ୬୫ଟି ପଦକ ହାସଲ କରିଥିଲା। ଏଥର କିନ୍ତୁ ଏଥିରେ ଉନ୍ନତି ଆଣିଛି। ୧୫ଟି ସ୍ୱର୍ଣ୍ଣ ଜିତି ଭାରତ ପୁରୁଣା ରେକର୍ଡର ସମକକ୍ଷ ହୋଇଛି। ପୂର୍ବରୁ ୧୯୫୧ରେ ଏସିଆନ ଗେମ୍ସର ପ୍ରାରମ୍ଭିକ ସଂସ୍କରଣରେ ଭାରତ ୧୫ଟି ସ୍ୱର୍ଣ୍ଣ ଜିତିଥିଲା। ପୂର୍ବରୁ କେବେବି ଭାରତ ୨୪ଟି ରୌପ୍ୟ ଜିତି ନ ଥିଲା। ଏଥର ଭାରତ ପଦକ ତାଲିକାର ଅଷ୍ଟମ ସ୍ଥାନ ଅଧିକାର କରି ଟପ୍-୧୦ରେ ତା'ର ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଛି। ୨୦୧୪ ଇଞ୍ଚିଅନ୍ ସଂସ୍କରଣରେ ୧୧ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୩୬ଟି ବ୍ରୋଞ୍ଜ ସହ ଭାରତ ଅଷ୍ଟମ ସ୍ଥାନରେ ଥିଲା। ଏଥର ସ୍ୱର୍ଣ୍ଣ ଓ ରୌପ୍ୟ ସଂଖ୍ୟାରେ ବୃଦ୍ଧି ହୋଇଥିଲେ ମଧ୍ୟ ବ୍ରୋଞ୍ଜ୍ ସଂଖ୍ୟା କମିଛି। ତେବେ ଭାରତ ଅଷ୍ଟମ ସ୍ଥାନ ବଜାୟ ରଖିଛି। ☞ପୃଷ୍ଠା-୨



ନେପାଳ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଘଟିଛି ଏକ ଅଘଟଣ। ଏଠାରେ ଏକ ବିମାନ ରନ୍‌ୱେରୁ ଖସିଯାଇଛି। ବିମାନ ଚାଳକ ସତର୍କତା ସହିତ ବିମାନକୁ ଅଟକାଇଥିଲେ। ବିମାନରେ ୨୧ ଜଣ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣ ଆହତ ହୋଇଥିବା ବିମାନ ବନ୍ଦର ସାଧାରଣ ପରିଚାଳକ ରାଜକୁମାର ଛେତ୍ରୀ ସୂଚନା ଦେଇଛନ୍ତି। ବିମାନ ବନ୍ଦରର ରନ୍‌ୱେ ପୁରୁଣା ହୋଇଯାଇଥିବାରୁ ଏପରି ହୋଇଥିବା କୁହାଯାଉଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


କୁମାର
ପରିବାରବର୍ଗ


ସୋହନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# Classified

automobile

SALE

Mahindra food truck for Rs. 4,50,000/- 9861142220, 9439180668 (with all accessories). D-63720

real estate

SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64125

ଉତ୍ତରାଙ୍କରୁ 5km. ଦୂରରେ ଘରବାରି boundary road ସହିତ ମିଳୁଛି। 8480447967. D-63083

Plot for sale near AIIMS Hospital, Bhubaneswar. Contact: 9938670164, 6370907396. D-64119

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64123

ଝାରପଡା Jagannath nagar ରେ ଘରବାରି yellowzone plot immediate ଘରକରିବା ପାଇଁ ମିଳୁଛି। 8480447967. D-63081

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

1BHK & 2BHK flat sale at SBI Colony Kesura. 8480447967. D-63084

କେଶୁରାରେ ଘରବାରି corner plot black top roadକୁ ଲାଗି boundary ଓ electric ସହିତ ମିଳୁଛି। 8480447967. D-63082

ଭୁବନେଶ୍ୱର ବାଲିଅନ୍ତାରେ 30ft. road ଘରବାରି boundary ସୁବିଧା ଥାଇ 650/-ରେ ପ୍ଲଟ ମିଳୁଛି। 9668194157. D-63481

Bhubaneswar AIIMS Hospital DOON School 30' road gharabari possession plot. 9438763122. D-62786

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 9583032439. D-63600

ଜଟଣୀଗେଟ୍ ପାଖରେ NHକୁ ଲାଗି ଘରବାରି ପାଚେରି ପ୍ଲଟ୍ ମିଳୁଅଛି। 9439864322. D-64301

PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64124

healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Bangkok spa special offer 50% off on all 1hrs any full body massage. 9861688844, 8018739084. D-63594

G.S Spa herbal full body massage ladies/ gents. 9078429117, 7683840853. D-63079

Physiotherapy and Herbal massage by trained ladies/ Gents Therapist. 7008773793. D-63482

Newly opening ayurvedic body massage in joint pains, smart therapist. 9776383819. D-64126

Newly opening ayurvedic body massage smart therapist, Shree Herbal. 7750020754. D-64127

Herbal full body massage by smart/ expert therapist. Contact: 8338067247. D-64128

Experience full body massage with us by experts. Enquiry: 7377048581. D-64129

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

All type of massage and good therapy full body massage Sai herbal spa. 7609005923. D-64201

### ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



Aaryan Dash (Sohan)

ଅନେକ ଅନେକ ଶୁଭେଚ୍ଛା ସହ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛୁ, ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହିତ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭେଚ୍ଛା ସହ: ଡାଡି, ମାଆ, ମାମା, ପାପା, ବଡପାପା, ମମ୍, ବୁଢା ଅଜା, ବୁଢୀଆଇ, ବଡଅଜା, ବଡଆଇ, ବୁଢୀମା, ଅଜା, ଆଇ, ମିଟୁମାମୁ, ମାଇଁ, ପିଣ୍ଟୁ ମାମୁ, ଗୁଡୁ କାକା, ଡିନି, ସୃଷ୍ଟି, ଶ୍ରୀଯା, ସ୍ୱସ୍ତିକ, ଇଷାନ୍, ଚିନୁ, ମଉସା ଓ ମାଉସୀମାନେ।
ଧ-୮୧୮୪

### ଷଷ୍ଠ ଜନ୍ମଦିନ ଶୁଭେଚ୍ଛା



କୁମାର ଆୟୁଷ୍ମାନ

QR NO-A/E-7, Bhimatangi Housing Board Colony, Kapila Prasad, Bhubaneswar

ଈଶ୍ୱର ସର୍ବଦା ତୁମକୁ ଖୁସୀରେ ରଖନ୍ତୁ। ଭଗବାନଙ୍କ ଆଶୀର୍ବାଦରେ ସଫଳତାର ଶୀର୍ଷରେ ପହଞ୍ଚିବାର ଆଶୀର୍ବାଦ ମିଳୁ। ଶୁଭେଚ୍ଛା ସହ: ଅଜା, ଆଇ, ମା, ବାବା, ମାମୁ, ବଡ଼ମା, ବଡବାପା, ଲକି ଭାଇନା ଓ ସମସ୍ତ ପରିବାରବର୍ଗ।
ଧ-୮୧୪୬

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



√ ଜ୍ୟୋତ୍ସ୍ନା ରାଣୀ ପତି

ଆବିର୍ଭାବ- ୦୮.୦୮.୧୯୭୮ (ରାକ୍ଷୀ ପୂର୍ଣ୍ଣିମା)
ତିରୋଧାନ- ୨୦.୦୮.୨୦୦୩ ( ଜନ୍ମାଷ୍ଟମୀ)

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା

ଶୋକ ସନ୍ତପ୍ତ

ତୁମର- ଚନ୍ଦ୍ରଶେଖର, ଫୁଟୁ, ପାପୁ, ଝୁନୁ, ମିତା, ଚିତ, ଚିତୁନା, ପ୍ରାନ୍ତୁ, ସାହେବ, ନାନ୍‌ସୀ, ଆର୍ଚ୍ଚି, ଓମ୍, ନବାବ୍, ସମ୍ରାଟ, ପରୀ ଓ ପତି ପରିବାର।
D-8183


# ଧଣ୍ଡାତୋପା ରେଞ୍ଜରେ ବାଘୁଣୀ

## ବାଛୁରି ଶିକାର ଅଭିଯୋଗ, ଗ୍ରାମବାସୀ ଆତଙ୍କିତ

**ବଇଣ୍ଡା, ୨।୯(ଡି.ଏନ.ଏ.)**

ବାଘ ବଂଶ ବୃଦ୍ଧି ପାଇଁ ମଧ୍ୟପ୍ରଦେଶରୁ ଅଣାଯାଇ ସାତକୋଶିଆ ଜଙ୍ଗଲରେ ଛଡାଯାଇଥିବା ବାଘୁଣୀ 'ସୁନ୍ଦରୀ' ଏବେ ଧଣ୍ଡାତୋପା ରେଞ୍ଜ୍‌ରେ ଆତଙ୍କ ଖେଳାଇଛି। ଗୁରୁବାରଠାରୁ ବାଘୁଣୀ ଧଣ୍ଡାତୋପା ରେଞ୍ଜକୁ ଆସିଥିବାବେଳେ ଶନିବାର ବିପ୍ରଡିହ ଗ୍ରାମର ରମାକାନ୍ତ ନାୟକଙ୍କ ଏକ ବାଛୁରୀ ଶିକାର କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ସାତକୋଶିଆ ବନଖଣ୍ଡ ଟିକରପଡା ରେଞ୍ଜର ଏକ ପ୍ରତିନିଧି ଦଳ ବିପ୍ରଡିହ ଗ୍ରାମକୁ ଆସି ବାଘୁଣୀ ଉପରେ ନଜର ରଖିଛନ୍ତି।

ସମ୍ପୃକ୍ତ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗୁରୁବାର ଜଙ୍ଗଲରେ ଗୋରୁପଲ ଚରୁଥିବାବେଳେ ବାଘୁଣୀକୁ ଦେଖି ଧାଁଦୌଡ଼ କରିଥିଲେ। କେତେଜଣ ଗାଈ ଚରାଳି ବାଘୁଣୀକୁ ଦେଖିବା ପରେ ମଧ୍ୟ ଭୟଭୀତ ହୋଇପଡ଼ିଥିଲେ। ସେମାନେ ଏକାଠି ହୋଇ ସାରା ରାତି ଠେଙ୍ଗାବାଡି ଧରି ଜଗି ରହିଥିଲେ। ଶନିବାର ଗାଈପଲ ଏକ ପଡିଆରେ ଥିବାବେଳେ ହଠାତ୍ ବାଘୁଣୀ ଏକ ବାଛୁରୀକୁ ଟାଣିନେଇ ପଳାଇଥିବା ରମାକାନ୍ତ କହିଛନ୍ତି। ତୁରନ୍ତ ଉକ୍ତ ବାଘୁଣୀକୁ କାବୁ କରାଯାଇ ଅନ୍ୟତ୍ର ପଠାଇଦେବାକୁ ମଇମୁରା ପଞ୍ଚାୟତବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ସୁନ୍ଦରୀ ଉପରେ ନଜର ରଖିଥିବା ଟିକରପଡା ରେଞ୍ଜର ଜୟନ୍ତ ପଟ୍ଟନାୟକଙ୍କ ସହ ଏକ ଟିମ୍ ବାଘୁଣୀକୁ ସାତକୋଶିଆ ଜଙ୍ଗଲକୁ ଘଉଡାଇବାକୁ ଉଦ୍ୟମ କରୁଛନ୍ତି। ଆଠମଲ୍ଲିକ ଡିଏଫ୍‌ଓ ସମ୍ୟକ ସାମନ୍ତରା ଏହି ପ୍ରସଙ୍ଗକୁ ଏଡାଇ ଯାଇଥିବା ବେଳେ ସାତକୋଶିଆ ଡିଏଫ୍‌ଓ ଏସ୍‌ଏମ୍‌ଡିଟି ରହମାନ କହିଛନ୍ତି, ବାଘୁଣୀ ଏବେ ଆଠମଲ୍ଲିକ ଡିଭିଜନରେ ବୁଲୁଛି। ଏହାର ଗତିବିଧି ମନିଟରିଂ କରାଯାଉଛି। କିନ୍ତୁ ବାଛୁରୀକୁ ଶିକାର କରିଛି କି ନାହିଁ ତାହା ଜଣାପଡିନି। ତଦନ୍ତ ଚାଲିଛି।



ବିପ୍ରଡିହ ନିକଟସ୍ଥ ଜଙ୍ଗଲରେ ବନ ବିଭାଗ ଟିମ୍।

# ସୁରଟରେ ମନ ମୋହିଲା ପିପିଲି ଚାନ୍ଦୁଆ

**ଭୁବନେଶ୍ୱର, ୨।୯(ବ୍ୟୁରୋ)**

ପିପିଲି ଚାନ୍ଦୁଆର ଆଦର ସାରା ବିଶ୍ୱରେ ରହିଛି। ଓଡ଼ିଆ ଚାନ୍ଦୁଆ ଶିଳ୍ପୀଙ୍କ କାରୁକାର୍ଯ୍ୟ ପଲ୍ଲୀଠାରୁ ଦିଲ୍ଲୀ ସବୁଠି ପ୍ରସିଦ୍ଧି ଆଣିଛି। ଗୁଜରାଟର ସୁରଟରେ ରବିବାରଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ଓଡ଼ିଶା ପରବ। ସେଠାକାର ଓଡ଼ିଆଙ୍କ ସମେତ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିଛି। ସେଠାରେ ହୋଇଥିବା ସାଜସଜ୍ଜା ବି ମିନି ଓଡ଼ିଶାର ଭ୍ରମ ସୃଷ୍ଟି କରୁଛି। ପ୍ରସିଦ୍ଧ ଚାନ୍ଦୁଆ ଶିଳ୍ପୀ ସୁରେଶ ମହାପାତ୍ର ସୁରଟ୍‌ରେ ହୋଇଥିବା ଚାନ୍ଦୁଆ ସଜ୍ଜାକୁ ଭିନ୍ନ ରୂପ ଦେଇଛନ୍ତି।

ସୁରେଶ ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ୪୦ଫୁଟ ଉଚ୍ଚ ବର୍ଣ୍ଣାଢ଼୍ୟ ତୋରଣ ଏବଂ ୭୫ ଫୁଟ ଉଚ୍ଚତା ବିଶିଷ୍ଟ ୩ ରଥର ପ୍ରଜ୍ଞାପନ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଉକ୍ତ କାରୁକାର୍ଯ୍ୟରେ ପ୍ରାୟ ୧୨ ହଜାର ମିଟର କପଡ଼ା ଲାଗିଛି। ଏହାକୁ ଉପଯୁକ୍ତ ଭାବେ ପ୍ରସ୍ତୁତ କରିବା ପାଇଁ ୮୦ ଜଣ କାରିଗର ପ୍ରାୟ ୧୫ ଦିନ ସମୟ ନେଇଥିବା ଜଣାପଡିଛି। ସେହିଭଳି ପାଖାପାଖି ୪୦୦୦ ଲ୍ୟାମ୍ପ ସେଟ୍, ୬୦ ଛତା, ୬୦ ଛତ୍ରୀ, ୬୦ ତ୍ରାସ ଉତ୍ସବର ଶୋଭାବର୍ଦ୍ଧନ କରୁଛି।

ନିଜର କାର୍ଯ୍ୟ ଏବଂ ସୁରଟ ଅନୁଭୂତି ସମ୍ପର୍କରେ ସୁରେଶ କହିଛନ୍ତି ଯେ, ଚାନ୍ଦୁଆର ସବୁଠି ଚାହିଦା ରହିଛି। ଏହାର ଉତ୍କଳୀୟ କାରୁକାର୍ଯ୍ୟ ଏବଂ ପରମ୍ପରା ଅନନ୍ୟ ନିଦର୍ଶନ। ଓଡ଼ିଶାଠାରୁ ଅନେକ ଦୂରରେ ଥିବା ସୁରଟରେ ଚାନ୍ଦୁଆ କାମ କରି ଆତ୍ମତୃପ୍ତି ମିଳିଛି। ଏହିଭଳି ପରିବେଶ ଏବଂ କାର୍ଯ୍ୟକ୍ରମ ଆୟୋଜନର ଯଥାର୍ଥତା ରହିଥିବା ସୁରେଶ କହିଛନ୍ତି।

# ହାତୀ ମୃତ୍ୟୁ: ବିଦ୍ୟୁତ୍ ଆଘାତ ସନ୍ଦେହ

**ଟାଙ୍ଗୀ(କଟକ), ୨।୯(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ବଡ଼ପୋଖରୀ ମୌଜାସ୍ଥିତ ଏକ ଘରୋଇ ଫାର୍ମ ପରିସରରେ ଶନିବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ବିଦ୍ୟୁତ୍ ଆଘାତରୁ ହାତୀର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ହେଲେ ମୃତ୍ୟୁର କାରଣ ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡାଳିଯୋଡା ରେଞ୍ଜ ଅଧିକାରୀ ମନୋରଞ୍ଜନ ସ୍ୱାଇଁ କହିଛନ୍ତି। ଏହି ଘଟଣାରେ ବନ ବିଭାଗ ଉକ୍ତ ଫାର୍ମର ପରିଚାଳକଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଉକ୍ତ ଫାର୍ମରେ ଶନିବାର ରାତିରେ ହାତୀପଲ ପ୍ରବେଶ କରି ଅନେକ ଫଳନ୍ତି ଗଛ ନଷ୍ଟ କରିଥିଲେ। ତେବେ ଗଛ ନଷ୍ଟ କଲାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ଦନ୍ତା ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଖବରପାଇ ଟାଙ୍ଗୀ ପୋଲିସ, ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ଏସିଏଫ୍ ଅଶୋକ ଜେନା, ରେଞ୍ଜ ଅଫିସର ମନୋରଞ୍ଜନ ସ୍ୱାଇଁ ଓ ବନପାଳ ରଞ୍ଜନ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଏସିଆନ ଗେମ୍ସ...

ଉଦ୍‌ଯାପନ ଉତ୍ସବରେ ଇଣ୍ଡୋନେସିଆର ବଲିଉଡ ପ୍ରେମ ତଥା ଲୋକପ୍ରିୟତାର ଝଲକ ଦେଖିବାକୁ ମିଳିଥିଲା। ଗାୟକ ସିଦ୍ଧାର୍ଥ ସ୍ଲାଥିଆ ଓ ଡେନେଡା 'କୋଇ ମିଲ ଗୟା', 'କୁଛ କୁଛ ହୋତା ହେ' ଓ 'ଜୟ ହୋ' ନମ୍ବର ତଥା ଅନ୍ୟ ଗୀତ ଗାଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଅନ୍ୟପଟେ ଉଦ୍‌ଯାପନୀରେ ନାଚ, ଗୀତ ଓ ଆତସବାଜି ଦେଖିବାକୁ ମିଳିଥିଲା।

ଏହି କ୍ରୀଡ଼ା ମହାକୁମ୍ଭରେ ୪୫ଟି ଦେଶର ୧୧,୦୦୦ରୁ ଊର୍ଦ୍ଧ୍ୱ ଆଥଲେଟ ଅଂଶଗ୍ରହଣ କରିଥିଲେ। ଇଣ୍ଡୋନେସିଆ ପାଇଁ ଏହି କ୍ରୀଡ଼ାର ଆୟୋଜନ ଏକ ମସ୍ତବଡ଼ ପରୀକ୍ଷା ତଥା ଚ୍ୟାଲେଞ୍ଜ୍ ଥିଲା। ତେବେ ଇଣ୍ଡୋନେସିଆ ଏଥିରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛି। ଆତଙ୍କବାଦ, ଅପରାଧ ଓ ଟ୍ରାଫିକ୍ ସମସ୍ୟା ଚ୍ୟାଲେଞ୍ଜ୍ ସୃଷ୍ଟି କରିଥିଲା। ଆୟୋଜନରେ ସାରା ଇଣ୍ଡୋନେସିଆ ଏକ ହୋଇଯାଇଥିଲା ଓ ସବୁ ମିଶି ଏହାକୁ ଭରପୂର ସମର୍ଥନ କରିଥିଲେ।

୧୯୬୨ ପରେ ପ୍ରଥମଥର ପାଇଁ ଇଣ୍ଡୋନେସିଆ କୌଣସି କ୍ରୀଡ଼ାର ସଫଳ ଆୟୋଜନ କରିଛି। ଏଥିସହ ୨୦୩୨ ଅଲିମ୍ପିକ୍ସର ବିଡ୍ ଦାଖଲ ପାଇଁ ଆତ୍ମବିଶ୍ୱାସ ହାସଲ କରିଛି ଏହି ଦେଶ। ଉଦ୍‌ଯାପନୀ ଉତ୍ସବରେ ଆନ୍ତର୍ଜାତିକ ଅଲିମ୍ପିକ କମିଟି (ଆଇଓଏ) ଅଧ୍ୟକ୍ଷ ଥୋମାସ ବାକ, ଅଲିମ୍ପିକ କାଉନସିଲ ଅଫ ଏସିଆ (ଓସିଏ) ମୁଖ୍ୟ ଅହମ୍ମଦ ଅଲ ଫାହଦ ଅଲ ସାବା ଓ ଇଣ୍ଡୋନେସିଆ ଉପରାଷ୍ଟ୍ରପତି ଉପସ୍ଥିତ ଥିଲେ। ବାକ୍ ଇଣ୍ଡୋନେସିଆର ଅଲିମ୍ପିକ ବିଡ ଦାଖଲକୁ ସମର୍ଥନ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଇଣ୍ଡୋନେସିଆର ବଳିଷ୍ଠ ଐତିହ୍ୟ ଓ ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। ଭାରତ, ଚାଇନା ଓ କୋରିଆର କଳାକାରମାନେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଭାରତୀୟ ଗାୟକ ସାଥିଆ ସ୍ଥାନୀୟ ଭାଷାରେ କ୍ରୀଡ଼ା ସଂଗୀତ ଗାନ କରିଥିଲେ। ତାଙ୍କୁ ଅନ୍ୟ ୫ଜଣ ସହଯୋଗ କରିଥିଲେ। ଆଇକନ , ଆଇସ୍ୟାନା ସରସ୍ୱତୀ, ଦିରା ସୁଗାଣ୍ଡି, ରାନ ଓ ବୁଙ୍ଗା ସିଟ୍ରା ଲେଷ୍ଟାର୍‌ଙ୍କ ପରି ତାରକା ମଧ୍ୟ ସଂଗୀତ ପରିବେଷଣ କରିଥିଲେ।

ଏହି ଉତ୍ସବରେ ତ୍ରିରଙ୍ଗା ଧରି ରାଣୀ ରାମପାଲ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। କ୍ରୀଡ଼ାର ସଫଳ ଆୟୋଜନ ପାଇଁ ୧୩,୦୦୦ ଭଲ୍ୟୁଣ୍ଟର୍ସ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଥିଲେ। ଚାଇନାର ହାଙ୍ଗଝଉ ସହରରେ ୨୦୨୨ ଏସିଆନ ଗେମ୍ସ ଆୟୋଜନ ହେବ। ସେଥିପାଇଁ ପରମ୍ପରା ଅନୁଯାୟୀ ଓସିଏ ପତାକା ହାଙ୍ଗଝଉ ମେୟର ଜୁ ଲି ୟିଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ହାଙ୍ଗଝଉ ସହରର ଏକ ଭିଡିଓ ଷ୍ଟାଡିୟମର ବଡ଼ ସ୍କ୍ରିନ୍‌ରେ ପ୍ରଦର୍ଶିତ ହୋଇଥିଲା ଓ ଶେଷରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଶ୍ୱାସରୁଦ୍ଧ ହୋଇ...

ଓ କାର୍ତ୍ତିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ମଧ୍ୟ ଜଣକ ପରେ ଜଣେ ଟାଙ୍କି ମଧ୍ୟକୁ ଉଦ୍ଧାର ପାଇଁ ପଶିଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ୨ ଜଣ ମଧ୍ୟ ସେହି ମୃତ୍ୟୁ ଜାଲରେ ଫସିଯାଇଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଗୁରୁତର କାର୍ତ୍ତିକଙ୍କ ଆର୍ତ୍ତ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଜମା ହୋଇଥିଲେ। ସେଠାରେ ଉପସ୍ଥିତ ଲୋକମାନେ ଅନ୍ୟ କୌଣସି ଉପାୟ ନ ପାଇ ଏକ ଜେସିବି ଯୋଗେ ଟାଙ୍କିର ଉପର ଛାତକୁ ଭାଙ୍ଗି ଭିତରେ ଫସିଥିବା ସମସ୍ତ ୬ ଜଣଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ୬ଜଣଙ୍କୁ ଅଚେତ ଅବସ୍ଥାରେ ତୁରନ୍ତ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ୫ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ମାତ୍ରେ ହସ୍ପିଟାଲ ପରିସରରେ ହଜାର ହଜାର ଲୋକଙ୍କ ଭିଡ ଜମିଥିଲା। ଖବରପାଇ ପୋଲିସ ହସପିଟାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବିଷମକଟକ ବିଧାୟକ ଜଗନ୍ନାଥ ସାରକା ହସପିଟାଲ ଯାଇ ମୃତକଙ୍କ ପରିବାରକୁ ବିଜୁ ପକ୍କା ଘର ପ୍ରଦାନ କରାଯିବ ବୋଲି କହିଛନ୍ତି। ସେହିପରି ଉପଜିଲାପାଳ ଅମ୍ରିତ ଋତୁରାଜ ମୃତକଙ୍କ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟ ଯୋଜନାବୋର୍ଡ ସଦସ୍ୟ ସୁଧୀର ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ହସ୍ପିଟାଲରେ ପହଞ୍ଚିଥିଲେ। ଏହି ଘଟଣାରେ ବିଧାନସଭା ପ୍ରାକଳନ କମିଟି ଅଧ୍ୟକ୍ଷ ସଞ୍ଜୟ ଦାସବର୍ମା ଗଭୀର ଶୋକ ପ୍ରକାଶ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଜେଲରଙ୍କ ନାଁରେ...

ଏହାମଧ୍ୟରେ ଜେଲର ଚିନ୍ମୟଙ୍କର କରଞ୍ଜିଆରୁ ଭଦ୍ରକ ଜେଲକୁ ବଦଳି ହୋଇଥିଲା। ପୀଡିତା ଭଦ୍ରକ ଆସି ତାଙ୍କ କ୍ୱାର୍ଟର୍ସରେ ଏ ସମ୍ପର୍କରେ ପଚାରିବାରୁ ସେ ବାହାଘରର ସମସ୍ତ କାଗଜପତ୍ର, ଲାପଟପ୍ ଓ ମୋବାଇଲ ଫୋନ ତାଙ୍କଠାରୁ ନେଇଯାଇ ପାଟି ବନ୍ଦ ରଖିବାକୁ ଧମକ ଦେଇଥିଲେ। ଏପରି କି ନିଜ ପାଖରେ ରଖିଥିବା କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଦେଖାଇ ବ୍ଲାକମେଲିଂ କରି ହତ୍ୟା ଧମକ ଦେଇଥିବା ପୀଡିତା ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ଛାତ୍ରୀଙ୍କ ଅଭିଯୋଗରେ ଛନ୍ଦି ହୋଇପଡିଥିବା ଜେଲର ଚିନ୍ମୟ ଏବେ ଦିଲ୍ଲୀକୁ ଟ୍ରେନିଂରେ ଯାଇଛନ୍ତି। ଏଥି ସକାଶେ ତଦନ୍ତ ପ୍ରକ୍ରିୟା ଆଗେଇ ପାରୁନାହିଁ ବୋଲି ଟାଉନ ଥାନା ଅଧିକାରୀ ଦାସ କହିଛନ୍ତି। ପୀଡିତା ତାଙ୍କ ଏତଲାରେ ଆହୁରି ଦର୍ଶାଇଛନ୍ତି ଯେ, ସେ ଟାଉନ ଥାନାର ଦ୍ୱାରସ୍ଥ ହେବା ଆଗରୁ ଜେଲ ଡିଆଇଜିଙ୍କୁ ଭେଟି ସମାନ ଅଭିଯୋଗ କରିଥିଲେ। ଗତ ମାସ ୨୩ ତାରିଖରେ ଡିଆଇଜି ତଦନ୍ତ ପାଇଁ ଭଦ୍ରକ ଜେଲକୁ ଆସି ଜେଲ୍‌ର ଚିନ୍ମୟଙ୍କ ସମେତ ୱାର୍ଡର, କେତେକ କର୍ମଚାରୀ ଓ ଅନ୍ତେବାସୀଙ୍କୁ ପଚରାଉଚରା କରି ଫେରି ଯାଇଥିଲେ। ପୀଡିତାଙ୍କ ଅଭିଯୋଗକୁ ଜେଲର ଚିନ୍ମୟ ଖଣ୍ଡନ କରିଥିବାରୁ ପୋଲିସ ତାଙ୍କ ଦିଲ୍ଲୀ ଫେରନ୍ତା ବାଟକୁ ଚାହିଁ ବସିଛି। ପୀଡିତାଙ୍କୁ ପୋଲିସ ଡାକ୍ତରୀ ମାଇନା କରାଇ ନ ଥିବାରୁ ସାଧାରଣରେ ନାନା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଏସଡିପିଓ ଜଳନ୍ଧର ଜାଲିଙ୍କୁ ପଚାରିବାରୁ ପୀଡିତାଙ୍କ ବୟାନ ରେକର୍ଡ କରାଯାଇ ଘଟଣାର ତଦନ୍ତ କରାଯାଉଛି। ଜେଲର ଆସିବା ପରେ ତଦନ୍ତ ଆଗେଇବ । ଏ ଦିଗରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜାଲି କହିଛନ୍ତି।

# ୧୦ରେ ଆନ୍ଦୋଳନକୁ ଓହ୍ଲାଇବ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ

**ଭୁବନେଶ୍ୱର, ୨।୯(ବ୍ୟୁରୋ)**

ଆସନ୍ତା ୧୦ ତାରିଖରେ ରାଜ୍ୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀମାନେ ୬ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଡ଼ାକରା ଦେଇଛନ୍ତି। ବିଭିନ୍ନ ବ୍ଲକ ଏବଂ ସହରାଞ୍ଚଳରେ କର୍ମରତ ଏହି କର୍ମଚାରୀମାନେ ସେହିଦିନ ଲୋୟର ପିଏମ୍‌ଜିକୁ ଆସି ପ୍ରତିବାଦ ସଭା କରିବେ ବୋଲି ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ସଭାପତି ରବୀନ୍ଦ୍ର କୁମାର ଜେନା ରବିବାର ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ସଂଘ ସଭାପତି ଜେନା ଆହୁରି କହିଛନ୍ତି, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) କାର୍ଯ୍ୟକାରୀ ହେବାଠାରୁ ବିଗତ ୧୨ବର୍ଷ ହେଲା କାର୍ଯ୍ୟରତ ୪ ହଜାରରୁ ଅଧିକ ପରିଚାଳନା କର୍ମଚାରୀ ଏବେ ନାନାଦି ଅଭାବ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୨ ବର୍ଷରୁ ଅଧିକ କର୍ମଚାରୀମାନେ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଏହି କର୍ମଚାରୀଙ୍କ ଚାକିରି ସ୍ଥାୟୀ କରାଯାଉନି। ଚୁକ୍ତିଭିତ୍ତିକ ଚାକିରି ହୋଇଥିଲେ ହେଁ ଦରମା ଓ ଭତ୍ତା ବୃଦ୍ଧି କରାଯାଉନାହିଁ। ଏଭଳି ଅସୁବିଧାକୁ ଦୂର କରିବା ପାଇଁ ସଂଘ ବାରମ୍ବାର ଉଚ୍ଚପଦସ୍ଥ ଅଧିକାରୀ ଏବଂ ସରକାରଙ୍କ ନିକଟରେ ଦାବି ଜଣାଇଲେ ମଧ୍ୟ ସରକାର ବିଚାର କରୁନାହାନ୍ତି ବୋଲି ଜେନା କହିଛନ୍ତି। ସମ୍ମିଳନୀରେ ସଂଘର ଆବାହକ କବି ପ୍ରସାଦ ସାହୁ ଏବଂ ସମ୍ପାଦକ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜିର ବୁଧାଦିତ୍ୟ, ମକର ମଙ୍ଗଳ, ଗୁରୁ ଶୁକ୍ର, ରୋହିଣୀ ଚନ୍ଦ୍ର ପ୍ରଭୃତି ଅସାଧାରଣ ଗ୍ରହଯୋଗ ନିଜ ନିଜ ସ୍ତରରେ ଅର୍ଥ, ସମ୍ମାନ, ସାମାଜିକ ପ୍ରତିଷ୍ଠା ପ୍ରଦାନ କରିବ। ଦୃଢ଼ ମନୋବଳ ଓ ସୁଚିନ୍ତିତ ବିଚାରଧାରା ହେତୁ କିଛି ଅସୁବିଧା ହେବନାହିଁ । ଆର୍ଥିକ ସଙ୍କଟ ଦୂର ହେବା ସହ ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ।

**ବୃଷ** — ରାଶିରେ ଚନ୍ଦ୍ର ଓ ତୃତୀୟସ୍ଥ ରାହୁ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟ ହେବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ, ଯାହାକି ଆପଣଙ୍କୁ ଆଗକୁ ବଢିବାରେ ସାହାଯ୍ୟ କରିବ। ସାହିତ୍ୟ, କ୍ରୀଡା ଓ ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ଆର୍ଥିକ ସ୍ଥିତି ଭଲ ରହିବ।

**ମିଥୁନ** — ମୁଖଭାବରେ ରବି ଓ ବୁଧ ପ୍ରଭାବରୁ ସଯୌକ୍ତିକ ମନ୍ତବ୍ୟ ବୁଦ୍ଧିଜୀବୀ, କର୍ମକ୍ଷେତ୍ର ଓ ସାମାଜିକ ଜୀବନରେ ପ୍ରଶଂସନୀୟ କରାଇବ। ବିବାଦୀୟ ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱୀମାନେ ନୀରବ ରହିବେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଫାଇଲ୍ ପତ୍ର କିମ୍ବା କୌଣସି ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** — ଚନ୍ଦ୍ର ପ୍ରଭାବରୁ ଆପଣଙ୍କ ସଫଳତା ଓ ସମ୍ମାନ ପ୍ରତ୍ୟେକ ସ୍ଥାନରେ ପ୍ରଶଂସିତ ହେଲେ ମଧ୍ୟ ଆପଣଙ୍କୁ ତାହା ପୂର୍ଣ୍ଣ ସନ୍ତୋଷ ଦେଇ ନ ପାରେ। ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ହେବ, ମାତ୍ର ଏଥିପାଇଁ ବହୁତ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡିବ। ନିର୍ମାଣ, ବାଣିଜ୍ୟ ତଥା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ସିଂହ** — ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ କରିବା ସହ ସାମାଜିକ ପ୍ରତିଷ୍ଠା ଲାଭ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପାରିବାରିକ ଜୀବନରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ପ୍ରଶାସନିକ ସ୍ତରରେ କିମ୍ବା ସାଂଗଠନିକ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** — ପରୋକ୍ଷ ଶତ୍ରୁତା, ଧାରକରଜ, ନିଜ ଲୋକଙ୍କ ଅନାଦରଭାବ ମାନସିକ ଦୁଶ୍ଚିନ୍ତାର କାରଣ ହେବ। କିଛି କହିଥିବା କଥାକୁ କେନ୍ଦ୍ରକରି ବିଭିନ୍ନ ପ୍ରତିବନ୍ଧକ ଲାଗି ରହିବା କାରଣରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବାର ସୂଚନା ରହିଛି। ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଆଜି ବ୍ୟବସାୟରେ କ୍ରମଶଃ ଲାଭ ଅପେକ୍ଷା କ୍ଷତି ଅଧିକ ହେବ।

**ତୁଳା** — ଦୁଇ ପଣ୍ଡିତଙ୍କ ରାଶିରେ ଅବସ୍ଥାନ ନୂଆ ନୂଆ ଗଠନମୂଳକ କାମ କରିବା ପାଇଁ ପ୍ରେରଣା ଯୋଗାଇବ। ପ୍ରତ୍ୟେକ ସ୍ତରରେ ସୁନାମ ଅର୍ଜନ କରିବା ସହ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ, ଅବଶ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢାଇ ନେଇପାରନ୍ତି।

**ବିଛା** — ଯିଏ ଯେତେ ଶତ୍ରୁତା କରୁନା କାହିଁକି ଆପଣଙ୍କ କୌଣସି ଅସୁବିଧା ହେବନାହିଁ। ଧନସ୍ଥାନସ୍ଥ ଶନି ହେତୁ ଅଧିକାଂଶ କ୍ଷେତ୍ରରେ ନୀରବତାକୁ ଅଧିକ ପସନ୍ଦ କରିପାରନ୍ତି। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। କଳା, ସାହିତ୍ୟ, ସଂଗୀତ, କ୍ରୀଡା, ଚଳଚ୍ଚିତ୍ର ପ୍ରଭୃତିରେ ସୁନାମ ଅର୍ଜନ କରିବେ।

**ଧନୁ** — ବୃହସ୍ପତି ଏକାଦଶସ୍ଥ ହେଲେ ମଧ୍ୟ ପାରିବାରିକ ଜୀବନ ପାଇଁ ବିଶେଷ ଲାଭଦାୟକ ହୋଇପାରିବେ ନାହିଁ। ସାମାଜିକ ସ୍ତରରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବିବାଦୀୟ ଘଟଣାରେ,ପରିବହନରେ, ବ୍ୟବସାୟରେ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରତି ଆଗ୍ରହୀ ହେବେ।

**ମକର** — ରାଶ୍ୟାଧିପତି ଦ୍ୱାଦଶସ୍ଥ ହେତୁ ସାମାନ୍ୟ ଅସୁସ୍ଥତା ଜନିତ କାରଣରୁ ମନଟା ଭଲ ଲାଗିବ ନାହିଁ। କିନ୍ତୁ ଉଚ୍ଚସ୍ଥ ମଙ୍ଗଳ ପ୍ରଭାବରୁ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ, କଳା, ସାହିତ୍ୟ, ପରିବାର, ପରିବହନରେ ସମସ୍ୟା ସମାଧାନ ହୋଇଯିବ। ଯେତେ ଭଲକଥା କହିଲେ ମଧ୍ୟ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କ ସୁସମ୍ପର୍କ ଭଲ ରହିବ ନାହିଁ।

**କୁମ୍ଭ** — ଶୁକ୍ରଙ୍କ ଦୁର୍ବଳତା କାରଣରୁ ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ନିକଟ ସମ୍ପର୍କୀୟମାନଙ୍କ ସହାୟତା ନେବାକୁ ପଡିପାରେ । ଅବଶ୍ୟ ଉଚ୍ଚସ୍ଥ ମଙ୍ଗଳ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ସଭାସମିତି କିମ୍ବା ଆଲୋଚନା ପରିସରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ।

**ମୀନ** — କେତେକ ଛୋଟବଡ ସମସ୍ୟାକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଉପଭୋଗ୍ୟ ହେବ। ନୂଆ କାମ ଆରମ୍ଭ କରି ଖୁସୀ ରହିବେ ଏବଂ ବନ୍ଧୁମାନଙ୍କ ପ୍ରିୟଭାଜନ ମଧ୍ୟ ହେବେ। ପରିସ୍ଥିତିବଶତଃ ଇଚ୍ଛା ନ ଥାଇ ମଧ୍ୟ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡିପାରେ। ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବ।

ଆଜି ଭାଦ୍ରବ କୃଷ୍ଣ ଅଷ୍ଟମୀ ସୋମବାର, ବୈଷ୍ଣବ ମତାନୁସାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଏବଂ ସ୍ମାର୍ତ୍ତ ମତାନୁସାରେ ନନ୍ଦୋତ୍ସବ, ବିଜୁଳିକନ୍ୟା ପୂଜା ସେପ୍ଟେମ୍ବର ୩ ତାରିଖ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୬।୫୨ମି. ମଧ୍ୟେ, ଘ୧।୫୨ମି. ଗତେ, ଘ୨।୪୫ମି. ମଧ୍ୟେ, ଘ୪।୪୫ମି. ଗତେ, ଘ୬।୨୪ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୩୦ମି. ଗତେ, ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୦୭ମି. ଗତେ, ଘ୮।୪୧ମି. ମଧ୍ୟେ ରାହୁକାଳ ।



ଜମ୍ମୁ-କଶ୍ମୀର ଶୋପିଆନ୍‌ରେ ମିଳିତ ସୁରକ୍ଷାବଳଙ୍କ ହାତରୁ ୩ ହିଜ୍‌ବୁଲ୍ ଆତଙ୍କବାଦୀ ଖସି ଚାଲିଯାଇଛନ୍ତି। ସ୍ଥାନୀୟ ଲଙ୍ଗୀ ଇମାମସାହେବ ଗାଁରେ କିଛି ହିଜ୍‌ବୁଲ୍ ମୁଜାହିଦ୍ଦିନ୍ ଆତଙ୍କବାଦୀ ଲୁଚିଥିବା ଖବର ପାଇ ସେନା ପକ୍ଷରୁ ଘେରାବନ୍ଦୀ ଆରମ୍ଭ ହୋଇଥିଲା। ସେମାନଙ୍କ ମଧ୍ୟରେ ଜଣେ ଟପ୍ କମାଣ୍ଡର ଥିବାର ସୂଚନା ସୁରକ୍ଷାବଳଙ୍କୁ ମିଳିଥିଲା। ତେବେ ଅତି ଚାଲାକି କରି ସେମାନେ ଖସି ପଳାଇଥିବା ଭାରତୀୟ ସୁରକ୍ଷା ମୁଖପାତ୍ର ସୂଚିତ କରିଛନ୍ତି।

## ସଂକ୍ଷେପରେ

### ଆଜି କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର, ୨।୯(ବ୍ୟୁରୋ): ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସୋମବାର ସନ୍ଧ୍ୟା ୬.୧୫ରେ ସଚିବାଳୟଠାରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ସରକାର କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁର କରିବେ। କ୍ୟାବିନେଟ୍‌ରେ ବିଶେଷକରି ୫ ପ୍ରସ୍ତାବ ଉପରେ ମୋହର ଲାଗିବ ବୋଲି ଜଣେ ମନ୍ତ୍ରୀ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଏବଂ ପରିବହନ ବିଭାଗର କେତେଗୁଡିଏ ପ୍ରସ୍ତାବ ଉପରେ ମୋହର ଲାଗିବ ବୋଲି ଜଣାପଡିଛି।

### ୫୯୬ ଡାକ୍ତର ନିଯୁକ୍ତି ପାଇଁ ଆଜିଠୁ କାଉନ୍‌ସେଲିଂ ଆରମ୍ଭ

ଭୁବନେଶ୍ୱର, ୨।୯(ବ୍ୟୁରୋ): ଆସନ୍ତା ୧୦ ଦିନ ମଧ୍ୟରେ ରାଜ୍ୟ ସରକାର ଖାଲି ପଡିଥିବା ଡାକ୍ତରୀ ପଦବୀ ପୂରଣ କରିବେ। ଏଥିପାଇଁ ସୋମବାରଠାରୁ କାଉନ୍‌ସେଲିଂ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାଉନ୍‌ସେଲିଂ ମାଧ୍ୟମରେ ୧୧୩ ଜଣ ବିଶେଷଜ୍ଞଙ୍କ ସହିତ ୪୮୩ ଏମ୍‌ବିବିଏସ୍ ଡାକ୍ତରଙ୍କୁ ମିଶାଇ ମୋଟ ୫୯୬ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। କାଉନ୍‌ସେଲିଂ ସରିବା ପରେ ତୁରନ୍ତ ନିଯୁକ୍ତି ମିଳିବ ବୋଲି ବିଭାଗ କହିଛି। ସେହିପରି ୧୭୧ ଜଣ ଦନ୍ତ ଚିକିତ୍ସକଙ୍କୁ ମଧ୍ୟ ବିଭାଗ ନିଯୁକ୍ତି ପ୍ରଦାନ କରିବ ବୋଲି ସ୍ପଷ୍ଟ କରିଛି। ସୂଚନାଯୋଗ୍ୟ, ନୂତନ କ୍ୟାଡର ରୁଲ୍ ଅନୁଯାୟୀ ରାଜ୍ୟରେ ଆହୁରି ଅଧିକ ୨୦୦୦ ନୂତନ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନିଯୁକ୍ତି ଦେବା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ନୂତନ ନିଯୁକ୍ତି ପ୍ରକ୍ରିୟା ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି।

# ଗୁଜରାଟରେ 'ଓଡ଼ିଆ ପର୍ବ' ଉଦ୍‌ଘାଟିତ

- ଗୁଜରାଟ ବିକାଶରେ ଓଡ଼ିଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ରୂପାନୀ
- ଓଡ଼ିଆ ଏବେ ଶ୍ରମିକ ନୁହେଁ ମାଲିକ ହେବେ: ଧର୍ମେନ୍ଦ୍ର



'ଓଡ଼ିଆ ପର୍ବ' ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଭୁବନେଶ୍ୱର, ୨।୯(ବ୍ୟୁରୋ)

ସୁରଟ ଓ ଗୁଜରାଟ ବିକାଶରେ ଓଡ଼ିଆ ଲୋକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁରଟଠାରେ ଦୁଇଦିନିଆ ଓଡ଼ିଆ ପର୍ବ ଉଦ୍‌ଘାଟନ ଅବସରରେ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଏହା କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଓଡିଆ ଓ ଗୁଜରାଟବାସୀଙ୍କ ମଧ୍ୟରେ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ସମ୍ପର୍କ ଅତି ନିବିଡ। ଓଡିଶାର କୋଣାର୍କରେ ସୂର୍ଯ୍ୟଙ୍କ ପ୍ରଥମ କିରଣ ପଡୁଥିବାବେଳେ ଗୁଜରାଟର ମୋଧେରାରେ ଶେଷ କିରଣ ପଡିଥାଏ। ଗୁଜରାଟର ଅର୍ଥନୀତି ପରିବର୍ତ୍ତନରେ ଓଡିଆଙ୍କ ପ୍ରମୁଖ ଭୂମିକା ରହିଛି। ଗୁଜରାଟ ଓ ଓଡିଶାର ଭାବାବେଗ ସମ୍ପର୍କରେ ଏହି ଓଡିଆ ପର୍ବ ଏକ ଆବେଗର ବାର୍ତ୍ତା ବହନ କରୁଛି। ସୁରଟରେ ଏବେ ଓଡିଆ ସଂସ୍କୃତି, ପରମ୍ପରା, ଜଗନ୍ନାଥ ସଂସ୍କୃତିକୁ ପ୍ରତିଷ୍ଠା କରାଯାଇଛି, ସେଥିପାଇଁ ଆମେ ଗର୍ବ ଅନୁଭବ କରୁଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ଭାରତର ପରିକଳ୍ପନା କରିଥିବା ବେଳେ ଆମେ ନୂଆ ଓଡିଶାର ପରିକଳ୍ପନା କରୁଛୁ। ଫଳରେ ଓଡିଶା ଏବଂ ଓଡିଆ ଭଉଣୀ ଓ ଭାଇମାନେ ଆଗରେ ରହିବେ। ଦୁଇ ରାଜ୍ୟର ସମ୍ପର୍କ ଅତି ନିବିଡ। ଓଡିଶା ସହ ମହାତ୍ମା ଗାନ୍ଧୀ ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସମ୍ପର୍କ ଅନନ୍ୟ।

ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ରବିବାର ସୁରଟରେ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଗୁଜରାଟରେ ଯେପରି ପେଟ୍ରୋକେମିକାଲ, ପ୍ଲାଷ୍ଟିକ, କେମିକାଲ କ୍ଲଷ୍ଟର ହୋଇଛି, ଓଡିଶାରେ ମଧ୍ୟ ସେହିପରି ହେବ। ସ୍ୱାଧୀନତାର ୭୦ବର୍ଷ ପରେ ଓଡିଆ ଲୋକ ଖାଲି ଶ୍ରମିକ ନୁହଁ ମାଲିକ ହେବେ। ଓଡିଆ ଲୋକମାନେ ମାଲିକ ହେବାର ସୁଯୋଗ ଆସିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଯେ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ରାଜ୍ୟର ବିକାଶ ହୋଇନାହିଁ ସେ ପର୍ଯ୍ୟନ୍ତ ଭାରତର ବିକାଶ ଅସମ୍ଭବ। ଓଡିଆ ଜାତି କୋଣାର୍କ, ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ଗଢିଥିଲେ। ଏବେ ଓଡିଆ ଜାତି ନିଜ ଗୋଡରେ ଠିଆ ହେବା ପାଇଁ ପ୍ରୟାସ ଆରମ୍ଭ କରିବେ। ପାରାଦୀପ ରିଫାଇନେରିର ପେଟ୍ରୋକେମିକାଲ ପଲିମରରୁ ସୂତା ବାହାର କରାଯାଇ ଓଡିଶାରେ ଦ୍ୱିତୀୟ ସୁରଟ କରାଯିବ। ଓଡିଶାରେ ଶିଳ୍ପାୟନର ନୂତନ ପରମ୍ପରା ସୃଷ୍ଟି ହେବ। ଆଗାମୀ ଦିନରେ ଓଡିଆ ପର୍ବ କିପରି ସ୍ଥାୟୀ ହେବ ତା' ଉପରେ ଗୁରୁତ୍ୱ ଦିଆଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଭାଜପାର ଓଡିଆ ପର୍ବ କାର୍ଯ୍ୟକ୍ରମ ସୋମବାର ଶେଷ ହେବ। ରବିବାର ଅନୁଷ୍ଠିତ ହୋଇଥିବା ପ୍ରଥମ ଦିନ କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି।

# ବୟନ, ପ୍ଲାଷ୍ଟିକ୍ ଶିଳ୍ପ ପାଇଁ ରହିଛି ବ୍ୟାପକ ସୁଯୋଗ

- ଗୁଜରାଟର ସୁରଟରେ ଓଡ଼ିଶା କନ୍‌କ୍ଲେଭ୍
- ନିବେଶକଙ୍କୁ ପାରାଦୀପ ଆସିବାକୁ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ

ପାରାଦୀପ,୨।୯(ସ୍ୱ.ପ୍ର.)

ଓଡ଼ିଶାରେ ବୟନ ଓ ପ୍ଲାଷ୍ଟିକ୍ ଶିଳ୍ପ ପାଇଁ ବ୍ୟାପକ ସୁଯୋଗ ରହିଛି। ଏଠାରେ ଉନ୍ନତ ଯୋଗାଯୋଗ ବ୍ୟବସ୍ଥା, ପାରାଦୀପ ତୈଳ ବିଶୋଧନାଗାରର କଞ୍ଚାମାଲ, ବିଦ୍ୟୁତ୍ ଶକ୍ତି ପାଇଁ ପ୍ରଚୁର ପରିମାଣର କୋଇଲା, ପାରାଦୀପ ଓ ଧାମରା ଭଳି ବିଶ୍ୱସ୍ତରୀୟ ବନ୍ଦର ଅଛି। ତେଣୁ ଓଡ଼ିଶାର ପାରାଦୀପ ଓ ଭଦ୍ରକରେ ପୁଞ୍ଜି ନିବେଶ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିବେଶକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତ ସରକାରଙ୍କ ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ତୈଳ ନିଗମ ପ୍ରଥମଥର ପାଇଁ ଗୁଜରାଟର ସୁରଟଠାରେ ଆୟୋଜନ କରିଥିବା ଓଡ଼ିଶା କନ୍‌କ୍ଲେଭ୍ ନିବେଶକ ସମ୍ମିଳନୀରେ ଯୋଗଦେଇ ରବିବାର କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହା କହିଛନ୍ତି। ଏହି ସମ୍ମିଳନୀରେ ୧୯ ଉଦ୍ୟୋଗପତି ଓ ଦେଶ ବିଦେଶରୁ ପ୍ରାୟ ୧୦୦୦ ପୁଞ୍ଜି ନିବେଶକାରୀ ଯୋଗ ଦେଇଥିଲେ। ଏଥିରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଥିବା ବ୍ୟାପକ ସୁବିଧା ସମ୍ପର୍କରେ ତଥ୍ୟଗତ ପ୍ରମାଣ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଜରାଟର ଆଇନମନ୍ତ୍ରୀ ପ୍ରଦୀପ ସିଂ ଜାଡେଜା, ଇଣ୍ଡିଆନ ଅଏଲର ଅଧ୍ୟକ୍ଷ ସଞ୍ଜୀବ ସିଂ ଓ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସମ୍ପ୍ରତି ଭାରତରେ ମୁଣ୍ଡପିଛା ପ୍ଲାଷ୍ଟିକର ବ୍ୟବହାର ୧୦ କିଲୋରେ ପହଞ୍ଚିଛି। ପୋଷାକ, କଲମ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀରେ ୮୦ ପ୍ରତିଶତ ପେଟ୍ରୋ କେମିକାଲ ରହୁଛି। ପାରାଦୀପରେ ଭାରତୀୟ ତୈଳ ନିଗମର ବୃହତ୍ ବିଶୋଧନାଗାର ଥିବାରୁ ସେଥିରୁ ବାହାରୁଥିବା ପିଟିଏ (ପ୍ୟୁରିଫାଏଡ୍ ଟେରେଫଟିଲିକ ଏସିଡ୍), ଏମ୍‌ଇଜି (ମନୋଇଥେଲିନ ଗ୍ଲାଇକେନ୍), ପିପି (ପଲି ପ୍ରପଲିନ), ପଲିଥାଇଲୋ ଓ ଅନ୍ୟାନ୍ୟ ମୌଳିକ କଞ୍ଚାମାଲର ଉପଯୋଗ ହୋଇପାରିବ। ପାରାଦୀପକୁ କେନ୍ଦ୍ର ସରକାର ପିସିପିଆଇଆର (ପେଟ୍ରୋଲିୟମ, କେମିକାଲ ଓ ପେଟ୍ରୋକେମିକାଲ ନିବେଶ ଅଞ୍ଚଳ) ଭାବେ ଚିହ୍ନଟ କରିଛନ୍ତି। ବିଶୋଧନାଗାରରୁ ୭୦୦ କିଲୋ ଟନ୍ ୟୁନିଟ୍ ନୂଆ ପଲି ପ୍ରପ୍‌ଲିନ୍ ପ୍ରସ୍ତୁତ ହେବାକୁ ଯାଉଛି, ଯାହା ୩୧୫୦ କୋଟି ଟଙ୍କାର ବୟନ ଓ ପ୍ଲାଷ୍ଟିକ ଶିଳ୍ପକୁ ସହାୟତା କରିପାରିବ। ଇଡ୍‌କୋ ଓ ଇଣ୍ଡିଆନ ଅଏଲର ଯୁଗ୍ମ ଉଦ୍ୟମରେ ପ୍ଲାଷ୍ଟିକ ପାର୍କ ହେବାକୁ ଯାଉଛି। ୧୨୦ ଏକର ଜାଗାରେ ଏହି ପଲିମର ଡାଉନ୍‌ଷ୍ଟ୍ରିମ୍ ୟୁନିଟ୍ ସ୍ଥାପନ ହେବ। ଏହି ବୟନ ଶିଳ୍ପରେ ବୁଣିବା, ସିଲେଇ କରିବା, ରଙ୍ଗ ମାରିବା, ପୋଷାକ ତିଆରି କରିବା, କାଟିବା ଆଦି କାମ ଥିବାରୁ ସିଧାସଳଖ ଭାବେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗୁଜରାଟର ସୁରଟରେ ଏବେ ୬ଲକ୍ଷ ଓଡ଼ିଆ ଏହି କାମ କରୁଛନ୍ତି। କିନ୍ତୁ ଓଡ଼ିଶାରେ ଏଭଳି ଶିଳ୍ପ ହବ୍ ହେଲେ ଅନ୍ୟ ରାଜ୍ୟର ଲୋକ ଓଡ଼ିଶା ଆସିବେ ବୋଲି ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରକାଶ କରିଥିଲେ।

■ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮

# ଚାଇନା, ଜାପାନ, ଦକ୍ଷିଣ କୋରିଆ ଗସ୍ତ ସାରି ଫେରିଲା ପ୍ରତିନିଧି ଦଳ

ଭୁବନେଶ୍ୱର,୨।୯(ବ୍ୟୁରୋ)

ଚଳିତ ବର୍ଷ ଶେଷଆଡ଼କୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮ ଅନୁଷ୍ଠିତ ହେବାକୁ ଯାଉଛି। ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ଏହାକୁ ସଫଳ ଭାବେ ଆୟୋଜନ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରଖିଛି। ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ, ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା ଏବଂ ଅନ୍ୟ ଅଧିକାରୀମାନେ ବିଦେଶ ଗସ୍ତ ଜାରି ରଖିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ମୁମ୍ବାଇ ଗସ୍ତ କରି ବଡ଼ ବଡ଼ ପୁଞ୍ଜି ନିବେଶକାରୀଙ୍କୁ ଭେଟିଥିଲେ। ସେହି କ୍ରମରେ ବିଭାଗୀୟ ମନ୍ତ୍ରୀ ବିଦେଶ ଗସ୍ତ ସାରି ଓଡ଼ିଶା ଫେରିଛନ୍ତି। ଏ ନେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶନିବାର ଅନନ୍ତ କହିଛନ୍ତି ଯେ, ରାଜ୍ୟ ପ୍ରତିନିଧି ଦଳ ଚାଇନା, ଜାପାନ, ଦକ୍ଷିଣ କୋରିଆ ଗସ୍ତ ସାରିଛନ୍ତି। ଜାପାନରେ ଅନୁଷ୍ଠିତ ହୋଇଥିବା ରୋଡ୍ ଶୋ'ରେ ୧୫୦ କମ୍ପାନୀ ଭାଗ ନେଇଛନ୍ତି। ସେହିପରି ଚାଇନା ଓ ଦକ୍ଷିଣ କୋରିଆରେ ମଧ୍ୟ ୧୫୦ଟି ଲେଖାଏଁ କମ୍ପାନୀ ରୋଡ୍ ଶୋ'ରେ ଭାଗ ନେଇଥିଲେ। ୬ଟି କ୍ଷେତ୍ରରେ ନିବେଶ କରିବା ପାଇଁ କମ୍ପାନୀମାନଙ୍କୁ କୁହାଯାଇଥିବା ଅନନ୍ତ କହିଛନ୍ତି। ଇସ୍ପାତ, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ବୟନ ଶିଳ୍ପ ଇତ୍ୟାଦିକୁ ପ୍ରାଧାନ୍ୟ ଦିଆଯାଇଛି। ସେହିପରି ଇଟାଲୀର ୨୦ କମ୍ପାନୀ ରାଜ୍ୟରେ ୨୦ଟି ରୁମ୍ ବୁକ୍ କରିସାରିଥିବା ମନ୍ତ୍ରୀ ଦାସ ସୂଚନା ଦେଇଛନ୍ତି।

ଗୁଜରାଟସ୍ଥିତ ସୁରଟରେ ପେଟ୍ରୋଲିୟମ ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଇନ୍‌ଭେଷ୍ଟମେଣ୍ଟ ସମ୍ମିଟ୍ ଆୟୋଜନ କରାଯାଉଛି। ଶିଳ୍ପ ମନ୍ତ୍ରୀ ହିସାବରେ ତାଙ୍କୁ ସେଠାକୁ ନିମନ୍ତ୍ରଣ କରାଯାଇଛି କି ବୋଲି ଖବରଦାତାମାନେ ଅନନ୍ତ ଦାସଙ୍କୁ ପଚାରିଥିଲେ। ଉତ୍ତରରେ ସେ କହିଛନ୍ତି ଯେ, ସୁରଟ ସମ୍ମିଳନୀ ନେଇ ତାଙ୍କୁ କେହି ଜଣାଇ ନାହାନ୍ତି। ତାଙ୍କୁ ବ୍ୟକ୍ତିଗତ ଭାବେ ମଧ୍ୟ ଜଣାଇ ଦିଆଯାଇ ନାହିଁ। ଓଡ଼ିଶାକୁ କୌଣସି ଶିଳ୍ପସଂସ୍ଥା ଆସିବା ମନା ନାହିଁ। ହେଲେ ଏ କଥା କିନ୍ତୁ ମନେରଖିବା ଉଚିତ ଯେ, ରାଜ୍ୟର ସହଯୋଗ ବିନା ଓଡ଼ିଶାରେ ଶିଳ୍ପ ଅସମ୍ଭବ। ପ୍ରକାଶ ଯେ, ଚଳିତ ବର୍ଷ ନଭେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ରାଜଧାନୀରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଅନୁଷ୍ଠିତ ହେବ। ଜାପାନ ଏଥିରେ କଣ୍ଟ୍ରି ପାର୍ଟନର ରହିଛି। ଏହି ୪ ଦିନରେ ୧୩ଟି ମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ରହିଛି।

# ଗୁରୁପ୍ରିୟା ସେତୁ ନେଇ କଂଗ୍ରେସ-ବିଜେଡି ଆରୋପ ପ୍ରତ୍ୟାରୋପ

ଭୁବନେଶ୍ୱର,୨।୯(ବ୍ୟୁରୋ)

ମାଲକାନଗିରି ଜିଲାରେ ଥିବା ଗୁରୁପ୍ରିୟା ସେତୁ ଅଞ୍ଚଳ ପରିଦର୍ଶନ କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ଏହି ଗସ୍ତ ପରେ ଗଣମାଧ୍ୟମକୁ ରବିବାର ନିରଞ୍ଜନ କହିଛନ୍ତି, ସେତୁ ନିର୍ମାଣରେ ୭୪ କୋଟି ଟଙ୍କାର ଦୁର୍ନୀତି ହୋଇଛି। ଗୁରୁପ୍ରିୟା ସେତୁର ଢାଞ୍ଚା ଓ ଉଚ୍ଚତାରେ ତ୍ରୁଟି ରହିଛି। ଏହାର ନିର୍ମାଣ କଂଗ୍ରେସ ସରକାର ହିଁ ଆରମ୍ଭ କରିଥିଲେ। ସେତୁର ଉଚ୍ଚତା ଆଉ ଟିକେ ଅଧିକ ହେବାର ଥିଲା। ସେତୁର ଡିଜାଇନ୍ ପରିବର୍ତ୍ତନ କରି ଅର୍ଥ ଆତ୍ମସାତ୍ ହୋଇଥିବା ନିରଞ୍ଜନ କହିଛନ୍ତି। ତେବେ ବିଜେଡି ପକ୍ଷରୁ ନିରଞ୍ଜନଙ୍କ ମନ୍ତବ୍ୟକୁ ଖଣ୍ଡନ କରାଯାଇଛି। ଦଳର ମୁଖପାତ୍ର ସସ୍ମିତ୍ ପାତ୍ର କହିଛନ୍ତି, ଗୁରୁପ୍ରିୟା ସେତୁର ପୂର୍ଣ୍ଣାଙ୍ଗ ଭାବେ ଉଚ୍ଚକୋଟୀର କାର୍ଯ୍ୟ ହୋଇଛି। କେନ୍ଦ୍ରୀୟ ସଂସ୍ଥା ସେତୁର ସମସ୍ତ ବୈଷୟିକ ଦିଗକୁ ଯାଞ୍ଚ କରିଛି। ମାଓବାଦୀପ୍ରବଣ ଅଞ୍ଚଳରେ ରାଜ୍ୟ ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। କଂଗ୍ରେସ ଏହାକୁ ଗୌଣ କରିବାକୁ ଚେଷ୍ଟା କରୁଥିବା ସସ୍ମିତ୍ ଅଭିଯୋଗ କରିଛନ୍ତି।



ନରନାରୀଙ୍କୁ ଭଲ ପାଇବା-ପଦାର୍ଥକୁ ଭଲ ପାଇବା-କୁଟୁମ୍ବ ପରିଜନଙ୍କୁ ଭଲ ପାଇବା-ଦେଶକୁ-ମାନବ ଜାତିକୁ-ଜୀବଜନ୍ତୁ ପ୍ରଭୃତିଙ୍କୁ ଭଲ ପାଇବା ଏ ସବୁ ଭଲ ପାଇବା- ହେଲା ଭଗବାନଙ୍କୁ ଭଲ ପାଇବାର ପ୍ରତିବିମ୍ବ ସେହିସବୁ ଜୀବନ୍ତ ମୂର୍ତ୍ତିଗୁଡିକ ଭିତରେ। ଭଲପାଅ। ବଳବୀର୍ଯ୍ୟବନ୍ତ ମଣିଷ ଭଳି ସମସ୍ତଙ୍କୁ ଭଲପାଅ ଓ ଆନନ୍ଦ ଅନୁଭବ କର। ସାହାଯ୍ୟକର ସମସ୍ତଙ୍କୁ। ଚିରକାଳ ପାଇଁ ଭଲପାଅ। -ଶ୍ରୀଅରବିନ୍ଦ

# ବିକଳ୍ପ ଲୋଡ଼ା

ଓଡ଼ିଆରେ ଢଗ ଅଛି- 'ଗୋଦରୀଲୋ ନିଜ ଗୋଡ଼କୁ ଅନା'। ଅର୍ଥାତ୍ ନିଜର ଦୋଷ ଦୁର୍ବଳତା ଦେଖିପାରୁ ନ ଥିବା ବ୍ୟକ୍ତି ଅନ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥାଆନ୍ତି। ବର୍ତ୍ତମାନ ଭାରତୀୟ ମୁଦ୍ରାର ସ୍ଥିତିକୁ ଦେଖିଲେ ଏନ୍‌ଡିଏ ସରକାରଙ୍କ ଅପରିଣାମଦର୍ଶୀ ନୀତି ଆଖି ସାମ୍ନାକୁ ଆସୁଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୭୧ ସ୍ତରରେ ରହିଛି। ଟଙ୍କାର ମୂଲ୍ୟ ଦ୍ରୁତଗତିରେ ଦୁର୍ବଳ ହେବାରେ ଏପରି ଲାଗିଛି ଯେ, ଆଗାମୀ ଦିନ ପାଇଁ ବିପଦର ସଂକେତ ଦେଲାଣି। ଏଭଳି ସ୍ଥଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ୟାଙ୍କରେ ବୃଦ୍ଧି ପାଇଥିବା ଅନାଦାୟ ଋଣ ବା ଏନ୍‌ପିଏ ପାଇଁ ଉପା ସରକାରଙ୍କୁ ଦାୟୀ କରିଛନ୍ତି। ଦେଖିବାକୁ ଗଲେ ମୋଦି ସରକାରଙ୍କ ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପ୍ରଚଳନ ଦ୍ୱାରା ଦେଶର ଅର୍ଥନୀତି କିଭଳି ନିମ୍ନଗାମୀ ହୋଇଚାଲିଛି, ତାହାର ଅସଂଖ୍ୟ ଦୃଷ୍ଟାନ୍ତ ଦେଖିବାକୁ ମିଳିଲାଣି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ସଦ୍ୟ ରିପୋର୍ଟ ଦେଖିଲେ ଆହୁରି ଚକିତ ହେବାକୁ ପଡ଼ିବ। ୨୦୧୮ ଅଗଷ୍ଟ ୨୯ରେ ଏହି ଶୀର୍ଷ ବ୍ୟାଙ୍କ ପକ୍ଷରୁ ବାର୍ଷିକ ରିପୋର୍ଟରେ ଦର୍ଶାଯାଇଛି ଯେ, ବିମୁଦ୍ରୀକରଣ ଯୋଗୁ ଅଚଳ କରାଯାଇଥିବା ନୋଟ୍‌ର ୯୯.୩ ପ୍ରତିଶତ ବ୍ୟାଙ୍କକୁ ଫେରିଛି। ଅର୍ଥାତ୍ ୦.୭% ବା ମାତ୍ର ୧୦,୭୨୦ କୋଟି ଟଙ୍କା ବ୍ୟାଙ୍କ ପରିସରଭୁକ୍ତ ହୋଇନାହିଁ। ଏହି ସାମାନ୍ୟ ପରିମାଣର ଅର୍ଥ ଲାଗି ସମଗ୍ର ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଦିଆଯିବା ସହ ବିମୁଦ୍ରୀକରଣ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଅର୍ଥନୀତିଜ୍ଞମାନେ କହିଲେଣି। ଏହିଭଳି ମତ ପୋଷଣ କରୁଥିବା ହେତୁ ପୂର୍ବରୁ ସରକାରଙ୍କ ଗେହ୍ଲା ପୁଅ ଭାବେ ପରିଚିତ ଥିବା ଅରବିନ୍ଦ ସୁବ୍ରମଣ୍ୟମ୍ ନିକଟରେ ତାଙ୍କ ପଦବୀରୁ ଓହରିଗଲେ। ଅନ୍ୟପକ୍ଷରେ ବିମୁଦ୍ରୀକରଣ ବ୍ୟକ୍ତିଗତ ସ୍ତରରେ ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ଭାଜପାକୁ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ସଫଳତା ଦେଇଥିଲା।

କଳାଧନ ଠାବ, ନକଲି ନୋଟ୍ ପ୍ରସାରଣ ବନ୍ଦ ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ଲାଗି ପାଣ୍ଠି ଯୋଗାଣ ଦିଗରେ ବିମୁଦ୍ରୀକରଣ ଶକ୍ତ ଧକ୍କା ପହଞ୍ଚାଇବ ବୋଲି ଡିଣ୍ଡିମ ପିଟି କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ଏଭଳି ନିଷ୍ପତ୍ତି ନେଇଥିଲେ। ଏହି ପଦକ୍ଷେପକୁ ୨ ବର୍ଷ ପୂରିବାକୁ ୨ ମାସ ବାକି ଥିବା ବେଳେ ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ରିପୋର୍ଟ ଭିନ୍ନ ଚିତ୍ର ପ୍ରଦର୍ଶନ କରିଛି। ବିମୁଦ୍ରୀକରଣ ପରେ ଛପା ଯାଇଥିବା ନୂଆ ୨୦୦୦ ଟଙ୍କିଆ ଏବଂ ୫୦୦ ଓ ୨୦୦ ଟଙ୍କିଆ ନୋଟ୍ ଲାଗି ଆର୍‌ବିଆଇକୁ ୧୨,୦୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଛି। ଏହି ପରିପ୍ରେକ୍ଷୀରେ ପରିସଂଖ୍ୟାନ ଦେଖିଲେ ବ୍ୟାଙ୍କକୁ ଫେରି ନ ଥିବା ୧୦,୭୨୦ କୋଟି ଟଙ୍କା ଅଚଳ ନୋଟ୍ ଅପେକ୍ଷା ନୂଆ ନୋଟ୍ ଛପାଇବା ଓ ଏହାର ନିରାପତ୍ତାଜନିତ ଖର୍ଚ୍ଚ ଅଧିକ ହୋଇଛି। ସେହିପରି ୨୦୧୭ ଜୁଲାଇ ୧ରେ ପ୍ରଚଳିତ ଜିଏସ୍‌ଟି ଲଘୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ କେଉଁଭଳି ଭାବେ ଧରାଶାୟୀ କରିଦେଇଛି, ତାହାର ପ୍ରମାଣ ଆମ ଚାରିକଡ଼େ ଛୋଟ ଉଦ୍ୟୋଗରେ ଝୁଲୁଥିବା ତାଲାକୁ ଦେଖିଲେ ବୁଝି ହେଉଛି।

ବିମୁଦ୍ରୀକରଣ ଯେବେ ଘୋଷଣା କରାଗଲା, ସେତେବେଳେ ଦେଶବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରାଗଲା ଯେ ଧନୀ ଲୋକଙ୍କ ପାଖରେ ରହିଥିବା କଳାଧନକୁ ସହଜରେ ଠାବ କରାଯାଇପାରିବ। ଫଳରେ ସାଧାରଣ ଲୋକେ ଏନ୍‌ଡିଏ ସରକାରଙ୍କ ପଦକ୍ଷେପରେ ଖୁସି ହୋଇ ଆଗକୁ ସେମାନଙ୍କ ପାଇଁ ଭଲ ଦିନ ଆସୁଛି ବୋଲି ଧରିନେଲେ। ଯେତେବେଳେ ନିଜର କଷ୍ଟାର୍ଜିତ ଟଙ୍କା (ଘୋଷଣା ପରେ ଅଚଳ)କୁ ବଦଳାଇବା ପାଇଁ ବ୍ୟାଙ୍କ ଆଗରେ ଲମ୍ବା ଧାଡ଼ିରେ ଠିଆ ହେବାକୁ ପଡ଼ିଲା, ସେତେବେଳେ ସୀମାନ୍ତରେ ସୈନିକମାନେ ଦେଶର ସୁରକ୍ଷା ଲାଗି କିଭଳି କଷ୍ଟ କରୁଛନ୍ତି ତାହାର ଦୃଷ୍ଟାନ୍ତ ଦିଆଗଲା। ସେତେବେଳେ ଲୋକେ ଏହିସବୁ କାହାଣୀକୁ ସ୍ୱୀକାର କରିନେଇଥିଲେ। ହେଲେ ନିଜ ସଞ୍ଚିତ ଅର୍ଥ ପାଇବାରେ ଦିନ ଦିନ ଗଡ଼ିଯିବାରୁ ପ୍ରତିକ୍ରିୟା ଆରମ୍ଭ ହୋଇଥିଲା। ଏବେ ଆର୍‌ବିଆଇ ରିପୋର୍ଟ ଦେବା ପରେ ସରଳିଆ ଲୋକେ ବୁଝିଗଲେଣି ଯେ, ଧନୀ ଲୋକମାନେ କଳାଧନ ନଗଦ ଆକାରରେ ନିଜ ପାଖରେ ଗଚ୍ଛିତ ରଖନ୍ତି ନାହିଁ। ରିୟଲ ଇଷ୍ଟେଟ୍ ଅର୍ଥାତ୍ ଜମି ଓ ଘର, ବଡ଼ କମ୍ପାନୀରେ ଶେୟାର, ସୁନା, ହୀରା ଏବଂ ବିଦେଶୀ ମୁଦ୍ରା ଆକାରରେ ସେମାନେ ସଞ୍ଚୟ କରିଥାଆନ୍ତି। ଅନ୍ୟପକ୍ଷରେ ବ୍ୟାଙ୍କ ନିକଟରେ ପହଞ୍ଚିବାର ସୁଯୋଗ ପାଇ ନ ଥିବା କିମ୍ବା ବ୍ୟାଙ୍କିଙ୍ଗ ବ୍ୟବସ୍ଥା ବିଷୟରେ ଅଜ୍ଞ ଥିବାରୁ ଗରିବ ଲୋକେ ଟଙ୍କାକୁ ଘରେ ବିଭିନ୍ନ ଉପାୟରେ ସାଇତି ରଖନ୍ତି। ସେହିଭଳି ମହିଳାମାନେ ମଧ୍ୟ ପରିବାରର ସୁରକ୍ଷା ପାଇଁ ନଗଦ ଟଙ୍କା ସାଇତି ରଖୁଥିଲେ। ଏପରି ନଗଦ ଅର୍ଥ ସଞ୍ଚି ରଖୁଥିବା ବ୍ୟକ୍ତିଙ୍କୁ ବିମୁଦ୍ରୀକରଣ କ୍ଷତି ପହଞ୍ଚାଇଥିଲା। ସୁନା କିଣିବା ବା ପରିବାରର ସ୍ୱାସ୍ଥ୍ୟ ସମସ୍ୟା ଭଳି ଜରୁରିକାଳୀନ ସ୍ଥିତିର ମୁକାବିଲା କରିବା ପାଇଁ ସ୍ୱାମୀଙ୍କଠାରୁ ଲୁଚାଇ ରଖିଥିବା ନଗଦ ଅର୍ଥ ବିମୁଦ୍ରୀକରଣ ଯୋଗୁ କ୍ଷତିରେ ପଡ଼ିଥିବା ଦେଖିବାକୁ ମିଳିଛି।

କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତି ଓ ଅଚାନକ ନେଉଥିବା ପଦକ୍ଷେପ ଦେଖି ସାଧାରଣ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସେମାନେ ବ୍ୟାଙ୍କରେ ଟଙ୍କା ଜମା କରିବା ଅପେକ୍ଷା ଘରେ ସାଇତିବାକୁ ବେଶି ପସନ୍ଦ କରୁଛନ୍ତି। ଫଳରେ ବ୍ୟାଙ୍କରେ ଜମା ପରିମାଣ କମିବାରେ ଲାଗିଛି। ଅନ୍ୟପକ୍ଷରେ ବିମୁଦ୍ରୀକରଣ ଯୋଗୁ ଅଧିକାଂଶ କ୍ଷୁଦ୍ର ଶିଳ୍ପ ବନ୍ଦ ହୋଇଯିବା କାରଣରୁ ୧ ଲକ୍ଷ କୋଟି ଟଙ୍କାର ଉତ୍ପାଦନ ହ୍ରାସ ପାଇଛି। ବିମୁଦ୍ରୀକରଣ ଓ ଜିଏସ୍‌ଟି ଲାଗୁ ହେବା ଯୋଗୁ ଆଉ ଗୋଟିଏ ଫାଇଦା ମିଳିଛି। ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ କରଦାତାଙ୍କ ସଂଖ୍ୟା ବଢ଼ିଛି। ହେଲେ ବିମୁଦ୍ରୀକରଣ ପାଇଁ କିମ୍ବା ଜିଏସ୍‌ଟି ସକାଶେ ଏହା ହୋଇଛି, ତାହା ସ୍ପଷ୍ଟ ଜଣାପଡ଼ି ନାହିଁ।

ବିମୁଦ୍ରୀକରଣକୁ ସବୁଆଡ଼ୁ ସମାଲୋଚନା କରାଯିବା ପରେ ଜନସାଧାରଣଙ୍କୁ ବିଭିନ୍ନ ଜନହିତକର ଯୋଜନାର ଲୋଭ ଦେଖାଇ ଦିଆଯାଉଛି। ଜନପ୍ରିୟ ଯୋଜନା ଶାସକ ଦଳ ପାଇଁ ଭୋଟ ପାଇବାରେ ସହାୟକ ହୋଇପାରେ। କିନ୍ତୁ ଏହା ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରତିଫଳନ କରେନାହିଁ। ବିମୁଦ୍ରୀକରଣ ଓ ଜିଏସ୍‌ଟି ଲାଗୁ କରି ସରକାର ଅର୍ଥନୀତିର ଯେଉଁ ବିରାଟ କ୍ଷତି କରିଛନ୍ତି, ତାହାକୁ ଭରଣା କରିବା ଲାଗି ବାସ୍ତବଧର୍ମୀ ବିକଳ୍ପ ସୃଷ୍ଟି କରିବା ଦରକାର।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | | | | | | 6 | | | | 3 | 9 | 7 | |
| 8 | A | | | | E | | 7 | | | | | | | 6 |
| | | | | | | 3 | D | | | 2 | | 4 | B | A |
| 3 | | 1 | | | 8 | | | | B | | 0 | | C | |
| | | D | 4 | | | | | | 5 | | 8 | 3 | | |
| | | | | | | | 5 | 9 | | | | | | 3 |
| | | | | | | 7 | | | | 4 | | C | E | |
| | | | 8 | 7 | | B | | | C | E | 5 | | D | 9 |
| | 4 | | | | | | | | 8 | 7 | | 5 | 1 | |
| 0 | | | | 2 | | D | | | 9 | B | | | 8 | |
| | | | | 3 | | | | | | | E | 8 | 2 | D |
| 7 | | | | A | 1 | | | | | | | | | |
| | | | | | | 6 | 9 | | 2 | | C | | | 7 |
| | | 5 | | B | 0 | 8 | 3 | | 4 | | | E | | |
| | | 3 | 9 | | 5 | | E | C | D | | | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | E | 1 | 4 | A | 7 | C | 0 | 6 | 5 | 9 | 8 | B | D |
| C | 8 | 1 | E | 5 | 6 | 9 | A | D | 3 | B | 4 | 7 | 2 | 0 |
| B | 0 | 6 | 2 | C | 8 | 4 | 3 | 1 | D | E | 7 | 5 | A | 9 |
| 9 | A | 5 | D | B | 7 | 2 | E | 6 | 0 | 8 | C | 4 | 3 | 1 |
| 4 | D | 7 | 9 | 3 | 0 | 8 | B | 5 | A | 2 | 1 | C | E | 6 |
| 0 | 4 | D | 5 | 8 | B | C | 2 | 9 | E | 3 | 6 | A | 1 | 7 |
| 2 | 5 | C | 7 | 6 | 3 | 0 | 8 | 4 | 9 | 1 | A | E | D | B |
| E | 3 | 8 | 4 | 9 | D | 6 | 1 | A | 7 | 0 | B | 2 | C | 5 |
| 1 | 9 | A | C | E | 2 | B | D | 7 | 8 | 4 | 5 | 6 | 0 | 3 |
| 7 | 6 | B | 0 | A | 1 | E | 5 | 3 | 2 | C | D | 9 | 4 | 8 |
| A | E | 4 | B | 0 | C | 5 | 9 | 8 | 1 | 6 | 3 | D | 7 | 2 |
| 5 | 1 | 2 | A | 7 | 4 | 3 | 6 | B | C | D | 8 | 0 | 9 | E |
| 6 | B | 0 | 8 | 1 | E | D | 7 | C | 4 | 9 | 2 | 3 | 5 | A |
| D | 7 | 3 | 6 | 2 | 9 | 1 | 4 | E | 5 | A | 0 | B | 8 | C |
| 8 | C | 9 | 3 | D | 5 | A | 0 | 2 | B | 7 | E | 1 | 6 | 4 |

ଗତକାଲିର ଉତ୍ତର



# ପରମାଣୁ ବୋମାଠାରୁ ବିପଜ୍ଜନକ ପ୍ଲାଷ୍ଟିକ୍

ଅଲେଖ ଚନ୍ଦ୍ର ସାମଲ

ପ୍ରତି ମିନିଟରେ ୧୦ଲକ୍ଷ ପଲିଥିନ୍ ବ୍ୟାଗ, ପ୍ରତିବର୍ଷ ୮୮ଲକ୍ଷ ଟନ୍ ପ୍ଲାଷ୍ଟିକ୍ ସମୁଦ୍ରକୁ ଯାଉଛି। ଦୁଗ୍ଧ ପ୍ୟାକେଟ୍‌ଠାରୁ ଆରମ୍ଭ କରି ଔଷଧ ବୋତଲ ପର୍ଯ୍ୟନ୍ତ ସବୁଥିରେ ଆଜି ଆମେ ଆଖିବୁଜି ପ୍ଲାଷ୍ଟିକ୍‌ର ବ୍ୟବହାର କରିଚାଲିଛେ। ପ୍ରତିବର୍ଷ ପୃଥିବୀରେ ୫ଶହ ମିଲିୟନ ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ହେଉଛି। ପ୍ରତି ମିନିଟ୍‌ରେ ଲକ୍ଷ ଲକ୍ଷ ପ୍ଲାଷ୍ଟିକ୍ ବ୍ୟାଗ୍ ଫୋପଡ଼ା ହେଉଛି। ପ୍ଲାଷ୍ଟିକ୍ ଆମକୁ ଅନେକ ସୁବିଧା ଦେଇଛି, ତେବେ ବିପଦକୁ ବରଣ କରିବାର ସର୍ତ୍ତ ସହ। ପ୍ଲାଷ୍ଟିକ୍‌ଜନିତ ପ୍ରଦୂଷଣରେ ଭାରତ ଦୁନିଆର ଶୀର୍ଷ ୨୦ ଦେଶ ମଧ୍ୟରେ ଅନ୍ୟତମ। ଭାରତରେ ପ୍ରତିଦିନ ୧୫୩୪୨ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ସୃଷ୍ଟି ହେଉଛି। ଏ ମଧ୍ୟରୁ ୯୨୦୫ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ଏକତ୍ର କରାଯାଉଛି ଏବଂ ୬୧୩୭ଟନ୍ ବିପର୍ଯ୍ୟସ୍ତ ଭାବରେ ଖେଳେଇ ହୋଇରହୁଛି। ପ୍ଲାଷ୍ଟିକ୍ ଉପରେ କଟକଣା ପାଇଁ କେନ୍ଦ୍ର ନିୟମ କରିଛି, ରାଜ୍ୟଗୁଡ଼ିକରେ ନିଷେଧାଜ୍ଞା ଜାରି ହୋଇଛି, ହେଲେ ପ୍ଲାଷ୍ଟିକ୍‌ର ବ୍ୟବହାର କମ୍ ହୋଇନି। ୨୦୧୬ରେ କେନ୍ଦ୍ର ସରକାର ନୂତନ ପ୍ଲାଷ୍ଟିକ୍ ନିୟମ ଲାଗୁ କଲେ। ପଲିଥିନ୍‌ର ମୋଟେଇ ୪୦ ମାଇକ୍ରନ୍‌ରୁ ୫୦ ମାଇକ୍ରନ୍ କରାଗଲା। ପ୍ଲାଷ୍ଟିକ୍ ଉତ୍ପାଦନକୁ କଲେକ୍ଟ ବ୍ୟାକ୍ ପ୍ରଣାଳୀ ସହ ଯୋଡ଼ାଗଲା। ଅର୍ଥାତ୍ ନିର୍ମାତାଙ୍କ ଉପରେ ବଜାରରୁ ପ୍ଲାଷ୍ଟିକ୍ ଫେରାଇ ନେବାର ଦାୟିତ୍ୱ ଦିଆଗଲା। ପଞ୍ଜାବ, ମଧ୍ୟପ୍ରଦେଶ, ଜମ୍ମୁ-କଶ୍ମୀର, ଦିଲ୍ଲୀ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମହାରାଷ୍ଟ୍ର, ରାଜସ୍ଥାନ, ହିମାଚଳପ୍ରଦେଶ, ଗୋଆ ଓ ପଶ୍ଚିମବଙ୍ଗ ମଧ୍ୟ ପଲିଥିନ୍ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି। ବର୍ତ୍ତମାନ ପ୍ଲାଷ୍ଟିକ୍ ଆବର୍ଜନା ଉତ୍ପାଦନରେ ସବୁଠାରୁ ଆଗରେ ମହାରାଷ୍ଟ୍ର, ଗୁଜରାଟ ଓ ତାମିଲନାଡୁ ଅଛନ୍ତି। ଦିଲ୍ଲୀରେ ପରିବେଶର ସର୍ବାଧିକ କ୍ଷତି କରୁଥିବା ଡିସ୍ପୋଜେବ୍‌ଲ ବାସନ ଓ ଅନ୍ୟାନ୍ୟ ଉପକରଣର ବ୍ୟବହାର ଉପରେ କଟକଣା ଜାରି ହୋଇଛି।

ପ୍ଲାଷ୍ଟିକ୍ ବାସନକୁସନ ପରିବେଶ ପାଇଁ ଯେତିକି କ୍ଷତିକାରକ ତା'ଠାରୁ ଅଧିକ କ୍ଷତିକାରକ ଶରୀର ନିମନ୍ତେ। କିନ୍ତୁ ଦିଲ୍ଲୀ ବ୍ୟତୀତ ଅନ୍ୟ କୌଣସି ରାଜ୍ୟରେ ଏହା ଉପରେ କଟକଣା ନାହିଁ। ପ୍ଲାଷ୍ଟିକ୍ ସହଜରେ ମାଟିରେ ମିଶେନି। ୫୦ ମାଇକ୍ରନ୍‌ଠାରୁ ପତଳା ପଲିଥିନ୍ ଚିରି ଖଣ୍ଡ ଖଣ୍ଡ ହୋଇ ରହିବା ଫଳରେ ଭୂତଳ ଜଳ ବିଷାକ୍ତ ହୁଏ। ପ୍ଲାଷ୍ଟିକ୍ ଯୋଗୁ ଜଳଜୀବମାନଙ୍କ ଜୀବନ ଉପରେ ବିପଦ ସୃଷ୍ଟି ହେଉଛି। ମୁମ୍ବାଇ, ଆଣ୍ଡାମାନ-ନିକୋବର ଓ କେରଳର ବେଳାଭୂମି ପ୍ଲାଷ୍ଟିକ୍ ଆବର୍ଜନା ଦ୍ୱାରା ସବୁଠାରୁ ପ୍ରଦୂଷିତ। ପ୍ଲାଷ୍ଟିକ୍ ଆବର୍ଜନାକୁ ଗର୍ତ୍ତ ପୂରଣ ପାଇଁ ବ୍ୟବହାର କରିବା ନିମନ୍ତେ ଏହାକୁ ଜଳାଇ ଦିଆଯାଉଛି। ଫଳରେ ବାୟୁମଣ୍ଡଳରେ ବିଷାକ୍ତ ଗ୍ୟାସ୍ ମିଶି ବାୟୁ ପ୍ରଦୂଷଣ ହେଉଛି। ପ୍ଲାଷ୍ଟିକ୍ କେବଳ ଭୂପୃଷ୍ଠକୁ ନୁହେଁ ସମୁଦ୍ରକୁ ମଧ୍ୟ ଡମ୍ପିଂୟାର୍ଡରେ ପରିଣତ କରିଦେଇଛି। ପ୍ରତିବର୍ଷ ୧ବିଲିୟନ ପଲିଥିନ୍ ବ୍ୟାଗ୍ ଉତ୍ପାଦନ ହେଉଛି। ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ୍ ସମ୍ପୂର୍ଣ୍ଣ ଭାବରେ ମାଟିରେ ମିଶିବା ପାଇଁ ହଜାରେ ବର୍ଷ ଲାଗେ। ଆମେ ପ୍ରତିବର୍ଷ ଯେଉଁ ୩୫ ଲକ୍ଷ ପଲିଥିନ୍ ବ୍ୟାଗ୍ ଫିଙ୍ଗୁଛୁ ତାହା କିଭଳି ଆବର୍ଜନା ବଢ଼ାଉଥିବ ତାହା ସହଜରେ ଅନୁମେୟ। ପଲିଥିନ୍ ବ୍ୟାଗ୍‌ଜନିତ ପ୍ରଦୂଷଣ ଯୋଗୁ ପ୍ରତିବର୍ଷ ଏକଲକ୍ଷରୁ ଅଧିକ ସାମୁଦ୍ରିକ ଜୀବ ପ୍ରାଣ ହରାଉଛନ୍ତି। ସମୁଦ୍ରରେ ଏକ ବର୍ଗମାଇଲ ପରିମିତ ଅଞ୍ଚଳରେ ୪୫ ହଜାର ପଲିଥିନ୍ ଜମା ହୋଇରହୁଛି। ପ୍ରତିବର୍ଷ ପଲିଥିନ୍ ବ୍ୟାଗ୍ ପ୍ରସ୍ତୁତି ପାଇଁ ୪.୩ ବିଲିୟନ ଗ୍ୟାଲନ୍ ଅଶୋଧିତ ତୈଳ ବ୍ୟବହାର କରାଯାଉଛି। ସୋସାଇଟି ଅଫ୍ ଦି ପ୍ଲାଷ୍ଟିକ୍ ଇଣ୍ଡଷ୍ଟ୍ରିର ସୂଚନା ଅନୁଯାୟୀ ପ୍ଲାଷ୍ଟିକ୍ ୭ ପ୍ରକାର। ତେବେ ୬ ପ୍ରକାର ପ୍ଲାଷ୍ଟିକ୍ ସାଧାରଣତଃ ବ୍ୟବହାର କରାଯାଏ। ସାଧାରଣରେ ଧାରଣା ଥାଏ ଖାଦ୍ୟପଦାର୍ଥ ପ୍ଲାଷ୍ଟିକ୍ ବଟଲରେ ସୁରକ୍ଷିତ ରହେ। କିନ୍ତୁ ଖରାଦିନେ ଏଥିପାଇଁ ଆମକୁ ସାବଧାନ ହେବାକୁ ପଡ଼ିବ। ହାଲ୍‌କା ମାନର ପ୍ଲାଷ୍ଟିକ୍‌ରୁ ପରିବେଶର ଉତ୍ତାପ ଦ୍ୱାରା ବିଷାକ୍ତ ଉପାଦାନ ନିର୍ଗତ ହୁଏ। ଚଳିତବର୍ଷ ଆମ ଦେଶରେ ପ୍ଲାଷ୍ଟିକ୍ ବ୍ୟବହାର ଆହୁରି ୨୦ ପ୍ରତିଶତ ବଢ଼ିଯିବ, ଅର୍ଥାତ୍ ୧୭୮ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ବ୍ୟବହାର ହେବ। ୨୦୧୫-୧୬ରେ ଏହି ପରିମାଣ ୧୪୮ ଲକ୍ଷ ଟନ୍ ଥିଲା। ସୋସାଇଟିର ସୂଚନା ଅନୁଯାୟୀ ପେଟ୍ ପ୍ଲାଷ୍ଟିକ୍ ଅର୍ଥାତ୍ ପାଣି, ତେଲ ଆଦିର ବଟଲ ଯେଉଁ ପ୍ଲାଷ୍ଟିକ୍‌ରୁ ପ୍ରସ୍ତୁତ ହୁଏ, ତାହା ଅଧିକ ବିପଜ୍ଜନକ ନୁହେଁ। ସେହିପରି ଦୁଗ୍ଧ ବଟଲ, ପାଣିଜଗ୍, ଜୁସ୍ ବଟଲ, ଶାମ୍ପୁ ବଟଲ ଏବଂ ଖେଳନା ଆଦି ପ୍ରସ୍ତୁତ ହେଉଥିବା ଏଚ୍‌ଡିପିଆଇ ପ୍ଲାଷ୍ଟିକ୍ ଓ ଏଲ୍‌ଡିପିଇ ପ୍ଲାଷ୍ଟିକ୍ କମ୍ ବିପଜ୍ଜନକ ଏବଂ ଏହାକୁ ସହଜରେ ପୁନର୍ବ୍ୟବହାର କରାଯାଇପାରେ। କିନ୍ତୁ ପିଭିସି ପ୍ଲାଷ୍ଟିକ୍ ଖୁବ୍ ବିପଜ୍ଜନକ। ଏହାଛଡ଼ା ପିପିପଲି ପ୍ଲାଷ୍ଟିକ୍‌କୁ ପୁନଃଚକ୍ରଣ କରି ବ୍ୟବହାର କରାଯାଇପାରେ। ଏହି ପ୍ରକାର ପ୍ଲାଷ୍ଟିକ୍‌ରୁ ଖାଦ୍ୟ ପ୍ୟାକିଂ ହେଉଥିବା ଡବା ଏବଂ ଔଷଧ ବଟଲ ପ୍ରସ୍ତୁତ ହୁଏ। ପିଏସ୍ ପ୍ଲାଷ୍ଟିକ୍‌କୁ ପୁନର୍ବାର ବ୍ୟବହାର କରାଯାଇପାରେ ନାହିଁ। ପ୍ରକୃତି ଆମକୁ ଯେଉଁ ପାଣି ମାଗଣାରେ ଦେଇଛି ଏବେ ତାହାର ବଜାରୀକରଣ ହୋଇସାରିଛି। କେବଳ ଭାରତରେ ପାଣି ବୋତଲର ବ୍ୟବସାୟ ୧୦୬ ମିଲିୟନ ଟଙ୍କା। ୨୦୨୦ ମସିହା ସୁଦ୍ଧା ସାରା ବିଶ୍ୱରେ ବୋତଲ ବନ୍ଦ ପାଣିର ବ୍ୟବସାୟ ୨୮୦ ମିଲିୟନ ଡଲାରରେ ପହଞ୍ଚିଥିବ। ପ୍ଲାଷ୍ଟିକ୍ ଆବର୍ଜନାଜନିତ ସମସ୍ୟାର ସମାଧାନ ରହିଛି ପୁନଃଚକ୍ରଣରେ। ଏକ ଟନ୍ ପୁନଃଚକ୍ରିତ ପ୍ଲାଷ୍ଟିକ୍ ଦ୍ୱାରା ୬୮୫ ଗ୍ୟାଲନ୍ ଅଶୋଧିତ ତୈଳର ବ୍ୟବହାର କମ୍ ହୋଇଥାଏ, ୫୭୭୪ କିଲୋୱାଟ୍ ବିଦ୍ୟୁତ୍ ଖର୍ଚ୍ଚ କମ୍ ହୁଏ। ସବୁଠାରୁ ବଡ଼କଥା ପକ୍ଷୀ, ପ୍ରଜାପତି ଏବଂ ଡଲ୍‌ଫିନ୍‌କୁ ସୁରକ୍ଷା ମିଳେ। ପ୍ରକୃତି ଆମକୁ ଅନେକ କିଛି ଦେଇଛି। ସମସ୍ତ ଆବଶ୍ୟକତା ପୂରଣ କରିବାର କ୍ଷମତା ପ୍ରକୃତିର ରହିଛି। ପ୍ରକୃତି ଆମକୁ ୩ ବିଲିୟନ ବୃକ୍ଷ ଦେଇଛି। ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ପାଇଁ ୪୨୨ଟି ଗଛ। ବ୍ୟକ୍ତି ପିଛା ଗଛ ହିସାବରେ କାନାଡ଼ା ସବୁଠାରୁ ଆଗରେ ରହିଛି। ଏଠାରେ ବ୍ୟକ୍ତି ପିଛା ଗଛ ସଂଖ୍ୟା ୮୯୫୩। ସବୁଠାରୁ କମ୍ ଗଛ ଅଛି ମିଶରବାସୀଙ୍କ ପାଇଁ। ଏଠାରେ ବ୍ୟକ୍ତି ପିଛା ଗଛ ସଂଖ୍ୟା ମାତ୍ର ୧। ଫିନ୍‌ଲାଣ୍ଡରେ ପ୍ରତି ବର୍ଗକିଲୋମିଟରରେ ୭୨ ହଜାର ଗଛ ରହିଛି। ଏହା ବିଶ୍ୱରେ ସର୍ବାଧିକ। ଏହି କାରଣରୁ ଫିନ୍‌ଲାଣ୍ଡ ବିଶୁଦ୍ଧ ବାୟୁ ମାମଲାରେ ବିଶ୍ୱରେ ତୃତୀୟ ସ୍ଥାନରେ ରହିଥିବା ବେଳେ ସୁଖୀ ଦେଶ ତାଲିକାରେ ପଞ୍ଚମ ସ୍ଥାନରେ ରହିଛି। ଗଛ ଆମକୁ ପ୍ରତିବର୍ଷ ୬ ମିଲିୟନ ଟନ୍ ଅମ୍ଳଜାନ ଦେଉଛି। ନାଇଟ୍ରୋଜେନ ଓ ଅମ୍ଳଜାନ ପରି ୧୦ଟି ଗ୍ୟାସ୍ ମିଶି ଆମ ବାୟୁମଣ୍ଡଳ ସୃଷ୍ଟି ହୋଇଛି। ଏ ମଧ୍ୟରୁ ସବୁଠାରୁ ଜରୁରୀ ଅମ୍ଳଜାନ। ବାୟୁମଣ୍ଡଳରେ ଏହାର ପରିମାଣ ୨୧ ପ୍ରତିଶତ। ଆମ ଜୀବନ ପାଇଁ ଆବଶ୍ୟକ ଥିବା ଅମ୍ଳଜାନ ଗଛରୁ ମିଳୁଛି। କିନ୍ତୁ ମଣିଷ ନିଜର ଲୋଭ ଯୋଗୁ ଗଛ କାଟିବା ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ ପରିମାଣ କମ୍ ହେବାରେ ଲାଗିଛି। ଏଥିସହ ବାୟୁମଣ୍ଡଳର ପ୍ରଦୂଷଣ ଯୋଗୁ ଏହା କ୍ରମଶଃ ବିଷାକ୍ତ ହେଉଛି। ମାନବ ସଭ୍ୟତାର ବୃଦ୍ଧି ସହ ପୃଥିବୀପୃଷ୍ଠରୁ ୪୬ ପ୍ରତିଶତ ବୃକ୍ଷ ହ୍ରାସ ପାଇସାରିଛି। ପ୍ରତିବର୍ଷ ୭୩ ଲକ୍ଷ ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି। ଏହାଫଳରେ ଅମ୍ଳଜାନ ପରିମାଣ ମଧ୍ୟ କମ୍ ହେଉଛି। ଆଧୁନିକୀକରଣ ଯୋଗୁ ପ୍ରତିବର୍ଷ ୪୦ ମିଲିୟନ ଟନ୍ କାର୍ବନ୍‌ଡାଇଅକ୍ସାଇଡ୍ ବାୟୁମଣ୍ଡଳରେ ମିଶୁଛି। ଏହାର ମୁଖ୍ୟ କାରଣ ପ୍ଲାଷ୍ଟିକ୍ ଏବଂ କଳକାରଖାନା ଓ ଯାନବାହନରୁ ନିର୍ଗତ ଧୂଆଁ। ଏହା ବ୍ୟତୀତ ପ୍ଲାଷ୍ଟିକ୍ ଜଳସମ୍ପଦର ପ୍ରଦୂଷଣ ନିମନ୍ତେ ମଧ୍ୟ ଦାୟୀ। ମନୁଷ୍ୟ ୭୦ ପ୍ରତିଶତ ଆବର୍ଜନା ନଦୀକୁ ଛାଡ଼ି ଦେଉଛି। ଫଳରେ ଆମ ଜଳସ୍ରୋତଗୁଡ଼ିକ ପ୍ରଦୂଷିତ ହେଉଛି। କେବଳ ମଣିଷ ନୁହେଁ, ପ୍ରଦୂଷଣ ଜୀବଜଗତ ପାଇଁ ମଧ୍ୟ ବିପଦର କାରଣ ହୋଇଛି। ଭାରତରେ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ତାଲିକା ଦିନକୁ ଦିନ ଲମ୍ବା ହୋଇଯାଉଛି। ୨୦୧୪ ମସିହାର ଲିଭିଂ ପ୍ଲାନେଟ୍ ରିପୋର୍ଟ ଅନୁଯାୟୀ ୧୯୭୦-୨୦୧୦ ମଧ୍ୟରେ ଜୀବଜନ୍ତୁଙ୍କ ସଂଖ୍ୟା ୫୨ ପ୍ରତିଶତ ହ୍ରାସ ପାଇଛି। କାରଣ ସେମାନଙ୍କ ବାସସ୍ଥାନ ଜଙ୍ଗଲ ଏବେ ମନୁଷ୍ୟ କବ୍‌ଜାରେ ରହିଛି। ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ପ୍ରଦୂଷଣ ଯୋଗୁ ସାମୁଦ୍ରିକ ଜୀବଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି।

ସହକାରୀ ବନ୍ୟ ସଂରକ୍ଷକ, ରାୟଗଡ଼ା ବନ୍ୟ ଡିଭିଜନ, ରାୟଗଡ଼ା, ମୋ- ୯୪୩୭୨୫୬୭୧୨୩



# ଗବେଷଣା ଓ ଆତଙ୍କ

କମଳାକାନ୍ତ ଜେନା

୧୦ ବର୍ଷ ତଳର ଘଟଣା। ୨୦୦୮ ମସିହା ସେପ୍ଟେମ୍ବର ୧୦ ତାରିଖ ପାଖେଇ ଆସୁଥିଲା। ଲୋକମାନେ ଭୟରେ ଜଡସଡ ହୋଇଉଠୁଥିଲେ। ବିଜ୍ଞାନର ଏକ ଯୁଗାନ୍ତକାରୀ ଗବେଷଣାକୁ ନେଇ ବିଭିନ୍ନ ଟିଭି ଚାନେଲରେ ପ୍ରଚାରିତ ଦୃଶ୍ୟ ଲୋକମାନଙ୍କ ହୃଦୟରେ ଅଯଥା ଆତଙ୍କ ସୃଷ୍ଟି କରିଥିଲା। କିଏ କହୁଥିଲା, ପୃଥିବୀ ସଂକୁଚିତ ହୋଇ ବିନ୍ଦୁ ପାଲଟିଯିବ। ଆଉ କିଏ କହୁଥିଲା, କ୍ଷୁଦ୍ର ବ୍ଲାକ୍‌ହୋଲ ଭିତରେ ସମସ୍ତେ ଚିପି ହୋଇଯିବା। ଏପରି କି ସାରା ବ୍ରହ୍ମାଣ୍ଡ ଧ୍ୱଂସ ହେଇଯିବ ବୋଲି କେତେକ ଚାନେଲରେ ପ୍ରଚାରିତ ହେଉଥିଲା। ଏସବୁର କାରଣ ବୈଜ୍ଞାନିକ ଗବେଷଣା ବୋଲି କୁହାଯାଉଥିଲା। ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ସମୟରେ ଘଟିଥିବା ବିଗ୍‌ବ୍ୟାଙ୍ଗ୍ ବିସ୍ଫୋରଣ ଉପରେ ହେଉଥିବା ଗବେଷଣା ସକାଶେ ସେପ୍ଟେମ୍ବର ୧୦ ତାରିଖରେ ପୃଥିବୀ ଧ୍ୱଂସ ହେବ ବୋଲି ଲୋକଙ୍କୁ ସନ୍ଦେଶ ମିଳୁଥିଲା। ତେଣୁ ସାଧାରଣ ଜନତା ବୈଜ୍ଞାନିକମାନଙ୍କୁ ଗାଳିଦେବା ଆରମ୍ଭ କଲେ। ବୈଜ୍ଞାନିକ ବଦଳରେ ସେମାନେ ଟିଭି ଚାନେଲରେ ଉଡୁଥିବା ସୂଚନାକୁ ବିଶ୍ୱାସ କରୁଥିଲେ। ସେପ୍ଟେମ୍ବର ୧୦ ତାରିଖରେ ମୃତ୍ୟୁ ନିଶ୍ଚିତ ବୋଲି ଭାବିନେଲେ। ତେଣୁ ମରିବା ପୂର୍ବରୁ କିଛି ଲୋକ ନିଜର ପଇସାପତ୍ର ସାରିବାକୁ ଲାଗିଲେ। କିଛି ଲୋକ ମନ ଭରି ମାଛମାଂସ ବି ଖାଇଲେ।

ବହୁ ବିଳମ୍ବରେ ଗୋଟିଏ ଦୁଇଟା ଚାନେଲରେ ବୈଜ୍ଞାନିକମାନେ ବସି ସାଧାରଣ ଲୋକଙ୍କୁ ପ୍ରକୃତ ଘଟଣାକୁ ବୁଝେଇବା ପାଇଁ ଚେଷ୍ଟା କଲେ। କିନ୍ତୁ ସେତେବେଳେ ଲୋକମାନେ ଆଉ ବୁଝିବା ଅବସ୍ଥାରେ ନ ଥିଲେ। ବୈଜ୍ଞାନିକମାନଙ୍କୁ ବିଶ୍ୱାସ କରିବାକୁ ସେମାନଙ୍କର ଇଚ୍ଛା ବି ନ ଥିଲା। ଭୟ ଓ ସନ୍ଦେହ ଭିତରେ ସେପ୍ଟେମ୍ବର ୧୦ ତାରିଖ ଆସିଲା। ୟୁରୋପର ଜେନିଭାଠାରେ ବିଗ୍‌ବ୍ୟାଙ୍ଗ୍ ମେଶିନ୍‌ରେ ପରୀକ୍ଷଣ ଆରମ୍ଭ ହେଲା। କାହିଁ, ପୃଥିବୀ ତ ଧ୍ୱଂସ ହେଲା ନାହିଁ। ବ୍ଲାକ୍‌ହୋଲ ଭିତରେ ସମସ୍ତେ ଚିପି ହୋଇଗଲେ ନାହିଁ। ସାଧାରଣ ଲୋକଙ୍କ ଉପରେ ଏହାର କୌଣସି କୁପ୍ରଭାବ ପରିଲକ୍ଷିତ ହେଲା ନାହିଁ। ସବୁ ଆତଙ୍କ ଓ ମିଥ୍ୟା ପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡିଲା।

ଏମିତି ଅନେକ ପରିବେଶରେ ଲୋକମାନେ ବୈଜ୍ଞାନିକ ଗବେଷଣାକୁ ନେଇ ଅନ୍ଧବୁଝାମଣାର ଶିକାର ହେବାର ଉଦାହରଣ ରହିଛି। ଏମିତି ଭୁଲ ବୁଝାମଣା ହେବା ପଛରେ ଅନେକ କାରଣ ରହିଛି। ମୁଖ୍ୟ କାରଣ ହେଉଛି ସେମାନଙ୍କ ଗବେଷଣା ସମ୍ପର୍କିତ ଅନଭିଜ୍ଞତା। କାହିଁକି ନା, ଏକଥା ସତ, ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ସାଧାରଣ ଲୋକଙ୍କୁ ସୁବିଧା ଦେଇଛି। ସେମାନଙ୍କର ଜୀବନକୁ ସହଜ ଓ ସୁଖମୟ କରିପାରିଛି। ସେମାନଙ୍କର ସ୍ୱପ୍ନକୁ ବିଜ୍ଞାନ ଆଜି ସାକାର କରିଛି। ଟିଭି, ରେଡିଓ, ମୋବାଇଲ ଓ ଅନ୍ତର୍ଜାଲ ବ୍ୟବସ୍ଥା ଦେଇଛି। କିନ୍ତୁ ସେସବୁ ଯନ୍ତ୍ରପାତି ଓ ବ୍ୟବସ୍ଥାର ଆବିଷ୍କାର ଓ ଉଦ୍ଭାବନ ପଛରେ ରହିଥିବା ଗବେଷଣା ବିଷୟରେ ସାଧାରଣ ଲୋକ ଜାଣନ୍ତି ନାହିଁ। ଗବେଷଣା ଓ ପରୀକ୍ଷଣ ପଛରେ ରହିଥିବା ବିଭିନ୍ନ ପ୍ରକାରର ବାଧାବିଘ୍ନ ବିଷୟରେ ସେମାନେ ଅନଭିଜ୍ଞ। ପ୍ରକୃତ କଥା ହେଉଛି, ସେମାନଙ୍କୁ ସେକଥା କୁହାଯାଇ ନାହିଁ କିମ୍ବା ସେମାନେ ଜାଣିବାର ସୁଯୋଗ ପାଇନାହାନ୍ତି। ବୈଜ୍ଞାନିକ ଗବେଷଣା ସହିତ ସେମାନଙ୍କୁ ପରିଚିତ କରାଇବା ଦରକାର। କେମିତି ପରୀକ୍ଷଣ ପରେ ପରୀକ୍ଷଣ, ବିଫଳତା ପରେ ବିଫଳତା ଏବଂ କେତେ ଏକାଗ୍ରତା ଓ କଠିନ ପରିଶ୍ରମ ପରେ ସଫଳତାର ସ୍ୱାଦ ମିଳେ, ସେକଥା ସେମାନେ ଅନୁଭବ କରିପାରିବେ। ଏହା ସେମାନଙ୍କ ହୃଦୟରେ ବୈଜ୍ଞାନିକମାନଙ୍କ ପ୍ରତି ଯଥେଷ୍ଟ ବିଶ୍ୱାସ ସୃଷ୍ଟି କରିପାରିବ।

ଆମର ବିଜ୍ଞାନ ଗବେଷଣା ଓ ସାଧାରଣ ଜନତାଙ୍କ ଭିତରେ ରହିଥିବା ବ୍ୟବଧାନ ସକାଶେ ସାଧାରଣ ଲୋକଙ୍କୁ କିଛି ମାତ୍ରାରେ ଦାୟୀ କରିପାରିବା। କାରଣ ସେମାନେ ଟିଭି, ମୋବାଇଲ ଓ ଅନ୍ତର୍ଜାଲ ବ୍ୟବସ୍ଥାରେ ମନୋରଞ୍ଜନ କରିବାରେ ସବୁ ସମୟ ଦେଉଛନ୍ତି। ବିଜ୍ଞାନକୁ ବୁଝିବା ଦିଗରେ କିମ୍ବା ନୂଆ ନୂଆ ବୈଜ୍ଞାନିକ ଗବେଷଣା ବିଷୟରେ ଜାଣିବା ଦିଗରେ ଇଚ୍ଛା ପ୍ରକାଶ କରୁନାହାନ୍ତି। ବର୍ତ୍ତମାନର ଯୁଗ ବିଜ୍ଞାନର ଯୁଗ, ସମସ୍ତେ ବିଜ୍ଞାନ ଓ ବୈଜ୍ଞାନିକ ଗବେଷଣା ସହିତ ପରିଚିତ ହେବା ଦରକାର। ସମସ୍ତଙ୍କୁ ବିଜ୍ଞାନଯୁଗ ସହିତ ପରିଚିତ କରାଇବା କ୍ଷେତ୍ରରେ ଗବେଷଣାରତ ବୈଜ୍ଞାନିକମାନଙ୍କର ବିଶେଷ ଭୂମିକା ରହିଛି। ଯେଉଁମାନେ ବିଜ୍ଞାନ ସହିତ ଜଡିତ ଓ ବୈଜ୍ଞାନିକ ଗବେଷଣାରତ, ସେମାନେ କିଛି ସମୟ ଜନସଚେତନତା କ୍ଷେତ୍ରରେ ପ୍ରୟାସ କରିବା ଆବଶ୍ୟକ। ନଚେତ୍ ଲୋକମାନେ ଗୁଜବ ଓ ଭୁଲ ସୂଚନାର ଶିକାର ହେବେ।

୨୦୦୮ ମସିହାରେ ଠିକ୍ ଏଇ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଚଣ୍ଡ ବିଗ୍‌ବ୍ୟାଙ୍ଗ୍ ବିସ୍ଫୋରଣରୁ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ହୋଇଥିଲା। ତେଣୁ ବିଶ୍ୱବ୍ରହ୍ମାଣ୍ଡକୁ ବୁଝିବା ପାଇଁ ବୈଜ୍ଞାନିକମାନେ ଜେନିଭାରେ ୨୭ କିଲୋମିଟର ଲମ୍ବ ବିଶାଳ ଯନ୍ତ୍ରଟିଏ ତିଆରି କରିଥିଲେ। ସେହି ଯନ୍ତ୍ର ଭିତରେ ସୂର୍ଯ୍ୟର ଏକ ଲକ୍ଷ ଗୁଣ ତାପମାତ୍ରା ସୃଷ୍ଟି କରି ସେପ୍ଟେମ୍ବର ୧୦ ତାରିଖ ଦିନ ବିଗ୍‌ବ୍ୟାଙ୍ଗ୍ ବିସ୍ଫୋରଣ ଆରମ୍ଭ କରିବାର ଯୋଜନା କରିଥିଲେ। ସବୁଠାରୁ ବଡ କଥା, ତାହା ଥିଲା ସମ୍ପୂର୍ଣ୍ଣ ନିୟନ୍ତ୍ରିତ। ବିସ୍ଫୋରଣ ତାପଶକ୍ତିକୁ ଧୂଳିକଣା ପରି କ୍ଷୁଦ୍ରାତିକ୍ଷୁଦ୍ର ଆୟତନ ଭିତରେ ଆବଦ୍ଧ କରି ରଖିବାର ସୁରକ୍ଷିତ ବ୍ୟବସ୍ଥା ଥିଲା। ପୃଥିବୀର ୮୫ ଦେଶରୁ ପ୍ରାୟ ୧୦୦୦୦ ବୈଜ୍ଞାନିକ ୨୫ ବର୍ଷ ଧରି ସେଇ ବିସ୍ଫୋରଣ ମୁହୂର୍ତ୍ତକୁ ଅପେକ୍ଷା କରି ରହିଥିଲେ। ଗବେଷଣାରେ ଏତେ ସବୁ ଯୋଜନା ପୃଥିବୀକୁ ଧ୍ୱଂସ କରିବା ପାଇଁ କରାଯାଇ ନ ଥିଲା। କିନ୍ତୁ ସାଧାରଣ ଜନତାଙ୍କ ନିକଟରେ ଭୁଲ ସନ୍ଦେଶ ପହଞ୍ଚିଥିଲା। ବିସ୍ଫୋରଣରେ ପୃଥିବୀ ଧ୍ୱଂସ ହେବ ବୋଲି ପ୍ରଚାରିତ ହେଲା। ଗବେଷଣାର ଆଭିମୁଖ୍ୟ, ସେଥିରେ ବ୍ୟବହୃତ ଯନ୍ତ୍ରପାତି ଓ ପରୀକ୍ଷଣ ପଦ୍ଧତି ସମ୍ପର୍କରେ ସାଧାରଣ ଲୋକ ଅବଗତ ରହିଥିଲେ ସେତେବେଳେ ଏମିତି ଆତଙ୍କ ସୃଷ୍ଟି ହୋଇ ନ ଥାନ୍ତା।

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ମୋ-୯୪୩୯୫୦୧୬୫୧

## ଏଇ ଭାରତରେ

ସମ୍ପର୍କରେ ବାପ-ଝିଅ। ଝିଅ ଦୃଷ୍ଟିରେ ବାପା ସମ୍ମାନନୀୟ। କିନ୍ତୁ ବୃତ୍ତିକୁ ବିଚାରକୁ ନେଲେ ଝିଅ ଜଣେ ଆଇପିଏସ୍ ଅଫିସର ଏବଂ ବାପା ଅଧସ୍ତନ ପୋଲିସ ଅଫିସର। କର୍ତ୍ତବ୍ୟର ଦ୍ୱାହିରେ ବାପା କନ୍ୟାକୁ ସାଲ୍ୟୁଟ୍ କରିଛନ୍ତି। ଏପରି ଏକ ଘଟଣା ହାଇଦ୍ରାବାଦରେ ଘଟିଛି। ଦୀର୍ଘ ୩୦ ବର୍ଷ ହେଲା ଉମାମହେଶ୍ୱର ଶର୍ମା ପୋଲିସ ଚାକିରି କରିଛନ୍ତି। କିନ୍ତୁ ତାଙ୍କ ଝିଅ ଚାରିବର୍ଷ ତଳେ ଆଇପିଏସ୍ ଅଫିସର ଭାବେ ଜଏନ କରିଛନ୍ତି। ରବିବାର କର୍ତ୍ତବ୍ୟ ପାଳନ ବେଳେ ସେମାନେ ହଠାତ୍ ମୁହାଁମୁହିଁ ହୋଇ ଯିବା ପରେ ଉମାମହେଶ୍ୱର ତାଙ୍କ ବରିଷ୍ଠ ଅଫିସର ତଥା କନ୍ୟା ସିନ୍ଧୁ ଶର୍ମାଙ୍କୁ ସାଲ୍ୟୁଟ୍ କରିଥିଲେ। ବର୍ତ୍ତମାନ ସିନ୍ଧୁ ତେଲେଙ୍ଗାନାର ଜାଗତିୟାଲ ଜିଲାରେ ଏସ୍‌ପି ଭାବରେ କାର୍ଯ୍ୟରତ। ଉମାମହେଶ୍ୱର ଆସନ୍ତା ବର୍ଷ ଅବସର ନେବେ। କିନ୍ତୁ ସିନ୍ଧୁ ଶର୍ମା ହେଉଛନ୍ତି ୨୦୧୪ ବ୍ୟାଚ୍‌ର ଆଇପିଏସ୍ ଅଫିସର। ରବିବାର ହାଇଦ୍ରାବାଦ୍ ନିକଟବର୍ତ୍ତୀ କୋଙ୍ଗାରା କଲନ୍‌ଠାରେ ତେଲେଙ୍ଗାନା ରାଷ୍ଟ୍ର ସମିତିର ସାଧାରଣ ବୈଠକ ବେଳେ ବାପା-ଝିଅ ପରସ୍ପର ଭେଟ ହୋଇଯାଇଥିଲେ। ପ୍ରଥମ ଥର ପାଇଁ ଝିଅ ସହ ଭେଟ ହୋଇଥିବାରୁ ନିଜକୁ ଭାଗ୍ୟବାନ୍ ମନେକରନ୍ତି ବୋଲି ଉମାମହେଶ୍ୱର ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ଦେଖରେ ପିକ ଦେଖରେ ଶୁକ ଲଭିଛି କବି କି ଗୁରୁ ଦୁଃଖ
ତୁମରି ସ୍ୱର ନୁହେଁ ମଧୁର, କରିଛି ତାକୁ ମଉନ ମୂକ।
(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩ ସେପ୍ଟେମ୍ବର ୧୯୯୩

- ରୁଷିଆ ଓ ଆମେରିକା ମଧ୍ୟରେ କ୍ଷେପଣାସ୍ତ୍ର ରପ୍ତାନି ନିୟନ୍ତ୍ରଣ ଉପରେ ଏକ ରାଜିନାମା ସ୍ୱାକ୍ଷରିତ।
- କ୍ରାୟୋଜେନିକ ରକେଟ ଇଞ୍ଜିନ ଜ୍ଞାନକୌଶଳ ଯୋଗାଣ ସଂକ୍ରାନ୍ତ ରାଜିନାମା ବାତିଲ ହେବା ଯୋଗୁ ଭାରତର ଯେଉଁ କ୍ଷତି ହୋଇଛି, ତା'ର ଭରଣା ଦେବା ଲାଗି ରୁଷିଆ ସ୍ଥିର କରିଛି।

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ ୨୬- ଫ୍ଲୋରିଡ଼ାର ଜାକ୍‌ନୋଭିଲେ ସହରସ୍ଥିତ ଏକ ଶପିଂ ମଲରେ ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳିଚାଳନାରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି।

୨୭- କୋର୍ଟରେ ଅଟକି ରହିଥିବା ଛାଡ଼ପତ୍ର ମାମଲାର ସମାଧାନ ନ ହେବା ଯାଏ ସ୍ୱାମୀ କିମ୍ବା ସ୍ତ୍ରୀ ଦ୍ୱିତୀୟ ବିବାହ କରିପାରିବେ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ପ୍ରକାଶ କରିଛନ୍ତି।

୨୮- ମାଓବାଦୀଙ୍କ ସହ ସମ୍ପୃକ୍ତି ଅଭିଯୋଗରେ ମହାରାଷ୍ଟ୍ର ପୋଲିସ କେତେଜଣ ବାମପନ୍ଥୀ ଓ ଅଧିକାର କର୍ମୀଙ୍କ ଘରେ ଚଢ଼ାଉ କରି ବିପ୍ଳବୀ କବି ବାର୍‌ବରା ରାଓଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି।

୨୯- ଏସୀୟ କ୍ରୀଡ଼ାରେ ୧୦୦ ପରେ ୨୦୦ ମିଟର ଦୌଡ଼ରେ ମଧ୍ୟ ଦୂତୀ ଚାନ୍ଦଙ୍କ ରୌପ୍ୟ ପଦକ ହାସଲ।

୩୦- ପାକିସ୍ତାନରୁ ହାୱାଲା ମାଧ୍ୟମରେ ଆଗତ ଅର୍ଥ ବାପାଙ୍କଠାରୁ ଗ୍ରହଣ କରି ଆତଙ୍କବାଦୀଙ୍କୁ ଯୋଗାଇବା ଅଭିଯୋଗରେ ହିଜ୍‌ବୁଲ ମୁଜାହିଦ୍ଦିନ ମୁଖ୍ୟ ସୟିଦ ସଲାହୁଦ୍ଦିନଙ୍କ ପୁଅ ସୟିଦ ସକିଲ ୟୁସୁଫ ଏନ୍‌ଆଇଏ ଦ୍ୱାରା ଗିରଫ ହୋଇଛନ୍ତି।

୩୧- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବଲାଙ୍ଗୀର ମେଡିକାଲ କଲେଜ ଲୋକାର୍ପିତ।

## ଆମ ସମସ୍ୟା

### ତୈଳଦର ବୃଦ୍ଧି ଓ ଅସହାୟ ଜନତା

ମହାଶୟ,

ତୈଳଦର ବୃଦ୍ଧିକୁ ନେଇ ଦେଶର ସାଧାରଣ ଜନତାଙ୍କ ମନରେ କ୍ଷୋଭ ଓ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦେଶବ୍ୟାପୀ ଜନଆନ୍ଦୋଳନ, ବିକ୍ଷୋଭ, ଧାରଣା, ରାସ୍ତାରୋକୋ, ଧର୍ମଘଟ ଚାଲିଛି। ବିଭିନ୍ନ ରାଜନୈତିକ ଦଳ ସ୍ୱର ଉତ୍ତୋଳନ କରୁଛନ୍ତି। ହେଲେ କିଛି ପ୍ରଭାବ ପଡୁନାହିଁ। ପେଟ୍ରୋଲ ଡିଜେଲ ଉପରୁ ଭାଟ୍ ବା ଉତ୍ପାଦ ଶୁଳ୍କ ହ୍ରାସ କଲେ, ଦର କମିପାରନ୍ତା। ହେଲେ କେହି ବି କିଛି ଛାଡିବାକୁ ପ୍ରସ୍ତୁତ ନୁହନ୍ତି। ନିଜ ସ୍ୱାର୍ଥକୁ ଆଖି ଆଗରେ ରଖି ପେଟ୍ରୋଲ, ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରିବା କଥା କହିବା ଲୋକଦେଖାଣିଆ।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା

### ଜଳ ବିନା ପାଇଖାନା

ତିଆରି ସରିଥିବା ସ୍ୱଚ୍ଛ ଭାରତ ଗାନ୍ଧୀଙ୍କ ଚଷମା ମାର୍କା ପାଇଖାନା ମଧ୍ୟରୁ ଅଧିକାଂଶ ସ୍ଥିତି ଭଲ ନାହିଁ। ଉତ୍କଟ ଜଳ ସମସ୍ୟା ଲାଗିରହିଥିବା ଅଞ୍ଚଳରେ ତାହା ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଛି। ଯେଉଁମାନେ ପୂର୍ବରୁ ନିର୍ମାଣ କରି ବ୍ୟବହାର କରିଆସୁଥିଲେ କେବଳ ଚଷମା ଚିହ୍ନ ବସେଇଦେଇ ଫାଇଦାରେ ରହିଲେ। ଶତ ପ୍ରତିଶତ ସଫଳତା ପାଇଁ ହାତପାଆନ୍ତାରେ ଜଳ ମିଳିବା ବ୍ୟବସ୍ଥା ମଧ୍ୟ ହେବା ଦରକାର। ଏ ଯୁଗରେ ସବୁ ପରିବାରକୁ ପାଇପ ଯୋଗେ ଜଳ ଯୋଗାଣ କିଛି ଅସମ୍ଭବ କାମ ନୁହେଁ। ସୁବିଧାରେ ପାଣି ମିଳୁ ନ ଥିଲେ ଘରେ ପାଇଖାନା ଥାଇ ଲାଭ କ'ଣ ?

-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଜଳବାୟୁ ପରିବର୍ତ୍ତନ ଯୋଗୁ ଉତ୍ତର ଓ ଦକ୍ଷିଣ ଗୋଲାର୍ଦ୍ଧରେ ଥିବା ହିମ ପାହାଡ଼ ତରଳିବାରେ ଲାଗିଛି। ଫଳରେ ସମୁଦ୍ର ଜଳସ୍ତର ବଢ଼ିଚାଲିଛି। ଏହା ଜାରି ରହିଲେ ଆସନ୍ତା ୨୦୩୦ ସୁଦ୍ଧା ବମ୍ବେ, କୋଲକତା, ବ୍ୟାଙ୍କକ୍, ଜାକର୍ତ୍ତା, ମାନିଲା ସମେତ ଅନେକ ସହର ଜଳମଗ୍ନ ହେବାର ଆଶଙ୍କା ରହିଛି। ଏହାଦ୍ୱାରା ବ୍ୟାଙ୍କକ୍ ସହର ଅଧିକ କ୍ଷତିଗ୍ରସ୍ତ ହେବ ବୋଲି କୁହାଯାଉଛି। ୧୨ ବର୍ଷ ପରେ ଏହି ସହରର ପ୍ରାୟ ୪୦ ପ୍ରତିଶତ ଅଂଶ ଜଳମଗ୍ନ ହେବାର ଆଶଙ୍କା ରହିଛି।



## ସଂକ୍ଷେପରେ

### ସମୁଦ୍ରରେ ବୁଡ଼ି ୨ଛାତ୍ର ମୃତ

ପୁରୀ ଅଫିସ, ୨।୯: ପୁରୀ ସମୁଦ୍ରରେ ବୁଡ଼ି ଦୁଇଜଣ ଛାତ୍ରଙ୍କ ରବିବାର ମୃତ୍ୟୁ ହୋଇଛି। ସେମାନେ ହେଲେ ଜାମସେଦପୁରର ରଜତ ପାଣ୍ଡେ(୨୩) ଓ ଦିଲ୍ଲୀର ମହମ୍ମଦ ଇଦାଦ୍ ଉଲ୍ଲା(୨୨)। ସମୁଦ୍ରକୂଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। କଟକସ୍ଥିତ ଏକ ଆର୍କିଟେକ୍ଟ କଲେଜର ବିକାଶ କୁମାର(୨୩), ବେଦ କୁମାର(୨୦), ସୁମନ କୁମାର ଏବଂ ଅଙ୍କିତା ରାୟ(୨୨)ଙ୍କ ସମେତ ରଜତ ଓ ଇଦାଦ୍ ଉଲ୍ଲା ୩ଟି ବାଇକରେ ରବିବାର ସକାଳେ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ହୋଟେଲ ମେ ଫେୟାର ପଛପଟ ସମୁଦ୍ରରେ ସ୍ନାନ କରୁଥିଲେ। ଏହି ସମୟରେ ରଜତ ସମୁଦ୍ର ଗଭୀରକୁ ଚାଲି ଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ମହମ୍ମଦ ମଧ ଭିତରକୁ ଚାଲି ଯାଇଥିଲେ। କୂଳରେ ଥିବା ଅନ୍ୟ ଛାତ୍ରମାନଙ୍କ ପାଟି ଶୁଣି ସେଠାରେ ଉପସ୍ଥିତ ଥିବା ଲାଇଫଗାର୍ଡମାନେ ସମୁଦ୍ରରେ ଦୀର୍ଘ ସମୟ ପରିଶ୍ରମ କରି ଉଭୟଙ୍କୁ କୂଳକୁ ଆଣିଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତ ଛାତ୍ର ଦ୍ୱୟଙ୍କ ପରିବାର ଲୋକଙ୍କୁ ଖବର ଦେଇଥିବା କହିଛି।

### ଆଉ ରହିବନି ଅବସର ପରେ ଚାକିରି

ଭୁବନେଶ୍ୱର, ୨।୯(ବ୍ୟୁରୋ): ଅବସର ପରେ ସରକାରୀସ୍ତରରେ ଦାୟିତ୍ୱ ନେଇଥିବା ବହୁ ଅଧିକାରୀ ଏବେ ଦାୟିତ୍ୱ ମୁକ୍ତ ହେବେ। ବିଗତ ୪ବର୍ଷରେ ପ୍ରାୟ ୫୦ହଜାର ଅବସରପ୍ରାପ୍ତ କର୍ମଚାରୀ ସରକାରୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେ ସମସ୍ତଙ୍କ କାର୍ଯ୍ୟକାଳ ବୃଦ୍ଧି ନ କରିବା ପାଇଁ ପ୍ରଶାସନିକସ୍ତରରେ ଆଲୋଚନା ହୋଇଥିବା ଜଣାପଡିଛି। ମାତ୍ର ଏନେଇ ବିଧିବଦ୍ଧ ଭାବେ କୌଣସି ନିଷ୍ପତ୍ତି ହୋଇନାହିଁ। ଗତ ୨୯ ଅଗଷ୍ଟରେ ସରକାରଙ୍କ ସ୍ୱତନ୍ତ୍ର ସଚିବ ସୁରଜିତ ଦାସ ଶକ୍ତି ବିଭାଗର କିଛି ଅଧିକାରୀଙ୍କୁ ଏ ସମ୍ପର୍କିତ ଏକ ଚିଠି ଲେଖିଥିଲେ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କିଛିଦିନ ମଧ୍ୟରେ ସରକାର ପଦକ୍ଷେପ ଗ୍ରହଣ କରିବେ। ମୁଖ୍ୟତଃ ଓଏଚ୍‌ପିସି, ଗ୍ରୀଡ୍‌କୋ, ଓପିଟିସିଏଲ୍, ସେସୁ, ଓଟିପିସିଏଲ୍, ଓଇଆର୍‌ସି, ଓପିଜିସି, ୱେସ୍‌କୋ, ନେସ୍କୋ ଏବଂ ସାଉଥ୍‌କୋ ଅଧିକାରୀଙ୍କୁ ଛଟେଇ କରିବାକୁ ଚିନ୍ତା କରାଯାଉଛି।

■ ରାଜ୍ୟପାଳଙ୍କ ଗସ୍ତ ଖର୍ଚ୍ଚ ବିବାଦ

# ମୂଳ ପ୍ରସଙ୍ଗରୁ ଧ୍ୟାନ ହଟାଇବାକୁ ଅଧିକାରୀଙ୍କ ପ୍ରୟାସ

ଭୁବନେଶ୍ୱର,୨।୯(ବ୍ୟୁରୋ)

ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ଗତ ଜୁନ୍ ୧୦ରେ କରିଥିବା ସିର୍ସା ଗସ୍ତ ବିବାଦୀୟ ହୋଇପଡିଥିଲା। ରାଜ୍ୟପାଳଙ୍କ ଉକ୍ତ ଗସ୍ତ ପୂର୍ବରୁ ସ୍ଥିରୀକୃତ ହୋଇଥିଲା। ହେଲେ ସେ ସମୟରେ ଗସ୍ତ କାର୍ଯ୍ୟକ୍ରମରେ ବିଚ୍ୟୁତି ଘଟିଥିଲା। ପୂର୍ବ ଅନୁମୋଦିତ ଖର୍ଚ୍ଚର ପରିମାଣ ଠାରୁ ଉକ୍ତ ବିମାନ କମ୍ପାନୀ ସାଧାରଣ ପ୍ରଶାସନ ବିଭାଗଠାରେ ପୈଠ କରିଥିବା ଅର୍ଥର ପରିମାଣ ଅଧିକ ଥିଲା। ଏହା ପରେ ବିଭାଗ ଦ୍ୱାରା ତର୍ଜମା କରି ଦେଖାଯାଇଥିଲା ଯେ, ରାଜ୍ୟପାଳଙ୍କ ସମ୍ପୂର୍ଣ୍ଣ ଗସ୍ତ ବିମାନ ଯୋଗେ ନ ହୋଇ ଦିଲ୍ଲୀରୁ ସିର୍ସା ଏବଂ ସୀର୍ସାରୁ ଦିଲ୍ଲୀ ଗସ୍ତ ପାଇଁ ହେଲିକପ୍ଟର ବ୍ୟବହାର କରାଯାଇଥିଲା। ଏଥିପାଇଁ ବିମାନ କମ୍ପାନୀ ଅନୁମୋଦିତ ଅର୍ଥ ଠାରୁ ଅଧିକ ୫ ଲକ୍ଷ ଟଙ୍କା ଦାବି କରିଥିଲା। ତେଣୁ ରାଜ୍ୟ ସରକାର କେଉଁ ପରିସ୍ଥିତିରେ ବିମାନ ପରିବର୍ତ୍ତେ ହେଲିକପ୍ଟର ବ୍ୟବହାର କରାଯାଇଥିଲା, ତାହା ଜାଣିବା ପାଇଁ ୟୁଜର୍ସ ସାର୍ଟିଫିକେଟ୍ ମାଗିଥିଲେ। ହେଲେ ଶୁକ୍ରବାର ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସ୍ପଷ୍ଟୀକରଣ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଉକ୍ତ ଗସ୍ତକୁ ଉଭୟ ରାଷ୍ଟ୍ରପତି ଭବନ ଓ ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିଥିବା ରାଜଭବନ ପକ୍ଷରୁ କୁହାଯାଇଛି। ଚତୁରତାର ସହ ରାଜଭବନ କାର୍ଯ୍ୟାଳୟ ରାଜ୍ୟପାଳଙ୍କ ସୁରକ୍ଷା ପ୍ରସଙ୍ଗରୁ ଦୂରେଇ ରହିଛି।

ପ୍ରକାଶ ଯେ, ରାଜ୍ୟପାଳ ଗଣେଶି ଲାଲ ଗତ ଜୁନ୍ ୧୦ରେ ଭୁବନେଶ୍ୱରରୁ ସିର୍ସା ଏବଂ ୧୩ରେ ସିର୍ସାରୁ ଭୁବନେଶ୍ୱର ଯାତ୍ରା ପାଇଁ ସରକାରଙ୍କୁ ଜଣାଇଥିଲେ। ତଦନୁଯାୟୀ, ସାଧାରଣ ପ୍ରଶାସନ ବିଭାଗ ପୂରା ଗସ୍ତର ବିମାନ ଯୋଗେ ବ୍ୟବସ୍ଥା କରିବା ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। ତନ୍ମଧ୍ୟରୁ ନୂଆଦିଲ୍ଲୀସ୍ଥିତ ପିନାକଲ କମ୍ପାନୀର ଟେଣ୍ଡରକୁ ମଞ୍ଜୁରୀ ମିଳିଥିଲା। ଏଥିପାଇଁ କମ୍ପାନୀ ଦାବି କରୁଥିବା ୪୪ ଲକ୍ଷ ୭୦ ହଜାର ଟଙ୍କାକୁ ମଧ୍ୟ ମଞ୍ଜୁରୀ ମିଳିଥିଲା। ରାଜ୍ୟପାଳଙ୍କ ଗସ୍ତର ଦିନକ ପୂର୍ବରୁ ଅର୍ଥାତ ଜୁନ୍ ୯ ସନ୍ଧ୍ୟା ସମୟରେ ୨ ଇଞ୍ଜିନବିଶିଷ୍ଟ ଏୟାରକ୍ରାଫ୍ଟ ସୁନିଶ୍ଚିତ କରିବା ପାଇଁ କମ୍ପାନୀକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଜୁନ୍ ୧୦ରେ ରାଜ୍ୟପାଳଙ୍କୁ ସିର୍ସାରେ ଅବତରଣ କରାଇ ଫେରି ଆସିବା ଏବଂ ଫେରିବାର ଦିନକ ପୂର୍ବରୁ ଅର୍ଥାତ ଜୁନ୍ ୧୨ ସନ୍ଧ୍ୟାରେ ଏୟାରକ୍ରାଫ୍ଟ ସିର୍ସାରେ ମହଜୁଦ୍ କରାଇବା ପାଇଁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜୁନ୍ ୧୦ର ଗସ୍ତ ପୂର୍ବରୁ ଦିଲ୍ଲୀ ଏୟାର ଟ୍ରାଫିକ୍ ସିର୍ସା ଏୟାରପୋର୍ଟରେ ନବୀକରଣ କାର୍ଯ୍ୟ ଚାଲୁଥିବା ନେଇ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ଜଣାଇଥିଲା। ହେଲେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ରାଜ୍ୟପାଳଙ୍କ ନୂଆଦିଲ୍ଲୀରୁ ସିର୍ସା ଏବଂ ସିର୍ସାରୁ ଦିଲ୍ଲୀ ଗସ୍ତର ବିକଳ୍ପ ବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇବା କଥା, ମାତ୍ର ତାହା ନ କରି ରାଜଭବନ ପକ୍ଷରୁ ସିଧାସଳଖ ବିମାନ କମ୍ପାନୀ ସହ ଯୋଗାଯୋଗ କରାଯାଇଥିଲା। ଦିଲ୍ଲୀରୁ ସିର୍ସା ପାଇଁ ବ୍ୟବହୃତ ହୋଇଥିବା ହେଲିକପ୍ଟର ଫିଟ୍ ନେସ୍ ସାର୍ଟିଫିକେଟ୍ କେହି ଦେଇ ନ ଥିଲେ। ଉକ୍ତ ହେଲିକପ୍ଟର ଭିଭିଆଇପିଙ୍କ ପାଇଁ ଉପଯୁକ୍ତ କି ନାହିଁ, ତାହା ମଧ୍ୟ କୁହାଯାଇ ନ ଥିଲା। ଯଦି ରାଜ୍ୟପାଳ ଦିଲ୍ଲୀରୁ ସିର୍ସା ଯାଞ୍ଚ ହୋଇ ନ ଥିବା ହେଲିକପ୍ଟରରେ ଯିବା ଓ ସିର୍ସାରୁ ସଡ଼କ ଯୋଗେ କାରରେ ଆସିବା ସମୟରେ କିଛି ଅପ୍ରୀତିକର ପରିସ୍ଥିତି ଉପୁଜିଥାନ୍ତା, ସେଥିପାଇଁ କିଏ ଦାୟୀ ରହିଥାଆନ୍ତା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନାହିଁ ଖୁଦ ପାଆ**
**ନୋଟା ନେଇ ଗାଧୋଇ ଯାଆ ।**

ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ହେଉଥିବା ବ୍ୟକ୍ତି ବାହାରେ ବୁଲି ନିଜକୁ ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ଦରିଦ୍ର ବ୍ୟକ୍ତିର ବୃଥା ଆଡମ୍ବର ଶୋଭାପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘଡ଼ିରୁ ତେଲ ନ ସରୁ**
**ପୁଅ ମୁଣ୍ଡ ନୁଖୁରା ନ ରହୁ ।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ସେଥିରେ ତେଲ ଲଗାଯାଇଥାଏ। ତେବେ ତେଲ ସରିଯିବା ଭୟରେ ଚୁଟିରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି କୃପଣ ବୋଲାଇଥାଏ। ଗୋଟିଏ ପଟେ କେଶ ବା ଚୁଟି ନୁଖୁରା ନ ହୋଇଯିବା ଚିନ୍ତା ଓ ଅନ୍ୟପଟେ ଅର୍ଥ ଖର୍ଚ୍ଚର ଭୟ। ବ୍ୟକ୍ତିର ଏପରି ସଞ୍ଚୟ ମନୋବୃତ୍ତି ତଥା ଅତି କୃପଣତାର ଲକ୍ଷଣକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଶ୍ରୀକୃଷ୍ଣ ଜନ୍ମନୀତି ସମ୍ପନ୍ନ: ଆଜି ଶ୍ରୀମନ୍ଦିରରେ ନନ୍ଦ ଉତ୍ସବ

ପୁରୀ ଅଫିସ,୨।୯

ପବିତ୍ର ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ରବିବାର ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ସମ୍ପନ୍ନ ହୋଇଛି। ମଥୁରାରୁ ଯାଇ ଗୋପପୁରରେ ପହଞ୍ଚିଛନ୍ତି କଳା କହ୍ନେଇ। ସେଠାରେ ନାଭିକଟା ନୀତି ସମ୍ପନ୍ନ ହୋଇଛି। ସୋମବାର ପାଳିତ ହେବ ନନ୍ଦ ଉତ୍ସବ।

ଶ୍ରୀକୃଷ୍ଣଙ୍କ ଜନ୍ମ ନୀତି ପାଇଁ ସନ୍ଧ୍ୟାଧୂପ ବେଶରେ ମହାପ୍ରଭୁ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲେ। ସନ୍ଧ୍ୟାଧୂପ ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇଥିଲା। ଶୁଦ୍ଧସୁଆର ଭଣ୍ଡାର ଦୁଆର ଆଗରେ ପୋଛା ମାରିଥିଲେ। ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ସର୍ବତୋ ଭଦ୍ରମଣ୍ଡଳ ଲେଖିଥିଲେ। ପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ଜନ୍ମ ଚକଡ଼ାରେ ବସି ସଙ୍କଳ୍ପ କରିବା ପରେ କଳସରେ ବରୁଣ ପୂଜା ହୋଇଥିଲା। ଚିତ୍ରକର ଦେଇଥିବା ଶ୍ରୀକୃଷ୍ଣ ଜନ୍ମପଟି ଏବଂ ବଣିଆଙ୍କଠାରୁ ଆସିଥିବା ୯ଟି ରୁପା ପଦ୍ମ ପାଖୁଡାକୁ ପୂଜାପଣ୍ଡା ମଣ୍ଡଳ ଉପରେ ରଖିଥିଲେ। ପଦ୍ମ ପାଖୁଡାଗୁଡ଼ିକରେ ଦେବକୀ, ବାସୁଦେବ, ନନ୍ଦ, ଯାଶୋଦା, ଲକ୍ଷ୍ମୀ, ଉଗ୍ରସେନ, ବଳଭଦ୍ର, ଗାର୍ଗବ ଋଷି ଏବଂ କୃଷ୍ଣ ଲେଖା ରହିଥିଲା। ଏହାପରେ ଏକ ସୁନା କୃଷ୍ଣ ମୂର୍ତ୍ତି ମଣ୍ଡଳ ଉପରେ ରଖାଯାଇ ୯ଟି ପନ୍ତି ଭୋଗ ବଢାଯାଇଥିଲା। ଫୁଲମାଳ ଓ ଚନ୍ଦନ ଲାଗି ହୋଇଥିଲା। ପୂଜାପଣ୍ଡା ପଞ୍ଚୋପଚାର ପୂଜା କରି ପନ୍ତିଭୋଗ ବଢାଇଥିଲେ। ଦକ୍ଷିଣୀ ଘରୁ ମଦନମୋହନଙ୍କୁ ବିବସ୍ତ୍ର କରି ଆଣି ସିଂହାସନ ଉପରେ ବିଜେ କରାଇଥିଲେ। ସେଠାରେ ମୁଦିରସ୍ତ ମହାପ୍ରଭୁଙ୍କ ଧଣ୍ଡି ପ୍ରସାଦ ଆଜ୍ଞାମାଳ ଶ୍ରୀମଦନମୋହନଙ୍କୁ ଲାଗି କରାଇଥିଲେ। ମହାଜନ ସେବକମାନେ ଶ୍ରୀମଦନମୋହନଙ୍କୁ ଆଣି ଜନ୍ମ ଚକଡାରେ ବିଜେ କରାଇଥିଲେ। ପୂଜାପଣ୍ଡା ଗର୍ଭଉଦକ କର୍ମ କରି ଶୀତଳଭୋଗ ଷୋଡ଼ଶ ଉପଚାରରେ ମଣୋହି କରିଥିଲେ। ଦୁଇଜଣ ମହାଜନ ସେବକ ଦେବକୀ ଓ ବସୁଦେବ ବେଶ ହୋଇ ଜନ୍ମ ଚକଡାରେ ଶ୍ରୀକୃଷ୍ଣ ଜନ୍ମ ନୀତି ସମ୍ପାଦନ କରିଥିଲେ।



ଜନ୍ମାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି।

ଦେବକୀ, ବସୁଦେବଙ୍କ ସହିତ ମହାଜନ ସେବକ ଭଣ୍ଡାରଘରୁ ଆସିଥିବା ରୁପା ଥାଳିରେ କୃଷ୍ଣ (ମଦନମୋହନ)ଙ୍କୁ ବିଜେ କରାଯାଇଥିଲା। ଏହାପରେ ଜଗମୋହନ ଦେଇ ସରସ୍ୱତୀ ମନ୍ଦିର ଆଗ ଯମୁନା ନଈ କୂଳକୁ ବିଜେ କରିଥିଲେ। ଏହି ସମୟରେ ଠାକୁରଙ୍କ ଶିର ଉପରେ ସପ୍ତଫେଣୀ ବାସୁକୀ ରହିଥିଲେ। ଯମୁନା ନଦୀ କୂଳରେ ଉଗ୍ରସେନ ଭେଟ ନୀତି ହୋଇଥିଲା। ଠାକୁର ଘଣ୍ଟ, ଛତା, କାହାଳି ସହିତ ଯାଇ ନାଭିକଟା ମଣ୍ଡପଠାରେ ଥିବା ଖଟ ଶେଯ ଉପରେ ବିଜେ କରିଥିଲେ। ମହାଜନ ସେବକ ଦକ୍ଷିଣୀ ଘରୁ ରାମକୃଷ୍ଣଙ୍କୁ ଆଣି ଖଟ ଶେଯରେ ବିଜେ କରାଇଥିଲେ। ସେହିଠାରେ ଜନ୍ମ ନୀତି, ନାଭିକଟା ଓ ଉପନୟନ ସଂସ୍କାର କର୍ମମାନ ଅନୁଷ୍ଠିତ ହୋଇଥିଲା। ଏହାପରେ ମହାଜନ ସେବକ ତିନିଠାକୁରଙ୍କୁ ଜଗମୋହନରେ ବନ୍ଧା ଯାଇଥିବା ଦୋଳିରେ ବିଜେ କରାଇଥିଲେ। ସେଠାରେ ଶୀତଳ ଭୋଗ ଓ ବନ୍ଦାପନା ହୋଇଥିଲା। ରାମକୃଷ୍ଣ ଭିତର ସିଂହାସନ ଏବଂ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ଏହାପରେ ବଡ଼ସିଂହାର ଭୋଗ ବଢ଼ି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା।

ଆଜି ଫକୀର ମୋହନ ମେଡିକାଲ କଲେଜ ଉଦ୍‌ଘାଟନୀ କାର୍ଯ୍ୟକ୍ରମ

### ଯୋଗଦେବେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ

ଭୁବନେଶ୍ୱର, ୨।୯(ବ୍ୟୁରୋ)

ବହୁ ପ୍ରତୀକ୍ଷିତ ଫକୀର ମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲର ଶୁଭ ଉଦ୍‌ଘାଟନ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଲେଜକୁ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଚୌବେ ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିଛନ୍ତି। କେନ୍ଦ୍ରମନ୍ତ୍ରୀ ସଡକ ପଥରେ ମେଡିକାଲ କଲେଜରେ ପହଞ୍ଚିବେ। ସମୁଦାୟ ୧ଘଣ୍ଟାର କାର୍ଯ୍ୟକ୍ରମ ମଧ୍ୟରେ ପୂର୍ବାହ୍ନ ୧୧ଟାରେ ଫକୀର ମୋହନ ପ୍ରତିମୂର୍ତ୍ତି ଉନ୍ମୋଚନ, ପୁଷ୍ପମାଲ୍ୟ ଅର୍ପଣ ଏବଂ ୧୧ଟା ୪୦ରେ ମେଡିକାଲ କଲେଜ ଏବଂ ହସ୍ପିଟାଲର ଶୁଭ ଉଦ୍‌ଘାଟନ ହେବ। ଏହି କାର୍ଯ୍ୟକ୍ରମ ପରେ ଚୌବେ ସନ୍ଧ୍ୟାରେ ଫେରିଯିବେ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଅବତରଣ ଲାଗି କଲେଜ ପରିସରରେ ହେଲିପ୍ୟାଡ ନିର୍ମାଣ କରାଯାଇଛି।

## ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହେବେ ସମଲେଇ

■ ସହଯୋଗ ଲୋଡ଼ିଲା ଟ୍ରଷ୍ଟବୋର୍ଡ଼
■ ୭ ଲକ୍ଷ ଦେବ ସମଲେଶ୍ୱରୀ କ୍ଲବ

ସମ୍ବଲପୁର,୨।୯(ବ୍ୟୁରୋ)

ଦଶହରା ପର୍ବରେ ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ସମଲେଇ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ଏ ନେଇ ମନ୍ଦିର ଟ୍ରଷ୍ଟବୋର୍ଡ଼ ଭକ୍ତ ଓ ଜନସାଧାରଣଙ୍କ ସହଯୋଗ କାମନା କରିଛି। ସମଲେଇ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ରେ ପୂଜିତ ହେଉଛନ୍ତି। ତେବେ ମୂଳପୀଠ ସମ୍ବଲପୁରରେ ଦେବୀଙ୍କ ସୁନା ଚୁଡ଼ି ଓ ଗୋଟିଏ ଛତ୍ରକୁ ମିଶାଇ ସର୍ବମୋଟ ୨୦୦ ଗ୍ରାମରୁ ସାମାନ୍ୟ ଅଧିକ ସୁନା ରହିଛି। ଛତ୍ର ଓ ଅନ୍ୟାନ୍ୟ ଅଳଙ୍କାରକୁ ମିଶାଇଲେ ୧୫ କେଜି ରୁପା ରହିଛି। ଦେବୀଙ୍କୁ ସ୍ୱର୍ଣ୍ଣାଳଙ୍କାରରେ ଭୂଷିତ କରିବାକୁ ଟ୍ରଷ୍ଟବୋର୍ଡ଼ ଯୋଜନା କରିଛି। ରବିବାର ସମଲେଇ ମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟ୍ରଷ୍ଟବୋର୍ଡ଼ ସଭାପତି ସଞ୍ଜୟ ବାବୁ ଏହା କହିଛନ୍ତି। ସେ ଜଣାଇଛନ୍ତି ଯେ, ମନ୍ଦିର କମିଟି ପାଖରେ ବର୍ତ୍ତମାନ ୨୦୦ ଗ୍ରାମରୁ ସାମାନ୍ୟ ଅଧିକ ସୁନା ଅଳଙ୍କାର ରହିଛି। ଏହାକୁ ତୂଳିବା ପରେ ସୁନାର ପ୍ରକୃତ ପରିମାଣ ଜଣାପଡ଼ିବ। ମନ୍ଦିର ସ୍ଥାୟୀ ଜମା ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଅଳଙ୍କାର ପ୍ରସ୍ତୁତିରେ ବିନିଯୋଗ କରାଯିବ। ଏଥିପାଇଁ ଦେବୋତ୍ତର ବିଭାଗର ଅନୁମତି ମିଳିସାରିଛି। ଅପରପକ୍ଷେ ଦଶହରା ପୂଜା କମିଟି ପାଖରେ ୭ ଲକ୍ଷ ଟଙ୍କା ରହିଛି। ସେମାନେ ମଧ୍ୟ ସୁନା ଅଳଙ୍କାର ପ୍ରସ୍ତୁତିରେ ଉକ୍ତ ଟଙ୍କା ଦେବାକୁ ସହମତି ପ୍ରକାଶ କରିଛନ୍ତି। ଏପରି ସ୍ଥଳେ ୨୦ ଲକ୍ଷ ଟଙ୍କା ମୂଲ୍ୟର ୬୫୦ ଗ୍ରାମ ସୁନାର ବ୍ୟବସ୍ଥା ହୋଇଛି।

■ ଖୁଦୁରୁକୁଣୀ ଓଷାରେ ଅଘଟଣ

## ସାଙ୍ଗକୁ ଉଦ୍ଧାର କରି ଜୀବନ ହାରିଲେ ତୁଳସୀ

ରଣପୁର,୨।୯ (ସ୍ୱ.ପ୍ର.)

ରବିବାର ସାରା ରାଜ୍ୟରେ ଝିଅମାନେ ଧୁମ୍‌ଧାମରେ ପ୍ରଥମ ପାଳି ଖୁଦୁରୁକୁଣୀ ଓଷା ପାଳନ କରିଥିବାବେଳେ ଏହା ନୟାଗଡ ଜିଲା ରଣପୁର ବ୍ଲକର ଜଣେ ନାବାଳିକା ପାଇଁ କାଳ ହୋଇଛି। ନଦୀରେ ବୁଡ଼ିଯାଉଥିବା ସାଙ୍ଗକୁ ଉଦ୍ଧାର କରିବାକୁ ଯାଇ ନାବାଳିକା ଜଣକ ଭାସିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ତୁଳସୀ ଜେନା (୧୩)। ଏହି ଖବର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ରଣପୁର ବ୍ଲକ ସୁର୍କାବାଡି ପଞ୍ଚାୟତ ଠଣାପଲ୍ଲୀ ପାଟଣା ଗ୍ରାମର ଭଗବାନ ଜେନାଙ୍କ ବଡ ଝିଅ ତୁଳସୀ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ପ୍ରଥମ ପାଳି ଖୁଦୁରୁକୁଣୀ ଓଷା ଥିବାରୁ ଗାଁର ଅନ୍ୟ ଝିଅମାନଙ୍କ ସହ ତୁଳସୀ ସକାଳେ ଗ୍ରାମ ନିକଟ ହଡାନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ତାଙ୍କ ସାଙ୍ଗ କୁନି ଜେନା ନଦୀ ସ୍ରୋତରେ ଭାସିଯାଉଥିବା ଦେଖି ତୁଳସୀ ତାଙ୍କୁ ଉଦ୍ଧାର ପାଇଁ ପାଣିକୁ ଡେଇଁପଡିଥିଲେ। କୌଣସିମତେ ସେ କୂଳକୁ ଠେଲିଦେଇ କୁନିଙ୍କ ଜୀବନ ବଞ୍ଚାଇଥିଲେ ହେଁ ନିଜେ ଗଭୀର ଜଳରେ ଭାସିଯାଇଥିଲେ। ସାଙ୍ଗମାନେ ସଙ୍ଗେ ସଙ୍ଗେ ଗ୍ରାମକୁ ଆସି ଏ ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ ମଧ୍ୟ ତୁଳସୀଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଏଥିରେ ପରିବାର ବର୍ଗ ମର୍ମାହତ ହୋଇ ଦୁଃଖରେ ଭାଙ୍ଗିପଡିଛନ୍ତି। ଅତ୍ୟନ୍ତ ଗରିବ ଶ୍ରେଣୀର ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର
ସଂଶୋଧନ ପତ୍ର
ତା.୦୧.୦୯.୨୦୧୮ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ କ୍ର. ନଂ. ୮ ରେ ଦର୍ଶିତ ଋଣଗ୍ରହୀତା: ମେସର୍ସ ପାବନି ଫେରୋ ଆଲଏଜ୍ ପ୍ରା. ଲିଃ.ର 'ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା' ସ୍ତମ୍ଭରେ ଦର୍ଶିତ "ଜାମିନ୍‌ଦାରମାନେ: ୧) ଶ୍ରୀ ଜଳଧର ଜେନା, ୨) ଶ୍ରୀ ପାରେଶ୍ୱର ଜେନା" ପରିବର୍ତ୍ତେ "ଜାମିନ୍‌ଦାରମାନେ: ୧) ସିଏଚ୍. ପ୍ରଭାତ କେଶରୀ ମିଶ୍ର, ପିତା: ୰ ସିଏଚ୍. ଧିରେନ୍ଦ୍ର ନାଥ ମିଶ୍ର, ୨) ବିଶ୍ୱଜିତ ମିଶ୍ର, ପିତା: ସିଏଚ୍. ପ୍ରଭାତ କେଶରୀ ମିଶ୍ର, ୩) ଶ୍ରୀମତୀ ଅର୍ଚ୍ଚନା ମିଶ୍ର, ପିତା: ବୈଦ୍ୟନାଥ ନନ୍ଦ, କ୍ର.ନଂ. ୧, ୨ ଏବଂ ୩ଙ୍କ ଠିକଣା- ସା: ଜି+୩, କସ୍ତୁରୀ ଇଷ୍ଟେଟ, ବ୍ଲକ୍-ବି, ଅଶୋକ ନଗର, ଥାନା: ନିୟୁ କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୪) ରବିନ୍ଦ୍ର ନାଥ ପଟ୍ଟନାୟକ, ପିତା: ୰ ନଗେନ୍ଦ୍ର ନାଥ ପଟ୍ଟନାୟକ, ସା: ଏଚ୍‌ଆଇଜି-୩୧, ଜୟଦେବ ବିହାର, ବିଡ଼ିଏ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା" ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ତା.୦୧.୦୯.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ











ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମ ବୁଦ୍ଧ





କୋଣାର୍କସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ।

**ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା ଅଭିଯାନ**

# ସାମିଲ ହେଲା ଆଉ ୨ ବିଦ୍ୟାଳୟ

**କୋଣାର୍କ, ୨।୯(ଡି.ଏନ୍.ଏ.)**

ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ୍‌ମୁକ୍ତ ଓଡ଼ିଶା ଅଭିଯାନରେ କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ସାମିଲ ହୋଇଛନ୍ତି। ଏହି ଦୁଇ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ବିଭିନ୍ନ ସଚେତନ ବାର୍ତ୍ତା ନେଇ ଗ୍ରାମ ପରିକ୍ରମା କରିବା ସହ ଲୋକମାନଙ୍କୁ ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ପାଇଁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବାଲୁଙ୍କେଶ୍ୱର ବାରିକ, ଶିକ୍ଷକ ରବୀନ୍ଦ୍ରନାଥ ବାହିନୀପତି, ଇକୋ କ୍ଲବ୍ ପରିଚାଳକ ରାମକୃଷ୍ଣ ମହାନ୍ତି, ଦିଲୀପ ନାୟକ ଏବଂ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ବିନୋଦିନୀ ତ୍ରିପାଠୀ, ମାନସ ମୁଦୁଲି, ଚିତ୍ରାଞ୍ଜଳି ନାୟକ, ନିହାରିକା ମହାନ୍ତି, ଅଜୟ ନାୟକ, କାହ୍ନୁଚରଣ ବିଶ୍ୱାଳ, କୃଷ୍ଣଚନ୍ଦ୍ର ଲେଙ୍କା ଓ ଜ୍ୟୋତିର୍ମୟ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

# ସଚେତନତାର ବାର୍ତ୍ତା ବାଣ୍ଟିଲେ କଲେଜ ଛାତ୍ରୀ

**ଖୋର୍ଦ୍ଧା ଅଫିସ,୨।୯**

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ପ୍ଲାଷ୍ଟିକ ବ୍ୟବହାରରେ ରୋକ ଲାଗିବ। ଏ ନେଇ ରାଜ୍ୟ ସରକାର ଚେଷ୍ଟା ଆରମ୍ଭ କରିଛନ୍ତି। ଏଭଳିସ୍ଥଳେ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନରେ ସାମିଲ ହୋଇଛନ୍ତି। ପଲିଥିନ ବ୍ୟବହାର ନ କରି ପରିବେଶକୁ ସୁରକ୍ଷା ଦେବା ପାଇଁ ଲୋକଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି। ଏଥିପାଇଁ ଶନିବାର ଛାତ୍ରୀମାନେ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଗଠନ କରିବେ ବୋଲି ଶପଥ ନେଇଛନ୍ତି। ଏ ନେଇ ଛାତ୍ରୀମାନେ ଏକ ସଭା କରି ପରିବେଶର ସୁରକ୍ଷା ପାଇଁ କାମ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି ସଭାରେ ପଲିଥିନର କୁପ୍ରଭାବ ଉପରେ ଆଲୋଚନା ହୋଇଥିଲା। ପଲିଥିନ୍ ନଷ୍ଟ ହେଉ ନ ଥିବାରୁ ଏହାକୁ ପୋତିବା ଓ ପୋଡିବା ଉଭୟ କ୍ଷତିକାରକ। ପରିବେଶ ସୁରକ୍ଷିତ ରହିଲେ ଜୀବଜଗତ ଖୁସିରେ ରହିବେ ବୋଲି ଯୁକ୍ତ ୩ କଳା ଫାଇନାଲ ବର୍ଷ ଦୀପାଞ୍ଜଳି ମିଶ୍ର, ଯୁକ୍ତ ୨ କଳା ୨ୟ ବର୍ଷ ଅନିତା ପୃଷ୍ଟି ପ୍ରମୁଖ ଛାତ୍ରୀ ଟିପ୍ପଣୀ ଦେଇଛନ୍ତି। ଏଣୁ ଛାତ୍ରୀମାନେ ନିଜେ ପଲିଥିନ ବ୍ୟବହାର ବନ୍ଦ କରି ଲୋକଙ୍କୁ ବ୍ୟବହାର ନ କରିବାକୁ ବାର୍ତ୍ତା ଦେବା ଆରମ୍ଭ କରିଛନ୍ତି। ରବିବାର କିଛି ଛାତ୍ରୀ ଖୋର୍ଦ୍ଧା ସହରରେ କେତେକ ପରିବାରକୁ ଯାଇ ପଲିଥିନର କୁପ୍ରଭାବ ବିଷୟରେ ବୁଝାଇଛନ୍ତି। ଏ ନେଇ ଅଧ୍ୟକ୍ଷା ମମତା ଦାସ କୁହନ୍ତି, ପ୍ଲାଷ୍ଟିକ ମୁକ୍ତ ସଚେତନତା ସପ୍ତାହକୁ ଥରେ ଛାତ୍ରୀଙ୍କୁ କ୍ଲାସରେ ସଚେତନତା କରାଯିବ। ପ୍ଲାଷ୍ଟିକର ଅପକାରିତା ସହ ପରିବେଶ ସମ୍ବନ୍ଧୀୟ ସୂଚନା ଏଥିରେ ରହିବ। ମହାବିଦ୍ୟାଳୟର ଅଧ୍ୟାପିକା କବିତା କୁମାରୀ ସ୍ୱାଇଁ, ମନ୍ଦାକିନୀ ତ୍ରିପାଠୀ, ସାଧନା ପ୍ରଧାନ ଓ ଅଧ୍ୟାପକ ସୁବାସ ଚନ୍ଦ୍ର ହୋତା କୁହନ୍ତି, ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ପରିବେଶକୁ ପ୍ରଦୂଷିତ କରୁଛି। ଏହାର ବ୍ୟବହାର କ୍ଷତିକାରକ ହୋଇଥିବାରୁ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଗଠନ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ଛାତ୍ରୀ ଓ ଅଧ୍ୟାପିକା ଅଧ୍ୟାପକମାନେ।

## ସେଲ୍‌ଫି କର୍ଣ୍ଣର

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



@ ଦିଲ୍ଲୀପ



@ ବାବୁନା



@ ସତ୍ୟରଞ୍ଜନ



@ କିରଣବାଳା



@ ପ୍ରିୟଙ୍କା



@ ରୋଜାଲିନ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଅପରେଶନ ପରୀ-୨ର ପ୍ରଥମ ଦିନ

# ୬ ଅପହୃତ ସମେତ ୩୫ ଶିଶୁ ଉଦ୍ଧାର

**କଟକ ଅଫିସ, ୨।୯**

ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଚଳିତ ବର୍ଷ ଆରମ୍ଭ ହୋଇଥିବା ଅପରେଶନ ପରୀ-୨ କାର୍ଯ୍ୟ ଆରମ୍ଭ କରିଛି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଅପରେଶନକୁ ବଡ ସଫଳତା ମିଳିଛି। ପ୍ରଥମ ଦିନରେ ୩୫ଜଣ ଶିଶୁଙ୍କୁ ଉଦ୍ଧାର କରିଛି ପରୀ-୨ ଟିମ୍। ସେମାନଙ୍କ ମଧ୍ୟରେ ୩୦ଜଣ ନାବାଳକ ରହିଥିବା ବେଳେ ୫ଜଣ ନାବାଳିକା ଅଛନ୍ତି। ୬ ଜଣଙ୍କୁ ଅପହରଣ କରି ନିଆଯିବା ପରେ କାର୍ଯ୍ୟରେ ଲଗାଯାଇଥିଲା ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ଗଞ୍ଜାମ ଜିଲାରୁ ସର୍ବାଧିକ ୧୦ଜଣ ଶିଶୁ ଉଦ୍ଧାର ହୋଇଥିବାବେଳେ ବ୍ରହ୍ମପୁର ପୋଲିସ ଜିଲାରୁ ୭ ଏବଂ ସମ୍ବଲପୁର ଜିଲାରୁ ୪ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଏହି ଶିଶୁମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଶ୍ରମିକ ଭାବେ ନିୟୋଜିତ କରାଯାଇଥିଲା। ତେବେ ଉଦ୍ଧାର ପରେ ଶିଶୁମାନଙ୍କୁ ବିଭିନ୍ନ ଶିଶୁ ସୁରକ୍ଷା ସମିତିରେ ରଖାଯାଇଥିବା ବେଳେ ଏ ସମ୍ପର୍କରେ ସେମାନଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି। ଏହି ଅପରେଶନ ଆହୁରି ୨୯ ଦିନ ଚାଲିବାକୁ ଥିବାବେଳେ ଆଗାମୀ ଦିନରେ ବହୁ ସଫଳତା ମିଳିବ ବୋଲି କ୍ରାଇମବ୍ରାଞ୍ଚ ଆଶା ରଖିଛି।

ସୂଚନାଯୋଗ୍ୟ, ନିଖୋଜ ଶିଶୁମାନଙ୍କୁ ଖୋଜିବା ପାଇଁ ଗତ ଅଗଷ୍ଟ ୨୧ରେ ଅପରେଶନ ମୁସ୍କାନ-୨ର ନାମ ପରିବର୍ତ୍ତନ କରାଯାଇ ପରୀ-୨ ରଖାଯାଇଥିଲା। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସେପ୍ଟେମ୍ବର ୧ରୁ ୧୫ ତାରିଖ ଏବଂ ୧୬ରୁ ୩୦ ତାରିଖ ଦୁଇଟି ପର୍ଯ୍ୟାୟରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ନିଖୋଜ ଶିଶୁଙ୍କୁ ଉଦ୍ଧାର କରିବ।






ଏ ଜଗତରେ ସମସ୍ତେ ପର, ଈଶ୍ୱର ଏକମାତ୍ର ଆପଣାର।
- ଶ୍ରୀ ରାମକୃଷ୍ଣ ପରମହଂସ



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଏସ୍ ଓ୍ୱି କ୍ୟାନ୍ ପକ୍ଷରୁ 'ସମୃଦ୍ଧ ଭାରତ ବିକଶିତ ଓଡ଼ିଶା ପାଇଁ ସଂକଳ୍ପ', ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ଇଗ୍‌ନୋ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ଓଡ଼ିଶା ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ୍, ସତ୍ୟନଗର, ପୂର୍ବାହ୍ନ ୧୦ଟା ୩୦।
- ବାଇବେଲ୍ ଶିକ୍ଷା, ପ୍ଲଟ୍ ନଂ. ଏ-୧/୨, ଇନ୍ଦିରାଗାନ୍ଧୀ ହାଉସିଂ କଲୋନୀ, ଶିଶୁପାଳଗଡ଼, ଲିଙ୍ଗିପୁର, ପୂର୍ବାହ୍ନ ୧୦ଟା ୩୦ ଓ ସନ୍ଧ୍ୟା ୬ଟା।
- ସେଣ୍ଟ ଜନ୍ ଆମ୍ବୁଲାନ୍ସ ଓଡ଼ିଶା ଷ୍ଟେଟ୍ ସେଣ୍ଟର ପକ୍ଷରୁ ବିଶ୍ୱ ଫାଷ୍ଟଏଡ୍ ସଚେତନତା ସପ୍ତାହ ପାଳନ ପରିପ୍ରେକ୍ଷୀରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସର ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ସାଥ୍-ସାଥ୍'ର ସପ୍ତମ ଦିବସ, ଗ୍ୟାଲେରି ପରିସର, ପୂର୍ବାହ୍ନ ୧୧ଟା ୩୦।
- ସଦ୍‌ଗୁରୁ ସାଇନାଥ ମହାରାଜଙ୍କ ୭ମ ବାର୍ଷିକ ମହୋତ୍ସବ-୨୦୧୮ର ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ, ନୀଳାଦ୍ରି ବିହାର ହିଲ୍‌ଟପ୍‌ସ୍ଥିତ ଶ୍ରୀଶିରିଡ଼ି ସାଇ କୁଟୀର ପ୍ରାଙ୍ଗଣ, ଅପରାହ୍ନ ୩ଟା।
- ଏସିଆନ ଗେମ୍‌ରେ ଭାରତ ପାଇଁ ଦୁଇ ରୌପ୍ୟ ପଦକ ହାସଲ କରିଥିବା ଅନ୍ତର୍ଜାତୀୟ ସ୍ତରର ଧାବିକା ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ହୋଟେଲ ମେ' ଫେୟାର ସମ୍ମିଳନୀ କକ୍ଷ, ଅପରାହ୍ନ ୪ଟା।
- ମୀନାକ୍ଷୀ ସାହୁଙ୍କ ଗବେଷଣାଧର୍ମୀ ପୁସ୍ତକ ଲୋକାର୍ପଣ ଉତ୍ସବ, ରାଜ୍ୟ ଅଭିଲେଖାଗାର ସଭାଗୃହ, ସନ୍ଧ୍ୟା ୬ଟା ୩୦।
- ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ପଞ୍ଚମ ପଦ୍ମଶ୍ରୀ ମାଗୁଣି ଦାସ ମେମୋରିଆଲ ଗୋଟିପୁଅ ଡ୍ୟାନ୍ସ ଫେଷ୍ଟିଭାଲ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ଲୁପ୍ତପ୍ରାୟ ଲୋକକଳା କାର୍ଯ୍ୟକ୍ରମରେ ଗିତିନାଟ୍ୟ 'ପ୍ୟାଟେଣ୍ଟ ମେଡିସିନ୍' ପରିବେଷଣ, ଭାରତୀୟ ବିଦ୍ୟାଭବନ ମୁନ୍‌ସୀ ହଲ୍, ଖାରବେଳନଗର, ରାତି ୭ଟା।

## ସଂକ୍ଷେପରେ

### ଭୁବନେଶ୍ୱର ଅପରେଶନ୍ସ ସେଣ୍ଟର ବୁଲିଲେ ୯୫ ଓଏଏସ୍ ଅଧିକାରୀ

**ଭୁବନେଶ୍ୱର, ୨।୯(ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେଶନରେ ଟ୍ରେନିଂ ନେଉଥିବା ୯୫ ଜଣ ଓଏଏସ୍ ଅଧିକାରୀ ରବିବାର ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ(ବିଏସ୍‌ସିଏଲ୍) କାର୍ଯ୍ୟାଳୟରେ ଥିବା ଭୁବନେଶ୍ୱର ଅପରେଶନ୍ସ ସେଣ୍ଟର(ବିଓସି) ବୁଲି ଦେଖିଛନ୍ତି। ସ୍ମାର୍ଟସିଟି ପ୍ରକଳ୍ପ ବିଷୟରେ ଜାଣିବା ପାଇଁ ଏହି ଅଧିକାରୀମାନେ ଇଚ୍ଛା ପ୍ରକାଶ କରିଥିଲେ। ଏକାଡେମୀର ଯୁଗ୍ମ କମିଶନର ପ୍ରଫୁଲ ସ୍ୱାଇଁ କୁହନ୍ତି, ଗୋଟିଏ ଛାତତଳେ କିପରି ଏତେବଡ ସହରର ଟ୍ରାଫିକ୍ ବ୍ୟବସ୍ଥା, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତି, ଅଭିଯୋଗର ସମାଧାନ କରାଯାଉଛି ତାହା ଜାଣିବା ପାଇଁ ଅଧିକାରୀମାନେ ଚାହିଁଥିଲେ। ସ୍ମାର୍ଟସିଟିର ଏସବୁ ବ୍ୟବସ୍ଥା ବିଷୟରେ ବିଏସ୍‌ସିଏଲର ମହାପ୍ରବନ୍ଧକ ବିଜୟ କୁମାର ସ୍ୱାଇଁ ସେମାନଙ୍କୁ ବୁଝାଇଥିଲେ। ବିଏସ୍‌ସିଏଲ୍‌ର ମୁଖ୍ୟ ବିତ୍ତ ଅଧିକାରୀ ଅରବିନ୍ଦ ରାଉତରାୟ ପ୍ରକଳ୍ପର ଆର୍ଥିକ ମଞ୍ଜୁର ସମ୍ପର୍କରେ କହିଥିଲେ। ସୂଚନାଯୋଗ୍ୟ, ଭୁବନେଶ୍ୱର ଅପରେଶନ୍ସ ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଜୁଲାଇ ୯ରେ ଉଦ୍‌ଘାଟନ କରିଥିଲେ।

# ଟ୍ରାଫିକ୍ ପୋଲିସ, ପିସିଆର କର୍ମଚାରୀଙ୍କୁ ଆକ୍ରମଣ

**ଭୁବନେଶ୍ୱର, ୨।୯(ବ୍ୟୁରୋ)**

ଟ୍ରାଫିକ ନିୟମ ଉଲ୍ଲଂଘନ କରି ଯାଉଥିବା ୩ ଯୁବକଙ୍କୁ ଅଟକାଇବାରୁ ସେମାନେ କାର୍ଯ୍ୟରତ ଜଣେ ଟ୍ରାଫିକ ପୋଲିସ ଏବଂ ପିସିଆର କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ରବିବାର ଅପରାହ୍ନରେ ଫାୟାର ଷ୍ଟେଶନ ଛକରେ ଏହି ଘଟଣା ଘଟିଛି। ପୋଲିସ ଅଭିଯୁକ୍ତ ୩ ଯୁବକଙ୍କୁ ଗିରଫ କରିବା ସହ ସେମାନଙ୍କ ବାଇକ୍ ଜବତ କରିଛି। ସେମାନେ ହେଲେ ନୟାପଲ୍ଲୀ ଥାନା ଅଧୀନ ଆମ୍ବେଦକର ବସ୍ତିର ଅନିଲ ପ୍ରଧାନ(୨୮), ସନ୍ତୋଷ ପାତ୍ର(୨୫) ଓ ସାଲିଆସାହି ଅଞ୍ଚଳର ମୁନୁ ନାୟକ(୨୯)।

ସୂଚନା ମୁତାବକ, ଅପରାହ୍ନ ପ୍ରାୟ ୩ଟା ବେଳେ ଫାୟାର ଷ୍ଟେଶନ ଛକରେ ଟ୍ରାଫିକ କନଷ୍ଟେବଳ ପ୍ରସନ୍ନ ପ୍ରଧାନ ଡ୍ୟୁଟି କରୁଥିଲେ। ଏହି ସମୟରେ ଓଡି ୩୩ପି ୩୭୭୮ ନମ୍ବର ବାଇକରେ ୩ ଯୁବକ ଟ୍ରାଫିକ ନିୟମ ଉଲ୍ଲଂଘନ କରି ଯାଉଥିଲେ। ପ୍ରସନ୍ନ ଉକ୍ତ ବାଇକ୍‌କୁ ଅଟକାଇବାରୁ ଯୁବକମାନେ ତାଙ୍କୁ ଗାଳି ଗୁଲଜ କରିଥିଲେ। ଫଳରେ ପ୍ରସନ୍ନ ଗାଡିକୁ ରାସ୍ତା କଡକୁ ସାଇଡ୍ କରିଥିଲେ। ଏହାକୁ ନେଇ ପ୍ରସନ୍ନଙ୍କ ସହିତ ସେମାନଙ୍କର ବଚସା ହୋଇଥିଲା। ପ୍ରସନ୍ନ ପିସିଆରକୁ ଖବର ଦେବା ସହ ଫାଇନ ନ ଦେଲେ ଛଡାଯିବ ନାହିଁ ବୋଲି କହିଥିଲେ। କିଛି ସମୟ ପରେ ପିସିଆର ଭ୍ୟାନ ପହଞ୍ଚିଥିଲା। ଏହା ପରେ ଯୁବକମାନେ ଅଧିକ ଦୁର୍ବ୍ୟବହାର କରିଥିଲେ। ପିସିଆର କର୍ମଚାରୀ ଚନ୍ଦନ ପଲେଇ ସେମାନଙ୍କୁ ବିରୋଧ କରିବାବେଳେ ୩ ଜଣ ଯାକ ତାଙ୍କୁ ଏବଂ ପ୍ରସନ୍ନଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଆଉ ଏକ ପିସିଆର ଭ୍ୟାନ ପହଞ୍ଚିବା ସହ ଅକ୍ରମଣକାରୀଙ୍କୁ ଥାନାକୁ ଉଠାଇ ନେଇଥିଲା। ପ୍ରସନ୍ନ ଏବଂ ଚନ୍ଦନ ପଲ୍ଲେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ଦଫା ୩୪୧, ୨୯୪, ୩୨୩, ୩୫୩, ୩୯୨, ୪୨୭ ଓ ୫୦୬ ଅନୁସାରେ ଏକ ମାମଲା(୩୯୨/୧୮) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

**୩ ଗିରଫ, ବାଇକ୍ ଜବତ**



ଗିରଫ ୩ ଅଭିଯୁକ୍ତ।

# ଦୁର୍ଗାପୂଜା ପାଇଁ ନଦୀରୁ ମାଟି ଅନୁକୂଳ

**ବାଲିଅନ୍ତା, ୨।୯(ଡି.ଏନ୍.ଏ.)**

ଭୁବନେଶ୍ୱର ସହରରେ ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ପାଇଁ ରବିବାର ମାଟି ଅନୁକୂଳ କରାଯାଇଛି। ଏନେଇ ବିଭିନ୍ନ ଦୁର୍ଗାପୂଜା ସମିତି ପକ୍ଷରୁ ଶୋଭାଯାତ୍ରା କରାଯିବା ସହ ବାଦ୍ୟ, ଘଣ୍ଟ, ସଂକୀର୍ତ୍ତନ କରାଯାଇ ନଦୀରୁ ମାଟି ସଂଗ୍ରହ କରାଯାଇଥିଲା। ଏହାକୁ ମୃତ୍ତିକା ଆନୟନ ଉତ୍ସବ କିମ୍ବା ମାଟିଯାତ୍ରା ବୋଲି କୁହାଯାଇଥାଏ। ନୟାପଲ୍ଲୀ ଦୁର୍ଗାପୂଜା ସମିତି, ଜୟଦେବ ବିହାର, ପାଇକାରାପୁର, ନୂଆସାହି ମହାବୀର ପୂଜା କମିଟି, ପୁରୁଣା ଏଜି କଲୋନୀ ୟୁନିଟ-୪, ନୂଆ ଏଜି କଲୋନୀ ସମେତ ବହୁ କମିଟି ପକ୍ଷରୁ ଏହି ମାଟି ଅନୁକୂଳ କରାଯାଇଥିଲା। ରାଜଧାନୀ ଉପକଣ୍ଠ କୁଆଖାଇ ନଦୀକୂଳରେ ବିଭିନ୍ନ ପୂଜା କମିଟି ପକ୍ଷରୁ ହୋଇଥିଲା ହୋମଯଜ୍ଞ। ପରେ କମିଟିର ସମସ୍ତ କର୍ମକର୍ତ୍ତା ବ୍ରତଧାରଣ କରି ପୁଷ୍ପାଞ୍ଜଳି ଦେଇଥିଲେ। ନଦୀକୂଳରୁ ନୂତନ ଫାଉଡାରେ ସଂଗୃହୀତ ମାଟିକୁ ଏକ ପାତ୍ରରେ ରଖାଯାଇଥିଲା। ପରେ ସେହି ମାଟିକୁ ଏକ ଶୋଭାଯାତ୍ରାରେ ବିଭିନ୍ନ ଦେବାଦେବୀଙ୍କ ମନ୍ଦିର ପରିକ୍ରମା କରାଯାଇ ପୂଜାମଣ୍ଡପକୁ ନିଆଯାଇଥିଲା। ଦ୍ୱାପର ଯୁଗରେ କଂସର ଅତ୍ୟାଚାର ସହି ନ ପାରି ଭଗବାନ କୃଷ୍ଣ ଦେବକୀଙ୍କ ଗର୍ଭରୁ ଜନ୍ମ ନେଇଥିବା ବେଳେ ମା' ଯଶୋଦାଙ୍କ ଗର୍ଭରୁ ବିଜୁଳି କନ୍ୟା ଭାବେ ମା' ଦୁର୍ଗା ଜନ୍ମଗ୍ରହଣ କରିଥିଲେ। ତେଣୁ ଜନ୍ମାଷ୍ଟମୀ ତିଥିରେ ମା'ଙ୍କର ମାଟି ଅନୁକୂଳ ପରମ୍ପରା ରହିଛି ବୋଲି ନୟାପଲ୍ଲୀ ଦୁର୍ଗାପୂଜା ସମିତିର ଉପଦେଷ୍ଟା ନବକିଶୋର ବେହେରା କହିଛନ୍ତି। ମାଟି ଅନୁକୂଳ ଉତ୍ସବ ମାତୃଶକ୍ତି ପ୍ରତି ଗଭୀର ଆସ୍ଥା ଓ ବିଶ୍ୱାସର ପ୍ରତୀକ ବୋଲି କମିଟିର କେଦାର ପଟ୍ଟନାୟକ କହିଛନ୍ତି।



କୁଆଖାଇ ନଦୀ କୂଳରେ ନୟାପଲ୍ଲୀ ଦୁର୍ଗାପୂଜା ସମିତି ପକ୍ଷରୁ ମାଟି ଅନୁକୂଳ କରାଯାଉଛି।

# ଶୂନ୍ୟ ନିର୍ଗମନ ନୀତି ଆଜିର ଲକ୍ଷ୍ୟ

**ଭୁବନେଶ୍ୱର, ୨।୯(ବ୍ୟୁରୋ)**

ଯାନବାହନରେ ବ୍ୟବହୃତ ପେଟ୍ରୋଲ, ଡିଜେଲ ଏବଂ ପ୍ରାକୃତିକ ବାଷ୍ପ ଇନ୍ଧନ ବହୁ ଗୁରୁତର ସମସ୍ୟା ସୃଷ୍ଟି କରିଛି। ଏହି ଇନ୍ଧନ ଦହନରୁ ନିର୍ଗତ କ୍ଷତିକାରକ ପଦାର୍ଥ ବାୟୁମଣ୍ଡଳକୁ ପ୍ରଦୂଷିତ କରିବା ସହିତ ମନୁଷ୍ୟ ତଥା ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏପରି କି କ୍ୟାନ୍‌ସରର ସୃଷ୍ଟି କରୁଛି। ତେଣୁ ବିଜ୍ଞାନ ଓ ପ୍ରଯୁକ୍ତି ଗବେଷଣା ମାଧ୍ୟମରେ ଏବେ ବିଦ୍ୟୁତ୍ ଶକ୍ତି, ସୌର ଶକ୍ତି, ଜୈବିକ ଶକ୍ତି, ବ୍ୟାଟେରି ପରି ବିକଳ୍ପ ଇନ୍ଧନ ଉତ୍ସକୁ ବ୍ୟବହାର କରି ବିଭିନ୍ନ ପ୍ରକାରର ଗାଡ଼ିମାନ ନିର୍ମାଣ ହେଲାଣି। 'ଶୂନ୍ୟ ନିର୍ଗମନ' ନୀତି ହେଉଛି ଆଜିର ଲକ୍ଷ୍ୟ। ସରକାର ଏ ଦିଗରେ ପ୍ରୋତ୍ସାହନ କରିବା ନିମନ୍ତେ ନୀତି ଓ ଯୋଜନା ପ୍ରଣୟନ କରିବା ଉଚିତ ବୋଲି ରବିବାର ଓଡ଼ିଶା ପରିବେଶ ସମିତି ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ସମିତିର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ପଞ୍ଚାୟତିରାଜ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ତଥା ପରିବହନ ବିଶେଷଜ୍ଞ ଡ. ଦିଲୀପ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମିତି ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତି ସମାରୋହ

**ଭୁବନେଶ୍ୱର, ୨।୯(ବ୍ୟୁରୋ):** ଧର୍ମ ଜାଗରଣ ସମନ୍ୱୟ ବିଭାଗ ଓଡ଼ିଶା ତରଫରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ରାଜ୍ୟସ୍ତରୀୟ ସ୍ମୃତି ସଭା ଓ ବଳିଦାନ ଦିବସ ସ୍ଥାନୀୟ ୟୁନିଟ-୮ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ସୂର୍ଯ୍ୟକାନ୍ତ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ତାଙ୍କ ଚାରିଜଣ ସହଯୋଗୀଙ୍କ ହତ୍ୟାକାରୀଙ୍କୁ ଧରି ଦଣ୍ଡ ଦେବାରେ ସରକାରଙ୍କ ବିଫଳତାକୁ ଦୃଢ଼ ନିନ୍ଦା କରାଯିବା ସହିତ ସ୍ୱାମିଜୀଙ୍କ ତ୍ୟାଗପୂତ ଜୀବନ ଏବଂ ବନବାସୀମାନଙ୍କର ଉତ୍‌ଥାନ ତଥା ଧର୍ମରକ୍ଷା ପାଇଁ ବଳିଦାନ ବିଷୟରେ ସ୍ମୃତିଚାରଣ କରାଯାଇଥିଲା। ନିଗମ କଳ୍ପତରୁ ଆଶ୍ରମ, ହଂସପାଳର ମୁଖ୍ୟ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟ ଅତିଥିରୂପେ ଯୋଗଦେଇ ସ୍ୱାମିଜୀଙ୍କ ସେବା ଓ ତ୍ୟାଗର ତୁଳନା ନାହିଁ ଏବଂ ସମସ୍ତେ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ମାର୍ଗଦର୍ଶନ ଦେଇଥିଲେ। ଆରଏସ୍‌ଏସ୍ ଢେଙ୍କାନାଳ ବିଭାଗ, କାର୍ଯ୍ୟକାରିଣୀ ସଦସ୍ୟ ହେମନ୍ତ କୁମାର ଧର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ସ୍ୱାମିଜୀଙ୍କର ଜୀବନାଦର୍ଶ, ଧର୍ମ ସମାଜ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ରାଜ୍ୟ ସଂଯୋଜକ ଆଲୋକ କୁମାର ଖଟୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ତ୍ରିନାଥ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଶ୍ରୀକୃଷ୍ଣଙ୍କ ଜନ୍ମାଭିଷେକ ଦେଖିଲେ ଭକ୍ତ

**ଭୁବନେଶ୍ୱର, ୨।୯(ବ୍ୟୁରୋ)**

ପବିତ୍ର ଜନ୍ମାଷ୍ଟମୀ ଅବସରରେ ରବିବାର ଉତ୍ସବମୁଖର ହୋଇଉଠିଥିଲା ସମଗ୍ର ରାଜଧାନୀ। ଭଗବାନ ଶ୍ରୀକୃଷ୍ଣଙ୍କ ଦର୍ଶନ କରିବାକୁ ପ୍ରାତଃରୁ ରାଜଧାନୀର ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡି ଦେଖିବାକୁ ମିଳିଥିଲା। ବିଶେଷକରି ରାମମନ୍ଦିର ଓ ଇସ୍କନ ମନ୍ଦିରରେ ସକାଳୁ ରାତି ପର୍ଯ୍ୟନ୍ତ ବହୁ ସଂଖ୍ୟକ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପ୍ରଭୁଙ୍କ ଦର୍ଶନ ପାଇଁ ରାମ ମନ୍ଦିରରେ ରବିବାର ସକାଳ ୬ଟାରୁ ଲମ୍ବାଧାଡି ଲାଗିଥିଲା। ସନ୍ଧ୍ୟାରେ ଶ୍ରୀରାମ ଭଜନ ଓ କୀର୍ତ୍ତନରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ମଧ୍ୟରାତ୍ରିରେ ଏଠାରେ ଶ୍ରୀକୃଷ୍ଣଙ୍କ ଜନ୍ମାଭିଷେକ ଅନୁଷ୍ଠିତ ହୋଇଥିଲା। ପଞ୍ଚାମୃତ ସ୍ନାନ ସହ ନୂତନ ବସ୍ତ୍ର ପିନ୍ଧାଯାଇ ଠାକୁରଙ୍କୁ ଅଭିଷେକ କରାଯିବା ସହିତ ଝୁଲାରେ ଝୁଲାଯାଇଥିଲା। ଏହାପରେ ଯଶୋଦା ମାତା ଓ ନନ୍ଦରାଜାଙ୍କ ପୂଜା କରାଯାଇଥିଲା। ଅନ୍ୟପକ୍ଷରେ ଜନ୍ମାଷ୍ଟମୀ ଲାଗି ଇସ୍କନ ମନ୍ଦିରରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଠାରେ ସୋମବାର ଜନ୍ମାଷ୍ଟମୀ ପାଳନ ହେବାକୁ ଥିବାବେଳେ ରବିବାର ପ୍ରାତଃରୁ ମହାପ୍ରଭୁଙ୍କ ପୂଜାନୀତି ଆରମ୍ଭ ହୋଇଥିଲା। ସକାଳୁ ଦର୍ଶନ ଆରତୀ ଏବଂ ଗୁରୁପୂଜା ହେବାପରେ ଶ୍ରୀକୃଷ୍ଣ ବେଶ ଅନୁଷ୍ଠିତ ହୋଇଥିଲା। ଏହାପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ଶ୍ରଦ୍ଧାଳୁମାନେ ଦର୍ଶନ କରିବା ସହ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଦୋଳିରେ ଝୁଲାଇବାର ଅବସର ପାଇଥିଲେ।

### ଶ୍ରୀଲିଙ୍ଗରାଜ ମନ୍ଦିରରେ ଜନ୍ମାଷ୍ଟମୀ

**ପୁରୁଣା ଭୁବନେଶ୍ୱର, ( ଡି.ଏନ.ଏ.):** ଜନ୍ମାଷ୍ଟମୀ ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିରରେ ସ୍ୱତନ୍ତ୍ର ନୀତି ସମ୍ପନ୍ନ ହୋଇଥିଲା। ଠାକୁରାଣୀଙ୍କ ସନ୍ଧ୍ୟାଧୂପ ପରେ ଜନ୍ମାଷ୍ଟମୀ ଉତ୍ସବ ଆରମ୍ଭ ହୋଇଥିଲା। ମନ୍ଦିରର ଦକ୍ଷିଣ ଘରେ ଥିବା କୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ତଳେ ଅବସ୍ଥାନ କରାଯାଇଥିଲା। ପୂଜାର୍ଚ୍ଚନା ପରେ ନାଭି କଟା ମଣ୍ଡପ ଖଟୁଲିରେ ବୈଦିକ ରୀତିରେ ନାଭିକଟା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ଦିଅଁଙ୍କୁ ସ୍ନାନ ବେଶ କରାଯାଇଥିଲା। ପୂଜାର୍ଚ୍ଚନା, ଆଳତି ସହ ସମସ୍ତ ନୀତି ସମ୍ପନ୍ନ ପରେ ଠାକୁର ଦକ୍ଷିଣ ଘରକୁ ଫେରିଥିଲେ। ମନ୍ଦିର ବଡସିଂହାର ଓ ପଞ୍ଚବକ୍ତ୍ର ଆଳତି ହୋଇ ପହଡ ପଡିଥିଲା।

# ଓଡ଼ିଶା ଇତିହାସକୁ ବିଶ୍ୱବ୍ୟାପ୍ତ କରିଥିଲେ ଭବାନୀଚରଣ ରାୟ

**ଭୁବନେଶ୍ୱର, ୨।୯(ବ୍ୟୁରୋ)**

ସ୍ୱାଧୀନୋତ୍ତର କାଳରେ ଯେଉଁ କେତେଜଣ ଐତିହାସିକ ଓଡ଼ିଶା ଇତିହାସ, ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ଗବେଷଣା କରି ସୁନାମ ଅର୍ଜନ କରିଥିଲେ ସେମାନଙ୍କ ମଧ୍ୟରେ ଆଗଧାଡିରେ ଥିଲେ ପ୍ରଫେସର ଡ. ଭବାନୀଚରଣ ରାୟ। ଏହି ପ୍ରଖ୍ୟାତ ଐତିହାସିକ ପୁରୀ ଜିଲା ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଜଗଦଳପୁର ଗ୍ରାମରେ ୧୯୨୧ରେ ଜନ୍ମଗ୍ରହଣ କରିଥିଲେ। ଅଲ୍ଲାହାବାଦ ବିଶ୍ୱବିଦ୍ୟାଳୟ ଏବଂ ଏବଂ ଲଣ୍ଡନର ସ୍କୁଲ୍ ଅଫ୍ ଓରିଏଣ୍ଟାଲ ଆଣ୍ଡ ଆଫ୍ରିକାନ୍ ଷ୍ଟଡିଜ୍‌ରୁ ଉଚ୍ଚଶିକ୍ଷା ଲାଭ କରିଥିବା ରାୟ ଓଡ଼ିଶା ଇତିହାସର ବହୁ ଅଜ୍ଞାତ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆଣିଥିଲେ। ଓଡ଼ିଶାରେ ମୁସଲମାନ ରାଜତ୍ୱ, ମରହଟ୍ଟା ରାଜତ୍ୱ ଓ ବ୍ରିଟିଶ ରାଜତ୍ୱ ଉପରେ ଗବେଷଣା କରି ସଫଳତା ପାଇଥିଲେ। ଓଡ଼ିଶାରେ ମରହଟ୍ଟା ଶାସନ ଓ ଖୋର୍ଦ୍ଧା ପାଇକ ବିଦ୍ରୋହ ସମ୍ବନ୍ଧରେ ସାମ୍ରାଜ୍ୟବାଦୀ ବ୍ରିଟିଶ ଲେଖକଙ୍କ ମତାମତ ଭ୍ରାନ୍ତ ଓ ଉଦ୍ଦେଶ୍ୟମୂଳକ ବୋଲି ସେ ପ୍ରମାଣିତ କରିଥିଲେ। ୧୮୧୭ରେ ଖୋର୍ଦ୍ଧାରେ ବ୍ରିଟିଶ ଶାସନ ବିରୋଧରେ ପାଇକ ବିଦ୍ରୋହର ସୂତ୍ରପାତ ହୋଇଥିଲା, ଯାହାକୁ ବ୍ରିଟିଶ ମାନେ ସିପାହୀ ବିଦ୍ରୋହର ନାମ ଦେଇଥିଲେ। କିନ୍ତୁ ପ୍ରଫେସର ରାୟ ଏହି ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଏବଂ ବକ୍ସି ଜଗବନ୍ଧୁଙ୍କୁ ଭାରତ ସ୍ୱାଧୀନତା ଆନ୍ଦୋଳନର ଆଦ୍ୟଗୁରୁ ବୋଲି ପ୍ରମାଣିତ କରିଥିଲେ। ତାଙ୍କ ଗବେଷଣାରେ ଓଡ଼ିଆ ଜାତିର ଇତିହାସ ଜୀବନ୍ତ ହେବା ସହ ବିଶ୍ୱସ୍ତରରେ ପରିବ୍ୟାପ୍ତ ହୋଇଥିଲା ବୋଲି ଏଠାରେ ମତପ୍ରକାଶ ପାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସେଣ୍ଟର ଫର୍ ଆଡ୍‌ଭାନ୍ସ ଷ୍ଟଡିଜ୍ ଇନ୍ ହିଷ୍ଟ୍ରି ଆଣ୍ଡ କଲଚର୍ ପକ୍ଷରୁ ରବିବାର ରାଜ୍ୟ ଅଭିଲେଖାଗାର ପରିସରରେ ଆୟୋଜିତ ପ୍ରଫେସର ଭବାନୀଚରଣ ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ବକ୍ତାମାନେ ଏହା କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ଯୋଗଦେଇ ରାୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଅତୁଲ୍ୟ ଚନ୍ଦ୍ର ପ୍ରଧାନ, ଡ. କୈଳାସ ଚନ୍ଦ୍ର ଦାଶ, ଡ. ହେମନ୍ତ କୁମାର ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଜ ମହାନଦୀ ଅଭିଯାନ ରଥକୁ ସ୍ୱାଗତକଲେ ଗ୍ରାମବାସୀ

**ବାରଙ୍ଗ, ୨।୯(ଡି.ଏନ୍.ଏ.)**

ସବୁଜ ମହାନଦୀ ଅଭିଯାନ ରଥକୁ ରବିବାର ବେଲଗଛିଆ ଓ ଜରିପାଟଣାଠାରେ ଗ୍ରାମବାସୀମାନେ ସ୍ୱାଗତ କରିଛନ୍ତି । ଏହି ସଚେତନତା ରଥ ପହଞ୍ଚିବା ନେଇ ପୂର୍ବରୁ ମଞ୍ଚେଶ୍ୱର ବନାଞ୍ଚଳ ପକ୍ଷରୁ ସ୍ଥାନୀୟ ଗ୍ରାମବାସୀଙ୍କୁ ସୂଚନା ଦିଆଯାଇଥିଲା। ବେଲଗଛିଆରେ ଗ୍ରାମବାସୀମାନେ ସଙ୍କୀର୍ତ୍ତନ କରି ଗ୍ରାମ ପରିକ୍ରମା କରାଇଥିଲେ । ସେହିଭଳି ଭାବେ ବରିମୁଣ୍ଡ ସରପଞ୍ଚ ବିରେନ୍ଦ୍ରଜେନାଙ୍କ ନେତୃତ୍ୱରେ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସଞ୍ଜୟ କୁମାର ପତି, ପ୍ରଦୀପ୍ତ ମିଶ୍ରଙ୍କ ସମେତ ଗ୍ରାମବାସୀମାନେ ଏକାଠି ହୋଇ ସଚେତନତା ରଥକୁ ସ୍ୱାଗତ କରିଥିଲେ । ଏ ସମ୍ପର୍କରେ ମଞ୍ଚେଶ୍ୱର ରେଞ୍ଜ ଅଫିସର ଗୌରଗୋପଳସିଂଙ୍କୁ ପଚାରିବାରୁ ସେ କହିଥିଲେ, ଏହି ସଚେତନତା ରଥ ଆଜି ଆମ ବନାଞ୍ଚଳରେ ପହଞ୍ଚିଛି । ମହାନଦୀ, ଉପନଦୀ ଓ ଶାଖାନଦୀଗୁଡ଼ିକରେ ବୃକ୍ଷରୋପଣ କରି ସବୁଜ ବଳୟ ସୃଷ୍ଟି କରିବା ସହ ମହାନଦୀର ଜଳରାଶି ବୃଦ୍ଧି, ମୃତ୍ତିକା କ୍ଷୟକୁ ରୋକିବା ଦିଗରେ ଜନତା ସଚେତନ ହେବା ଉଦ୍ଦେଶ୍ୟରେ ଜଙ୍ଗଲ ବିଭାଗ ପକ୍ଷରୁ ଏହାର ପରିକଳ୍ପନା କରାଯାଇଛି ବୋଲି କହିଥିଲେ ।

# ସାମାଜିକ କର୍ମୀ କାଳୀପ୍ରସାଦଙ୍କ ଶ୍ରଦ୍ଧାଞ୍ଜଳିରେ ରକ୍ତଦାନ ଶିବିର



**ଭୁବନେଶ୍ୱର, ୨।୯**

ବିଶିଷ୍ଟ ସମାଜସେବୀ ତଥା ବିଜୁପଟ୍ଟନାୟକ କମ୍ପ୍ୟୁଟର ଏକାଡେମୀର ପ୍ରତିଷ୍ଠାତା ସ୍ୱର୍ଗତ କାଳୀପ୍ରସାଦ ସାମନ୍ତରାୟଙ୍କ ଚତୁର୍ଦ୍ଦଶାହ ଉପଲକ୍ଷେ ବିଜୁ ପଟ୍ଟନାୟକ ହୋଟେଲ ମ୍ୟାନେଜମେଣ୍ଟ କଲେଜ ପରିସର ଜଗନ୍ନାଥନଗରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିକାଶ ଓ ଭିନ୍ନକ୍ଷମ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉକ୍ତ ଶିବିରକୁ ଉଦଘାଟନ କରିବା ସହ ବୃକ୍ଷରୋପଣ କରିଥିଲେ। ଅନୁଷ୍ଠାନର ସଭାପତି ସୀତା ବଲ୍ଲଭ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରଦେଶ କଂଗ୍ରେସ ଉପସଭାପତି ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀ, ଜୀମୂତ ମଙ୍ଗରାଜ, ରୁଦ୍ର ମହାନ୍ତି, ବିଶ୍ୱନାଥ ସାମଲ, ପର୍ଶୁରାମ ଦ୍ୱିବେଦୀ, ତନୁଜା ରଥ, ମାଧବ ଶତପଥୀ, ସୁଶାନ୍ତ ଷଡଙ୍ଗୀ, ସୁମନ୍ତ ଦାସ, ଶମ୍ଭୁଭାଇ ଓ ବିଶ୍ୱନାଥ ଜେନାଙ୍କ ସହ ବହୁ ଛାତ୍ର, ଯୁବକ, ମହିଳା ଶ୍ରଦ୍ଧାଞ୍ଜଳି ଜଣାଇବା ସହ ରକ୍ତଦାନ କରିଥିଲେ । କାର୍ଯ୍ୟକ୍ରମକୁ ସମ୍ପାଦିକା ଗୌତମୀ ସାମନ୍ତରାୟ, ସାଧୁକୃପା ସାମନ୍ତରାୟ, ତପନ ପଟ୍ଟନାୟକ, ଶେଷଦେବ ବଳିଆରସିଂ, ଦେବେନ୍ଦ୍ର ପ୍ରସାଦ ମିଶ୍ର, ବିନୋଦ ବିହାରି ରଥ ପ୍ରମୁଖ ପରିଚାଳନା କରିଥିଲେ ।

## ବିଭିନ୍ନ ସ୍ଥାନରେ ପବିତ୍ର ଜନ୍ମାଷ୍ଟମୀ



ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଇସ୍କନ ମନ୍ଦିରରେ ରବିବାର ଜନ୍ମାଷ୍ଟମୀ ପାଳନ ଅବସରରେ କୃଷ୍ଣ ବେଶରେ ଥିବା ପିଲାମାନେ।



ଭୁବନେଶ୍ୱରସ୍ଥିତ ୟୁନିଟ୍-୯ ଫ୍ଲାଟ୍ ରାଧାକୃଷ୍ଣ ମନ୍ଦିରରେ ମହିଳା ଓ ଶିଶୁ କୃଷ୍ଣଙ୍କୁ ଦୋଳିରେ ଝୁଲାଉଛନ୍ତି।



ୟୁନିଟ୍-୩ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉପଲକ୍ଷେ ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ।



ୟୁନିଟ୍-୯ସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓମ୍ ନିବାସଠାରେ ଜନ୍ମାଷ୍ଟମୀ ଉତ୍ସବ ଅବସରରେ ରାଧାକୃଷ୍ଣ ବେଶଧାରୀ ପିଲାଙ୍କ ସହ ଅତିଥି।



ଆଗାମୀ ଫିଲ୍ମ 'ହାଲ୍‌କା' ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ପ୍ରଚାର ଉପରେ ପର୍ଯ୍ୟବସିତ ନୁହେଁ।

-ରଣବୀର ସୂରୀ, ବଲିଉଡ୍ ଅଭିନେତା



## ସଂକ୍ଷେପରେ

### ବ୍ରିଟିଶ୍ ଦମ୍ପତିଙ୍କ ହନିମୁନ୍ ପାଇଁ ଚାର୍ଟର ଟ୍ରେନ୍



**କୋଏମ୍ବାଟୁର:** ଚାର୍ଟର ପ୍ଲେନ୍ ଭଳି ଭାରତରେ ଚାର୍ଟର ଟ୍ରେନ୍‌ର ବ୍ୟବସ୍ଥା ମଧ ଆରମ୍ଭ ହୋଇଛି। ଦକ୍ଷିଣ ରେଳପଥ ପକ୍ଷରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଟ୍ରେନ୍ ଶନିବାର ତାମିଲନାଡୁର ମେଟ୍ଟୁପାଲାୟମ୍‌ଠାରୁ ଉଧାଗାମଣ୍ଡଲମ୍‌କୁ ଏକତରଫା ଯାତ୍ରା କରିଥିଲା। ଚାର୍ଟର ଟ୍ରେନ୍‌କୁ ବୁକ୍ କରିଥିଲେ ଏକ ବ୍ରିଟିଶ ଦମ୍ପତି। ନବବିବାହିତ ବ୍ରିଟିଶ୍ ଦମ୍ପତି ଗ୍ରାହାମ୍ ୱିଲିୟମ୍ ଲିନ୍ ଏବଂ ସିଲ୍‌ଭିୟା ପ୍ଲାସିକ୍ ହନିମୁନ୍ ପାଇଁ ନୀଳଗିରି ହିଲ୍ ଷ୍ଟେଶନ‌କୁ ଯାତ୍ରା କରିଥିଲେ। ଏଥିଲାଗି ସେମାନଙ୍କୁ ୩ ଲକ୍ଷ ଟଙ୍କା ପାଉଣା କରିବାକୁ ପଡ଼ିଥିଲା। ଆଇଆର୍‌ସିଟିସିର ୱେବ୍‌ସାଇଟ୍‌ରେ ସେମାନେ ସମଗ୍ର ଟ୍ରେନ୍‌ଟିକୁ ବୁକ୍ କରିଥିଲେ। ପାହାଡ଼ିଆ କ୍ଷେତ୍ରରେ ପର୍ଯ୍ୟଟନର ବିକାଶ ଲକ୍ଷ୍ୟରେ ନୀଳଗିରି ପର୍ବତ ରେଳପଥ ସେକ୍ସନ୍ ପକ୍ଷରୁ ୧୨୦ ସିଟ୍ ବିଶିଷ୍ଟ ଚାର୍ଟର ବ୍ୟବସ୍ଥାର ଆରମ୍ଭ କରାଯାଇଛି। ଚାର୍ଟର ଟ୍ରେନ୍ ସେବା ସହ ମେଟ୍ଟୁପାଲାୟମ ଏବଂ କୁନ୍ନୁରଠାରେ ଷ୍ଟେଶନ୍ ମ୍ୟାନେଜରଙ୍କ ଦ୍ୱାରା ନବଦମ୍ପତିଙ୍କ ପାଇଁ ଭବ୍ୟ ରିସେପ୍‌ଶନ୍‌ର ବ୍ୟବସ୍ଥା ମଧ କରାଯାଇଥିଲା।

# ୧୮୦୪ ଯୁଦ୍ଧକୁ ଇତିହାସରୁ ବାଦ ଦେବାର ଅଭିସନ୍ଧି

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଆମ ସହିତ ଅର୍ଥାତ୍ ଜୟୀ ରାଜଗୁରୁ ସ୍ମୃତି ପରିଷଦ ସହିତ ମୂଳରୁ ଦୁଇଜଣ ଐତିହାସିକ ଜଡ଼ିତ ଥିଲେ। ଜଣେ ପାରଳାଖେମୁଣ୍ଡି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ୰ ଡ. ବିଷ୍ଣୁମୋହନ ଦାସ ଏବଂ ଆଉଜଣେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରସନ୍ନକୁମାର ଜେନା। ଡ. ଜେନା ଅବସର ଗ୍ରହଣ କରିବା ପରେ ଏବେ ଖୋର୍ଦ୍ଧା ସହରରେ ବାସ କରୁଛନ୍ତି। ପରେ ପରେ ୰ ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଏବଂ ୰ ଡ. ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଏ ଦିଗରେ ସହଯୋଗ କରି ଅନେକ ଅନାଲୋଚିତ ତଥ୍ୟର ଇତିହାସ ପ୍ରକାଶ କରିଥିଲେ। ଏହି ଦୁଇଜଣ ନମସ୍ୟ ଐତିହାସିକ ଜୀବନର ଶେଷ ପର୍ଯ୍ୟନ୍ତ ଯେଉଁ ନିଷ୍ଠାର ସହିତ ଓଡ଼ିଶାର ୧୮୦୪ ମସିହା ଯୁଦ୍ଧକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ପ୍ରମାଣିତ କରିଥିଲେ, ତାହାର ପଟାନ୍ତର ନାହିଁ। ଇଂରାଜୀ ଭାଷାରେ ଓଡ଼ିଶାର ଏହି ଐତିହ୍ୟପୂର୍ଣ୍ଣ ବୀରତ୍ୱର ଗାଥାକୁ ଇତିହାସର ରୂପରେଖ ଦେଇ ଜାତୀୟ ସ୍ତରରେ ଯିଏ ଉପସ୍ଥାପନ କରିଛନ୍ତି, ଏବେ ବି ଅହରହ ପ୍ରଚେଷ୍ଟା ଚଳାଇଛନ୍ତି, ସେ ହେଉଛନ୍ତି ଐତିହାସିକ ଡ. ନାରାୟଣ ରାଓ। ଏ ଜାତି ପ୍ରତି ତାଙ୍କର ଅବଦାନ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିବ। ସେ ଏବେ ଓଡ଼ିଶାରେ ଚଳଚଞ୍ଚଳ ଅଛନ୍ତି।

ଆମେ ଏତେ କଥା ଲେଖିବାର ଆଭିମୁଖ୍ୟ ଖୁବ୍ ସରଳ। ସ୍ମୃତି ପରିଷଦ ଓଡ଼ିଶାର ପ୍ରଣମ୍ୟ ଐତିହାସିକ ଓ ଇତିହାସକାରଙ୍କୁ ନେଇ ଓଡ଼ିଆ ଜାତିର ବୀରତ୍ୱର ଐତିହ୍ୟକୁ ଉପସ୍ଥାପନ କରି ଚାଲିଥିବା ବେଳେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ 'ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ପ୍ରାମାଣିକ ଇତିବୃତ୍ତ' (Authentic Chronicle of Freedom Movement in Orissa) ସଙ୍କଳନ ୨୦୦୨-୦୩ ମସିହାରେ ଆରମ୍ଭ ହୋଇଥିଲା। ଏହା ତିନି ଖଣ୍ଡରେ ବିଭକ୍ତ ହେବ ଏବଂ ୩୫ଟି ଅଧ୍ୟାୟ ରହିବ ବୋଲି ଯୋଜନା ହୋଇଥିଲା। ପ୍ରଥମ ଅଧ୍ୟାୟଟି ଥିଲା 'ଆଣ୍ଟିକଲୋନିଆଲ ଷ୍ଟ୍ରଗଲ ଇନ୍ ଖୋର୍ଦ୍ଧା-୧୮୧୭'। ଅର୍ଥାତ୍ ଖୋର୍ଦ୍ଧାରେ ଔପନିବେଶବାଦ ବିରୋଧୀ ସଂଗ୍ରାମ-୧୮୧୭। ଏହି ଅଧ୍ୟାୟଟି ଲେଖିବା ପାଇଁ ଡ. ପ୍ରଫୁଲ୍ଲ କୁମାର ପଟ୍ଟନାୟକଙ୍କୁ ଦିଆଯାଇଥିଲା। ସେଥିରେ ପ୍ରାକ୍ ସ୍ୱାଧୀନତା ଆନ୍ଦୋଳନ-୧୮୦୪ ବିଷୟଟିକୁ ବାଦ୍ ଦିଆଯାଇଥିଲା। ଅର୍ଥାତ୍ ଜୟୀ ରାଜଗୁରୁଙ୍କର ୧୮୦୪ ମସିହା ଯୁଦ୍ଧକୁ ଏଡ଼ାଇ ଦିଆଯାଇଥିଲା। ଏଥିରେ ଆପତ୍ତି ଉଠାଇ ଡ. ପଟ୍ଟନାୟକ ଏକ ପତ୍ର ଲେଖିଥିଲେ, ତାହାର ଅବିକଳ ନକଲଟି ଆମେ ପ୍ରକାଶ କରୁଅଛୁ। ଏହି ଐତିହାସିକ ଚିଠିଟି ତା ୦୫।୦୪।୨୦୧୮ ରିଖରେ ପୁରୀରେ ଅନୁଷ୍ଠିତ ହୋଇଥିବା ଆଲୋଚନାଚକ୍ରରେ ସାର୍ବଜନୀନ ହୋଇଥିଲା।



୰ ଡ. ପ୍ରଫୁଲ୍ଲ କୁମାର ପଟ୍ଟନାୟକ



୰ ଡ. ପ୍ରଫୁଲ୍ଲ କୁମାର ପଟ୍ଟନାୟକଙ୍କ ଚିଠିର ଅବିକଳ ନକଲ।

### ଅବିକଳ ନକଲ

ପ୍ରିୟ ଶ୍ରୀଦେବ ବାବୁ,

ଆପଣଙ୍କ ପତ୍ର ଓ ତତ୍‌ସହିତ ଡାଏରୀ ଏବଂ ଫଟୋ କାଲି ପାଇଲି। ସେଥିପାଇଁ ଅଶେଷ ଧନ୍ୟବାଦ। ମାନ୍ୟବର ମନ୍ତ୍ରୀଙ୍କୁ ପତ୍ରଟି ଦେଖାଇବେ। ତାଙ୍କ ମତାମତ ଜଣାଇବେ।

ମୋର ଶୁଭେଚ୍ଛା ନେବେ।

ଗୋଟିଏ ଦୁଃଖର ଘଟଣା ଜଣାଉଛି। ଓଡ଼ିଶା ସରକାରଙ୍କ କଲଚର୍ ଡିପାର୍ଟମେଣ୍ଟ ତରଫରୁ Authentic chronicle of Freedom Movement in Orissa ସଙ୍କଳିତ ହେବାକୁ ଯାଉଛି। Three volumesରେ ହେବ। ପ୍ରାୟ ୫ ଲକ୍ଷ ଟଙ୍କାର ପ୍ରୋଜେକ୍ଟ। ୩୫ଟି ଅଧ୍ୟାୟ ରହିବ। ପ୍ରଥମ ଅଧ୍ୟାୟଟି (Anti colonial struggle in Khurda, 1817) ମତେ ଲେଖିବାକୁ ଦିଆ ଯାଇଥିଲା। ମୁଁ ମଧ ଲେଖିଦେଇ ସାରିଛି ବର୍ଷେ ହେଲା। ଟ ୪୦୦୦.୦୦ ପାରିଶ୍ରମିକ ମୋତେ ମିଳିବ। ସବୁ ଲେଖକଙ୍କୁ ମଧ ଟ ୪୦୦୦.୦୦ ଲେଖାଏ ମିଳିବ। ମାତ୍ର ସେଥିରେ Early freedom movement, 1804 ବିଷୟଟି ବାଦ୍ ଦିଆଯାଇଛି। ଫଳରେ ଜୟୀ ରାଜଗୁରୁଙ୍କ ବିଷୟ ବାଦ ପଡ଼ିଯିବ। ମୁଁ ଦିଲ୍ଲୀରୁ ଫେରିବା ପରେ Superintendent, Archives, Bhubaneswar (ଯେ କି ଦାୟିତ୍ୱରେ ଅଛନ୍ତି)ଙ୍କୁ ଭେଟିଲି ଓ କହିଲି, ସେ କହିଲେ Govt. ନିର୍ଦ୍ଦେଶ ଅଛି ୧୮୧୭ ମସିହାରୁ। ମୁଁ କହିଲି ଏହି ଭାବୀ ସଙ୍କଳନରେ ଜୟୀ ରାଜଗୁରୁଙ୍କୁ ବାଦ ଦେବା ଯେପରି ଅବାସ୍ତବ ସେହିପରି ହାସ୍ୟାସ୍ପଦ। ପୁରୀରେ ତୀବ୍ର ପ୍ରତିକ୍ରିୟା Volume ଗୁଡ଼ିକ ବାହାରିଲା ପରେ ହେବ। ଆପଣ Superintendent Orissa State Archive, Bhubaneswar ଙ୍କୁ ଲେଖନ୍ତୁ ଦରକାର ପଡ଼ିଲେ Culture Secretary, Mr. Bala Krishan ଙ୍କୁ କହନ୍ତୁ। Superintendentଙ୍କ ଟେଲିଫୋନ ନଂ 2501636। ମୁଁ କାଲି Superintendentଙ୍କୁ ଜୟୀ ରାଜଗୁରୁଙ୍କ Souvenior ନେଇ ତାଙ୍କୁ ଦେଖାଇବି।

**ଆପଣଙ୍କର**

**ସ୍ୱା/-(ପ୍ରଫୁଲ୍ଲ କୁମାର ପଟ୍ଟନାୟକ),ଖୋର୍ଦ୍ଧା**

ପତ୍ରଟି ପଠାଯାଇଥିଲା ଶ୍ରୀଦେବ ବାବୁଙ୍କୁ। ଶ୍ରୀଦେବ ବାବୁ ଥିଲେ ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ବ୍ୟକ୍ତିଗତ ସଚିବ। ଏହି ଇତିହାସ ସଙ୍କଳନ ସମିତିରେ ଥିଲେ ପ୍ରଫେସର ଅତୁଲ ଚନ୍ଦ୍ର ପ୍ରଧାନ, ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ, ପ୍ରଫେସର ଭବାନୀ ଚରଣ ରାୟ, ରାଜ୍ୟ ଅଭିଲେଖାଗାରର ଅଧ୍ୟକ୍ଷ ଦାଶରଥି ମହାପାତ୍ର ଓ ସଂସ୍କୃତି ସଚିବ ଥିଲେ ଶ୍ରୀ ବାଲକ୍ରିଷ୍ଣନ୍। ୧୮୦୪ ମସିହା ଯୁଦ୍ଧକୁ ବାଦ ଦିଆ ନ ଯାଉ ବୋଲି ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଡା. ଦାମୋଦର ରାଉତଙ୍କୁ ସାକ୍ଷାତ କରି ନିବେଦନ କରାଯାଇଥିଲା। ଡା. ରାଉତ ଜୟୀ ରାଜଗୁରୁଙ୍କୁ ଇତିହାସରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତଥାପି କେଉଁ ଅଦୃଶ୍ୟ ଶକ୍ତିର ହାତ ରହିଲା ୧୮୦୪ ମସିହାର ଯୁଦ୍ଧ ଉକ୍ତ ସଙ୍କଳନରେ ସାମିଲ ହୋଇପାରିଲା ନାହିଁ। ଏହି ଖବର ଜଣାପଡ଼ିବା ପରେ ସ୍ମୃତି ପରିଷଦ ପକ୍ଷରୁ ପୁରୀର ସମୁଦ୍ରକୂଳରେ ରହିଥିବା ଗାନ୍ଧୀ ଘାଟରେ ଧାରଣା ଦିଆଯାଇଥିଲା। ତତ୍କାଳୀନ ପୁରୀ ଜିଲାପାଳ ଗାନ୍ଧୀଘାଟକୁ ଆସି କହିଥିଲେ ଯେ ସଂସ୍କୃତି ସଚିବ ଫୋନ କରିଥିଲେ - ୧୮୦୪ ମସିହା ଯୁଦ୍ଧର ଇତିହାସ ସଙ୍କଳନରେ ସାମିଲ କରାଯିବ, ଆପଣମାନେ ଧାରଣା ପ୍ରତ୍ୟାହୃତ କରନ୍ତୁ। ଧାରଣା ପ୍ରତ୍ୟାହାର ପରେ ମଧ ସଙ୍କଳନରେ ସେହି ଇତିହାସ ସ୍ଥାନ ପାଇଲା ନାହିଁ।

## ଫୁରସତ

# 'ଶିଶୁ ଭିକ୍ଷାବୃତ୍ତିମୁକ୍ତ ଭାରତ' ପାଇଁ ପଦଯାତ୍ରା

ଅଗରତାଲା

ଆଶିଷ ଶର୍ମା(୨୯) ନାମକ ଜଣେ ମେକାନିକାଲ ଇଞ୍ଜିନିୟର ତଥା ଶିଶୁ ଅଧିକାର କର୍ମୀ ଶିଶୁ ଭିକ୍ଷାବୃତ୍ତିମୁକ୍ତ ଭାରତ ଉଦ୍ଦେଶ୍ୟରେ ପଦଯାତ୍ରା କରୁଛନ୍ତି। ଏଥିପାଇଁ ସେ ମାସିକ ୫୦,୦୦୦ଟଙ୍କା ଦରମା ପାଉଥିବା ଏକ ଚାକିରି ଛାଡ଼ିଛନ୍ତି। ଏହି ଉଦ୍ଦେଶ୍ୟରେ ସେ ଏ ଦେଶବ୍ୟାପୀ ୧୭,୦୦୦ କିଲୋମିଟର ଯାତ୍ରା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆଶିଷ ବୃତ୍ତିରେ ଜଣେ ବିମାନ ସୁରକ୍ଷା ମେକାନିକାଲ୍ ଇଞ୍ଜିନିୟର। ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏରୋନଟିକ୍ସରୁ ଇଞ୍ଜିନିୟରିଂ ପାସ୍ କରିଛନ୍ତି। ସେ ୨୦୧୪ରେ ଗ୍ରାଜୁଏଶନ୍ ପାସ୍ କରିବାପରେ ଏକ କମ୍ପାନୀରେ ପ୍ରଡକ୍ସନ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରିଥିଲେ। ଦିଲ୍ଲୀରେ ବଢ଼ିଥିବା ଏବଂ ପଢ଼ିଥିବା ଆଶିଷ ମାନବିକତାର ଉନ୍ନତି ପାଇଁ କାର୍ଯ୍ୟ କରିଥିବା ମହାମାନବ ଡ. ଏପିଜେ ଅବଦୁଲ କଲାମ୍, ସ୍ୱାମୀ ବିବେକାନନ୍ଦ, ଗୌତମ ବୁଦ୍ଧ, ହଜରତ ମହମ୍ମଦ୍‌ଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଥିଲେ। ସେ ଅଫିସରୁ ଫେରିବା ସମୟରେ ଶିଶୁମାନେ ଦିଲ୍ଲୀର ରାସ୍ତାକଡରେ ଭିକ୍ଷା ମାଗୁଥିବାର ଦେଖନ୍ତି। ଏହା ତାଙ୍କୁ ଗଭୀର ଭାବରେ ଆଘାତ ଦିଏ। ସେମାନଙ୍କର ମାତାପିତାଙ୍କ ପରିଚୟ ନ ଥାଏ। ଏଭଳି ୯ ଜଣ ପିଲାଙ୍କୁ ଉଦ୍ଧାର କରି ବାଳାଶ୍ରମରେ ରଖାଇଥିବା ସେ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଚୋରାଚାଲାଣର ଶିକାର ହୋଇଛନ୍ତି। ସେମାନଙ୍କୁ ଭିକ୍ଷା ମାଗିବା ପାଇଁ ବାଧ କରାଯାଉଛି। ଏଭଳି ଏକ କୁପ୍ରଥାର ବିଲୋପ ଲାଗି ସେ ମିଜୋରାମ୍ ଦେଇ ତ୍ରିପୁରାରେ ପହଞ୍ଚିଛନ୍ତି। ଆଶିଷ ପିଠିରେ ଏକ ବ୍ୟାଗ୍, ଗୋଟିଏ ମୋବାଇଲ୍ ଫୋନ୍, କିଛି ଟଙ୍କା ଏବଂ ଜାତୀୟ ପତାକା ଧରି ପଦଯାତ୍ରା କରୁଛନ୍ତି। ସେ ବାଟରେ ଭେଟୁଥିବା ଲୋକଙ୍କୁ 'ଜୟ ହିନ୍ଦ୍' କହି ସମ୍ବୋଧନ କରନ୍ତି। ଶିଶୁ ଅଧିକାର ଉପରେ ସଚେତନତା ସୃଷ୍ଟି ଏବଂ ଶିଶୁ ଭିକ୍ଷାବୃତ୍ତି ଦୂର ପାଇଁ ସେ ପଦଯାତ୍ରା କରୁଛନ୍ତି। ଜମ୍ମୁ-କଶ୍ମୀରର ଉଦ୍ଧାମପୁରଠାରୁ ଯାତ୍ରା ଆରମ୍ଭ କରି ସେ ୨୧ଟି ରାଜ୍ୟଦେଇ ଏ ପର୍ଯ୍ୟନ୍ତ ୯,୧୩୯ କିଲୋମିଟର ପଥ ଅତିକ୍ରମ କରିସାରିଲେଣି। ସେହିସବୁ ରାଜ୍ୟ ହେଲା-ଜମ୍ମୁ କଶ୍ମୀର, ଦିଲ୍ଲୀ, ହିମାଚଳପ୍ରଦେଶ, ହରିୟାଣା, ପଞ୍ଜାବ, ରାଜସ୍ଥାନ, ଗୁଜରାଟ, ଡାମନ-ଡିଉ, ସିଲ୍‌ଭାସା, ମହାରାଷ୍ଟ୍ର, ଗୋଆ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ବିହାର, ସିକିମ୍, ଆସାମ, ମିଜୋରାମ୍, ନାଗାଲାଣ୍ଡ, ମଣିପୁର ଏବଂ ତ୍ରିପୁରା। ଦୀର୍ଘପଥ ଯାତ୍ରା ପାଇଁ ଖର୍ଚ୍ଚ ବାବଦକୁ ସେ କାହାରିକୁ ହାତ ପତାଇ ନାହାନ୍ତି। ବରଂ ତାଙ୍କର ଦୁଇଜଣ ବନ୍ଧୁ (ଆଇଏଏସ୍ ଅଫିସର) ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ୨୦୧୯ ଅକ୍ଟୋବର ସୁଦ୍ଧା ସେ ୧୭,୦୦୦ କିଲୋମିଟର ସମ୍ପୂର୍ଣ୍ଣ କରିବେ।



# ଫିଲ୍ମ ମୋ ଜୀବନର ଏକ ଅଂଶ, ସର୍ବସ୍ୱ ନୁହେଁ: ରବିନା

**ମୁମ୍ବାଇ:** ୯୦ ଦଶକରେ ଯେଉଁ ଅଭିନେତ୍ରୀମାନେ ବଲିଉଡ୍‌ରେ ନିଜର ଅଭିନୟ କିମିଆରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ, ସେମାନେ କିଛି ବର୍ଷର ଅନ୍ତର ପରେ ପୁଣି ଫିଲ୍ମ ଦୁନିଆକୁ ଫେରୁଛନ୍ତି। କିନ୍ତୁ ରବିନା ଟଣ୍ଡନ୍ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ। ତାଙ୍କର କହିବା କଥା-'ଫିଲ୍ମ ମୋ ଜୀବନର ସବୁକିଛି ନୁହେଁ, ଏହା ଏକ ଅଂଶ ମାତ୍ର।' ତାଙ୍କର ସମସାମୟିକ ଅଭିନେତ୍ରୀମାନେ ହେଉଛନ୍ତି କାଜୋଲ୍, ଜୁହି ଚାୱଲା ଏବଂ ମାଧୁରୀ ଦୀକ୍ଷିତ। ସେମାନେ ଏବେ ଫିଲ୍ମମୁହାଁ ହୋଇଥିବା ବେଳେ ରବିନା କହନ୍ତି, 'ପ୍ରତ୍ୟେକ ଜିନିଷର ନିର୍ଦ୍ଦିଷ୍ଟ ସମୟ ଥାଏ। ମୁଁ ଯେତେବେଳେ ଫିଲ୍ମ କରୁଥିଲି, ସେତେବେଳେ ଶତ ପ୍ରତିଶତ ସମୟ ଦେଉଥିଲି। ମୋ ପରିବାର ଏଥିପାଇଁ ସହଯୋଗ କରୁଥିଲା। କିନ୍ତୁ ସମୟ ବଦଳିଯାଇଛି। ମୁଁ ଏବେ ବେଶ୍ ଭଲ ଭାବରେ ବଞ୍ଚିବାକୁ ଚାହେଁ। ଫିଲ୍ମ ମୋ ଜୀବନର ଏକ ଅଂଶବିଶେଷ, କିନ୍ତୁ ସର୍ବସ୍ୱ ନୁହେଁ। ବର୍ତ୍ତମାନ ଯେ କୌଣସି ଫିଲ୍ମରେ ଅଭିନୟ ପାଇଁ ସାଇନ୍ କରିବାକୁ ମୁଁ ଆଗ୍ରହୀ ନୁହେଁ।' ରବିନା ଶେଷଥର ଲାଗି ୨୦୧୭ରେ 'ମାତର'ରେ ଦେଖା ଦେଇଥିଲେ। ତାଙ୍କ ପାଇଁ ଫିଲ୍ମରେ ଭୂମିକା ନାହିଁ ବୋଲି କହିବା ଭୁଲ୍ ହେବ। ବୟସକୁ ସମ୍ମାନ ଜଣାଇ ମର୍ଯ୍ୟାଦାର ସହିତ କୌଣସି ଭୂମିକା ନେଇପାରନ୍ତି ବୋଲି ୪୩ ବର୍ଷୀୟା ରବିନା ପ୍ରକାଶ କରିଛନ୍ତି।



## ଇତିହାସର ଆଇନାରେ: ସେପ୍ଟେମ୍ବର ୩ର ପ୍ରମୁଖ ଘଟଣା

୧୯୭୧ ସେପ୍ଟେମ୍ବର ୩ରେ ଏସୀୟ ଦେଶ କାତାର ସ୍ୱାଧୀନ ହୋଇଥିଲା। ବିଶ୍ୱର ଅନ୍ୟ ଦେଶମାନଙ୍କ ତୁଳନାରେ କାତାରର ମୁଣ୍ଡପିଛା ଆୟ ସବୁଠାରୁ ଅଧିକ। ବିଶ୍ୱର ତୃତୀୟ ପ୍ରାକୃତିକ ଗ୍ୟାସ୍ ଓ ତୈଳ ଭଣ୍ଡାର ଏଠାରେ ରହିଛି।

୧୯୯୭ ସେପ୍ଟେମ୍ବର ୩ରେ ଭିଏତ୍‌ନାମ ଏୟାରଲାଇନ୍ସର ୮୧୫ ବିମାନ ଦୁର୍ଘଟଣା ଘଟି ୬୬ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ଏହାର ଦୁର୍ଘଟଣା ଫୋନମ ପେହ ବିମାନବନ୍ଦରରେ ହୋଇଥିଲା। ରନ୍‌ୱେରେ ଅବତରଣ କରିବାର ମାତ୍ର ୮ ଶହ ମିଟର ଉଚ୍ଚତାରେ ଦୁର୍ଘଟଣା ଘଟିଥିଲା। ଏଥିରେ ସମ୍ପୂର୍ଣ୍ଣ ଭାବରେ ବିମାନଟି ନଷ୍ଟ ହୋଇଯାଇଥିଲା।


OFFICE OF THE ROURKELA MUNICIPAL CORPORATION, ROURKELA

**INVITATION FOR BID**

**No. 7693, Dated : 24.08.2018**

**Bid Identification No. : MC/RMC/12/18-19**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation Invites bids for works on percentage rate basis in single cover on online Mode. Bid Identification No. MC/RMC/12/18-19 for 02 Nos. different Electrical work with value of Rs. 2.14 lakh to Rs. 14.25 lakh.

1. Bid documents will be available in website **www.tendersorissa.gov.in** from **01.09.2018.**
2. Bids must be submitted on "online" on or before **10.09.2018 by 17.00 hours**.
3. Hard copies of bid document must be submitted before **11.09.2018 upto 5.00 PM**.
4. Bids shall be opened at **11.00 hours** on **12.09.2018** in the office of the undersigned in the presence of the bidders or their authorized agents.
5. Other details will be available in the website **tendersorissa.gov.in**.

**Sd./- Municipal Commissioner, Rourkela Municipal Corporation**




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୨ | ୨୩.୨ |
| ଚାନ୍ଦବାଲି | ୩୧.୦ | ୨୪.୦ |
| କଟକ | ୩୦.୦ | ୨୩.୪ |
| ପାରାଦ୍ୱୀପ | ୩୦.୫ | ୨୫.୪ |
| ଭୁବନେଶ୍ୱର | ୩୦.୨ | ୨୫.୦ |
| ଗୋପାଳପୁର | ୩୩.୧ | ୨୬.୦ |
| ପୁରୀ | ୩୨.୬ | ୨୪.୪ |
| ଅନୁଗୋଳ | ୩୦.୭ | ୨୩.୦ |
| ବାରିପଦା | ୩୧.୫ | ୨୫.୬ |
| ଝାରସୁଗୁଡ଼ା | ୨୯.୫ | ୨୫.୧ |
| କେନ୍ଦୁଝର | ୩୦.୩ | ୨୨.୨ |
| ସମ୍ବଲପୁର | ୨୯.୨ | ୨୨.୯ |
| ସୁନ୍ଦରଗଡ଼ | ୩୧.୦ | ୧୯.୦ |
| ହୀରାକୁଦ | ୨୯.୧ | ୨୧.୩ |
| ତାଳଚେର | ୩୦.୪ | ୨୪.୭ |
| ଭବାନୀପାଟଣା | ୩୦.୦ | ୨୪.୮ |
| ବଲାଙ୍ଗୀର | ୨୮.୫ | ୨୫.୦ |
| କୋରାପୁଟ | ୨୫.୬ | ୧୯.୬ |
| ଫୁଲବାଣୀ | --- | ୨୦.୨ |
| ଟିଟିଲାଗଡ଼ | ୨୯.୦ | ୨୨.୫ |
| ମାଲକାନଗିରି | ୨୬.୮ | ୨୪.୬ |
| ସୋନପୁର | ୨୮.୬ | ୨୩.୨ |
| ଦାରିଙ୍ଗିବାଡ଼ି | ୨୪.୦ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍


**OFFICE OF THE DISTRICT JUDGE, DHENKANAL**

**ADVERTISEMENT**

Dated, Dhenkanal the 3rd September, 2018

Applications in the prescribed format given below/ available in the District Court website are invited from the desirous candidates for filling up of the following posts under Group-C category in the scale of pay Cell-I Level-4 Rs. 19900/- per month for the post of Junior Clerk / Copyist and Junior Typist and in the scale of pay Cell-I Level-7 Rs. 25500/- of per month for the post of Grade-III Stenographer in the judgeship of Dhenkanal on regular basis subject to the result of W.P. (C) case No. 1273 of 2014 of the Hon'ble High Court.

| Sl. No. | Categories of posts | SC | ST | SEBC | UR | Total | Physically Handicapped / Ex-Serviceman / Sports person / Woman |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Junior Clerk / Copyist | 2 | 2 | 1 | 4 | 9 | The vacancy reserved for P.H. / Ex-Serviceman / Sports person / Women is inclusive of respective category to which they below. |
| 2 | Grade-III Stenographer | - | 1 | - | 1 | 2 | |
| 3 | Junior Typist | - | 1 | 1 | 1 | 3 | |

**Note:** The vacancies may increase or decrease. The decision of the District judge with regard to the result of the examination shall be final. The authority reserves the right to cancel the recruitment process at any time without prior notice.

The last date of receipt of applications is fixed to 25.09.2018. Applications along with the required documents and self attested copies of certificates shall be sent by the candidates by Registered Post / Speed Post. Candidate may drop the application in the box available in the Civil Courts premises at Dhenkanal during the Office hour till 5.00 PM. Applications received thereafter shall be summarily rejected.

Details of Advertisement, Application Form, eligibility criteria, scheme of Examination along with detail syllabus etc. are also available in the District Court website http://ecourts.gov.in/Odisha/Dhenkanaldc.

*Sd./- District Judge, Dhenkanal*



**OFFICE OF THE EXECUTIVE ENGINEER, RWS&S DIVISION, PURI – 752002**

Ph: (06752) 251276, Fax: (06752) 251276, E-mail:-eerwss_puri@nic.in

**NATIONAL COMPETITIVE BIDDING THROUGH E-PROCUREMENT**

**Bid Identification No. RWSSPURI 37 /2018-19**

**No. 671-O:-** The Executive Engineer, RWS&S Division, Puri on behalf of Governor of Odisha invites Lump Sum rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work | : | Piped Water Supply Scheme |
|---|---|---|---|
| 1. | No. of works | : | 1 (one) |
| 2. | Time for completion | : | Six months |
| 3. | Cost of bidding document | : | Rs. 10,000/- |
| 4. | Class of Contractors eligible | : | B&A |
| 5. | Availability of bids on-line | : | 17 hour of 5.09.2018 to 17.00 hours of 19.09.2018 |
| 6. | Last date and time for seeking clarification | : | 17.00 hours of 15.09.2018 |
| 7. | Date & time of opening of technical bids | : | On dt 20.09.2018 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids | : | To be decided. |

Further details can be seen from the website https://www.tendersorissa.gov.in.

*Executive Engineer RWS&S Division, Puri*

25017/11/0055/1819

# ଦୁଇଜଣ ପଦଚାରୀ ଗତିବିଜ୍ଞାନୀ

**ପ୍ରଫେସର ଡିର୍କ ହେଲ୍‌ବିଂ ଜଣେ ପଦାର୍ଥ ବିଜ୍ଞାନୀ ଭାବେ ପ୍ରଥମେ ବୃତ୍ତି ଆପଣେଇଥିଲେ। ପରବର୍ତ୍ତୀ କାଳରେ ସେ ଟ୍ରାଫିକ୍ ଭିଡରେ ଆତଙ୍କିତ ପଦଚାରୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ନିବଦ୍ଧ କଲେ । ସେ ଭିଜିଟିଂ ବୈଜ୍ଞାନିକ ଭାବେ ତେଲ୍ ଆଭିଭ ବିଶ୍ୱବିଦ୍ୟାଳୟ, ବୁଦାପେଷ୍ଟ ବିଶ୍ୱବିଦ୍ୟାଳୟ ଓ କାଲିଫର୍ନିଆର ପିଏଆରସିରେ କାର୍ଯ୍ୟରତ ଥିବା ସମୟରେ ଏଥିରେ ମନୋନିବେଶ କରିଥିଲେ। ତତ୍‌ପରେ ଟ୍ରାନ୍ସପୋର୍ଟ ଓ ଇକୋନୋମିକ୍ସ (ଡ୍ରେସଡେନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି)ର ପରିଚାଳନା ନିର୍ଦ୍ଦେଶକ ଭାବେ ସେ ଟ୍ରାଫିକ୍ ସହାୟକ ବ୍ୟବସ୍ଥା, ଆଲୋକ ନିୟନ୍ତ୍ରଣ ଆୟୋଜନ, ଭିଡ ସଙ୍କଟ ତଥା ବିଭ୍ରାଟ ଓ ଏହାର ନିରାକରଣ ଉପରେ ଗବେଷଣା କଲେ।**



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ପଦଚାରୀ ଗତିବିଜ୍ଞାନ ପରି ଏକ ନୂତନ ବିଭାଗରେ ପାଦ ପକାଇ ହେଲବିଂ ଓ ଜନସନ ଏକ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ଏହାର ବିକାଶ ଘଟାଇ ସେମାନେ ସର୍ବସାଧାରଣଙ୍କ ଏକ ଉଦ୍‌ବେଗଜନକ ସମସ୍ୟା ସମାଧାନରେ ଆଗଭର ହୋଇଛନ୍ତି। ତେବେ ଉଭୟ ବୈଜ୍ଞାନିକଙ୍କ ବୃତ୍ତିଗତ ଗତିପଥର ସଂକ୍ଷିପ୍ତ ବିବରଣୀ ପ୍ରତି ଆମେ ଦୃଷ୍ଟି ପକାଇବା ଉଚିତ ମନେହୁଏ। ପ୍ରଫେସର ଡିର୍କ ହେଲବିଂ ଜଣେ ପଦାର୍ଥ ବିଜ୍ଞାନୀ ଭାବେ ପ୍ରଥମେ ବୃତ୍ତି ଆପଣେଇଥିଲେ। ପରବର୍ତ୍ତୀ କାଳରେ ସେ ଟ୍ରାଫିକ୍ ଭିଡରେ ଆତଙ୍କିତ ପଦଚାରୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ନିବଦ୍ଧ କଲେ। ସେ ଏ ସମ୍ପର୍କିତ ମୂଲ୍ୟବାନ ନିବନ୍ଧମାନ ମର୍ଯ୍ୟାଦାଜନକ ନେଚର, ସାଇନ୍ସ ଓ ପିଏଏନଏସ ପରି ଜର୍ନାଲଗୁଡ଼ିକରେ ପ୍ରକାଶିତ। ଅନେକ ପୁରସ୍କାର ଓ ପଦବୀରେ ସମ୍ମାନିତ ହେଲବିଂ ଇଡି ସୁସି ଆୱାର୍ଡ ପ୍ରାପ୍ତ ହୋଇଛନ୍ତି। ସମ୍ପ୍ରତି ସେ ଆମ ସମାଜର ଡିଜିଟାଲ ରୂପାନ୍ତରୀକରଣ ସମ୍ବନ୍ଧରେ ଗବେଷଣାରେ ମଗ୍ନ। ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଏମଏସସି ଡିଗ୍ରୀ ପ୍ରାପ୍ତ ଆଣ୍ଡେରସ ଜନସନ ଚେୟାର ଅଫ ସୋସିଓଲୋଜି (ଇଟିଏଚ,ଜୁରିକ) ପାଇଁ ନିର୍ବାଚିତ ହୋଇ ତିନିବର୍ଷ ସେହି ପଦବୀରେ ରହିଥିଲେ। ତାଙ୍କ ଗବେଷଣାର ପ୍ରମୁଖ ବିଶେଷତ୍ୱ ହେଉଛି ଟ୍ରାଫିକ ଓ ଭିଡ ମଡେଲିଂ, ଗେମ ଥିଓରି ଇତ୍ୟାଦି। ଭିଡିଓ-ପର୍ଯ୍ୟବସିତ ବିଶ୍ଳେଷଣକୁ ଆଧାର କରି ସେ ଫ୍ରମ କ୍ରାଉଡ ଡାଇନାମିକ୍ସ ଟୁ କ୍ରାଉଡ ସେଫ୍‌ଟି ଶୀର୍ଷକ ଏକ ବହୁପଠିତ ନିବନ୍ଧର ସ୍ରଷ୍ଟା। ହେଲବିଂ ସହ ସେ ସହଯୋଗ କରି ଏହି ନୂତନ ବିଜ୍ଞାନ ବିଭାଗର ବିକଶିତ କରିପାରିଛନ୍ତି।

ଆମେ ଲକ୍ଷ୍ୟ କଲୁ ଯେ ଉଭୟ ଗବେଷକ ଚିରାଚରିତ ପାଠ୍ୟକ୍ରମ (ପଦାର୍ଥ ବିଜ୍ଞାନ ଓ ମେକାନିକାଲ



ପ୍ରଫେସର ଡିର୍କ ହେଲବିଂ

ଭିଜିଟିଂ ବୈଜ୍ଞାନିକ ଭାବେ ତେଲ୍ ଆଭିଭ ବିଶ୍ୱବିଦ୍ୟାଳୟ, ବୁଦାପେଷ୍ଟ ବିଶ୍ୱବିଦ୍ୟାଳୟ ଓ କାଲିଫର୍ନିଆର ପିଏଆରସିରେ କାର୍ଯ୍ୟରତ ଥିବା ସମୟରେ ଏଥିରେ ମନୋନିବେଶ କରିଥିଲେ। ତତ୍‌ପରେ ଟ୍ରାନ୍ସପୋର୍ଟ ଓ ଇକୋନୋମିକ୍ସ (ଡ୍ରେସଡେନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି)ର ପରିଚାଳନା ନିର୍ଦ୍ଦେଶକ ଭାବେ ସେ ଟ୍ରାଫିକ ସହାୟକ ବ୍ୟବସ୍ଥା, ଆଲୋକ ନିୟନ୍ତ୍ରଣ ଆୟୋଜନ, ଭିଡ ସଙ୍କଟ ତଥା ବିଭ୍ରାଟ ଓ ଏହାର ନିରାକରଣ ଉପରେ ଗବେଷଣା କଲେ। ତାଙ୍କର ଇଞ୍ଜିନିୟରିଂରେ ଡିଗ୍ରୀ)ରେ ଭବିଷ୍ୟତ ବୃତ୍ତି ନ ଆବୋରି ନବଦିଗନ୍ତ ପ୍ରତି ଆକର୍ଷିତ ହେଲେ ଏହା ନିଶ୍ଚୟ ଏକ ଆହ୍ୱାନମୂଳକ ଓ ଚ୍ୟାଲେଞ୍ଜ ଭରପୂର ପଦଚାଳନା। ଯେଉଁମାନେ ବିପଦ ଓ ଅନିଶ୍ଚିତତା ମୁଣ୍ଡେଇ ଅଗ୍ରସର ହୁଅନ୍ତି, ସେମାନଙ୍କ ଉଦ୍ୟମରେ ହିଁ ବିଜ୍ଞାନ ଅଗ୍ରଗତି ଘଟେ ଓ ବିଜ୍ଞାନ ବହୁମୁଖୀ ହୁଏ। ସେମାନେ ମାନବ ସମାଜର କଲ୍ୟାଣ ପାଇଁ ସ୍ୱାଗତଯୋଗ୍ୟ।

-ବ୍ରହ୍ମପୁର
ମୋ : ୯୪୩୭୦୨୬୬୫୧

**"ଆପଣଙ୍କ ହୃତ୍‌ପିଣ୍ଡ ବେଶ୍ ସୁସ୍ଥ ଅଛି କି ନାହିଁ, ପରଖି ନେବାକୁ ଚାହୁଁଛନ୍ତି? ଏହା ପରଖି ନେବା ପାଇଁ ଆପଣଙ୍କୁ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଦେବାକୁ ପଡ଼ିବ । ତେବେ ଉତ୍ତର ଦେବାରେ ମିଥ୍ୟାର ଆଶ୍ରୟ ନେବେ ନାହିଁ । ଆପଣଙ୍କ ଅଭିଜ୍ଞତାର ସବୁଠାରୁ ବେଶି ପାଖାପାଖି ହୋଇଥିବା ଉତ୍ତରକୁ ନିର୍ବାଚନ କରିବେ ।"**



ଡା. ନିତ୍ୟାନନ୍ଦ ସ୍ୱାଇଁ

# ଆପଣଙ୍କ ହୃତ୍‌ପିଣ୍ଡ କେତେ ସୁସ୍ଥ



ଆପଣଙ୍କ ହୃତ୍‌ପିଣ୍ଡ ବେଶ୍ ସୁସ୍ଥ ଅଛି କି ନାହିଁ, ପରଖି ନେବାକୁ ଚାହୁଁଛନ୍ତି? ଏହି ପରଖି ନେବା ପାଇଁ ଆପଣଙ୍କୁ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଦେବାକୁ ପଡ଼ିବ। ତେବେ ଉତ୍ତର ଦେବାରେ ମିଥ୍ୟାର ଆଶ୍ରୟ ନେବେ ନାହିଁ। ଆପଣଙ୍କ ଅଭିଜ୍ଞତାର ସବୁଠାରୁ ବେଶି ପାଖାପାଖି ହୋଇଥିବା ଉତ୍ତରକୁ ନିର୍ବାଚନ କରିବେ। ମନେରଖିବେ ଯେ, ଏହି ପରୀକ୍ଷାଟିରେ ପାସ୍ କି ଫେଲ୍‌ର ପ୍ରଶ୍ନ ନାହିଁ। ଆପଣ ପରୀକ୍ଷା ଦେଉଛନ୍ତି କେବଳ ନିଜ ପାଇଁ, ପୁଣି ନିଜ ଇଚ୍ଛାରେ।

**ଆପଣ କେତେ ଧୂମପାନ କରିଥାନ୍ତି**

-ମୁଁ ଆଦୌ ଧୂମପାନ କରେନି।

-ମୁଁ ଦିନକୁ ୨୦ ଖଣ୍ଡରୁ ବେଶି କି ୨୦ ଖଣ୍ଡ ପାଖାପାଖି ସିଗାରେଟ୍/ବିଡ଼ି ଟାଣିଥାଏ। ଯେତେ ଚେଷ୍ଟା କଲେ ବି ଧୂମପାନ ଛାଡିପାରୁନି।

-ଧୂମପାନ କରୁଥିଲି, କିନ୍ତୁ ଏକ ବର୍ଷରୁ ଊର୍ଦ୍ଧ୍ୱହେବ, ତାହା ଛାଡ଼ିସାରିଲିଣି।

-ଛାଡ଼ିଦେବା ପାଇଁ ଚେଷ୍ଟା କରିଛି, ତଥାପି କେତେବେଳେ କେମିତି ଧୂମପାନ କରିଥାଏ।

**ନିଜ ମାନସିକ ଚାପର ସ୍ତର ବା ଷ୍ଟ୍ରେସ୍ ଲେଭଲ୍**

-ମୁଁ ସବୁଥିରେ ଟିକିଏ ଉତ୍କଣ୍ଠିତ ହୋଇପଡ଼େ। କିନ୍ତୁ ମନର ଉଦ୍‌ବେଗ ବିଷୟକୁ ପରିବାର କିମ୍ବା ବନ୍ଧୁମାନଙ୍କ ନିକଟରେ ପ୍ରକାଶ କରିଦିଏ।

-ମୁଁ ଜାଣିନେଇ ସାରିଲିଣି ଯେ ସବୁକିଛି ମୁଁ ନିୟନ୍ତ୍ରଣ କରିପାରିବିନି। ତେଣୁ ପରିସ୍ଥିତିକୁ ଚାହିଁ କାମ ଚଳେଇ ନେଉଛି।

-ଟିକିଏ ଟିକିଏ କଥାରେ ମୁଁ ଚାପଗ୍ରସ୍ତ ହୋଇପଡ଼େ ଓ ରାଗିଯାଏ।

-ମୁଁ ସର୍ବଦା ଚାପଗ୍ରସ୍ତ ରହିଛି, ମୋ ପାଖରେ ଏହାର କୌଣସି ପ୍ରତିକାର ନାହିଁ।

**ଆପଣଙ୍କ ରକ୍ତରେ କୋଲେଷ୍ଟରଲ୍‌ର ମାତ୍ରା ଜାଣନ୍ତି**

-କୋଲେଷ୍ଟରଲ୍ ସମ୍ପର୍କରେ ମୋର କୌଣସି ଆଗ୍ରହ ନାହିଁ(କିମ୍ବା ମୁଁ ଜାଣିଛି ଯେ ମୋ ରକ୍ତରେ କୋଲେଷ୍ଟରଲ୍‌ର ମାତ୍ରା ଅଧିକ। ମାତ୍ର ମୁଁ ଏଥିରେ ବିଶେଷ ମୁଣ୍ଡ ଖେଳେଇ ନ ଥାଏ।)

-ମୁଁ ମୋ ରକ୍ତରେ କୋଲେଷ୍ଟରଲ୍‌ର ପରୀକ୍ଷା କରେଇଥିଲି। ଏହା ପ୍ରାୟତଃ ଭଲ ରହିଥିଲା। ତଥାପି ଏଥିରେ ଅଧିକ ଉନ୍ନତି ଅଣାଯାଇପାରିବ।

-ହଁ। ମୁଁ ଜାଣେ ଯେ ମୋ ରକ୍ତରେ ମୋଟ କୋଲେଷ୍ଟରଲ୍ (ଟୋଟାଲ୍ କୋଲେଷ୍ଟରଲ୍) ର ମାତ୍ରା ଅନୁମୋଦିତ ସ୍ତରରେ ରହିଛି।

-କୋଲେଷ୍ଟରଲ୍ ପରୀକ୍ଷା କରେଇ ନେବାପାଇଁ ମୁଁ ମନସ୍ଥ କରିଛି।

**ଆପଣଙ୍କ ନିଦ କେମିତି**

-ମୋତେ ଭଲ ନିଦ ହୁଏନି। ତେଣୁ ସମ୍ଭବ ହେଲେ ସକାଳେ ଡେରି ପର୍ଯ୍ୟନ୍ତ ଶୋଇଥାଏ।

-ମୋ ନିଦରେ କିଛି ଠିକ୍ ଠିକଣା ନ ଥାଏ। କିନ୍ତୁ ମୁଁ ପ୍ରାୟତଃ ଅନୁଭବ କରିଥାଏ ଯେ ମୋର ଯଥେଷ୍ଟ ନିଦ ହେଉଛି।

-ପ୍ରତ୍ୟେକ ରାତ୍ରିରେ ମୋର ସୁନିଦ୍ରା ହୋଇଥାଏ ଏବଂ ବେଶ୍ ଆରାମ୍ ଅନୁଭବ କରି ଶଯ୍ୟାତ୍ୟାଗ କରିଥାଏ।

-ନିଦ ହେବା ମୋ ପାଇଁ ବଡ଼ କଷ୍ଟ। ରାତିରେ ବି ବାରମ୍ବାର ନିଦ ଭାଙ୍ଗିଯାଏ। ତେଣୁ ସକାଳେ ଶଯ୍ୟାତ୍ୟାଗ କରିବାରେ ବଡ଼ ଅସ୍ୱସ୍ତି ଲାଗେ।

**ଆପଣ କେତେ ପରିମାଣରେ ସାଚୁରେଟେଡ୍ ଫ୍ୟାଟ୍ ଖାଇଥାନ୍ତି**

- ମୁଁ ସରକଢ଼ା କ୍ଷୀର, ସରକଢ଼ା କ୍ଷୀରରୁ ପ୍ରସ୍ତୁତ ଦହି, ଛେନା, ଯଥେଷ୍ଟ ପରିମାଣରର ମାଛ, କାଜୁ, ଆଲମଣ୍ଡ, ଅଖରୋଟ ଏବଂ ସୋରିଷ ତେଲ ଓ ସୋୟାବିନ୍ ତେଲରେ ରନ୍ଧା ହୋଇଥିବା ଖାଦ୍ୟ ଖାଇଥାଏ। ତେଲରେ ଛଣାଛଣି ଓ ଭଜାଭଜି ଖାଦ୍ୟ ଏବଂ ମାଂସର ଚର୍ବିରୁ ଯଥା ସମ୍ଭବ ଦୂରେଇ ରହେ।

- ମୁଁ ପ୍ରାୟତଃ ମାଂସ ଓ ଛେନା ଖାଇଥାଏ, କିନ୍ତୁ ସବୁଦିନେ ନ ଖାଇବା ପାଇଁ ଚେଷ୍ଟା କରିଥାଏ।

- ଖାଇବାକୁ ମୁଁ ଏତେ ଭଲପାଇଥାଏ ଯେ ଫ୍ୟାଟ୍ କଥା ମୁଣ୍ଡକୁ ନିଏନି।

- ଅଳ୍ପ ଟିକିଏ ଛେନା ଖାଏ। ସୋରିଷ ତେଲ ଖାଏ। କଦବା କେମିତି ଅଲିଭ ତେଲ ଖାଇଥାଏ। ସପ୍ତାହରେ ଥରେ କି ଦୁଇଥର ମାଂସ ଓ ଅନ୍ତତଃ ଥରେ ମାଛ ଖାଇଥାଏ।

**ହସାହସି, ଥଟ୍ଟାମଜା, ରସିକତା କରିବା ଇତ୍ୟାଦି କେମିତି**

- ମୋ' ପକ୍ଷେ ଏ ସବୁ ବଡ଼ କଷ୍ଟ। କିନ୍ତୁ ସପ୍ତାହରେ ଅନ୍ତତଃ ଥରେ କୌତୁକ, ହସାହସି ଓ ମଉଜ ମଜଲିସ କରିଥାଏ।

- ଏସବୁ କରିବା ପାଇଁ ମୋତେ ଭଲ ଲାଗେ ଓ ସବୁଦିନେ ଏହା ଉପଭୋଗ କରିଥାଏ।

- ନିଜ ପାଇଁ ଉପଭୋଗୀ ହେବା ଭଳି କିଛି କରିବା ନିମନ୍ତେ ମୋ ପାଖରେ ବିଶେଷ ସମୟ ନ ଥାଏ। କିନ୍ତୁ ମୁଁ ଜାଣେ ଯେ ମୋର ଏହା କରିବା ଉଚିତ।

- ନିଜକୁ ଉପଭୋଗ୍ୟ ହେବା ଭଳି କାମ ମୁଁ କେବେ କରିଥିଲି, ତାହା ମୁଁ ମନେ ପକାଇପାରୁନି।

**ଆପଣଙ୍କ ବ୍ଲଡ ପ୍ରେସର୍ କେତେ**

- ହଁ, ଏହା ଅନୁମୋଦିତ ସ୍ତର-୧୨୦/୮୦ (mm of Hg)ରେ ରହିଛି।

-ହଁ, ଏହା ବେଶ୍ ବଢ଼ି ଯାଇଛି। କିନ୍ତୁ ଏହାକୁ ନିୟନ୍ତ୍ରଣ କରିବା ନିମନ୍ତେ ମୁଁ ପରାମର୍ଶ ନେଉଛି।

-ମୋ'ର ରକ୍ତଚାପ ଅଧିକ। ଡାକ୍ତର ମୋତେ ଔଷଧ ଖାଇବା ପାଇଁ ପରାମର୍ଶ ଦେଇଛନ୍ତି। କିନ୍ତୁ ମୁଁ ପ୍ରାୟତଃ ତାହା ଖାଇ ନ ଥାଏ।

- ନା, ମୁଁ ଜାଣିନି। ମୁଁ ଜାଣେ ଯେ ମୋର ରକ୍ତଚାପ ପରୀକ୍ଷା କରେଇନେବା ଉଚିତ। ତେବେ ତୁରନ୍ତ ପରୀକ୍ଷା କରେଇନେବାକୁ କୌଣସି ଯୋଜନା ନାହିଁ।

**ଆପଣଙ୍କ ଅଣ୍ଟାର ଗୋଲେଇ**

- ଆପଣଙ୍କ ଅଣ୍ଟାର ଗୋଲେଇ ୮୦ ସେଣ୍ଟିମିଟର ( ୩୧.୫ ଇଞ୍ଚ)ରୁ ଅଧିକ କି (ମହିଳା ହୋଇଥିଲେ) ଏବଂ ୯୪ସେଣ୍ଟିମିଟର ( ୩୭ ଇଞ୍ଚ)ରୁ ଅଧିକ କି (ପୁରୁଷ ହୋଇଥିଲେ)।

- ହଁ , ଏହାଠାରୁ ବି ଯଥେଷ୍ଟ ଅଧିକ। ତେବେ ବ୍ୟାୟାମ କରିବା କି ଜିମ୍ ଯିବା ପାଇଁ ଯୋଜନା କରୁଛି।

-ହଁ । ପୁରୁଣା ପୋଷାକପତ୍ରକୁ ଏବେ ଆଉ ପିନ୍ଧିପାରୁନି। କିନ୍ତୁ ମୋର ଏଇ ବୟସରେ ଖାଦ୍ୟ କଟକଣାରେ ରହିବା ବା ଡାଏଟିଂ କରିବାର ପ୍ରଶ୍ନ ହିଁ ଉଠୁନାହିଁ।

-ନା, ତଥାପି ମୁଁ ଏହା ଉପରେ କଡ଼ା ନିଘା ରଖିଛି।

-ହଁ , ଟିକିଏ ଅଧିକା ଅଛି। କିନ୍ତୁ ଏହାକୁ କମେଇବାପାଇଁ ମୁଁ ପଦକ୍ଷେପ ନେଇ ସାରିଲିଣି।

**ଆପଣ ବେଶି ଫଳ ଓ ପନିପରିବା ଖାଇଥାନ୍ତି କି**

- ଅଧିକାଂଶ ଦିନରେ ଫଳ ଓ ପନିପରିବାକୁ ଅନ୍ତତଃ ପାଞ୍ଚଥର ଖାଇବା ନିମନ୍ତେ ମୁଁ ଚେଷ୍ଟା କରିଥାଏ। ହେଲେ ସବୁବେଳେ ଏହା ସମ୍ଭବ ହୋଇପାରେନି।

-କିଛି ଫଳ ଓ ପନିପରିବା ଖାଇଥାଏ, କିନ୍ତୁ ସବୁଦିନେ ନୁହେଁ।

-ହଁ, ଫଳ ଓ ପନିପରିବା ଖାଇବା ପାଇଁ ମୁଁ ଭଲପାଏ ଏବଂ ଦିନରେ ଅନ୍ତତଃ ପାଞ୍ଚଥର ଏହା ଖାଇଥାଏ।

- ନା, ମୁଁ ବିଶେଷ ଫଳ ଓ ପନିପରିବା ଖାଇ ନ ଥାଏ। ଏହା ବି ମୋତେ ମିଳିପାରିବା କଷ୍ଟ। ତେବେ ମୋର ଏବକର ସ୍ୱାସ୍ଥ୍ୟ ଯାହା, ବେଶି ଫଳ ଓ ପନିପରିବା ଖାଇଲେ ବିଶେଷ କିଛି ଫରକ ପଡ଼ିବ ବୋଲି ମୁଁ ନିଶ୍ଚିତ ନୁହେଁ।

(କ୍ରମଶଃ...)

*-'ଅଭୀପ୍‌ସା', ସେକ୍ଟର-୬, ପ୍ଲଟ ନଂ- ୧୧୩୧, ଅଭିନବ ବିଡ଼ାନାସୀ, କଟକ, ମୋ: ୯୪୩୭୭୬୬୧୧୭*

# ଡେଙ୍ଗୁରୁ ରକ୍ଷା ପାଇବା ଲାଗି

**ଡେଙ୍ଗୁର ଲକ୍ଷଣ ଜାଣିବା ମାତ୍ରେ ଏହାର ଚିକିତ୍ସା କରାଇନେବା ଜରୁରୀ। ନ ହେଲେ ଏହା ପ୍ରାଣଘାତକ ସାଜିପାରେ। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନୋକ୍ତ ଟିପ୍ସ ଆପଣେଇ ପାରନ୍ତି...**

- ଘର ବାହାରେ ଖୋଲା ମାଠିଆ କିମ୍ବା କୌଣସି ପାତ୍ର ରଖନ୍ତୁ ନାହିଁ। କାରଣ ବର୍ଷାଦିନେ ଏଥିରେ ପାଣି ଜମାହୋଇ ରହିଥାଏ। ଏହା ଦ୍ୱାରା ଡେଙ୍ଗୁ ବାହକ ମଶା ସେମାନଙ୍କର ବଂଶ ଅକ୍ଳେଶରେ ବିସ୍ତାର କରିଥାଆନ୍ତି।
- ଘର ଚାରିପଟ ପରିଷ୍କାର ରଖନ୍ତୁ।
- ଘର ଚାରିପଟେ ଯଦି ଅଳିଆ ଆବର୍ଜନା ଜମା ହୋଇଛି ତେବେ ତାହାକୁ ତୁରନ୍ତ ସଫା କରନ୍ତୁ।
- ବର୍ଷାଦିନେ ମଶାଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଶରୀରକୁ ସମ୍ପୂର୍ଣ୍ଣ ଭାବରେ ଆବୃତ କରିପାରୁଥିବା ପୋଷାକ ପିନ୍ଧନ୍ତୁ।
- ଖାଦ୍ୟପଦାର୍ଥ ଏବଂ ପାଣି ରଖୁଥିବା ପାତ୍ରକୁ ଘୋଡ଼ାଇ ରଖନ୍ତୁ।



- ସାଧାରଣତଃ ବର୍ଷାଦିନେ ମଶାଙ୍କର ପ୍ରାଦୁର୍ଭାବ ଅଧିକ ଥାଏ। ତେଣୁ ଝରକା ବାଟ ଦେଇ ଯେପରି ମଶା ନ ପଶିବେ ତାହାର ବ୍ୟବସ୍ଥା କରନ୍ତୁ। ଏଥିପାଇଁ ସରୁ ଜାଲି ବଜାରରେ ମିଳୁଛି। ଅନ୍ୟପକ୍ଷରେ ମଶା ଆଶଙ୍କା ଅଧିକ ଥିଲେ ସନ୍ଧ୍ୟା ହେବା ମାତ୍ରେ ଝରକା କବାଟ ବନ୍ଦ କରିଦିଅନ୍ତୁ।
- ମଶାମାନେ ଅନ୍ଧାରିଆ ସ୍ଥାନରେ ରହିଥାଆନ୍ତି। ତେଣୁ ସନ୍ଧ୍ୟା ପରେ ଘରର ବାହାର ପାର୍ଶ୍ୱ ଲାଇଟ ଅନ୍ କରିଦିଅନ୍ତୁ।
- ଘର ଭିତରେ ଯେପରି ମଶା ବସା ନ ବାନ୍ଧନ୍ତି ତାହାର ସୁବ୍ୟବସ୍ଥା କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ଯେତେସମ୍ଭବ ଅବସାଦଠାରୁ ଦୂରରେ ରଖନ୍ତୁ। କାରଣ ଏଭଳି ସମସ୍ୟା ଯଦି ନିୟମିତ ଲାଗି ରହେ, ତେବେ ତାହା ନିଜର ମାନସିକତାକୁ ପ୍ରଭାବିତ କରିବା ସହ କେତେକ ରୋଗର ପରୋକ୍ଷ କାରଣ ସାଜିଥାଏ।
- ଏକ ସୁସ୍ଥ ଜୀବନଶୈଳୀ ପାଇଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ।
- ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ। ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- ନିଜକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ଦେବାକୁ ଭୁଲନ୍ତୁ ନାହିଁ। ଏଭଳି ଖାଦ୍ୟକୁ ଅଭ୍ୟାସ କରନ୍ତୁ ନାହିଁ, ଯାହା ପାଇଁ ଅଯଥାରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେବ।
- ଆପଣଙ୍କ ବୟସ ଯଦି ୪୦ ଟପିଗଲାଣି, ତେବେ ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।



# ସୁସ୍ଥ ଦାନ୍ତ ପାଇଁ

ଭଲ ଭାବରେ ଚୋବାଇ ଖାଇଲେ ଖାଦ୍ୟ ହଜମ ହୋଇଥାଏ, ଆଉ ଏହି କାମଟିକୁ ତୁଲାଏ ଦାନ୍ତ। ଦାନ୍ତରେ ଯଦି କିଛି ସମସ୍ୟା ଦେଖାଦେଲା, ତେବେ ଆମକୁ ଖାଇବାରେ ଅସୁବିଧା ହୋଇଥାଏ। ତେଣୁ ଦାନ୍ତ କିପରି ସୁସ୍ଥ ତଥା ସବଳ ରହିବ, ସେଥିପାଇଁ ଆମେ ପ୍ରତିଦିନ ସକାଳୁ ଦାନ୍ତ ଘଷୁ। କେତେକ ଅଳ୍ପ ସମୟ ଭିତରେ ଏହି କାମ ଶେଷ କରିଦିଅନ୍ତି। ଫଳରେ ଦାନ୍ତ ଭଲ ଭାବରେ ସଫା ହୋଇ ନ ଥାଏ। ଦାନ୍ତ ମାଢ଼ିରେ ଖାଦ୍ୟ ଅବଶିଷ୍ଟାଂଶ ରହିଯାଏ, ଯଦ୍ୱାରା ଦାନ୍ତଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ। କେତେକେ ପ୍ରତିଦିନ ଦାନ୍ତ ଘଷି ନ ଥାନ୍ତି। ଏଭଳି ଅଭ୍ୟାସ ତୁରନ୍ତ ଛାଡ଼ନ୍ତୁ। ସକାଳୁ ଉଠିବା ପରେ ପ୍ରଥମ କାମ ହେଲା ଦାନ୍ତ ଘଷିବା। ଏଥିପାଇଁ ଭଲ ବ୍ରଶ ଏବଂ ପେଷ୍ଟ ଚଏସ୍ କରନ୍ତୁ। ନିଶାଦ୍ରବ୍ୟ ସେବନ କିମ୍ବା ଗୁଟ୍‌ଖା ଆଦି ଖାଇଲେ ଦାନ୍ତ କଳା ପଡିଥାଏ ଏବଂ ପରବର୍ତ୍ତୀ ସମୟରେ ମୁଖଗହ୍ୱର କ୍ୟାନ୍ସର ହେବାର ଆଶଙ୍କା ରହିଛି। ତେଣୁ ସୁସ୍ଥ ଦାନ୍ତ ପାଇଁ ନିଶାଦ୍ରବ୍ୟ ଖାଆନ୍ତୁ ନାହିଁ। ପ୍ରତି ୨-୩ ମାସରେ ଟୁଥ ବ୍ରଶ ବଦଳାନ୍ତୁ। ଟୁଥବ୍ରଶ ଅଧିକ ଦିନ ଧରି ବ୍ୟବହାର କଲେ ତାହା ଦାନ୍ତମୂଳରେ ବ୍ୟାକ୍ଟେରିଆ ସୃଷ୍ଟି କରିଥାଏ। ବ୍ରଶ କରିବା ସମୟରେ ଟୁଥ୍‌ବ୍ରଶକୁ ୪୫ ଡିଗ୍ରୀ ଆଙ୍ଗେଲରେ ବୁଲାନ୍ତୁ। ବ୍ରଶ୍‌କୁ ସବୁବେଳେ ପେନ୍‌ସିଲ ଧରିବା ପରି ଧରନ୍ତୁ, ଏହାଦ୍ୱାରା ଭଲ ଭାବରେ ଦାନ୍ତ ଘଷି ହୋଇଥାଏ। ଦାନ୍ତକୁ ସୁସ୍ଥ ରଖିବା ପାଇଁ ଜିଭ ଭଲ ଭାବରେ ସଫା କରନ୍ତୁ।

ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହାର ଖରାପ ପ୍ରଭାବ ଦାନ୍ତ ଉପରେ ପଡିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା- ପ୍ରତିଦିନ ସକାଳେ ଏବଂ ରାତିରେ ଶୋଇବାକୁ ଯିବା ପୂର୍ବରୁ ଦାନ୍ତ ଘଷନ୍ତୁ।

**ଦାନ୍ତ କିପରି ସୁସ୍ଥ ତଥା ସବଳ ରହିବ, ସେଥିପାଇଁ ଆମେ ପ୍ରତିଦିନ ସକାଳୁ ଦାନ୍ତ ଘଷୁ। କେତେକ ଅଳ୍ପ ସମୟ ଭିତରେ ଏହି କାମ ଶେଷ କରିଦିଅନ୍ତି। ଫଳରେ ଦାନ୍ତ ଭଲ ଭାବରେ ସଫା ହୋଇ ନ ଥାଏ। ଦାନ୍ତ ମାଢ଼ିରେ ଖାଦ୍ୟ ଅବଶିଷ୍ଟାଂଶ ରହିଯାଏ, ଯଦ୍ୱାରା ଦାନ୍ତଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ...**



# ମେଦବହୁଳତା କମାଇବାର ଘରୋଇ ଉପାୟ

ମେଦବହୁଳତା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏହାକୁ ନିୟନ୍ତ୍ରଣରେ ରଖିବାକୁ ଆପଣ କେତୋଟି ଘରୋଇ ଉପାୟ ଆପଣେଇ ପାରନ୍ତି। ଦୈନନ୍ଦିନ ଜୀବନ ତାଲିକାରେ ଏକ୍ସରସାଇଜ ସାମିଲ କରନ୍ତୁ। ପ୍ରତିଦିନ ଏକ୍ସରସାଇଜ କରିବା ଦ୍ୱାରା ମାଂସପେଶୀଜନିତ ସମସ୍ୟା ଦେଖାଦେଇ ନ ଥାଏ ଏବଂ ପେଟରୁ ଚର୍ବି କମିଥାଏ। ଏକ୍ସରସାଇଜ କରିବା ସହ ୱାର୍ମଅପ କରିବାକୁ ଭୁଲନ୍ତୁ ନାହିଁ। ଦୁଗ୍ଧଜାତୀୟ ଖାଦ୍ୟ ଖାଆନ୍ତୁ। କେତେକ ବିଶ୍ୱାସ କରନ୍ତି ଯେ ଦୁଗ୍ଧଜାତୀୟ ଖାଦ୍ୟ ଖାଇବା ଦ୍ୱାରା ପେଟରେ ଚର୍ବି ବଢ଼ିଥାଏ। ହେଲେ ଏହା ଏକ ଭ୍ରାନ୍ତ ଧାରଣା। ବରଂ ଏହା ଚର୍ବିକୁ କମ୍ କରାଇବାରେ ସହାୟକ ହୋଇଥାଏ। ପ୍ୟାକ୍‌ଡ ଫୁଡ୍ ଆଦୌ ଖାଆନ୍ତୁ ନାହିଁ। କାରଣ ଏଭଳି ଖାଦ୍ୟ ଅଧିକ ଦିନ ଡବା ଭିତରେ ବନ୍ଦ ହୋଇ ରହୁଥିବାରୁ ତା' ଭିତରେ ଶରୀର ପାଇଁ ହାନିକାରକ ସାବ୍ୟସ୍ତ ହୋଇଥାଏ। ନିୟମିତ ସକାଳ ଜଳଖିଆ ଖାଇବାକୁ ଭୁଲନ୍ତୁ ନାହିଁ। ଏଥିରେ ଜୁସ୍, ସାଲାଡ ସାମିଲ କରନ୍ତୁ କାରଣ ଏହା ଶରୀରରେ ଚର୍ବି କମାଇଥାଏ।



“ ବିମୁଦ୍ରୀକରଣ ପରେ ଦେଶରେ ଟିକସ ଆଦାୟ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବା ସହିତ ଟିକସ ରାଜସ୍ୱ ମଧ୍ୟ ବୃଦ୍ଧି ପାଇଛି।
– ଶମିକା ରବି, ସଦସ୍ୟ, ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦ



“ କର୍ପୋରେଟ୍ ଗଭର୍ନାନ୍ସ କ୍ଷେତ୍ରରେ ସ୍ୱଚ୍ଛତା ଆଣିବାକୁ କେନ୍ଦ୍ର ସରକାର ପ୍ରୟାସ କରୁଛନ୍ତି। ଏଥିପାଇଁ ପରୀକ୍ଷା ମାଧ୍ୟମରେ ସ୍ୱାଧୀନ ନିର୍ଦ୍ଦେଶକ ଚୟନ କରାଯିବ।
– ପି.ପି. ଚୌଧୁରୀ, କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ



## ସଂକ୍ଷେପରେ

### ୱିପ୍ରୋକୁ ୧.୫ ବିଲିୟନ ଡଲାର କଣ୍ଟ୍ରାକ୍ଟ

**ବେଙ୍ଗାଲୁରୁ, ୨-୯:** ଦେଶର ଅନ୍ୟତମ ଅଗ୍ରଣୀ ଆଇଟି କମ୍ପାନୀ ୱିପ୍ରୋକୁ ଏହାର ଇତିହାସରେ ସର୍ବବୃହତ କଣ୍ଟ୍ରାକ୍ଟ ମିଳିଛି। ରବିବାର କମ୍ପାନୀ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଏହା ଆମେରିକାର ଇଲିନଏସ ସ୍ଥିତ ଆଲାଇଟ୍ ସଲ୍ୟୁସନ୍ସ ଏଲଏଲସିରୁ ୧୦ ବର୍ଷିଆ ଭିତ୍ତିରେ ୧.୫ ବିଲିୟନ ଡଲାର କଣ୍ଟ୍ରାକ୍ଟ ପାଇଛି। ଡିଜିଟାଲ ସର୍ଭିସ କ୍ଷେତ୍ରରୁ ମିଳୁଥିବା ଚ୍ୟାଲେଞ୍ଜ ଯୋଗୁ ଆଉଟସୋର୍ସିଂ ସେବା ଉଦ୍ୟୋଗ ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି। ଏଭଳି ସ୍ଥିତିରେ ବଡ଼ କଣ୍ଟ୍ରାକ୍ଟ ପାଇବା କ୍ଷେତ୍ରରେ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍(ଟିସିଏସ୍) ସହ ସମକକ୍ଷ ହେବାରେ ୱିପ୍ରୋ ସଫଳ ହୋଇଛି। ଆବିଦ ଅଲୀ ନିମୁଚାୱାଲା ସିଇଓ ଭାବେ ଯୋଗ ଦେବା ପରେ ୱିପ୍ରୋର ଏହା ସବୁଠାରୁ ବଡ଼ ଡିଲ୍ କୁହାଯାଉଛି। ସେ ଦାୟିତ୍ୱ ନେବା ପରେ କମ୍ପାନୀର ରାଜସ୍ୱ ଆୟ କ୍ରମାଗତ ବଢ଼ିଚାଲିଛି।

### ନିୟନ୍ତ୍ରଣାଧୀନ ହେବ ଅନ୍‌ଲାଇନ ମେଡିସିନ ବିକ୍ରି

**ନୂଆଦିଲ୍ଲୀ, ୨-୯:** ନେଟ୍‌ମେଡ୍, ୧ଏମ୍‌ଜି ଏବଂ ଫାର୍ମଇଜି ଭଳି ଅନ୍‌ଲାଇନରେ ମେଡିସିନ ବିକ୍ରି କରୁଥିବା କମ୍ପାନୀ ଗୁଡିକ ଏଣିକି ନିୟନ୍ତ୍ରଣାଧୀନ ହେବେ। ସେମାନଙ୍କ ପାଇଁ ଏକ ରେଗୁଲେଟୋରୀ ବା ନିୟାମକ ଗଠନ କରାଯିବ। ଏସଂକ୍ରାନ୍ତରେ ସେଣ୍ଟ୍ରାଲ ଷ୍ଟାଣ୍ଡାର୍ଡ ଡ୍ରଗ୍ସ କଣ୍ଟ୍ରୋଲ ଅର୍ଗାନାଇଜେଶନ ପକ୍ଷରୁ ନିୟମ ପ୍ରଣୟନ ପାଇଁ ଚିଠା ପ୍ରସ୍ତାବ ଦିଆଯାଇଛି। ଡ୍ରଗ୍ ଆଇନ ଅଧୀନରେ ଅନ୍‌ଲାଇନ ମେଡିସିନ ବିକ୍ରି କରୁଥିବା କମ୍ପାନୀ ଗୁଡିକୁ ଆଣି ସେମାନଙ୍କୁ ନିୟନ୍ତ୍ରଣ କରାଯିବା ସହ ସେମାନଙ୍କ ବିକ୍ରି ଓ ବିତରଣ ଉପରେ ନଜର ରଖାଯିବ। ଜଣେ ଅଧିକାରୀ କହିଛନ୍ତି ଯେ, ଲାଗୁ ହେବାକୁ ଥିବା ନିୟମ ଅନୁଯାୟୀ ଅନ୍‌ଲାଇନରେ ମେଡିସିନ ବିକ୍ରି କରୁଥିବା କମ୍ପାନୀ ଗୁଡିକ ପଞ୍ଜୀକୃତ ହେବେ ଏବଂ ସେମାନଙ୍କୁ ମେଡିସିନର ଷ୍ଟକ, କାରବାର ଏବଂ ପ୍ରେସ୍‌କ୍ରିପଶନ ଆଧାରରେ ଔଷଧ ବିକ୍ରିର ତଥ୍ୟ ସଂଗ୍ରହ କରି ରଖିବାକୁ ହେବ। ବିଭିନ୍ନ ସମୟରେ ନିୟାମକଙ୍କ ପକ୍ଷରୁ କମ୍ପାନୀ ଗୁଡିକରେ ଚଢ଼ାଉ କରାଯିବ ଏବଂ ଠିକ ମାନର ଔଷଧ ବିକ୍ରି କରାଯାଉ ନଥିବା ଜଣାପଡିଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବାର ବ୍ୟବସ୍ଥା ରହିବ। ସୂଚନାଥାଉକି, ଗତ ୨ ବର୍ଷ ଭିତରେ ପ୍ରାୟ ୫୦୦ କମ୍ପାନୀ ପ୍ରତିଯୋଗିତାରେ ଓହ୍ଲାଇଛନ୍ତି।

### ୨୭୦ କୋଟିର ଋଣ ଜାଲିଆତି
### ବିଦେଶ ଫେରାର ପୂର୍ବରୁ କାର ଡିଲର ଗିରଫ

**ନୂଆଦିଲ୍ଲୀ, ୨-୯:** ଋଣ ଟଙ୍କା ଫେରସ୍ତ ନ କରି ଏଣିକି କୌଣସି କମ୍ପାନୀର ପ୍ରମୋଟର ଆଉ ବିଦେଶ ପଳାୟନ କରିପାରିବେ ନାହିଁ। ବିମାନ ବନ୍ଦରରେ ହିଁ ସେମାନଙ୍କୁ ଗିରଫ କରାଯିବ। ବିଳାସମୟ ଅଡି ଓ ପୋର୍ସ ଗାଡି ବିକ୍ରି କରୁଥିବା କାର୍ ଡିଲର ରାଶ୍ ପାଲ୍ ସିଂହ ଟୋଡ୍ ଏବଂ ତାଙ୍କ ପିତା ମନ୍ଦିର ସିଂହ ଟୋଡ୍ ୨୭୦ କୋଟି ଟଙ୍କାର ବକେୟା ଋଣ ପରିଶୋଧ ନ କରି ବିଦେଶ ପଳାଇବାକୁ ଉଦ୍ୟମ କରୁଥିବା ବେଳେ ବିମାନ ବନ୍ଦରରେ ଧରାପଡିଛନ୍ତି। ସେମାନେ ବ୍ରିଟେନରେ ନାଗରିକତ୍ୱ ହାସଲ କରିଥିବା ପ୍ରବାସୀ ଭାରତୀୟ। ଗୁରୁଗ୍ରାମରେ ସେମାନଙ୍କର ଜେନିକା ଗ୍ରୁପ ମାଲିକାନାରେ ପୋର୍ସ ସେଣ୍ଟର ଗୁରୁଗ୍ରାମ, ଅଡି ଗୁରୁଗ୍ରାମ, ଅଡି ଦିଲ୍ଲୀ ସେଣ୍ଟ୍ରାଲ, ଅଡି ଆପ୍ରୁଭ୍ଡ ପ୍ଲସ ଏବଂ ଅଡି ସର୍ଭିସ ଗୁରୁଗ୍ରାମ ସହିତ ଆଇଜେନିକା ଚେନ୍‌ରେ ଆପଲ୍ ଶୋରୁମ୍ ରହିଛି। ଦିଲ୍ଲୀ ଗୁରୁଗ୍ରାମ ଫେଜ୍-୩ ସର୍କିଟରେ ରାଶ୍ ପାଲ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ଅଗଷ୍ଟ ୨୯ରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ଠକେଇ ଓ ଜାଲିଆତି ଅଭିଯୋଗ ଅଣାଯିବା ପରେ ଦିଲ୍ଲୀ ପୋଲିସର ଇକୋନୋମିକ ଅଫେନ୍ସ ୱିଙ୍ଗର ଏକ ଦଳ ସେମାନଙ୍କୁ ବିମାନ ବନ୍ଦରରୁ ଗିରଫ କରିଛି। କମ୍ପାନୀର ବାଲାନ୍ସ ସିଟ୍‌ରେ ଲାଭ ଦର୍ଶାଯାଉଥିବା ବେଳେ ସେମାନେ ୪ ବର୍ଷ ହେଲା କ୍ଷତି ହେଉଥିବା କହି ଆସୁଥିଲେ।

# ମନି ଲଣ୍ଡରିଂ ଅର୍ଥରେ ସମ୍ପତ୍ତି କିଣିଛନ୍ତି ଚୋକ୍‌ସୀ

**ନୂଆଦିଲ୍ଲୀ, ୨-୯**

- ୧୨୧୦ କୋଟି ଟଙ୍କାରେ ୪୧ ସମ୍ପତ୍ତି
- ମାମଲା ସରିବା ପର୍ଯ୍ୟନ୍ତ ଇଡି ନିକଟରେ ରହିବ ଜବତ ସମ୍ପତ୍ତି
- ଜବତ ସମ୍ପତ୍ତି ବାଜ୍ୟାପ୍ତି ନେଇ ସ୍ଥିର କରିବେ ପିଏମ୍‌ଏଲ୍‌ଏ କୋର୍ଟ



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତିର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ ୧୨୧୦ କୋଟି ଟଙ୍କାର ମନି ଲଣ୍ଡରିଂ ଅର୍ଥରେ ୪୧ଟି ସମ୍ପତ୍ତି କିଣିଛନ୍ତି ବୋଲି ପିଏମ୍‌ଏଲଏ ଅଥରିଟି କୋର୍ଟ କହିଛନ୍ତି। ଜବତ ହୋଇଥିବା ଏହି ସମ୍ପତ୍ତି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ନିକଟରେ ରହିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ଇଡି ପିଏନ୍‌ବି ଦୁର୍ନୀତିର ପର୍ଦ୍ଦାଫାଶ ପରେ ସାରା ଦେଶରେ ଚଢ଼ାଉ କରିଥିଲା। ଚୋକ୍‌ସୀଙ୍କ ମୁମ୍ବାଇସ୍ଥିତ ୧୫ଟି ଫ୍ଲାଟ୍ ଓ ୧୭ଟି ଅଫିସ ପରିସର, କୋଲକାତାର ଏକ ସପିଂ ମଲ ଜବତ ହୋଇଥିଲା। ଏହାଛଡା ଆଲିବାଗରେ ଥିବା ୪ ଏକର ଫାର୍ମ ହାଉସ, ମହାରାଷ୍ଟ୍ରର ନାସିକ, ନାଗପୁର, ପନଭେଲ ତଥା ତାମିଲନାଡୁର ଭେଲୁପୁରମରେ ଥିବା ୨୩୧ ଏକର ଜମି, ହାଇଦ୍ରାବାଦର ରଙ୍ଗାରେଡ୍ଡୀ ଜିଲାରେ ୫୦୦ କୋଟି ଟଙ୍କା ମୂଲ୍ୟର ୧୭୦ ଏକର ପାର୍କକୁ ଜବତ କରାଯାଇଥିଲା। ଏଗୁଡିକ ପିଏମ୍‌ଏଲଏ ଆଇନ ଅଧୀନରେ ଜବତ କରାଯାଇଥିଲା। ଚୋକ୍‌ସୀଙ୍କ ଜବତ ସମ୍ପତ୍ତି ଓ ତାଙ୍କର ଆୟ ସମ୍ପର୍କିତ ସମସ୍ତ ତଥ୍ୟକୁ ଯାଞ୍ଚ କରିବା ପରେ ଜବତ ହୋଇଥିବା ଉକ୍ତ ପରିମାଣର ସମ୍ପତ୍ତି ମନି ଲଣ୍ଡରିଂ ଅର୍ଥରେ କିଣାଯାଇଥିବା ହୃଦବୋଧ ହୋଇଛି ବୋଲି ବିଚାରପତି ତୁଷାର ଭି. ଶାହ୍ ତାଙ୍କ ରାୟରେ ଦର୍ଶାଇଛନ୍ତି। ଏହି ସମ୍ପତ୍ତିକୁ ୯୦ ଦିନ ଅଥବା ମାମଲା ଶେଷ ହେବା ପର୍ଯ୍ୟନ୍ତ ଇଡି ନିକଟରେ ରଖାଯିବାକୁ ସେ ଉଲ୍ଲେଖ କରିଛନ୍ତି। ଜବତ ସମ୍ପତ୍ତି ବାଜ୍ୟାପ୍ତ ହେବ କି ନା ତାହା ପିଏମ୍‌ଏଲ୍‌ଏ କୋର୍ଟ ସ୍ଥିର କରିବେ। ଉଲ୍ଲେଖଥାଉକି, ଉକ୍ତ ଅଥରିଟି ଏକ କ୍ୱାଜି-ଜୁଡିସିଆଲ ସଂସ୍ଥା ଭାବେ ପିଏମ୍‌ଏଲ୍‌ଏ ମାମଲାରେ ଜବତ ସମ୍ପତ୍ତି ସମ୍ପର୍କରେ ନିଷ୍ପତ୍ତି ନେଇଥାନ୍ତି। ଚୋକ୍‌ସୀ ଏବେ କ୍ୟାରିବିୟାନ ଦେଶ ଆଣ୍ଟିଗୁଆରେ ଲୁଚିଛନ୍ତି। ତାଙ୍କୁ ପ୍ରତ୍ୟର୍ପଣ ଲାଗି ଭାରତ ପକ୍ଷରୁ ଉଦ୍ୟମ ଜାରି ରହିଛି। ଦୁର୍ନୀତି ମାମଲାର ଯାଞ୍ଚ କରୁଥିବା ସିବିଆଇ ପକ୍ଷରୁ ପ୍ରତ୍ୟର୍ପଣ ଲାଗି ଆଣ୍ଟିଗୁଆ ସରକାରଙ୍କୁ କୁହାଯାଇଛି। ଅନ୍ୟପକ୍ଷରେ ସେ କୌଣସି ଭୁଲ୍ କାର୍ଯ୍ୟ କରିନାହାନ୍ତି ବୋଲି ଚୋକ୍‌ସୀ ସଫେଇ ଦେଇ ସାରିଛନ୍ତି।

# ଶେୟାର ମୋବିଲିଟି ଲାଗି ହୋଣ୍ଡା ଟୁ ହ୍ୱିଲର୍ସ- ଡ୍ରାଇଭ୍‌ଜି ଚୁକ୍ତି




**ଭୁବନେଶ୍ୱର, ୨-୯**

ସେୟାର୍ଡ ମୋବିଲିଟି ଲାଗି ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ‘ଡ୍ରାଇଭଜି’ ନାମକ ସଂସ୍ଥା ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଡ୍ରାଇଭଜି ସେଲଫ୍ ଡ୍ରାଇଭ୍ ରେଣ୍ଟାଲ ବାଇକ୍ ସେବା ପ୍ରଦାନ କରୁଛି। ହୋଣ୍ଡା କମ୍ପାନୀ ପକ୍ଷରୁ ଉକ୍ତ ସଂସ୍ଥାକୁ ୩ ହଜାର ସ୍କୁଟର ପ୍ରଦାନ କରାଯାଇଛି। ଏହା ହାଇଦ୍ରାବାଦ ଏବଂ ବାଙ୍ଗାଲୋରରେ ପ୍ରଚଳନ କରିବ। ଉକ୍ତ କମ୍ପାନୀର ଫ୍ଲିଟରେ ଆକ୍ଟିଭା ୫ଜି ଏବଂ କ୍ଲିକ୍ ଭଳି ସ୍କୁଟରକୁ ସାମିଲ କରାଯାଇଛି। ବାଙ୍ଗାଲୋରର ହ୍ୱାଇଟ ଫିଲ୍ଡଠାରେ ଏହି ସେବା ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଅବସରରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ, ଡ୍ରାଇଭଜିର ସିଇଓ ଅଶ୍ୱର୍ଯ୍ୟ ପ୍ରତାପ ସିଂହ, ସାଫିରେ ହୋଣ୍ଡା ନିର୍ଦ୍ଦେଶକ ମହମ୍ମଦ ହାଫିଜ୍ ପ୍ରମୁଖ ଉପସ୍ଥିତ ଥିଲେ। ଅନେକ ସେୟାର୍ଡ ମୋବିଲିଟି ସଂସ୍ଥା ନିଜ ଫ୍ଲିଟ୍‌ରେ ହୋଣ୍ଡା ସ୍କୁଟରକୁ ସାମିଲ କରୁଥିବା ଏଥିରେ ଗୁଲେରିଆ ସୂଚନା ଦେଇଛନ୍ତି।




# ବଜାରରେ ଏମ୍‌ଆଇ ଏ୨

**ଭୁବନେଶ୍ୱର, ୨-୯**

ପ୍ରମୁଖ ସ୍ମାର୍ଟଫୋନ ନିର୍ମାତା ଏମ୍‌ଆଇ ପକ୍ଷରୁ ଓଡିଶା ବଜାରରେ ଏହାର ନୂଆ ସ୍ମାର୍ଟଫୋନ ଏ୨ ପ୍ରବେଶ କରିଛି। ଏହି ଅବସରରେ କମ୍ପାନୀ ପକ୍ଷରୁ କଟକ ଓ ଭୁବନେଶ୍ୱରରେ ପ୍ରଡକ୍ଟ ଲଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ଲକ୍ଷ୍ମୀ ମୋବାଇଲ, ଟେକ୍ ଜୋନ୍, ଅମ୍ବିକା ମୋବାଇଲ, ମା ମୋବାଇଲ, ସିଷ୍ଟର ମୋବାଇଲ, ଭୂତନାଥ, ୟୁନିକର୍ଣ୍ଣ ଭଳି ଷ୍ଟୋରଗୁଡିକରେ ଏହାର ଉନ୍ମୋଚନ କରାଯାଇଥିଲା। ସେହିଭଳି କଟକର ଶ୍ରୀ ମୋବାଇଲ୍, ନ୍ୟୁୟର୍କ ମୋବାଇଲ୍, ଜେଡି ଏବଂ ନିଗମ ଭଳି ଷ୍ଟୋରରେ ମଡେଲଟିର ବଜାର ପ୍ରବେଶ ହୋଇଛି। କମ୍ପାନୀ ପକ୍ଷରୁ ଓଡିଶା ମୁଖ୍ୟ ଅମିତ କୁମାର ପଣ୍ଡା, ଭୁବନେଶ୍ୱର ଡିଷ୍ଟ୍ରିବ୍ୟୁଟର ଜୟ ସଦାନୀ, ଇଣ୍ଡିଆଜ୍ ଗଟ୍ ଟାଲେଣ୍ଟ ଫାଇନାଲିଷ୍ଟ ହରିହର ଦାସ, ମିସ୍ ଇଣ୍ଡିଆ ଫାଇନାଲିଷ୍ଟ ପୂଜା ମିଶ୍ର ଉପସ୍ଥିତ ରହି ଏହାକୁ ବଜାରକୁ ଛାଡ଼ିଛନ୍ତି। ଏମ୍‌ଆଇ ଏ୧ର ସଫଳତା ପରେ ଏହା ବଜାରକୁ ଆସିଛି। ଉନ୍ନତ କ୍ୟାମେରା, ଷ୍ଟାଇଲିସ୍ ଡିଜାଇନ୍, ୪ଜିବି ରାମ୍ ଏବଂ ୬୪ ଜିବି ଭାରିଆଣ୍ଟର ମୂଲ୍ୟ ୧୬,୪୯୯ ଟଙ୍କା ରହିଥିବା ବେଳେ ଏହା ବ୍ଲାକ୍, ଲେକ୍ ବ୍ଲୁ, ରୋଜ୍ ଗ୍ଲୋଡ ଏବଂ ଗୋଲ୍ଡ ଭଳି ରଙ୍ଗରେ ବଜାରକୁ ଆସିଛି। ଏଥିରେ ୫.୯୯ ଇଞ୍ଚର ଫୁଲ୍ ଏଚ୍‌ଡି ଡିସ୍‌ପ୍ଲେ, ୬୬୦ ଏସ୍‌ଓସି କ୍ୱାଲକମ୍ ସ୍ନାପଡ୍ରାଗନ, ଆଡ୍ରେନୋ ୫୧୨ ଜିପିୟୁ, ଆଣ୍ଡ୍ରଏଡ୍ ଓରିଓ ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ଫିଚର ସୁବିଧା ରହିଛି। ଏହା ୩୦୧୦ ଏମ୍‌ଏଏଚ୍ ବ୍ୟାଟେରି କ୍ଷମତା ସହ ବଜାରକୁ ଆସିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଆଇସିଏଫ୍‌ଏଆଇ ବିଜ୍‌ନେସ୍ ସ୍କୁଲ୍‌ର ଅଧ୍ୟାପକ କର୍ମଶାଳା

**ଭୁବନେଶ୍ୱର, ୨-୯**




ଆଇସିଏଫ୍‌ଏଆଇ ବିଜନେସ୍ ସ୍କୁଲ ପକ୍ଷରୁ ବାର୍ଷିକ ଅଧ୍ୟାପକ କର୍ମଶାଳା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ.କୁମରବର ଦାସ୍ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଇବିଏସ୍ କଲିକତା ଶାଖାର ପ୍ରାଧ୍ୟାପକ ସଂପ୍ରୀତ ଚକ୍ରବର୍ତ୍ତୀ, ଅଧ୍ୟାପିକା ଡ. ପଲ୍ଲବୀ ଘୋଷ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ବିଷୟ ବସ୍ତୁ ‘ରିସର୍ଚ୍ଚ ମେଥୋଡୋଲୋଜି ୟୁଜିଂ ଏସ୍‌ପିଏସ୍‌ଏସ୍ ଆଣ୍ଡ ଏଏମ୍‌ଓଏସ୍’ ଉପରେ ପର୍ଯ୍ୟବସିତ ରହିଥିଲା। ରାଜ୍ୟର ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନର ଶିକ୍ଷାବିତ ଏଥିରେ ଯୋଗ ଦେଇଥିଲେ। ଆଧୁନିକ ଶିକ୍ଷା ବିଜ୍ଞାନ କ୍ଷେତ୍ରରେ ଜ୍ଞାନକୌଶଳ ଏବଂ ଏହାର ଉପଯୋଗିତା ଦ୍ୱାରା ଶିକ୍ଷକ ତଥା ଛାତ୍ରୀଛାତ୍ରଙ୍କ ଉନ୍ନତୀକରଣ ନେଇ କର୍ମଶାଳାରେ ଆଲୋଚନା କରାଯାଇଥିଲା। ପ୍ରତିଷ୍ଠାନ ପକ୍ଷରୁ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଆଇବିଏସ୍ ଭୁବନେଶ୍ୱର ମାର୍କେଟିଂ ଶାଖାର ସଦସ୍ୟ ତଥା ମୁଖ୍ୟ ଶାଖା ପ୍ରବନ୍ଧକ ଆଶୁତୋଷ ତ୍ରିପାଠୀ, ଶାଖା ପ୍ରବନ୍ଧକ ଅଜୟ କେତନ ନାୟକ ଏହି ଅବସରରେ ଉପସ୍ଥିତ ଥିଲେ।

## ଆୟକର ବିଭାଗକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ବେଙ୍ଗାଲୁରୁ, ୨-୯**

ପଡି ରହିଥିବା ଏକ ପୁରୁଣା ମାମଲାରେ ଆୟକର ବିଭାଗ ଅଦାଲତକୁ ଠିକ ତଥ୍ୟ ଦେବାରେ ବିଫଳ ହେବାରୁ ସୁପ୍ରିମକୋର୍ଟ ଖଣ୍ଡପୀଠ କ୍ଷୁବ୍ଧ ହୋଇଛନ୍ତି। ଜଷ୍ଟିସ ମଦନ ବି.ଲୋକୁର, ଜଷ୍ଟିସ ଏସ.ଅବଦୁଲ୍ ନଜିର ଏବଂ ଜଷ୍ଟିସ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆୟକର ବିଭାଗକୁ ଭର୍ତ୍ସନା କରି ସୁପ୍ରିମକୋର୍ଟ ପିକ୍‌ନିକ କରିବାର ସ୍ଥାନ ନୁହେଁ ବୋଲି କହିବା ସହିତ ବିଭାଗକୁ ୧୦ ଲକ୍ଷ ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି।

ଉତ୍ତର ପ୍ରଦେଶ ଅର୍ବାନ ପ୍ଲାନିଂ ଆଣ୍ଡ ଡେଭଲପ୍‌ମେଣ୍ଟ ଆକ୍ଟ, ୧୯୭୩ ଅଧୀନରେ ହାପୁର ପିଲଖୁଆ ଡେଭଲପ୍‌ମେଣ୍ଟ ଅଥରିଟି(ଏଚ୍‌ପିଡିଏ) ଗଠନ କରାଯାଇଥିଲା। ଏହାର ଆୟକର ପ୍ରଦାନ ନେଇ ଇନକମ୍ ଟ୍ୟାକ୍ସ ଆପେଲାଟ ଟ୍ରିବ୍ୟୁନାଲରେ ଏକ ମାମଲା ହୋଇଥିଲା। ଟ୍ରିବ୍ୟୁନାଲ ଦେଇଥିବା ରାୟକୁ ଆଲ୍ଲାହାବାଦ ହାଇକୋର୍ଟ ଖାରଜ କରିଦେଇଥିଲେ। ଏହା ବିରୋଧରେ ଆୟକର ବିଭାଗ ସୁପ୍ରିମକୋର୍ଟରେ ମାମଲା ଦାୟର କରିଛନ୍ତି। ଉକ୍ତ ଖଣ୍ଡପୀଠରେ ମାମଲାର ଶୁଣାଣି ବେଳେ ଆୟକର ବିଭାଗ କମିଶନର ଏଭଳି ଏକ ମାମଲା ୨୦୧୧ରୁ ସର୍ବୋଚ୍ଚ ଅଦାଲତରେ ଝୁଲି ରହିଛି ବୋଲି ଦର୍ଶାଇଥିଲେ।

## ଆଇଟିଆଇ ସହ ୫୮ ଷ୍ଟାର୍ଟଅପ୍‌ର ଚୁକ୍ତି

**ନୂଆଦିଲ୍ଲୀ, ୨-୯**

ଦେଶରେ ଷ୍ଟାର୍ଟଅପ୍‌କୁ କେନ୍ଦ୍ର ସରକାର ପ୍ରୋତ୍ସାହିତ କରୁଛନ୍ତି। ଇନଫର୍ମେଶନ ଏବଂ କମ୍ୟୁନିକେଶନ ଟେକ୍ନୋଲୋଜି(ଆଇସିଟି), ଇଣ୍ଟରନେଟ ଅଫ୍ ଥିଙ୍ଗ୍‌ସ ଏବଂ ପ୍ରତିରକ୍ଷା ଜ୍ଞାନକୌଶଳ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରାୟତ୍ତ ଟେଲିକମ୍ ଉତ୍ପାଦକ ଆଇଟିଆଇ ଲିମିଟେଡ ରବିବାର ୫୮ ଷ୍ଟାର୍ଟଅପ୍ କମ୍ପାନୀ ସହ ଏକ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ବେଙ୍ଗାଲୁରୁ ଠାରେ ଆଇସିଟି-ଆଇଓଟି ଏକ୍ସପୋ ଚାଲିବା ଅବସରରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଥିଲା। ପ୍ରାୟ ୪୦୦ ଷ୍ଟାର୍ଟଅପ୍ ମଧ୍ୟରୁ ୫୮ଟି କମ୍ପାନୀଙ୍କୁ ଚୁକ୍ତି ଲାଗି ବଛାଯାଇଥିଲା।

# ମୋବିଷ୍ଟାର ଆଣିଲା ୫ ନୂଆ ସ୍ମାର୍ଟଫୋନ



**ଭୁବନେଶ୍ୱର, ୨-୯**

ଅନ୍ତର୍ଜାତୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ ମୋବିଷ୍ଟାର ଓଡିଶା ବଜାରରେ ଅଫ ଲାଇନ୍ ବିଜନେସ ଅପରେଶନ ଆରମ୍ଭ ସମ୍ପର୍କରେ ଘୋଷଣା କରିଛି। କମ୍ପାନୀ ଏଠାରେ ୫ ସେଲଫି ଭିତ୍ତିକ ସ୍ମାର୍ଟଫୋନକୁ ବଜାର ପ୍ରବେଶ କରାଇଛି। ଏହି ଅବସରରେ କମ୍ପାନୀର ଶାଖା ପ୍ରବନ୍ଧକ ରାମକ୍ରିଷ୍ଣ ସାହୁ, ଏରିଆ ବିକ୍ରି ପ୍ରବନ୍ଧକ ଅଖିଳ ପାଣିଗ୍ରାହୀ, ବିତରକ ପ୍ରଦୀପ ଜେନା ଉପସ୍ଥିତ ରହି ମଡେଲଗୁଡ଼ିକୁ ଉନ୍ମୋଚନ କରିଥିଲେ। ଏହି ଫୋନ୍‌ଗୁଡ଼ିକର ବଜାର ଦର ୪,୩୫୦ ଟଙ୍କାରୁ ୧୦,୫୦୦ ଟଙ୍କା ରହିଛି। ବିଶେଷକରି ଯୁବାବର୍ଗ ତଥା ସେଲ୍‌ଫି ପ୍ରେମୀଙ୍କୁ ଧ୍ୟାନରେ ରଖି ଏଭଳି ପ୍ରଡକ୍ଟ ବଜାରକୁ ଛଡ଼ା ଯାଇଥିବା କମ୍ପାନୀ ସୂଚନା ଦେଇଛି। ବଜାରକୁ ଆସିଥିବା ମଡେଲଗୁଡିକ ମଧ୍ୟରେ ସି୧ ଲାଇଟ୍, ସି୧, ସି ୨, ଇ୧ ସେଲ୍ଫି ଏବଂ ଏକ୍ସ୧ ଡୁଆଲ ରହିଛି। ଏଗୁଡିକର ମୂଲ୍ୟ ଯଥାକ୍ରମେ- ୪,୩୫୦ ଟଙ୍କା, ୫୪୦୦ ଟଙ୍କା, ୬,୩୦୦ ଟଙ୍କା, ୮,୪୦୦ ଟଙ୍କା ଏବଂ ୧୦,୫୦୦ ଟଙ୍କା ରହିଛି। କମ୍ପାନୀ ଘରୋଇ ବଜାରରେ ୬୦୦ ବିତରକଙ୍କ ସହ ଯୋଡି ହେବାକୁ ଯୋଜନା ରଖିଛି। ଅଫଲାଇନ ବଜାରରେ ନିଜର ସ୍ଥିତିକୁ ଦୃଢ କରିବା ଲାଗି କମ୍ପାନୀ ଲକ୍ଷ୍ୟ ରଖିଛି। ୧୦୦୦ ସର୍ଭିସ ସେଣ୍ଟର ନେଟୱର୍କ ସହ କାର୍ଯ୍ୟ କରିବାକୁ କମ୍ପାନୀ ସୂଚନା ଦେଇଛି।

## ଇରାନ ବିରୋଧରେ ଆମେରିକାର କଟକଣା
## ମୁକାବିଲା ଲାଗି ଭାରତର ଯୋଜନା ପ୍ରସ୍ତୁତ

**ନୂଆଦିଲ୍ଲୀ, ୨-୯**

ତେଲକୁ ନେଇ ଇରାନ ବିରୋଧରେ ଆମେରିକା କଟକଣା କାର୍ଯ୍ୟକାରୀ ହେବା ସମୟ ପାଖେଇ ଆସୁଛି। ଏହା ସମ୍ପୂର୍ଣ୍ଣ ଲାଗୁ ହେବା ପରେ ସୃଷ୍ଟି ହେବାକୁ ଥିବା ପରିସ୍ଥିତିର ମୁକାବିଲା ଲାଗି ଭାରତ ପ୍ରସ୍ତୁତ ରହିଛି ବୋଲି ଅର୍ଥ ମନ୍ତ୍ରଣାଳୟର ମୁଖ୍ୟ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, କଟକଣା ଲାଗୁ ହେବାକୁ ଅପେକ୍ଷା କରିବାକୁ ହେବ। ଏହା ଲାଗୁ ହୋଇଯିବା ପରେ ପରିସ୍ଥିତିକୁ ଦେଖି ତ୍ୱରିତ୍ ପଦକ୍ଷେପ ନିଆଯିବ। ଏହା ଉପରେ ଆଗୁଆ ଆକଳନ କରିବା ଅସମ୍ଭବ। ଦେଶର ଅର୍ଥନୀତି ବିକାଶ ପଥରେ ଆଗଉଛି। ଆମେରିକା-ଚାଇନା ଟ୍ରେଡ୍ ୱାର୍, ଆମେରିକାର ମୁଦ୍ରାନୀତି ଦୃଢ଼ ହେବା ତଥା ଅଶୋଧିତ ତୈଳ ଦର ବୃଦ୍ଧି ସାଙ୍ଗକୁ ଇରାନ ବିରୋଧରେ କଟକଣା ଯୋଗୁ ଏହା ପ୍ରଭାବିତ ହେବ।

# ନୋଟ୍‌ରୁ ବ୍ୟାପୁଛି ରୋଗ

**ନୂଆଦିଲ୍ଲୀ, ୨-୯**

### ଜେଟ୍‌ଲୀଙ୍କୁ ପତ୍ର ଲେଖିଲା ସିଏଆଇଟି

ଆମେ ବ୍ୟବହାର କରୁଥିବା ନୋଟ୍ ଦ୍ୱାରା ମାରାତ୍ମକ ରୋଗ ବ୍ୟାପୁଛି। ଭୟଙ୍କର ଜୀବାଣୁ ନୋଟ୍ ମାଧ୍ୟମରେ ଆମ ଶରୀରରେ ପ୍ରବେଶ କରୁଛନ୍ତି। ଏନେଇ ବିଭିନ୍ନ ବିଜ୍ଞାନ ପତ୍ରିକା ଏବଂ ମିଡିଆରେ ରିପୋର୍ଟ ପ୍ରକାଶ ପାଇସାରିଛି। ତେବେ ଏହାକୁ ଟ୍ରେଡର ମହାସଂଘ କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ଗୁରୁତ୍ୱର ସହ ନେଇଛି। ପ୍ରକାଶିତ ରିପୋର୍ଟରେ ସତ୍ୟାସତ୍ୟ ଜାଣିବା ଲାଗି ମହାସଂଘ ପକ୍ଷରୁ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ପତ୍ର ଲେଖାଯାଇଛି। ଏସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି.ନଡ୍ଡା ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ମଧ୍ୟ ଅବଗତ କରାଯାଇ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଛି।

ବିଭିନ୍ନ ରିପୋର୍ଟକୁ ଉଦ୍ଧାର କରି ମହାସଂଘ ପକ୍ଷରୁ ଦାବି କରାଯାଇଛି ଯେ, କାରବାର ଲାଗି ବ୍ୟବହୃତ ନୋଟ୍‌ରେ ମାରାତ୍ମକ ରୋଗ ଜୀବାଣୁ ଭରି ରହିଛି। ଏଗୁଡିକ ଯୋଗୁ ୟୁରିନାରୀ ଏବଂ ରେସ୍‌ପିରେଟୋରୀ ଟ୍ରାକ୍ ଇନଫେକ୍‌ଶନ, ସେପ୍ଟିସେମିଆ, ସ୍କିନ୍ ଇନଫେକ୍‌ଶନ, ରିକରେଣ୍ଟ ମେନିନଜାଇଟିସ୍, ଟକ୍ସିକ ସକ୍ ସିଣ୍ଡ୍ରୋମ ଏବଂ ବିଭିନ୍ନ ପ୍ରକାର ଗ୍ୟାସଟ୍ରୋ ଇଣ୍ଟେଷ୍ଟିନାଲ ରୋଗ ବ୍ୟାପୁଛି। ସିଏଆଇଟି ମହାସଚିବ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି ଯେ, ନୋଟ୍ ବ୍ୟବହାର ଯୋଗୁ ରୋଗ ବ୍ୟାପୁଥିବା ନେଇ ପ୍ରତିବର୍ଷ ରିପୋର୍ଟ ପ୍ରକାଶ ପାଉଛି।

# ଟ୍ରେନ୍ ବଗିରେ ଲାଗିବନି ରିଜର୍ଭେଶନ ଚାର୍ଟ

**ନୂଆଦିଲ୍ଲୀ, ୨-୯**



ଟ୍ରେନ୍ ବଗିଗୁଡ଼ିକରେ ଆଉ ଏଣିକି ରିଜର୍ଭଶନ ଚାର୍ଟ (ସଂରକ୍ଷିତ ତାଲିକା ବା ଚିଠା) ଲଗାଯିବ ନାହିଁ। ଚଳିତ ମାସ ଆରମ୍ଭରୁ ଏହି ନିୟମ କାର୍ଯ୍ୟକାରୀ ହୋଇଛି। କାଗଜ ବ୍ୟବହାର ହ୍ରାସ କରିବା ଉଦ୍ଦେଶ୍ୟରେ ଏହା ଏକ ପ୍ରୟାସ ବୋଲି ଭାରତୀୟ ରେଳ ପକ୍ଷରୁ କୁହାଯାଇଛି।

ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ସାରା ଦେଶରେ ବର୍ତ୍ତମାନ ଦୈନିକ ପ୍ରାୟ ୧୧ ଲକ୍ଷ ରେଳ ଟିକେଟ୍ ବୁକ୍ ହେଉଛି। ସେଥି ମଧ୍ୟରୁ ପ୍ରାୟ ୭୦% ଟିକେଟ୍ ଅନ୍‌ଲାଇନ୍ ବୁକ୍ କରାଯାଉଛି। ଯାତ୍ରୀମାନେ ଅନ୍‌ଲାଇନ୍ ଟିକେଟ୍ ବୁକିଂ ଆଡକୁ ମୁହାଁଇ ଥିବା ବେଳେ କାଗଜ ବ୍ୟବହାରକୁ ହ୍ରାସ କରିବା ପାଇଁ ରେଳପଥ ନିଜ ପକ୍ଷରୁ ରିଜର୍ଭେଶନ ଚାର୍ଟକୁ ମଧ୍ୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛି।

ସୂଚନା ଅନୁସାରେ ଦେଶର କେତୋଟି ନିର୍ଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନରେ ଏହି ରିଜର୍ଭେଶନ ଚାର୍ଟ ବ୍ୟବସ୍ଥା ଗତ ୪ ମାସ ହେବ ବନ୍ଦ କରି ଦିଆଯାଇଛି। ସେହିପରି ଉକ୍ତ ଷ୍ଟେଶନଗୁଡ଼ିକରୁ ଯେଉଁ ଟ୍ରେନ୍ ଯାତ୍ରା ଆରମ୍ଭ କରୁଛି ସେଥିରେ ମଧ୍ୟ ରିଜର୍ଭେଶନ ଚାର୍ଟ ଲଗାଯାଉ ନାହିଁ। ଏବେ ଦେଶବ୍ୟାପୀ ଏହି ଧାରା କାର୍ଯ୍ୟକାରୀ ହେବ ବୋଲି ରେଳପଥ ପ୍ରକାଶ କରିଛି। କିନ୍ତୁ ରେଳଯାତ୍ରୀଙ୍କ ସୁବିଧା ପାଇଁ ପ୍ଲାଟ୍‌ଫର୍ମରେ ଥିବା ସଫ୍ଟ ବୋର୍ଡରେ ଏହି ରିଜର୍ଭେଶନ ଚାର୍ଟ ଲଗାଯିବ।

ଚଳିତ ବର୍ଷ ଫେବୃୟାରୀରେ ରେଳ ମନ୍ତ୍ରଣାଳୟ ଏହାର ସମସ୍ତ ରେଳ ଜୋନ୍‌କୁ ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରିଥିଲା। ମାର୍ଚ୍ଚ ପହିଲାରୁ ୬ ମାସ ପାଇଁ ପରୀକ୍ଷାମୂଳକ ଭିତ୍ତିରେ ଏ୧, ଏ ଏବଂ ବି ବର୍ଗର ଷ୍ଟେଶନରୁ ବାହାରୁଥିବା ଟ୍ରେନ୍‌ଗୁଡିକର ସଂରକ୍ଷିତ ବଗିରେ ଏହି ଚାର୍ଟ ନ ଲଗାଇବା ପାଇଁ ନିର୍ଦ୍ଦେଶ ରହିଥିଲା।

## ଚୂଡ଼ାନ୍ତ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୩୨ | ୯୨ | ୬୫ | ୨୮୯ |
| ଜାପାନ | ୭୫ | ୫୬ | ୭୪ | ୨୦୫ |
| ଦକ୍ଷିଣ କୋରିଆ | ୪୯ | ୫୮ | ୭୦ | ୧୭୭ |
| ଇଣ୍ଡୋନେସିଆ | ୩୧ | ୨୪ | ୪୩ | ୯୮ |
| ଉଜବେକିସ୍ତାନ | ୨୧ | ୨୪ | ୨୫ | ୭୦ |
| ଇରାନ | ୨୦ | ୨୦ | ୨୨ | ୬୨ |
| ଚାଇନିଜ୍ ତାଇପେ | ୧୭ | ୧୯ | ୩୧ | ୬୭ |
| ଭାରତ | ୧୫ | ୨୪ | ୩୦ | ୬୯ |
| କାଜାଖସ୍ତାନ | ୧୫ | ୧୭ | ୪୪ | ୭୬ |
| ଉତ୍ତର କୋରିଆ | ୧୨ | ୧୨ | ୧୩ | ୩୭ |
| ବାହାରିନ | ୧୨ | ୭ | ୭ | ୨୬ |
| ଥାଇଲାଣ୍ଡ | ୧୧ | ୧୬ | ୪୬ | ୭୩ |
| ହଂକଂ ଚାଇନା | ୮ | ୧୮ | ୨୦ | ୪୬ |
| ମାଲେସିଆ | ୭ | ୧୩ | ୧୬ | ୩୬ |
| କାତାର | ୬ | ୪ | ୩ | ୧୩ |
| ମଙ୍ଗୋଲିଆ | ୫ | ୯ | ୧୧ | ୨୫ |
| ଭିଏତ୍‌ନାମ | ୪ | ୧୬ | ୧୮ | ୩୮ |
| ସିଙ୍ଗାପୁର | ୪ | ୪ | ୧୪ | ୨୨ |
| ଫିଲିପାଇନ୍ସ | ୪ | ୨ | ୧୫ | ୨୧ |
| ୟୁଏଇ | ୩ | ୬ | ୫ | ୧୪ |
| କୁଏତ୍ | ୩ | ୧ | ୨ | ୬ |
| କିର୍ଗିଜସ୍ତାନ | ୨ | ୬ | ୧୨ | ୨୦ |
| ଜୋର୍ଡାନ | ୨ | ୧ | ୯ | ୧୨ |
| କାମ୍ବୋଡିଆ | ୨ | ୦ | ୧ | ୩ |
| ସୌଦୀ ଆରବ | ୧ | ୨ | ୩ | ୬ |
| ମାକାଉ, ଚାଇନା | ୧ | ୨ | ୨ | ୫ |
| ଇରାକ | ୧ | ୨ | ୦ | ୩ |
| କୋରିଆ | ୧ | ୧ | ୨ | ୪ |
| ଲେବାନନ | ୧ | ୧ | ୨ | ୪ |
| ତାଜିକିସ୍ତାନ | ୦ | ୪ | ୩ | ୭ |
| ଲାଓ ପିଡିଆର୍ | ୦ | ୨ | ୩ | ୫ |
| ତୁର୍କମେନିସ୍ତାନ | ୦ | ୧ | ୨ | ୩ |
| ନେପାଳ | ୦ | ୧ | ୦ | ୧ |
| ପାକିସ୍ତାନ | ୦ | ୦ | ୪ | ୪ |
| ଆଫଗାନିସ୍ତାନ | ୦ | ୦ | ୨ | ୨ |
| ମ୍ୟାଁମାର | ୦ | ୦ | ୨ | ୨ |
| ସିରିଆ | ୦ | ୦ | ୧ | ୧ |
| ମୋଟ୍ | ୪୬୫ | ୪୬୫ | ୬୨୨ | ୧୫୫୨ |


କଳାକାରଙ୍କ ନୃତ୍ୟ ପରିବେଷଣ।


ଆଲିବାବା ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜ୍ୟାକ୍ ମା' ଏକ ବଲ୍‌କୁ ଦର୍ଶକଙ୍କ ଆଡ଼କୁ ଫିଙ୍ଗୁଛନ୍ତି।


୨୦୨୨ ଏସିଆଡ୍ ଆୟୋଜକ ହାଙ୍ଗଝୋଉର ମେୟର ଜୁ ଲିୟିଙ୍କୁ ଅଲିମ୍ପିକ୍ସ କାଉନସିଲ ଅଫ ଏସିଆ ପତାକା ହସ୍ତାନ୍ତର କରାଯାଉଛି।


ଅଫିସିଆଲ୍ ମାସ୍କଟ।



ପୁଣି ଦେଖାହେବ ହାଙ୍ଗଝୋଉରେ।

# ଭାରତୀୟ କ୍ରୀଡ଼ାର ଭବିଷ୍ୟତ ଉଜ୍ଜ୍ୱଳ

ଜାକର୍ତ୍ତା, ୨।୯(ପି.ଟି.)

ଭାରତୀୟ କ୍ରୀଡ଼ାରେ ଉନ୍ନତି ହୋଇଛି ଓ ଏହା ଠିକ୍ ଦିଗାରେ ଅଗ୍ରଗତି ହେଉଛି। ସଦ୍ୟ ସମାପ୍ତ ଏସିଆନ ଗେମ୍ସରେ ଭାରତୀୟ ଆଥଲେଟମାନେ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି ଓ ଭାରତୀୟ କ୍ରୀଡ଼ାର ଭବିଷ୍ୟତ ଉଜ୍ଜ୍ୱଳ, ଏକଥା ଏସିଆଡରେ ପ୍ରମାଣିତ ହୋଇଛି। ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ କ୍ରୀଡ଼ା ମହାକୁମ୍ଭ ଭାବେ ପରିଗଣିତ ହେଉଥିବା ଏସିଆନ ଗେମ୍ସରେ ଭାରତ ରେକର୍ଡ ପ୍ରଦର୍ଶନ କରିଛି। ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରେ ସଫଳତାର ସହ ସମ୍ପନ୍ନ ହୋଇଥିବା ଏସିଆନ ଗେମ୍ସର ଏହି ୧୮ତମ ସଂସ୍କରଣରେ ଭାରତୀୟ ଆଥଲେଟ୍‌ମାନେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ କରି ସର୍ବାଧିକ ପଦକ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦମ୍‌ଦାର ପ୍ରଦର୍ଶନ କରିବା ପରେ ଭାରତ ଏହି କ୍ରୀଡ଼ା ମହାକୁମ୍ଭରେ ମଧ୍ୟ ଦମ୍ ଦେଖାଇଛି। ଅଲିମ୍ପିକ୍ସ ପରେ ଦ୍ୱିତୀୟ ବୃହତ୍ତମ କ୍ରୀଡ଼ା ମହାକୁମ୍ଭ ରୂପେ ବିବେଚିତ ହେଉଥିବା ଏସିଆଡ଼ରେ ଭାରତ ପୂର୍ବରୁ କେବେ ଏତେ ସଫଳତା ହାସଲ କରି ନ ଥିଲା।

କ୍ରିକେଟ ପାଗଳ ଭାରତ ପାଇଁ ଅବଶ୍ୟ ଏହି ସଫଳତା ବେଶ୍ ଗୁରୁତ୍ୱ ବହନ କରୁଛି। ଅଲିମ୍ପିକ୍ସ କ୍ରୀଡ଼ା ପାଇଁ ଅବଶ୍ୟ ଏହା ଶୁଭଙ୍କର। ଏବେ ଆଥଲେଟମାନେ ଅଲିମ୍ପିକ୍ କ୍ରୀଡ଼ାଗୁଡିକୁ ବେଶ୍ ଗୁରୁତ୍ୱ ଦେବା ଆରମ୍ଭ କଲେଣି। ସ୍ୱଳ୍ପବୟସ୍କ ତଥା ୧୬ ବର୍ଷୀୟ ସୌରଭ ଚୌଧୁରୀଙ୍କଠାରୁ ଆରମ୍ଭ କରି ୬୦ ବର୍ଷୀୟ ପ୍ରଣବ ବର୍ଦ୍ଧନଙ୍କ ପର୍ଯ୍ୟନ୍ତ ଆଥଲେଟମାନଙ୍କ ମିଳିତ ପ୍ରୟାସ ଆଉ ପ୍ରଦର୍ଶନ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି। ଯଦିଓ ଭାରତର ପାରମ୍ପରିକ ଖେଳ କବାଡ଼ିରେ ସମସ୍ତଙ୍କୁ ନିରାଶ ହେବାକୁ ପଡିଛି। କବାଡିରେ ଭାରତ ମହିଳା ଓ ପୁରୁଷ ବିଭାଗରେ ସବୁବେଳେ ସ୍ୱର୍ଣ୍ଣ ଜିତିଥାଏ। ତେବେ ଏଥର ଭାରତ ଏଥିରୁ ବଞ୍ଚିତ ହୋଇଛି। ହକିରେ ମଧ୍ୟ ମହିଳାଙ୍କୁ ରୌପ୍ୟ ଓ ପୁରୁଷଙ୍କୁ ବ୍ରୋଞ୍ଜ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି।

ଭାରତ ୧୫ଟି ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୩୦ଟି ବ୍ରୋଞ୍ଜ୍ ମୋଟ ୬୯ଟି ପଦକ ହାସଲ କରିଛି। ୪ ବର୍ଷ ତଳେ ଇଞ୍ଚିଅନ୍ ଏସିଆନ ଗେମ୍ସ ଭାରତ ୬୫ଟି ପଦକ ହାସଲ କରିଥିଲା। ଏଥର କିନ୍ତୁ ଏଥିରେ ଉନ୍ନତି ଆଣିଛି।

୧୫ଟି ସ୍ୱର୍ଣ୍ଣ ଜିତି ଭାରତ ପୁରୁଣା ରେକର୍ଡର ସମକକ୍ଷ ହୋଇଛି। ପୂର୍ବରୁ ୧୯୫୧ରେ ଏସିଆନ ଗେମ୍ସର ପ୍ରାରମ୍ଭିକ ସଂସ୍କରଣରେ ଭାରତ ୧୫ଟି ସ୍ୱର୍ଣ୍ଣ ଜିତିଥିଲା। ତେବେ ଭାରତ ପୂର୍ବରୁ କେବେବି ୨୪ଟି ରୌପ୍ୟ ଜିତି ନ ଥିଲା। ଏଥର ଭାରତ ପଦକ ତାଲିକାର ଅଷ୍ଟମ ସ୍ଥାନ ଅଧିକାର କରି ଟପ୍-୧୦ରେ ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଛି।

ପ୍ରତ୍ୟେକ କ୍ରୀଡ଼ା ମହାକୁମ୍ଭରେ ବିବାଦ ଦେଖିବାକୁ ମିଳିଥାଏ। ଏଥର ମଧ୍ୟ ତାହା ହୋଇଛି। ତେବେ କ୍ରୀଡ଼ା ଆରମ୍ଭ ହେବାପରେ ଆଥଲେଟ ଓ ସେମାନଙ୍କ ପ୍ରଦର୍ଶନ ସବୁ ବିବାଦକୁ ଫିକା କରିଦେଇଛି।

ଟ୍ରାକ ଆଣ୍ଡ ଫିଲ୍ଡରେ ଭାରତ ସବୁବେଳେ ଦୁର୍ବଳ ବିବେଚିତ ହୋଇଆସୁଥିଲେ ମଧ୍ୟ ୧୫ଟିରୁ ୭ଟି ସ୍ୱର୍ଣ୍ଣ କେବଳ ଏହି ଇଭେଣ୍ଟଗୁଡିକରୁ ମିଳିଛି। ତେଜିନ୍ଦର ପାଲ ସିଂ ତୁର ପ୍ରଥମ ଆଥଲେଟିକ ସ୍ୱର୍ଣ୍ଣ ଦେଶ ପାଇଁ ଜିତିଥିଲେ। ଏହି ତାରକା ଭାରତୀୟ ଶଟ ପୁଟରେ ୨୦.୭୫ ମିଟର ଥ୍ରୋ କରି ରେକର୍ଡ କରିବା ସହ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ। ସେହିପରି ସ୍ୱପ୍ନା ବର୍ମନ ଦେଶର ପ୍ରଥମ ହେପ୍ଟାଥଲେଟ ଭାବେ ସ୍ୱର୍ଣ୍ଣ ଜିତି ଇତିହାସରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ।

ଦେଶର ଦ୍ରୁତତମ ଧାବିକା ତଥା ତାରକା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଏଥର ଦମ୍‌ଦାର ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଛନ୍ତି। ୧୦୦ ଓ ୨୦୦ ମିଟର ଦୌଡରେ ସେ ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଗତ ୨୦ ବର୍ଷ ମଧ୍ୟରେ ୧୦୦ମି ଦୌଡରେ କୌଣସି ଭାରତୀୟ ରୌପ୍ୟ ପଦକ ହାସଲ କରି ନ ଥିଲେ। କେତେକ ଆଫ୍ରିକୀୟ ବଂଶୋଦ୍ଭବ ଆଥଲେଟ କାତାର ଓ ବାହାରିନ ତରଫରୁ ଅଂଶଗ୍ରହଣ କରି ଟ୍ରାକ ଆଣ୍ଡ ଫିଲ୍ଡରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ନ ହେଲେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟାରେ ନିଶ୍ଚିତ ଭାବେ ବୃଦ୍ଧି ଘଟିଥାନ୍ତା। ଏହି କାରଣରୁ ୪୦୦ ମିଟର ଦୌଡରେ ହିମା ଦାସଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ନାଇଜେରିଆ ଜନ୍ମିତ ସାଲୱା ଇଦ୍ ନାସେର ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ।

ତାରକା ଆଥଲେଟ ନୀରଜ ଚୋପ୍ରା ଆଶାନୁରୂପ ପ୍ରଦର୍ଶନ କରି ଜାଭେଲିନରେ ରେକର୍ଡ ପ୍ରଦର୍ଶନ କରିବା ସହ ପ୍ରଥମ ଭାରତୀୟ ଭାବେ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ସ୍ପ୍ରିଣ୍ଟର ମନଜିତ ସିଂ ଓ ଜିନ୍‌ସନ ଜନସନ ମଧ୍ୟ ଏଥର ଏସିଆଡରେ ବାଜି ମାରିଛନ୍ତି।

ଭାରତୀୟ ବ୍ୟାଡମିଣ୍ଟନ କୁଇନ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଆଶାନୁରୂପ ପ୍ରଦର୍ଶନ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ୍ ଜିତିଛନ୍ତି। ସେହିପରି ଟେବୁଲ ଟେନିସରେ ଚାଇନା ଓ ଜାପାନ ବିପକ୍ଷରେ ଖେଳି ଭାରତୀୟ ଖେଳାଳିମାନେ ଟିମ୍ ଇଭେଣ୍ଟଗୁଡିକରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଛନ୍ତି। ମନିକା ବାତ୍ରା, ଶରତ କମଲ, ଜି. ସାଥିଆନ ଓ ହରମୀତ ଦେଶାଇଙ୍କ ଏଥିରେ ଉଲ୍ଲେଖନୀୟ ଯୋଗଦାନ ରହିଛି।

ପାଲେମବାଙ୍ଗରେ ୧୬ ବର୍ଷୀୟ ସୌରଭ ଚୌଧୁରୀ ଓ ୧୫ ବର୍ଷୀୟ ଶାର୍ଦ୍ଦୁଳ ବିହାନ ପଦକ ଜିତି ଭାରତରେ ଯଥେଷ୍ଟ ପ୍ରତିଭା ରହିଥିବାର ପ୍ରମାଣ ଦେଇଛନ୍ତି। ତେବେ ଯୁବ ଖେଳାଳି ମନୁ ଭାକର ଓ ଅନିଶ ଭାନୱାଲା ପଦକ ହାସଲ କରିବାରେ ବିଫଳ ହୋଇଥିଲେ। ଶୁଟିଂରେ ଦୁଇଟି ସ୍ୱର୍ଣ୍ଣ ମଧ୍ୟରୁ ସୌରଭ ଚୌଧୁରୀ ଗୋଟିଏ ଜିତିଥିଲେ। ସେହିପରି ରାନୀ ସାର୍ଣ୍ଣୋବତ ସ୍ୱର୍ଣ୍ଣ ଓ ଶାର୍ଦ୍ଦୁଳ ରୌପ୍ୟ ପଦକ ହାସଲ କରିଥିଲେ।

ବଜରଙ୍ଗ ପୁନିଆ ଓ ଭିନେଶ ଫୋଗତ ରେସଲିଂରେ ସ୍ୱର୍ଣ୍ଣ ଜିତିଥିଲେ। ତେବେ ଅଭିଜ୍ଞ ସୁଶୀଲ କୁମାର ଓ ସାକ୍ଷୀ ମଲିକ ନିରାଶ କରିଥିଲେ। ବ୍ରିଜ୍‌ରେ ପରିଣତ ବୟସରେ ବର୍ଦ୍ଧନ ଓ ଶିବନାଥ ସରକାର ପୁରୁଷ ପେୟାରରେ ସ୍ୱର୍ଣ୍ଣ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବକ୍ସିଂରେ ଅଲିମ୍ପିକ୍ସ ଚାମ୍ପିୟନଙ୍କୁ ହରାଇ ଏକମାତ୍ର ଭାରତୀୟ ଭାବେ ଅମିତ ପଙ୍ଘାଲ ସ୍ୱର୍ଣ୍ଣ ଜିତିଥିଲେ।

ଭାରତୀୟ ତୀରନ୍ଦାଜମାନେ କିନ୍ତୁ ଆଶାନୁରୂପ ପ୍ରଦର୍ଶନ କରି ନ ଥିଲେ। ପୂର୍ବରୁ ଭାରତ କବାଡିରେ ପୁରୁଷ ଓ ମହିଳା ଦଳ ୯ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ମଧ୍ୟ ଏଥର କିନ୍ତୁ କଥା ଅଲଗା ହୋଇଥିଲା। କବାଡ଼ି ପାୱାର ହାଉସ୍ ଭାବେ ଜଣାଥିବା ଭାରତ ଏଥର ପୁରୁଷ ଓ ମହିଳା ବିଭାଗରେ ରୌପ୍ୟ ଓ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡିଥିଲା।

ପୁଲ ପର୍ଯ୍ୟାୟରେ ଭାରତୀୟ ପୁରୁଷ ହକି ଦଳ ୭୦ରୁ ଊର୍ଦ୍ଧ୍ୱ ଗୋଲ ସ୍କୋର କରିଥିଲା। ତେବେ ମାଲେସିଆ ବିପକ୍ଷ ସେମିଫାଇନାଲରେ ଆମ ଖେଳାଳିମାନେ ଶେଷ ଦୁଇଟି ମିନିଟରେ ତ୍ରୁଟି କରି ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲେ। ଫଳରେ ପାକିସ୍ତାନକୁ ହରାଇ ଭାରତକୁ ଶେଷରେ ବ୍ରୋଞ୍ଜରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ସେହିପରି ମହିଳା ଦଳ ଫାଇନାଲରେ ଜାପାନଠାରୁ ହାରି ରୌପ୍ୟ ଜିତିଥିଲା।

## ଏସିଆଡରେ ଶ୍ରେଷ୍ଠ ପ୍ରଦର୍ଶନ


ବର୍ଷାଭିଜା ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ପ୍ରତିନିଧି ଦଳର ମାର୍ଚ୍ଚପାଷ୍ଟ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ସେପ୍ଟେମ୍ବର, ୨୦୧୮



"କିଲିଆନ ଏମ୍‌ବାପେ ଜଣେ ଷ୍ଟାର ଷ୍ଟ୍ରାଇକର ହୋଇଥିବାରୁ ସେ ବିପକ୍ଷ ଦଳର ଡିଫେଣ୍ଡରଙ୍କ ଟାର୍ଗେଟରେ ରହିବା ସ୍ୱାଭାବିକ।
-ଡିଡିଅର ଡେସ୍‌ଚାମ୍ପ, ଫ୍ରାନ୍ସ ଫୁଟ୍‌ବଲ ଟିମ୍ ମ୍ୟାନେଜର



"ଟୋକିଓ ଅଲିମ୍ପିକ୍ସରେ ଦୁଇ କୋରିଆ ଦେଶର ଆଥଲେଟ୍ ମିଳିତ ଭାବେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆଶା।
-ଥୋମାସ ବ୍ୟାକ୍, ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି ମୁଖ୍ୟ



## ସଂକ୍ଷେପରେ

### ରାଜ୍ୟ ପୋଲିସ ଫୁଟ୍‌ବଲ ଉଦ୍‌ଯାପିତ

ଅନୁଗୋଳ ଅଫିସ, ୨।୯: ଅନୁଗୋଳ ଷ୍ଟାଡ଼ିୟମରେ ୭୭ତମ ରାଜ୍ୟ ପୋଲିସ ଫୁଟବଲ ରବିବାର ଉଦ୍‌ଯାପିତ ହୋଇଛି। କୋରାପୁଟର ତୃତୀୟ ଓଏସ୍‌ଏପି ବାଟାଲିୟନ୍ ଚମ୍ପିୟନ ଓ କମିଶନରେଟ୍ ପୋଲିସ(ଏ) ରନର୍ସଅପ୍ ହୋଇଛି। ଫାଇନାଲର ନିର୍ଦ୍ଧାରିତ ସମୟ ଖେଳ ଗୋଲଶୂନ୍ୟ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। କୋରାପୁଟ ପକ୍ଷରୁ ଏସ୍ ସେଠ, ଏସ. କେ ଗଡ଼ନାୟକ, ପି. ଜେନା ଓ ଏ. ଲାକ୍ରା ଗୋଲ କରିଥିଲେ। ସେହିପରି କମିଶନରେଟ୍ ପୋଲିସ(ଏ) ପକ୍ଷରୁ ଟି .ମାଝି ଗୋଟିଏ ଗୋଲ କରିଥିଲେ। ଫଳରେ କୋରାପୁଟ ୪-୧ ଗୋଲରେ ବିଜୟୀ ହୋଇଥିଲା। ଶ୍ରେଷ୍ଠ ଗୋଲ କିପର କୋରାପୁଟ୍ ଓଏସ୍‌ଏପି ତୃତୀୟ ବାଟାଲିୟର ଅମିତ କୁମାର ସ୍ୱାଇଁ, ଶ୍ରେଷ୍ଠ ଡିଫେନ୍ସ କୋରାପୁଟ ଓଏସ୍‌ଏପି ତୃତୀୟ ବାଟାଲିୟନର ରାଜା ମୁଣ୍ଡା, ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭୁବନେଶ୍ୱର ଓଆଇଏସ୍‌ଏଫର ଜଗମୋହନ ଜେରିଆ, ଶ୍ରେଷ୍ଠ ଫରୱାର୍ଡ଼ କମିଶନରେଟ୍ ପୋଲିସ(ଏ)ର ବିଶ୍ୱ ଭୂଷଣ କଅଁର, ସର୍ବାଧିକ ସ୍କୋରର କୋରାପୁଟ ଓଏସ୍‌ଏପି ତୃତୀୟ ବାଟାଲିୟନର ଅମିତ ଲାକ୍ରା, ଶ୍ରେଷ୍ଠ ପ୍ଲେୟର ଅଫ ଦି ଚାମ୍ପିୟନସଶିପ୍ କୋରାପୁଟ ଓଏସ୍‌ଏପି ତୃତୀୟ ବାଟାଲିୟନର ସନ୍ଦୀପ କୁମାର ଗଡ଼ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଶୃଙ୍ଖଳିତ ଦଳ ଭାବେ ରାୟଗଡ଼ା ଦ୍ୱିତୀୟ ଆଇଆର୍‌ବି ବାଟାଲିୟନକୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ(କ୍ରାଇମ) ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡିଆଇଜି ନରସିଂହ ଭୋଳ, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଦେବଗଡ଼ ଏସ୍‌ପି ଅନୁପମା ଜେମ୍ସ, ଢେଙ୍କାନାଳ ଏସ୍‌ପି ସନ୍ତୋଷ ନାୟକ, ରାଜ୍ୟ ପୋଲିସ କ୍ରୀଡ଼ା ଅଧିକାରୀ ବିଭୂତି ଭୂଷଣ ପରିଡ଼ାଙ୍କ ସହ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଫାଓ ଲିଗ୍: ସାଇ ବିଜୟୀ

କଟକ ଅଫିସ,୨।୯: ବାରବାଟୀ ଷ୍ଟାଡ଼ିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ରବିବାର ୨ଟି ମ୍ୟାଚ୍ ଖେଳାଯାଇଥିଲା । ଗୋଟିଏ ମ୍ୟାଚ୍‌ରେ ସାଇ ବିଜୟୀ ହୋଇଥିବା ବେଳେ ଅନ୍ୟଏକ ମ୍ୟାଚ୍ ଅମୀମାଂସିତ ରହିଛି। ସାଇ ୨-୧ ଗୋଲରେ କ୍ଲବ ଏନ୍ କ୍ଲବକୁ ପରାସ୍ତ କରିଥିଲା । ସାଇ ପକ୍ଷରୁ ସବୀର ଖାଁ ୧୯ ଓ ପ୍ରଭାତ ଦଣ୍ଡସେନା ୩୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ କ୍ଲବ ଏନ୍ କ୍ଲବ ପକ୍ଷରୁ ଦେବରାଜ ସା ୭୨ମିନିଟରେ ଗୋଟିଏ ଗୋଲ ଦେଇଛନ୍ତି। ଚାନ୍ଦ କ୍ଲବ ଓ ସନ୍‌ସାଇନ୍ କ୍ଲବ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ଟି ଡ୍ର ରହିଥିଲା । ଚାନ୍ଦ କ୍ଲବ ପକ୍ଷରୁ ରାକେଶ ନାୟକ ୧୩ତମ ମିନିଟରେ ଗୋଟିଏ ଗୋଲ ଦେଇ ଦଳକୁ ପ୍ରଥମାର୍ଦ୍ଧରେ ଆଗୁଆ ରଖିଥିବା ବେଳେ ଦ୍ୱିତୀୟାର୍ଦ୍ଧର ୬୧ ତମ ମିନିଟରେ ସନସାଇନ ପକ୍ଷରୁ ଗୋଲ ହୋଇଥିଲା । ପିଣ୍ଟୁ ସାମଲ ଏହି ଗୋଲଟି ଦେଇ ସ୍କୋରକୁ ସମାନ ସ୍ଥିତିରେ ପହଞ୍ଚାଇଥିଲେ । ପରେ କୌଣସି ଗୋଲ ନ ହେବାରୁ ମ୍ୟାଚ୍ ଡ୍ର ରହିଥିଲା ।

■ ଆନ୍ତଃ ସ୍କୁଲ ଫୁଟ୍‌ବଲ

### ସେମିରେ ସୈନିକ ସ୍କୁଲ

ଭୁବନେଶ୍ୱର, ୨।୯(ସ୍ପୋର୍ଟ୍ସ ବ୍ୟୁରୋ): ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ୍ ଆନ୍ତଃ ସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତାରେ ପ୍ରଥମ ଦଳ ଭାବେ ସୈନିକ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସୈନିକ ସ୍କୁଲ ୨-୦ ଗୋଲରେ କଳିଙ୍ଗ ବିଦ୍ୟାପୀଠ (ସାମପୁର)କୁ ପରାସ୍ତ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଶିବଶଙ୍କର ହେମ୍ବ୍ରମ (୫୧ତମ ଓ ୫୪ତମ) ମାତ୍ର ୩ ମିନିଟ୍ ଅନ୍ତରରେ ଦୁଇଟି ଗୋଲ ସ୍କୋର କରି ସୈନିକ ସ୍କୁଲ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପଞ୍ଚାୟତିରାଜ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଶିବନାରାୟଣ ବାରିକ ଅତିଥିଭାବେ ଯୋଗଦେଇ ଶିବଶଙ୍କରଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ନବରଞ୍ଜନ ପଟ୍ଟନାୟକ, ନରେନ୍ଦ୍ର ସେଠୀ, ଅମିୟକାନ୍ତ ମିଶ୍ର, ଦେବେନ୍ଦ୍ର ମିଶ୍ର, ପ୍ରଫୁଲ୍ଲ କୁମାର ମିଶ୍ର, ଦିଲୀପ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ରାଜେନ୍ଦ୍ର ବାରିକ, ସରୋଜ ମହାରଣା, ଶ୍ରୀକାନ୍ତ ପଣ୍ଡା, ଅମିତ୍ ନାୟକ, ପାକା ପଣ୍ଡା ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ମହେଶ୍ୱର ସିଂ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ସୋମବାର ବିଜେବି ଇଂଲିଶ ମିଡିୟମ ସ୍କୁଲ ଓ କିସ୍ ସ୍କୁଲ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ଇଂଲଣ୍ଡ ସିରିଜ ବିଜୟୀ

ସାଉଥମ୍ପଟନ, ୨।୯

ଅଧିନାୟକ ବିରାଟ କୋହଲି ଓ ଅଜିଙ୍କ୍ୟ ରାହାନେଙ୍କ ଶତକୀୟ ଭାଗୀଦାରି ପର୍ଯ୍ୟାପ୍ତ ହେଲାନି। ଅନ୍ୟବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଭାରତ ଦ୍ୱିତୀୟ ଇନିଂସରେ ମାତ୍ର ୧୮୪ ରନ କରିବାକୁ ସକ୍ଷମ ହେଲା। ଫଳରେ ଇଂଲଣ୍ଡ ଏଠାରେ ଅନୁଷ୍ଠିତ ଚତୁର୍ଥ କ୍ରିକେଟ ଟେଷ୍ଟରେ ୬୦ ରନରେ ବିଜୟୀ ହେବା ସହ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇଛି। ଭାରତ ସମ୍ମୁଖରେ ୨୪୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଚଳିତ ସିରିଜର ପ୍ରଥମ ଓ ଦ୍ୱିତୀୟ ଟେଷ୍ଟକୁ ଇଂଲଣ୍ଡ ଜିତିଥିବାବେଳେ ତୃତୀୟ ଟେଷ୍ଟରେ ଭାରତ ବିଜୟୀ ହୋଇଥିଲା।

ଟାର୍ଗେଟ ବଡ଼ ନ ଥିଲେ ହେଁ ମ୍ୟାଚ ଜିତିବାକୁ ହେଲେ ଭାରତ ପାଇଁ ଦୃଢ଼ ଓପନିଂର ଆବଶ୍ୟକ ଥିଲା। ମାତ୍ର ତାହା ସମ୍ଭବ ନ ହେବାରୁ ମିଡିଲ ଅର୍ଡରର ଉପରେ ଚାପ ପଡ଼ିଥିଲା। ଲୋକେଶ ରାହୁଲ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିବାବେଳେ ପ୍ରଥମ ଇନିଂସରେ ଶତକ ହାସଲ ସହ ଅପରାଜିତ ରହିଥିବା ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରା ମାତ୍ର ୫ ରନ କରି ଆଉଟ ହୋଇଥିଲେ। ଅନ୍ୟତମ ଓପନର ଶିଖର ଧାୱନ ମଧ୍ୟ ମାତ୍ର ୧୭ ରନ କରି ଆଉଟ ହେବାରୁ ଭାରତ ସ୍କୋର ୨୨/୩ ହୋଇ ଯାଇଥିଲା। ପୂଜାରା ଓ ଧାୱନଙ୍କୁ ଆଉଟ କରି ଜେମ୍ସ ଆଣ୍ଡରସନ ଇଂଲଣ୍ଡ ଶିବିରରେ ଖୁସି ଖେଳାଇ ଦେଇଥିଲେ। ଅଧିନାୟକ ବିରାଟ କୋହଲି ଓ ଅଜିଙ୍କ୍ୟ ରାହାନେ ଅର୍ଦ୍ଧଶତକ ହାସଲ କରିବା ସହ ୪ର୍ଥ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଭାରତ ପାଇଁ ଆଶା ଉଜ୍ଜୀବିତ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଭାରତ ଇନିଂସ ତାସ୍ ଘରପରି ଭୁଶୁଡ଼ି ପଡ଼ିଥିଲା। ଭାରତୀୟ ଇନିଂସ ୬୦ତମ ଓଭରର ୫ମ ବଲ୍‌ରେ ଶର୍ଟ ଲେଗ୍ ଅଞ୍ଚଳରେ ଆଲିଷ୍ଟର କୁକ୍‌ଙ୍କ ହାତରେ କୋହଲିଙ୍କୁ କ୍ୟାଚ କରାଇ ମୋଇନ ଅଲୀ ଇଂଲଣ୍ଡକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ। ବଲ୍ ବ୍ୟାଟ୍‌କୁ ଟଚ୍ କରି ନ ଥିବା ଭାବି କୋହଲି ରିଭ୍ୟୁ କରିଥିଲେ। ମାତ୍ର ବଲ୍ ପ୍ୟାଡ୍‌ରେ ବାଜି କୁକ୍‌ଙ୍କ ହାତକୁ ଯିବା ପୂର୍ବରୁ କୋହଲିଙ୍କ ଗ୍ଲୋଭ୍ସରେ ବାଜିଥିବା ସ୍ନିକୋମିଟରରେ ଜଣା ପଡ଼ିଥିଲା। ୧୩୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା କୋହଲି ୪ ଚୌକା ସହାୟତାରେ ୫୮ ରନ କରି ଆଉଟ ହୋଇଥିଲେ। କୋହଲି ଓ ରାହାନେଙ୍କ ପାର୍ଟନରଶିପ୍‌ରେ ୧୦୧ ରନ ସଂଗୃହୀତ ହୋଇଥିଲା। ଏହାପରେ ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲି ପାରି ନଥିବା ବେଳେ ଏବଂ ଉଇକେଟ କିପର ରିଷଭ ପନ୍ତ ୧୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଧୈର୍ଯ୍ୟର ସହିତ ବ୍ୟାଟିଂ କରୁଥିବା ରାହାନେ ଏକାଗ୍ରତା ହରାଇ ମୋଇନ ଅଲୀଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ଆଉଟ ହୋଇ ଯାଇଥିଲେ। ସେ ୧୫୯ ବଲ୍‌ର ସମ୍ମୁଖୀନ ହୋଇ ୧ ଚୌକା ସହ ୫୧ ରନ କରିଥିଲେ। ଇଶାନ୍ତ ଶର୍ମା ଖାତା ଖୋଲି ପାରି ନ ଥିବାବେଳେ ମହମ୍ମଦ ସାମି ମୋଇନଙ୍କ ଚତୁର୍ଥ ଶିକାର ବନିଥିଲେ। ୭୦ତମ ଓଭରର ୪ର୍ଥ ବଲ୍‌ରେ ରବିଚନ୍ଦ୍ରନ ଅଶ୍ୱିନ(୨୫ ରନ)ଙ୍କୁ ଆଉଟ କରି ସାମ୍ କୁରାନ ଭାରତୀୟ ଇନିଂସର ପରିସମାପ୍ତି ଘଟାଇଥିଲେ। ଇଂଲଣ୍ଡ ପକ୍ଷରୁ ମୋଇନ ୪ଟି, ଜେମ୍ସ ଆଣ୍ଡରସନ ଓ ବେନ୍ ଷ୍ଟୋକ୍ସ ୨ଟି ଲେଖାଏ ଏବଂ ଷ୍ଟୁଆର୍ଟ ବ୍ରଡ୍ ଓ କୁରାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମୋଇନ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ତୃତୀୟ ଦିବସର ଅସମାପ୍ତ ସ୍କୋର ୨୬୦/୮ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଆଉ ୧୧ ରନ ଯୋଡ଼ି ଅବଶିଷ୍ଟ ୨ଟି ଉଇକେଟ ହରାଇଥିଲା। ସାମ୍ କୁରାନ ୪୬ ରନ କରି ଶେଷ ଖେଳାଳିଭାବେ ରନଆଉଟ ହୋଇଥିଲେ। ଫଳରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ୨୭୧ରେ ଶେଷ ହୋଇଥିଲା।


ବିରାଟ କୋହଲିଙ୍କ ଉଇକେଟ୍ ପତନ ପରେ ଉଲ୍ଲସିତ ଇଂଲଣ୍ଡ ଖେଳାଳି ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୪୬।
ଭାରତ ପ୍ରଥମ ଇନିଂସ: ୨୭୩।
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୭୧ ।
ଭାରତ ଦ୍ୱିତୀୟ ଇନିଂସ: ୧୮୪/ଅଲଆଉଟ(କୋହଲି-୫୮, ରାହାନେ-୫୧, ମୋଇନ-୪/୭୧, ଆଣ୍ଡରସନ-୨/୩୩, ଷ୍ଟୋକ୍ସ-୨/୩୪, ବ୍ରଡ୍-୧/୨୩, କୁରାନ-୧/୧)।

## ହାମିଲଟନ ରେକର୍ଡ ସମକକ୍ଷ

ମୋଞ୍ଜା (ଇଟାଲି), ୨।୯ (ଏଏଫ୍‌ପି)

ଚାମ୍ପିୟନଶିପ୍ ଲିଡର ମର୍ସିଡିଜର ଲୁଇସ୍ ହାମିଲଟନ ୫ମ ଥର ଇଟାଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ଟାଇଟଲ ହାସଲ କରି ୭ଥର ବିଶ୍ୱ ଚାମ୍ପିୟନ ମାଇକେଲ ସୁମାକରଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି। ଫର୍ମୁଲା ୱାନରେ ହାମିଲଟନଙ୍କର ଥିଲା ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ। ଶନିବାର ଫର୍ମୁଲା ୱାନ ଇତିହାସରେ ରେକର୍ଡ ଟାଇମିଂ ସହ ପୋଲ ପୋଜିଶନ ହାସଲ କରିଥିବା କିମି ରାଇକୋନେନ ସ୍ଥାନୀୟ ଫେରାରି ଟିମ୍‌ଙ୍କ ପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ମାତ୍ର ହାମିଲଟନ ତାଙ୍କୁ ୮.୭ ସେକେଣ୍ଡ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିନେଇଥିଲେ। ଏହାଥିଲା ତାଙ୍କ କ୍ୟାରିୟରର ୬୮ତମ ଏବଂ ଚଳିତ ବର୍ଷର ୬ଷ୍ଠ ଟାଇଟଲ। ଏହି ବିଜୟ ଦ୍ୱାରା ଚାମ୍ପିୟନଶିପ୍ ଟେବୁଲରେ ଫେରାରିର ସେବାଷ୍ଟିଆନ ଭେଟେଲଙ୍କଠାରୁ ତାଙ୍କ ପଏଣ୍ଟ ବ୍ୟବଧାନ ୧୭ରୁ ୩୦କୁ ବୃଦ୍ଧି ପାଇଛି। ରେସ୍‌ରେ ଭେଟେଲଙ୍କୁ ପଛରେ ପକାଇ ହାମିଲଟନଙ୍କ ମର୍ସିଡିଜ ଟିମ୍‌ମେଟ ଭାଲ୍‌ଟେରି ବୋଟାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରୋଡ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଟାଇମ୍ ପେନାଲ୍ଟି ଯୋଗୁ କ୍ଲାସିଫିକେଶନ ଫଳାଫଳକୁ ଭିତ୍ତି କରି ମାକ୍ସ ଭର୍ଷ୍ଟାପେନ ୫ମ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ଏଷ୍ଟିବାନ ଓପନ ଏବଂ ତାଙ୍କ ଫୋର୍ସ ଇଣ୍ଡିଆ ଟିମ୍‌ମେଟ ସର୍ଗିଓ ପେରେଜଙ୍କୁ ଯଥାକ୍ରମେ ପଛରେ ପକାଇ ହାସ୍‌ର ରୋମେନ ଗ୍ରୋସ୍‌ଜେଁ ୬ଷ୍ଠ ସ୍ଥାନ ହାସଲ କରିଥିଲେ। ରେନଲ୍ଟର କାର୍ଲୋସ ସେଞ୍ଜ୍ ଏବଂ ୱିଲିୟମ୍ସର ଲାନ୍ସ ଷ୍ଟ୍ରୋଲଙ୍କୁ ୯ମ ଓ ୧୦ମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

# ଜୁନିୟର ଥ୍ରୋ ବଲ୍: ପୁରୀକୁ ଡବଲ ଟାଇଟଲ

ଭୁବନେଶ୍ୱର, ୨।୯(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ର ୧୧ତମ ସଂସ୍କରଣ କଳିଙ୍ଗ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଉଭୟ ବାଳିକା ଓ ବାଳକ ବର୍ଗରେ ଚାମ୍ପିୟନ ହୋଇ ପୁରୀ ଡବଲ ଟାଇଟଲ ହାସଲ କରିଛି। ବାଳିକା ବର୍ଗ ଫାଇନାଲରେ ପୁରୀ ୨-୦ ସେଟ୍‌ରେ ରାଉରକେଲାକୁ ଏବଂ ବାଳକ ଫାଇନାଲରେ ୨-୧ ସେଟ୍‌ରେ ରାଉରକେଲାକୁ ପରାସ୍ତ କରିଛି। ବାଳିକା ବିଭାଗରେ କଟକ ଓ ଭୁବନେଶ୍ୱର ଏବଂ ବାଳକରେ ଭୁବନେଶ୍ୱର ଓ ଝାରସୁଗୁଡ଼ା ଦଳକୁ ଯୁଗ୍ମଭାବେ ତୃତୀୟ ସ୍ଥାନ ମିଳିଛି। ଓଡ଼ିଶା ରାଜ୍ୟ ଥ୍ରୋ ବଲ୍ ଆସୋସିଏଶନ ସଭାପତି ଭୂପିନ୍ଦର ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସୁବାସ ଚନ୍ଦ୍ର ପାତ୍ର, ପ୍ରମୋଦ କୁମାର ରାଉତ, କାର୍ଯ୍ୟକାରୀ ସମ୍ପାଦକ ମନୋଜ କୁମାର ନିଶଙ୍କ, ଆବାହକ କୃଷ୍ଣଚନ୍ଦ୍ର ଦାସ, ପୂର୍ବତନ କ୍ରୀଡ଼ା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା, ଥ୍ରୋ ବଲ୍ ଉପସଭାପତି ଅମିୟ କୁମାର ଚାନ୍ଦ, ସହସମ୍ପାଦକ ଯଶୋବନ୍ତ ପରମଗୁରୁ ଓ କାର୍ଯ୍ୟକାରୀ ସଭ୍ୟ ଶଶିକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ନାମେଣ୍ଟକୁ ରାମକୃଷ୍ଣ ବେହେରା, କୈଳାସ ବାରିକ, ସଚିକାନ୍ତ ପଟ୍ଟନାୟକ, ଦେବଦତ୍ତ ମିଶ୍ର, ପାର୍ଥ ଦାସ, ବିନୋଦ ବେହେରା, ରିଣ୍ଟୁ ଘୋଷ ପ୍ରମୁଖ ପରିଚାଳନା କରିଥିଲେ।



ଚାମ୍ପିୟନ ପୁରୀ ବାଳିକା ଓ ବାଳକ ଦଳ।

## ୟୁଏସ୍ ଓପନ୍

# କ୍ୱାର୍ଟରରେ ନାଡାଲ

ନ୍ୟୁୟର୍କ, ୨।୯(ଏଏଫ୍‌ପି)

ସ୍ପାନିଶ ଟେନିସ ତାରକା ରାଫାଲ ନାଡାଲ ଓ ୯ମ ସିଡ୍ ଡୋମିନିକ୍ ଥିଏମ୍ ଏଠାରେ ଚାଲିଥିବା ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ପୁରୁଷ ସିଙ୍ଗଲ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଖେଳାଯାଇଥିବା ରାଉଣ୍ଡ-୧୬'ର ଏକ ମୁକାବିଲାରେ ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନରେ ଥିବା ନାଡାଲ ୬-୩, ୬-୩, ୬-୭, ୬-୪ ସେଟ୍‌ରେ ୨୬ ବର୍ଷୀୟ ଜର୍ଜିଆର ନିକୋଲୋଜ ବସିଲାସଭିଲିଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅନ୍ୟ ଏକ ପ୍ରି-କ୍ୱାର୍ଟର ମୁକାବିଲାରେ ଅଷ୍ଟ୍ରେଲିଆ ଯୁବ ତାରକା ଡୋମିନିକ୍ ଥିଏମ୍ ୭-୫, ୬-୨, ୭-୬ (୭/୨) ସେଟ୍‌ରେ ଗତବର୍ଷର ରନର୍ସଅପ୍ କେଭିନ ଆଣ୍ଡରସନଙ୍କୁ ହରାଇଛନ୍ତି। ଡୋମିନିକ୍ ପ୍ରଥମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର ଅନ୍ତିମ-୮'ରେ ପ୍ରବେଶ କରିଛନ୍ତି। ଅପରପକ୍ଷରେ ମହିଳା ସିଙ୍ଗଲ୍ସର ଏକ ମୁକାବିଲାରେ ରୁଷୀୟ ଟେନିସ ଲଳନା ମାରିଆ ଶାରାପୋଭା ରାଉଣ୍ଡ-୧୬ରେ ପ୍ରବେଶ କରିଛନ୍ତି। ୨୦୦୬ ଟାଇଟଲ ବିଜୟିନୀ ଶାରାପୋଭା ୬-୩, ୬-୨ ସିଧାସଳଖ ସେଟ୍‌ରେ ୧୦ମ ସିଡ୍ ଜେଲେନା ଓଷ୍ଟାପେଙ୍କୋଙ୍କୁ ପରାସ୍ତ କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ଶାରାପୋଭାଙ୍କ ମୁକାବିଲା ସ୍ପେନର କାର୍ଲା ସୁଆରେଜଙ୍କ ସହ ହେବ।


ରାଫାଲ ନାଡାଲ

# ନିର୍ମଳ, ରଘୁନାଥଙ୍କୁ ସରୋଜ ମହାସୁଆର ପୁରସ୍କାର

ଭୁବନେଶ୍ୱର, ୨।୯(କ୍ରୀଡ଼ା ପ୍ରତିନିଧି)

ଅଭିଜ୍ଞ ଅମ୍ପାୟର ନିର୍ମଳ କୁମାର ମିଶ୍ର ଓ ଯୁବ ବ୍ୟାଟ୍ସମ୍ୟାନ ରଘୁନାଥ ମଲ୍ଲ ଚଳିତ ବର୍ଷର ସରୋଜ ମହାସୁଆର କ୍ରୀଡ଼ା ପୁରସ୍କାର ପାଇବେ। ଶ୍ରେଷ୍ଠ ଅମ୍ପାୟର ଭାବେ ନିର୍ମଳ ଓ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଭାବେ ରଘୁନାଥ ଏହି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ବୋଲି ସରୋଜ ମହାସୁଆର ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ଆସନ୍ତା ୬ ତାରିଖ ସରୋଜଙ୍କ ୧୬ତମ ଶ୍ରାଦ୍ଧ ଦିବସରେ ଏହି ପୁରସ୍କାର ପ୍ରଦାନ କରାଯିବ।

ନିର୍ମଳ ଦୀର୍ଘ ୨୫ ବର୍ଷ ଧରି ରାଜ୍ୟରେ କ୍ରିକେଟ ଅମ୍ପାୟରିଂକୁ ଏକ ନୂଆ ସ୍ତରକୁ ନେଇ ଯାଇଛନ୍ତି। ୨୦୦୨ରେ ରାଜ୍ୟ ପ୍ୟାନେଲ ଫୁଟ୍‌ବଲ ରେଫରି ଭାବେ ନିଜକୁ ପ୍ରତିଷ୍ଠା କରାଇ ପାରିଥିବା ଏହି ଦୂରଦ୍ରଷ୍ଟା ୨୦୦୬ରେ ଓସିଏ(ଓଡ଼ିଶା କ୍ରିକେଟ ଆସୋସିଏଶନ) ପ୍ୟାନେଲ ଅମ୍ପାୟର ହୋଇଥିଲେ। ନିମାପଡ଼ାର ଅଣ୍ଡିଆ ଶାସନରେ ତାଙ୍କ ଘର ହୋଇଥିଲେ ହେଁ ସେ ନିୟମିତ ଭାବେ ଭୁବନେଶ୍ୱର ଓ କଟକରେ ମ୍ୟାଚ୍ ପରିଚାଳନା କରିଆସୁଛନ୍ତି। ପଢ଼ିଆରେ ଅମ୍ପାୟରିଂ ଏବଂ ବୃତ୍ତିରେ ଶିକ୍ଷକତା ବ୍ୟତୀତ ଖେଳ ସମ୍ପର୍କିତ ଲେଖା ପାଇଁ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କ୍ରିକେଟର ନିୟମ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ରହିଛି। ଏହାଛଡ଼ା ଜଣେ ନିର୍ବିବାଦୀୟ, ସ୍ପଷ୍ଟବାଦୀ ଅମ୍ପାୟର ଭାବେ ଆୟୋଜକ ଓ ପ୍ରଶଂସକଙ୍କର ସେ ପ୍ରିୟପାତ୍ର ହୋଇପାରିଛନ୍ତି। କ୍ଲବ କ୍ରିକେଟ୍‌ଠାରୁ ଆରମ୍ଭ କରି ପୂର୍ବାଞ୍ଚଳ, ବିଶ୍ୱବିଦ୍ୟାଳୟ, ସର୍ବଭାରତୀୟ କ୍ରିକେଟ ପ୍ରତିଯୋଗିତା, ଆନ୍ତଃ ଜିଲା କଳାହାଣ୍ଡି କପ୍, ଓଡ଼ିଶା ପ୍ରିମିୟର ଲିଗ୍, କିଟ୍ ପ୍ରିମିୟର ଲିଗ୍, ହାଇଟେକ୍ ପ୍ରିମିୟର ଲିଗ୍, ଆପୋଲୋ କପ୍, ରାଜ୍ୟ ମହିଳା ପ୍ରତିଯୋଗିତା, ଜୋନାଲ ଏକାଡେମୀ ଟ୍ରାଏଲ୍ସ ଆଦି ପ୍ରତିଯୋଗିତାଗୁଡ଼ିକୁ ସେ ସଫଳତାର ସହ ପରିଚାଳନା କରିଛନ୍ତି। କେନ୍ଦ୍ରାପଡ଼ାର ନେତୁଆ ନିବାସୀ ସରୋଜବାଳା ଓ ନିର୍ମଳ ଚନ୍ଦ୍ର ମଲ୍ଲଙ୍କ ପୁତ୍ର ରଘୁନାଥ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂରେ ପ୍ରତିଷ୍ଠିତ କୋଚ୍ କିଶୋର ମାଣିଆ ଓ ଟୁନା ସାହୁଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ୁଛନ୍ତି। ସେ ୨୦୧୩-୧୪ ସିଜନରୁ ଓଡ଼ିଶା ପାଇଁ ଘରୋଇ କ୍ରିକେଟ ଖେଳି ଆସୁଛନ୍ତି। ରାଜ୍ୟର ଏକମାତ୍ର ଖେଳାଳି ଭାବେ ସେ କ୍ରମାଗତ ୪ ବର୍ଷ ଧରି ପୂର୍ବାଞ୍ଚଳ ଜୋନାଲ କ୍ରିକେଟ ଏକାଡେମୀ(ଜେଡ୍‌ସିଏ) ଲାଗି ମନୋନୀତ ହୋଇଛନ୍ତି। ପ୍ରତି ସିଜନରେ ଶତକ ହାସଲ କରିବାର ଅଭିଜ୍ଞତା ରଖିଥିବା ରଘୁନାଥ ଗତବର୍ଷ କୁଚ୍‌ବିହାର ଟ୍ରଫିରେ ଓଡ଼ିଶା ଦଳର ନେତୃତ୍ୱ ନେବା ସହ ମୋଟ ୪୯୨ ରନ୍ ସଂଗ୍ରହ କରିଥିଲେ। ତାମିଲନାଡୁ ବିପକ୍ଷରେ ୧୭୫, ସୌରାଷ୍ଟ୍ର ବିପକ୍ଷରେ ୧୨୬ ଓ ୭୮ ରନ୍ ସ୍କୋର କରି ସେ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ହିମାଚଳ ପ୍ରଦେଶର ଉନାଠାରେ ଜୋନାଲ ପ୍ରତିଯୋଗିତାରେ ପୂର୍ବାଞ୍ଚଳ ପକ୍ଷରୁ ପ୍ରତିନିଧିତ୍ୱ କରି ଶକ୍ତିଶାଳୀ ଉତ୍ତରାଞ୍ଚଳ ବିପକ୍ଷରେ ୧୩୦, ଉତ୍ତର ପୂର୍ବାଞ୍ଚଳ ବିପକ୍ଷରେ ୧୨୬ ରନ୍ କରିବା ସହ ସର୍ବୋଚ୍ଚ ରନ୍ ସଂଗ୍ରହକାରୀ ଭାବେ ବେଙ୍ଗାଲୁରସ୍ଥିତ ଜାତୀୟ କ୍ରିକେଟ ଏକାଡେମୀକୁ ଡାକରା ପାଇଥିଲେ। ୨୦୧୬-୧୭ ସିଜନରେ ଓଡ଼ିଶାର ଉପଅଧିନାୟକ ଭାବେ ଧ୍ରୁବ ପାଣ୍ଡବ ଟ୍ରଫିରେ ପ୍ରତିନିଧିତ୍ୱ କରିଥିଲେ। ସେହି ସିଜନରେ ସେ ୨ଟି ଶତକ ହାସଲ କରିବା ସହ ଆଉ ଏକ ଇନିଂସ୍‌ରେ ୯୯ ରନ୍ କରି ଅପରାଜିତ ରହିଥିଲେ। ପ୍ରକାଶଯୋଗ୍ୟ, ଜଣାଶୁଣା ଅମ୍ପାୟର ସରୋଜ ମହାସୁଆର ୨୦୦୨ରେ କଟକରେ ଆନ୍ତଃଜିଲା ପ୍ରତିଯୋଗିତାର ଏକ ମ୍ୟାଚ୍ ପରିଚାଳନା କରି ଭୁବନେଶ୍ୱର ଫେରୁଥିବାବେଳେ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ସ୍ମୃତିରେ ୨୦୦୪ରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି।


ନିର୍ମଳ କୁମାର ମିଶ୍ର


ରଘୁନାଥ ମଲ୍ଲ

## ସିରାଜଙ୍କୁ ୮ ଉଇକେଟ

ବେଙ୍ଗାଲୁରୁ, ୨।୯ (ପି.ଟି.)

ଅଷ୍ଟ୍ରେଲିଆ ଏ' ବିପକ୍ଷ ପ୍ରଥମ ୪ ଦିନିଆ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚରେ ଭାରତ ଏ'ର ମହମ୍ମଦ ସିରାଜ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରିଛନ୍ତି। ସେ ୫୯ରନ ବିନିମୟରେ ୮ଟି ଉଇକେଟ ନେଇଥିଲେ ମଧ୍ୟ ଉସ୍‌ମାନ ଖ୍ୱାଜାଙ୍କ ଚମତ୍କାର ଶତକ ଯୋଗୁ ଅଷ୍ଟ୍ରେଲିଆ ଏ' ୨୪୩ ରନ କରିପାରିଛି। ରବିବାର ପ୍ରଥମ ଦିବସ ଖେଳରେ ଅଷ୍ଟ୍ରେଲିଆ ଏ' ୭୮ ସ୍କୋରରେ ଏହାର ପ୍ରଥମ ଉଇକେଟ ହରାଇଥିଲା। ମାତ୍ର ପରେ ହାଇଦ୍ରାବାଦ ପେସ୍ ବୋଲର ସିରାଜ ତାଙ୍କର ଗୋଟିଏ ସ୍ପେଲରେ ୪ଟି ଉଇକେଟ ଅକ୍ତିଆର କରି ଭ୍ରମଣକାରୀ ଦଳର ନାଟକୀୟ ବିପର୍ଯ୍ୟୟ ଘଟାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ଏ':** ୨୪୩ (ଉସ୍‌ମାନ ଖ୍ୱାଜା-୧୨୭, ମାର୍ନସ ଲାବୁସ୍କାନେ-୬୦ ; ମହମ୍ମଦ ସିରାଜ-୮/୫୯, କୁଲ୍‌ଦୀପ ଯାଦବ-୨/୬୩)।
**ଭାରତ ଏ':** ୪୧/୦ (ମୟଙ୍କ ଅଗ୍ରୱାଲ-୩୧*, ରବିକୁମାର ସମର୍ଥ-୧୦*)।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 | Postal Regd. No. BN/42/18-20. | ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୩/୨୦୧୮ | Bhubaneswar, Monday, September 3/ 2018




# ହୋମଗାର୍ଡଙ୍କ ପୁଅଙ୍କୁ ଗୁଳିମାଡ଼

ଭୁବନେଶ୍ୱର, ୨।୯(ବ୍ୟୁରୋ)



- କାରରେ ଆସିଥିଲେ ୪ ଦୁର୍ବୃତ୍ତ
- ପିଠି, ଜଙ୍ଘରେ ବାଜିଛି ଗୁଳି
- ଗୁରୁତର ଅବସ୍ଥାରେ ଘରୋଇ ହସ୍ପିଟାଲରେ ଭର୍ତ୍ତି

ରାଜଧାନୀରେ ଘଟିଥିବା ଏକାଧିକ ହତ୍ୟା ମାମଲା ଉପରୁ କମିଶନରେଟ ପୋଲିସ ପରଦା ହଟାଇପାରି ନ ଥିବାବେଳେ ରବିବାର ଜଣେ ପୋଲିସ କର୍ମଚାରୀଙ୍କ ପୁଅକୁ ଗୁଳିମାଡ଼ ହୋଇଛି। ଏହାର ଶିକାର ହୋଇଛନ୍ତି ଶିଶୁପାଳଗଡ଼ ତଇଳା ଭୋଇସାହିରେ ରହୁଥିବା ହୋମଗାର୍ଡ ପର୍ଶୁରାମ ଭୋଇଙ୍କ ପୁଅ ସୁଶାନ୍ତ କୁମାର ଭୋଇ(୨୪)। ଶହୀଦନଗର ଥାନା ଅନ୍ତର୍ଗତ ବାଙ୍କୁଆଳ ଗ୍ରାମ ନିକଟ ବାସୁଆଘାଇ ବ୍ରିଜ ପାଖରେ ଏହି ଘଟଣା ଘଟିଛି। ଅପରାହ୍ଣ ପ୍ରାୟ ୨ଟା ୧୫ରେ ୪ ଦୁର୍ବୃତ୍ତ ଏକ କାର୍‌ରେ ଆସି ତାଙ୍କୁ ଗୁଳି କରିଛନ୍ତି। ସୁଶାନ୍ତଙ୍କ ଜଙ୍ଘ ଏବଂ ପିଠିରେ ୨ଟି ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କଲେଜ ନିର୍ବାଚନକୁ ନେଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ପୋଲିସ ସୁଶାନ୍ତଙ୍କ ତଳ ବ୍ୟାଚର ଜଣେ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ସୁଶାନ୍ତ ବାଣେଶ୍ୱରୀ କଲେଜରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳାରେ ପାଠ ପଢନ୍ତି। ଗତବର୍ଷ ସୁଶାନ୍ତ କଲେଜ ନିର୍ବାଚନରେ ପ୍ରତ୍ୟକ୍ଷଭାବେ ଅଂଶଗ୍ରହଣ କରିଥିଲେ। ଏଥର ମଧ୍ୟ ସେ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ତେଣୁ କଲେଜ ନିର୍ବାଚନକୁ କେନ୍ଦ୍ର କରି ଗୁଳି ମାଡ ହୋଇଥିବା ଅନୁମାନ କରାଯାଉଛି। ସୁଶାନ୍ତଙ୍କ ମା' ଶାନ୍ତି କୁହନ୍ତି, ଅପରାହ୍ଣ ପ୍ରାୟ ୨ଟାରେ ସେ ଘରେ ଥିଲା। ହଠାତ୍ ତାକୁ ଏକ ଫୋନ୍ ଆସିଲା। ଏହା ପରେ ସେ ବାଇକ ଧରି ତୁରନ୍ତ ଘରୁ ବାହାରି ଯାଇଥିଲା। ହେଲେ ଏହାର ଅଧଘଣ୍ଟା ପରେ ବାଙ୍କୁଆଳ ବ୍ରିଜ୍ ଉପରେ ପୁଅର ଦୁର୍ଘଟଣା ହୋଇଥିବା ସେ ଖବର ପାଇଥିଲେ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ସୁଶାନ୍ତ ବାଙ୍କୁଆଳ ଓଭରବ୍ରିଜ୍ ନିକଟ ଦେଇ ଯାଉଥିବା ବେଳେ ଏକ କାରରେ ୪ ଯୁବକ ଆସିଥିଲେ। ସେମାନେ ଉକ୍ତ ଓଭରବ୍ରିଜ୍ ଉପରେ ସୁଶାନ୍ତଙ୍କୁ ଅଟକାଇ ତାଙ୍କଠାରୁ ମୋବାଇଲ୍ ଓ ପର୍ସ ଛଡାଇ ନେଇଥିଲେ। ଏହି ସମୟରେ ସେମାନଙ୍କ ସହ ସୁଶାନ୍ତଙ୍କର ଧସ୍ତାଧସ୍ତି ହୋଇଥିଲା। ଯୁବକମାନେ ତାଙ୍କ ବାଇକକୁ ନଦୀ କଡକୁ ଠେଲି ଦେଇଥିଲେ। ଏହା ପରେ ଜଣେ ଯୁବକ କାରରୁ ବନ୍ଧୁକ ଆଣି ସୁଶାନ୍ତଙ୍କ ଉପରକୁ ୪ରାଉଣ୍ଡ ଗୁଳି କରିଥିଲେ। ଦୁଇଟି ଗୁଳି ସୁଶାନ୍ତଙ୍କ ଶରୀରରେ ବାଜିଥିଲା। ଗୋଟିଏ ତାଙ୍କ ଡାହାଣ ଜଙ୍ଘରେ ଏବଂ ଅନ୍ୟଟି ବାମପାର୍ଶ୍ୱ ପିଠିରେ ବାଜିଥିଲା। ସୁଶାନ୍ତ ଚିତ୍କାର କରି ତଳେ ପଡିଯିବା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅଭିଯୁକ୍ତମାନେ ଧରା ପଡିଯିବା ଭୟରେ ସୁଶାନ୍ତଙ୍କ ଫୋନକୁ ଛଡାଇ ନେଇଛନ୍ତି। ତାଙ୍କ ମୋବାଇଲ୍‌ର ସିଡିଆର ବାହାର କରିବା ପରେ ଓଭରବ୍ରିଜ ଉପରକୁ କିଏ ଫୋନ୍ କରି ଡାକିଥିଲା ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ଅନ୍ୟପଟେ ପୋଲିସ ଘଟଣାସ୍ଥଳରୁ ତାଙ୍କ ବାଇକ ସହ ୪ଟି ଖୋକା ଜବତ କରିଛି। ସୁଶାନ୍ତ ଆଇସିୟୁରେ ଥିବାରୁ ପୋଲିସ ବୟାନ ରେକର୍ଡ କରି ପାରିନାହିଁ। ସେ ଆଇସିୟୁରୁ ବାହାରିବା ପରେ କିଏ ଗୁଳି ମାରିଥିଲା ଓ କାହିଁକି ମାରିଥିଲା ତାହା ଜଣାପଡିବ ବୋଲି ପୋଲିସ କହିଛି। ଶହୀଦନଗର ଜୋନ ଏସିପି କିଶୋର ମୁଣ୍ଡ ଓ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶହୀଦନଗର ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯିବା ପରେ ଦଫା ୩୦୭, ୩୭୯ରେ ଏକ ମାମଲା ରୁଜୁ ହେବ। ଘଟଣାର ତଦନ୍ତ ଚାଲିଛି। ପୂର୍ବ ଶତ୍ରୁତାରୁ ଏଭଳି ହୋଇଥିବା ସନ୍ଦେହ କରାଯାଉଛି।

# କୁଆଖାଇରେ ଭାସି ନାବାଳକ ମୃତ

ବାରଙ୍ଗ,୨।୯(ଡି.ଏନ୍.ଏ.)

ଜନ୍ମାଷ୍ଟମୀରେ ଗାଧୋଇବାକୁ ଯାଇ କୁଆଖାଇ ନଦୀରେ ଜଣେ ନାବାଳକଙ୍କ ଜୀବନ ଯାଇଛି। ଘଣ୍ଟାଏ ଧରି ଖୋଜାଖୋଜି ପରେ ତାଙ୍କ ମୃତଦେହକୁ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ଉଦ୍ଧାର କରିଛନ୍ତି। ମୃତକ ଜଣକ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ବେଗଛିଆ ଗ୍ରାମର ସୁବ୍ରତ ପ୍ରଧାନ (୧୨)। ଏନେଇ ବାରଙ୍ଗ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି।

ପୋଲିସ ସୂଚନାନୁସାରେ, ରବିବାର ସକାଳେ ବାପା ଓ ସାନ ଭଉଣୀଙ୍କ ସହ ସୁବ୍ରତ ଗାଁମୁଣ୍ଡ କୁଆଖାଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ଭଉଣୀଙ୍କ ସହ ସେ ନଦୀରେ ଗାଧୋଉଥିବାବେଳେ ଅସାବଧାନତା ବଶତଃ ତାଙ୍କ ଗୋଡ଼ ଖସିଯିବାରୁ ପାଣିରେ ଭାସିଯାଇଥିଲା। ଭଉଣୀଙ୍କ ଚିତ୍କାର ଶୁଣି ନଦୀବନ୍ଧରେ ଯାଉଥିବା କେତେଜଣ ଯୁବକ ଓ ଗ୍ରାମର କେତେଜଣ ଲୋକ ନଦୀରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରେ ବାରଙ୍ଗ ଅଗ୍ନିଶମ ଓ ଓଡ୍ରାଫ ଟିମ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ମୃତ ସୁବ୍ରତ ସପ୍ତମ ଶ୍ରେଣୀରେ ପଢୁଥିଲେ। ଏକମାତ୍ର ପୁତ୍ରକୁ ହରାଇ ଏହି ପରିବାର ଲୋକେ ଭାଙ୍ଗିପଡିଛନ୍ତି। ଏହି ଘଟଣା ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି।

# ନନ୍ଦନକାନନ: ଆଖି ବୁଜିଲା ଦେଶୀ ଭାଲୁ ବାଙ୍କୀ

ବାରଙ୍ଗ,୨।୯(ଡି.ଏନ୍.ଏ.)

ନନ୍ଦନକାନନରେ ପ୍ରାଣୀ ଉଦ୍ୟାନ କ୍ୱାରେଣ୍ଟାଇନରେ ଚିକିତ୍ସିତ ହେଉଥିବା ବାଙ୍କୀ ନାମକ ଏକ ଦେଶୀ ଅଣ୍ଡିରା ଭାଲୁର ଶନିବାର ରାତିରେ ମୃତ୍ୟୁ ଘଟିଛି। ଭାଲୁଟିର ବୟସ ୧୭ବର୍ଷ ହୋଇଥିଲାବେଳେ ଅସୁସ୍ଥତା ଯୋଗୁ ଗତ ମାର୍ଚ୍ଚ ମାସରୁ ଚିକିତ୍ସା ଚାଲିଥିଲା।

ଭାଲୁଟିକୁ ୫ବର୍ଷ ହୋଇଥିବାବେଳେ ୨୦୦୬ ଜୁଲାଇ ୧୮ରୁ କଟକ ଜିଲା ବାଙ୍କୀସ୍ଥିତ ଏକ ହୋଟେଲରୁ ଉଦ୍ଧାର କରାଯାଇ ନନ୍ଦନକାନନକୁ ଅଣାଯାଇଥିଲା। ବାଙ୍କୀରୁ ଆସିଥିବାରୁ ଏହି ଭାଲୁର ନାମ 'ବାଙ୍କୀ' ରଖାଯାଇଥିଲା। ଟିବି ରୋଗରେ ଆକ୍ରାନ୍ତ ଥିବାରୁ ଭାଲୁଟିକୁ ନନ୍ଦନକାନନ ଡାକ୍ତରଖାନାରେ ଡାକ୍ତରଙ୍କ ନଜରରେ ରଖାଯାଇଥିଲା। ତାକୁ ଗୋଟିଏଥର ଅଣ୍ଡା କେଶର, ପାଉଁରୁଟି, ଆଖୁରସ, ବିସ୍କୁଟ ଖାଇବାକୁ ଦିଆଯାଉଥିଲା।

ବାଙ୍କୀର ମୃତ୍ୟୁ ପରେ ନନ୍ଦନକାନନରେ ଭାଲୁସଂଖ୍ୟା ହ୍ରାସପାଇ ୧୪ରେ ପହଞ୍ଚିଛି। ଏ ସଂକ୍ରାନ୍ତରେ ନନ୍ଦନକାନନ ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କୁହନ୍ତି, ବାଙ୍କୀରୁ ଭାଲୁଟିକୁ ନନ୍ଦନକାନନ ଅଣାଯିବା ପରେ ପରୀକ୍ଷା କରାଯାଇଥିଲା। ଟିବିରେ ଆକ୍ରାନ୍ତ ଥିବା ଜଣାପଡିବା ପରେ ଏନ୍‌କ୍ଲୋଜରରୁ ଦୂରରେ ରଖାଯାଇ ଚିକିତ୍ସା ଚାଲିଥିଲା। ଏହି ରୋଗ ପାଇଁ ଭାଲୁଟି କିଛିଦିନ ହେବ ଠିକ୍ ଭାବେ ଖାଦ୍ୟ ଖାଉ ନ ଥିଲା।




Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

BEST DEAL HONDA Buy. Sell. Exchange | ALWAYS WEAR HELMET WHILE RIDING | Also available: Annual Maintenance Contract** Road Side Assistance** Engine Health Assurance**

Follow us on

Honda Exclusive Authorized Dealerships: ATTAGHAR: Sidhivinayak Honda - 9124260000, 9658080060; BALUGOAN: Khimji Honda - 7735734881, 7735737648; BANKI: Shree Honda - 06723-240099, 9658201234; BHUBANESWAR: Shivam Honda - 0674-2546296, 7873024320; Gugnani Honda - 0674-2313716, 7852930865; PGL Honda - 0674-2354418, 9090912345; Khimji Honda - 7735734884, 7077726314; CHANDIKHOL: Basanti Honda - 06725-227011, 9658482265; CUTTACK: Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; JAJPUR: TEZ Honda - 06726-221847, 7504994444; JAGATSINGHPUR: Kanchan Murali Honda - 06724-222122, 223112, 7381348387, 7504237557; JAGATPUR: Durga Honda - 9337390774, 0671-2490462; JATNI: PGL Honda - 0674-2492419, 7788001027; KENDRAPADA: Baldev Honda - 9937129275, 9437167191; KEONJHAR: Pritam Honda - 06766 - 254138,8908881717; KHURDA: Sai Honda - 07852930002, 06755-223555; NAYAGRAH: Pattnaik Honda - 7205028044, 9937083142; NIALI: Hindustan Honda - 9937075187, 0671-2803355; PURI: Shivam Honda - 06752-225555, 9040088747; PARADIP: Anil Honda - 06722-220909, 9438523425; RAHAMA: Navjyoti Honda - 9938339189; UTTARA: Gugnani Honda - 0674-3272244; PATTAMUNDAI: Satya Honda - 9937711139; SALEPUR: S.N.Honda - 9437439076.

For Bulk/Institutional enquiries, please write us at: institutionalsales@honda2wheelersindia.com


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ସେପ୍ଟେମ୍ବର, ୨୦୧୮



ଏ ଜଗତରେ ସମସ୍ତେ ପର,
ଈଶ୍ୱର ଏକମାତ୍ର ଆପଣାର।
- ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### କିଡ୍‌ନୀ ରୋଗରେ ଆକ୍ରାନ୍ତ ଆଇନଜୀବୀଙ୍କ ମୃତ୍ୟୁ

**ନରସିଂହପୁର,୨।୯(ସ୍ୱ.ପ୍ର.):** କିଡ୍‌ନୀ ରୋଗରେ ଆକ୍ରାନ୍ତ ନରସିଂହପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ତଥା ହାଟ ଛକ ବଜାର କମିଟିର ପୂର୍ବତନ ସଭାପତି ଶରତ କୁମାର ସାହୁ(୫୬)ଙ୍କ ରବିବାର ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବହୁ ଆଇନଜୀବୀ, ବରିଷ୍ଠ ନାଗରିକ ଓ ବିଭିନ୍ନ ବଜାର କମିଟି ସଦସ୍ୟ ପାଇକପଡ଼ାପାଟଣାସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଛନ୍ତି। ହାଟ ଛକ ଓ ପଞ୍ଚମୁଖୀ ବଜାର କମିଟି ତରଫରୁ ବନ୍ଦ ପାଳନ କରାଯାଇଛି।

### ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**ନିଶ୍ଚିନ୍ତକୋଇଲି,୨।୯(ସ୍ୱ.ପ୍ର.):** ଅଜଣା ଗାଡ଼ି ଧକ୍କାରେ ରବିବାର ସନ୍ଧ୍ୟାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାହାଙ୍ଗା ଥାନା ଅଧୀନ ଗୋତରା ପଞ୍ଚାୟତ ପ୍ରହରାଜପୁର ଗ୍ରାମର ଦିଲୀପ ରଣା(୫୦)। ସେ କଟକରୁ ଘରକୁ ଫେରୁଥିଲେ। କଟକ ଚାନ୍ଦବାଲି ରାସ୍ତାର କେନ୍ଦୁପାଟଣା ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ଘଟଣାସ୍ଥଳରେ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଲେପୁର ଓ ନିଶ୍ଚିନ୍ତକୋଇଲି ପୋଲିସ ପହଞ୍ଚି ମୃତଦେହ ଜବତ କରିଛନ୍ତି। ସୋମବାର ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ବାଇକ୍-ସ୍କୁଟି ଧକ୍କା: ୨ ଗୁରୁତର

**ନରସିଂହପୁର,୨।୯(ସ୍ୱ.ପ୍ର.):** ନରସିଂହପୁର କଲେଜ ନିକଟରେ ରବିବାର ଏକ ବାଇକ୍ ସହ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଏଥିରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ଡାହାଣ ଗୋଡ଼ ଭାଙ୍ଗିଯାଇଛି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟଜଣେ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, ଅପରାହ୍ନ ୫ଟାରେ ଅଲରା ଗ୍ରାମର ହେମନ୍ତ ଡାଲୁଆ (୨୮) ନିଜ ସ୍କୁଟି ଯୋଗେ ନରସିଂହପୁର କଲେଜ ଆଡକୁ ଆସୁଥିଲେ। ଏହି ସମୟରେ ବଡ଼ମ୍ବା ଅଞ୍ଚଳର ଫକିର ସାହୁ (୫୦) ନରସିଂହପୁରରୁ ବାଇକ୍ ଯୋଗେ ବଡମ୍ବା ଯାଉଥିଲେ। କଲେଜ ଛକ ନିକଟରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଘଟଣା ସ୍ଥଳରେ ଗୁରୁତର ହୋଇ ପଡ଼ିଥିଲେ। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

### ଚାରାରୋପଣ କାର୍ଯ୍ୟକ୍ରମ

**ବାଙ୍କୀ,୨।୯(ସ୍ୱ.ପ୍ର.):** ଭୂମିକା ଚାରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ଡମପଡ଼ା ବ୍ଲକସ୍ଥ ତାଳବସ୍ତ ବାଳକ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ୨୦ ନଡିଆ ଚାରାରୋପଣ କରାଯାଇଛି। ଟ୍ରଷ୍ଟ ଅଧକ୍ଷ ପ୍ରଦୀପ୍ତ କୁମାର ସାହୁଙ୍କ ନେତୃତ୍ୱରେ ପ୍ରକୃତି ବନ୍ଧୁ ମନୋଜ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ରଣା, ବାଉଁଶ ଶିଳ୍ପୀ ଏକାଦଶୀ ବାରିକ ଓ ରାଜକିଶୋର ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ଆଇନ ସଚେତନତା ଶିବିର

**ବଡ଼ମ୍ବା,୨।୯(ଡି.ଏନ.ଏ.):** ବଡ଼ମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ବଡ଼ମ୍ବା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ବଡ଼ମ୍ବା ଜେଏମ୍ଏଫ୍‌ସି ରେଖାରାଣୀ ପଣ୍ଡା ଅଧକ୍ଷତା କରିଥିଲେ। ଆଇନଜୀବୀ ହରିହର ବଳବନ୍ତରାୟ, ନାରାୟଣ ଦାସ ଓ ସୁଦାମ ଚରଣ ନାୟକ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଯୋଜନା ଉପରେ ସୂଚନା ଦେଇଥିଲେ। ଅଧକ୍ଷା ପଣ୍ଡା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନାଗୁଡ଼ିକ କିପରି ମିଳି ପାରିବ ତା ଉପରେ କହିଥିଲେ। ଏଥିସହ ଏହା ଉପରେ ଥିବା ଆଇନ ସମ୍ପର୍କରେ ସମୀକ୍ଷା କରିଥିଲେ। ଶିକ୍ଷକ ସରୋଜ ମିଶ୍ର ଧନ୍ୟବାଦ ଦେଇଥିଲେ।

## କାମେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ

# ଭଙ୍ଗା ଆଜ୍‌ବେଷ୍ଟସ୍ ଘରେ ପାଠପଢ଼ା

**ମାହାଙ୍ଗା,୨।୯(ସ୍ୱ.ପ୍ର.)**

- ଖାଲି ପଡ଼ିଛି କଳା ଶିକ୍ଷକ ପଦବୀ
- ନାହିଁ ରୋଷେଇ ଘର
- ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି

ମାହାଙ୍ଗା ବ୍ଲକ ବାସୁଦେବପୁର ପଞ୍ଚାୟତ କଉଡ଼କୋଲ ଠାରେଥିବା କାମେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟରେ ନାନା ସମସ୍ୟା ଲାଗିରହିଛି। ଉକ୍ତ ବିଦ୍ୟାଳୟଟି କଟକ ଜିଲାର ସୀମାନ୍ତ ଅଞ୍ଚଳରେ ରହିଛି, ଯାହାକି ଯାଜପୁର ଜିଲାକୁ ଲାଗିଛି। ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୧୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ଏଠାରେ ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି। ଜଣେ କଳା ଶିକ୍ଷକ ପଦବୀ ମଧ୍ୟ ଖାଲି ପଡ଼ିଛି। ବିଶେଷକରି ଏହି ବିଦ୍ୟାଳୟରେ ଶ୍ରେଣୀ ଗୃହ ସମସ୍ୟା ଅଧିକ ରହିଛି। ବହୁ ପୁରାତନ ଭଙ୍ଗା ଆଜବେଷ୍ଟସ୍ ଘରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ଆଜବେଷ୍ଟ ଘରଗୁଡ଼ିକ ପୁରୁଣା ହୋଇଥିବାରୁ ବହୁ ସ୍ଥାନରେ ଭାଙ୍ଗି ଯାଇଛି। ଫଳରେ ଅସରାଏ ବର୍ଷା ହେଲେ ଶ୍ରେଣୀଗୃହରେ ପାଣି ଜମା ହେଉଛି। ଏପରି କି କେତେବେଳେ ତାହା ପିଲାଙ୍କ ଉପରେ ଗଳି ପଡ଼ିବ କହିହେବ ନାହିଁ। ଯଦ୍ୱାରା ବର୍ଷାହେଲେ ପିଲାମାନେ ପାଠ ପଢ଼ି ନ ପାରି ଫେରୁଛନ୍ତି। ସେହିପରି ଏହି ବିଦ୍ୟାଳୟରେ ଏ ପର୍ଯ୍ୟନ୍ତ ମଧ୍ୟାହ୍ନଭୋଜନ ପାଇଁ ରୋଷେଇ ଘର ନାହିଁ। ଯେଉଁ ପୁରୁଣା ଘରେ ରୋଷେଇ ହେଉଛି, ସେଠାରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଚୁଲା ନିର୍ମାଣ କରାଯାଇନାହିଁ। ଫଳରେ ମଧ୍ୟାହ୍ନଭୋଜନ ରୋଷେଇରେ ବହୁ ଅସୁବିଧା ହୋଇଥିବା ଜଣାପଡିଛି। ଏପରି କି ଏହି ବିଦ୍ୟାଳୟ ଯେଉଁଠାରେ ସ୍ଥାପିତ ହୋଇଛି, ତାହା ଏକ ବନ୍ୟାଞ୍ଚଳ ହେବା ସହ ତଳିଆ ଅଞ୍ଚଳ ଭାବେ ପରିଚିତ। ଏଠାକାର ଶ୍ରେଣୀଗୃହ ନିକଟକୁ ଭଲ ରାସ୍ତା ନାହିଁ। ତେଣୁ ଅସରାଏ ବର୍ଷା ହେଲେ ଛାତ୍ରୀଛାତ୍ର ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବିଦ୍ୟାଳୟ ନିକଟରେ ବିସ୍ତୀର୍ଣ୍ଣ ପଡିଆ ରହିଛି। ଫଳରେ ପ୍ରତ୍ୟହ ବହୁ ବୁଲା ଗୋରୁ ଚଳପ୍ରଚଳ କରୁଛନ୍ତି। ବିଦ୍ୟାଳୟ ଚାରିକଡ଼େ ପାଚେରି ନ ଥିବାରୁ କୋମଳମତି ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଅନ୍ୟପକ୍ଷରେ ଏହା ଉଚ୍ଚ ବିଦ୍ୟାଳୟ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏଠାରେ କମ୍ପ୍ୟୁଟର ଶିକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ସେହିପରି ବିଦ୍ୟାଳୟରେ ନଳକୂପ ଥିଲେ ମଧ୍ୟ ପାନୀୟ ଉପଯୋଗୀ ହୋଇ ନ ଥିବାରୁ ଛାତ୍ରୀଛାତ୍ର ପାଣି ପିଇବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ବିଦ୍ୟାଳୟରେ ଏତେଗୁଡ଼ିଏ ସମସ୍ୟା ଲାଗି ରହିଥିଲେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କେତେଜଣ ଅଭିଭାବକ କହିଛନ୍ତି, ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟା ଆଗାମୀ ଦିନରେ ସମାଧାନ ନ ହେଲେ ଆମେ ପିଲାଙ୍କୁ ପାଠ ପଢ଼ାଇବାକୁ ଛାଡ଼ିବୁ ନାହିଁ। ଏ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନବ କୁମାର ସାହୁ କହିଛନ୍ତି, ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇଛୁ। ଏଠାରେ ବହୁ ଅସୁବିଧା ଥିଲେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ଠିକ୍ ଭାବେ ଶିକ୍ଷାଦାନ କରାଯାଉଥିବା ପ୍ରକାଶ କରିଥିଲେ। ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁକାନ୍ତ ସ୍ୱାଇଁ କହିଛନ୍ତି, ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ। ତେବେ ଦେଖିବାକୁ ବାକି ରହିଲା ଆଗାମୀ ଦିନରେ ଏଠାରେ ଲାଗି ରହିଥିବା ସମସ୍ୟାଗୁଡ଼ିକର କିପରି ସମାଧାନ କରାଯାଉଛି।



କାମେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ।



ଘାଇସ୍ଥଳ ମରାମତି କରାଯାଉଛି।

## କେନାଲରେ ଘାଇ, ଚାଷଜମି ଜଳମଗ୍ନ

**ମାହାଙ୍ଗା,୨।୯(ସ୍ୱ.ପ୍ର.)**

ବାଲିଚନ୍ଦ୍ରପୁର ଜଳସମ୍ପଦ ବିଭାଗ ଅଧୀନ ପଟ୍ଟାମୁଣ୍ଡାଇ କେନାଲର ଶାଖା କେନାଲ ତ୍ରିବେଣୀଶ୍ୱର-ମୂଳବସନ୍ତ ସବ୍ ମାଇନରର କୁହୁଣ୍ଡା ପଞ୍ଚାୟତ କଲ୍ୟାଣପୁରଠାରେ ପ୍ରାୟ ୫ ଫୁଟରୁ ଊର୍ଦ୍ଧ୍ୱ ଓସାରର ଘାଇ ସୃଷ୍ଟି ହୋଇଛି। ଫଳରେ ଅଞ୍ଚଳର ଚାଷ ଜମି ଜଳମଗ୍ନ ହୋଇପଡ଼ିଛି। କଲ୍ୟାଣପୁର ନିକଟ କେନାଲର ବାମ ପାର୍ଶ୍ୱରେ ଦୁର୍ବଳ ବନ୍ଧ ହେତୁ ସୋଠ ନିକଟରେ ଘଳିଆ ପଡି ଶନିବାର ରାତିରେ ଏହି ଘାଇ ସୃଷ୍ଟି ହୋଇଥିଲା। କେନାଲରେ ପାଣି ଅଧିକ ଥିବାରୁ କଲ୍ୟାଣପୁର ବଜାର ନିକଟ ଚାଷ ଜମିକୁ ପ୍ରବେଶ କରିଥିଲା। ଯାହା ଫଳରେ ଶହେ ଏକରରୁ ଅଧିକ ଚାଷ ଜମି ଜଳମଗ୍ନ ହୋଇଥିବାବେଳେ ଧାନ ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ରବିବାର ବାଲିଚନ୍ଦ୍ରପୁର ଜଳସମ୍ପଦ ବିଭାଗ ପକ୍ଷରୁ କେନାଲର ପାଣି ବନ୍ଦ କରାଯିବା ସହ ଘାଇ ମରାମତି କରାଯାଇଛି।

## ବ୍ଲକସ୍ତରୀୟ ବିକାଶ କାର୍ଯ୍ୟକ୍ରମ

**ବାଙ୍କୀ,୨।୯(ସ୍ୱ.ପ୍ର.)**

ବାଙ୍କୀ ଶିକ୍ଷକ ଭବନଠାରେ ଶିଶୁଆର ଦି ୟୁନିଟି କ୍ଲବ ଓ କଟକ ନେହେରୁ ଯୁବକେନ୍ଦ୍ର ସଂଗଠନ ମିଳିତ ସହଯୋଗରେ ବ୍ଲକସ୍ତରୀୟ ବିକାଶ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରାମାଞ୍ଚଳରେ ଯୁବ କ୍ଲବ ଗଠନ ଏବଂ ଯୁବ ନେତୃତ୍ୱରେ ସାମାଜିକ ବାର୍ତ୍ତା ପହଞ୍ଚାଇବା ପାଇଁ ଉପସ୍ଥିତ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଡ.ଜଗଦିଶ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ସମରେନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଡା. ପଦ୍ମଲୋଚନ ପଣ୍ଡା, କେଶବ ଚନ୍ଦ୍ର ବେହେରା ଓ ବିପିନି ବିହାରୀ ମହାନ୍ତି ପ୍ରମୁଖ ଯୋଗଦେଇ ସୁସ୍ଥ ସମାଜ ଗଠନରେ ଯୁବ ଶକ୍ତିର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବରେନ୍ଦ୍ର ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆଲୋକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ବିଭିନ୍ନ ବେଶରେ ବଡ଼ମ୍ବା ଶଙ୍ଖାମେରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର।



ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

## ଜନ୍ମାଷ୍ଟମୀ, ଖୁଦୁରୁକୁଣୀ ଓଷା

**ବଡ଼ମ୍ବା,୨।୯(ଡି.ଏନ.ଏ.)**

ବଡ଼ମ୍ବାର ବିଭିନ୍ନ ସ୍ଥାନରେ ରବିବାର ଜନ୍ମାଷ୍ଟମୀ ପାଳିତ ହୋଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ଶଙ୍ଖାମେରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ର ରାଧାକୃଷ୍ଣ, ବଳରାମ ଓ ସୁଦାମା ବେଶ ହୋଇ ଗ୍ରାମ ପରିକ୍ରମା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଦୁଃଖୀ ଦେଈଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁରୁମା ସଂଯୁକ୍ତା ରାଣୀ ପ୍ରତିହାରୀ, ରୀତାରାଣୀ ମହାପାତ୍ର, ଶୁଭଶ୍ରୀ ମହାନ୍ତି, ଭାଗ୍ୟଲିପି ସାହୁ, ଶାନ୍ତିଲତା ପଣ୍ଡା, କମଳା ସ୍ୱାଇଁ, ବିଷ୍ଣୁପ୍ରିୟା ଜେନା, କର୍ମଚାରୀ ମିନତି ପଲେଇ, ଅନୁଷ୍ଠାନ ସଭାପତି ଖଗେଶ୍ୱର ମିଶ୍ର, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ କର୍ମକର୍ତ୍ତା ଦିଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ନରସିଂହପୁର,(ସ୍ୱ.ପ୍ର.):** ନରସିଂହପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଓ ଖୁଦୁରୁକୁଣୀ ଓଷା ପାଳିତ ହୋଇଛି। ଜନ୍ମାଷ୍ଟମୀ ପାଇଁ ସମସ୍ତ ଦେବଦେବୀ ମନ୍ଦିରରେ ସ୍ୱତନ୍ତ୍ର ପୂଜା ଆୟୋଜନ କରାଯାଇଥିଲା। ନରସିଂହପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମେତ ଗ୍ରାମାଞ୍ଚଳରେ ଥିବା ଭାଗବତ ଟୁଙ୍ଗିରେ ସନ୍ଧ୍ୟାରେ ଜନ୍ମାଷ୍ଟମୀ ପାଳନ କରାଯାଇଛି। ସେହିପରି ବିଭିନ୍ନ ସ୍ଥାନରେ ଖୁଦୁରୁକୁଣୀ ଓଷା ପାଳନ କରାଯାଇଛି। ଝିଅମାନେ ସନ୍ଧ୍ୟାରେ ଖୁଦୁରୁକୁଣୀଙ୍କୁ ପୂଜାର୍ଚ୍ଚନା କରିଛନ୍ତି।



ବାଙ୍କୀର ଏକ ମଣ୍ଡପରେ ମା' ଖୁଦୁରୁକୁଣୀ ପୂଜା ପାଉଛନ୍ତି।

**ବାଙ୍କୀ,(ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ରବିବାର ଖୁଦୁରୁକୁଣୀ ଓଷା ଆରମ୍ଭ ହୋଇଛି। ପ୍ରତ୍ୟୁଷରୁ ଝିଅମାନେ ସାଙ୍ଗ ହୋଇ ଫୁଲତୋଳିବା ସହ ପୂଜାଘରେ ଫୁଲ ଗୁନ୍ଥିଥିଲେ। ମଧ୍ୟାହ୍ନରେ ବିଭିନ୍ନ ପୁଷ୍କରିଣୀରେ ସ୍ନାନ ସାରି ବାଲୁକା ସ୍ତୁପ ନିର୍ମାଣ କରି ପୂଜାର୍ଚ୍ଚନା କରିଥିଲେ। ଏହାପରେ ବିଭିନ୍ନ ପୂଜା ମଣ୍ଡପରେ ତଅପୋଇଙ୍କ କଥାଚିତ୍ର ଅଙ୍କା ଥିବା ପଟଚିତ୍ର ସହିତ ମଙ୍ଗଳାଙ୍କ ମାଟି ପ୍ରତିମାଙ୍କୁ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ସମସ୍ତ ବ୍ରତଧାରୀ ପୂଜାସ୍ଥଳି ନିକଟରେ ଉପସ୍ଥିତ ରହି ଖୁଦୁରୁକୁଣୀ ସମ୍ପର୍କିତ କବିତା ପାଠ କରିବା ସହିତ ଦିହୁଡି ବନ୍ଦାପନା କାର୍ଯ୍ୟ ସମାପ୍ତ କରିଥିଲେ। ପରେ ମଙ୍ଗଳାଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

## ରାଧାକୃଷ୍ଣ ବେଶ ପ୍ରତିଯୋଗିତା

**ବାଙ୍କୀ,୨।୯(ସ୍ୱ.ପ୍ର.):** ଜନ୍ମାଷ୍ଟମୀ ଅବସରରେ ବାଙ୍କୀ ଉପଖଣ୍ଡ ଅଧୀନ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ୮୭ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଅଶୋକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ଦାଶ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବିଚାରକ ଭାବେ ଶରତ ସାହୁ ଏବଂ ରବୀନ୍ଦ୍ର ସାହୁ ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବାସନ୍ତୀ ମହାପାତ୍ର, ରଶ୍ମିତା ନାୟକ, ସରସ୍ୱତୀ ବେହେରା, ଦୀପକ ପ୍ରଧାନ ଓ ଦୈତ୍ୟାରି ରାଜ୍ ପ୍ରମୁଖ ସହଯୋଗ କରିଥିଲେ।

## ଜହଳ ନୋଡାଲ ସ୍କୁଲରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

**ମାହାଙ୍ଗା,୨।୯(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଚାହାପଡ଼ା ପଞ୍ଚାୟତସ୍ଥ ଜହଳ ଉନ୍ନୀତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଉପେନ୍ଦ୍ର ନାଥ ବେହେରା, ସମ୍ମାନିତ ଅତିଥି ପ୍ରକାଶ ରାଉତ, ପ୍ରମୋଦ ସ୍ୱାଇଁ, ନିରଞ୍ଜନ ବିଶ୍ୱାଳ, ବ୍ରଜ ବନ୍ଧୁ ବିଶ୍ୱାଳ, ପ୍ରଧାନଶିକ୍ଷକ ଦେବେନ୍ଦ୍ର ନାଥ ସ୍ୱାଇଁ, ନରେନ୍ଦ୍ର ପରିଡା, କୈଳାସ ଚନ୍ଦ୍ର ସ୍ୱାଇଁ, କାଳନ୍ଦୀ ବାରିକ ଓ ସିଆରସିସି ହରିହର ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବିକାଶ ସମ୍ପର୍କରେ ଆଲୋଚନା କରିବା ସହ ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ମୋ ସ୍କୁଲ କାର୍ଯ୍ୟକ୍ରମରେ ସାମିଲ ହୋଇ ବିଦ୍ୟାଳୟର ଉନ୍ନତି ପାଇଁ ଆର୍ଥିକ ସହାୟତା କରିବା ପାଇଁ ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଜଗନ୍ନାଥ ସ୍ୱାଇଁ, କୃଷ୍ଣଚନ୍ଦ୍ର ବରାଳ, ଦିବାକର ସ୍ୱାଇଁ, ଆରତୀ ମହାରଣା, ସରିତା ବାରିକ, ଗନ୍ଧର୍ବ ପ୍ରଧାନ ଓ ବ୍ରଜବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ତାରିଣୀ ଦେବୀଙ୍କ ଜନ୍ମବାର୍ଷିକୀ

**ବାଙ୍କୀ,୨।୯(ସ୍ୱ.ପ୍ର)**

ବାଙ୍କୀ ମୁଖ୍ୟ ସହର ଥାନା ରୋଡ୍‌ରେ ଥିବା ତାରିଣୀ ଦେବୀଙ୍କ ଜନ୍ମବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ଭକ୍ତମାନେ ସକାଳୁ ସ୍ଥାନୀୟ ମହାନଦୀ ଘାଟରୁ କଳସରେ ଜଳ ଆଣି ମନ୍ଦିରରେ ସ୍ଥାପନ କରିବା ପରେ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ କରାଯାଇଥିଲା। ସନ୍ଧ୍ୟାରେ ତାରିଣୀ ପୂଜାକମିଟି ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ଉଦ୍ଭିଦ ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

**ବାଙ୍କୀ,୨।୯(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଡ. ଅମରେନ୍ଦ୍ର ମିଶ୍ର ସଭପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସଦାନନ୍ଦ ବାରିକ ଯୋଗଦାନ କରି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋରଞ୍ଜନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ପ୍ରମୋଦିନୀ ସ୍ୱାଇଁ, ଅଧ୍ୟାପିକା ଡ. ସ୍ୱତାଲିନ୍ ପଟ୍ଟନାୟକ, ଗୋଲଖ ବିହାରୀ ପଣ୍ଡା ଓ ପୁରୁଷୋତ୍ତମ ତରାସିଆ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପାଠପଢାରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥି।



ଜବାହରଲାଲ ନେହେରୁ କଲେଜର ୩୭ତମ ପ୍ରତିଷ୍ଠା ଉତ୍ସବରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ଉପସ୍ଥିତ ଅନ୍ୟ ଅତିଥି।

## ଜବାହରଲାଲ ନେହେରୁ କଲେଜର ୩୭ତମ ପ୍ରତିଷ୍ଠା ଉତ୍ସବ

# 'ଉତ୍ତମ ଛାତ୍ର ସୁନାମ ଅର୍ଜନ କରିଥାନ୍ତି'

**ମାହାଙ୍ଗା,୨।୯(ସ୍ୱ.ପ୍ର./ଡି.ଏନ.ଏ.)**

ମାହାଙ୍ଗା ବ୍ଲକ ଅଲିଯୋଡ଼ାସ୍ଥିତ ଜବାହରଲାଲ ନେହେରୁ କଲେଜର ୩୭ ତମ ପ୍ରତିଷ୍ଠା ଉତ୍ସବ ରବିବାର କଲେଜ ପରିସରରେ ପାଳିତ ହୋଇଛି। କଲେଜ ଅଧକ୍ଷ ପଲ୍ଲବ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଆଦର୍ଶ ଶିକ୍ଷାନୁଷ୍ଠାନରୁ ଉତ୍ତମ ବିଦ୍ୟାର୍ଥୀ ସୃଷ୍ଟି ହୋଇଥାନ୍ତି। ତେଣୁ ଉତ୍ତମ ଛାତ୍ର ହିଁ ଅନୁଷ୍ଠାନର ନାମ ବିକାଶ କରିବା ସହ ଦେଶର ସୁନାମ ଅର୍ଜନ କରିଥାନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ପୂର୍ବତନ ବିଧାୟକ ତଥା କଲେଜ ପ୍ରତିଷ୍ଠାତା ବିକ୍ରମ କେଶରୀ ବର୍ମା ଯୋଗଦେଇ ଶ୍ରୀକୃଷ୍ଣଙ୍କ ନୀତିବାଣୀ ଏବଂ କଲେଜର ବିକାଶ ଉପରେ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥିଭାବେ କଟକ ଜିଲା ପରିଷଦ ଅଧକ୍ଷା ଜ୍ୟୋତିରେଖା ନାୟକ, ସମ୍ମାନିତ ଅତିଥି ମାହାଙ୍ଗା ବ୍ଲକ ଅଧକ୍ଷ ଶରତ ନାୟକ, ଉପାଧକ୍ଷା ରସିଦା ବେଗମ, ରାଜ କିଶୋର ଜେନା, ଭିକାରୀ ଚରଣ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ ଓ ଅଧ୍ୟାପକ ଡ. ଉପେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କଲେଜ ଭିତ୍ତିଭୂମି, ବିକାଶ ଓ ଉତ୍ତମ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ଅଜୟ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ବିବେକାନନ୍ଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କଲେଜ ପ୍ରତିଷ୍ଠାତା ବର୍ମା, ପୂର୍ବତନ କଲେଜ ଅଧକ୍ଷା ସରୋଜିନୀ ପଟ୍ଟନାୟକ, ପୂର୍ବତନ ଅଧକ୍ଷ ରବିନାରାୟଣ ମହାନ୍ତି, ରାଧାରମଣ ନନ୍ଦ, ଅଝଟ ରାୟ, ରୁଦ୍ରପ୍ରସାଦ ଭୂୟାଁ, ବିଶ୍ୱେଶ୍ୱର ଷଡ଼ଙ୍ଗୀ, ପ୍ରତାପ ଚୌଧୁରୀ ଓ ପଲ୍ଲବ ଚକ୍ରବର୍ତ୍ତୀ ପ୍ରମୁଖଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ସେହିପରି କଲେଜରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅଧ୍ୟାପକ କମୁଦ ରଞ୍ଜନ ସିଂହ, କ୍ରୀଡ଼ା ଶିକ୍ଷକ ନଗେନ୍ଦ୍ର ତ୍ରିପାଠୀ ଓ ଅଫିସ ସହକାରୀ ଧରଣୀଧର ଦାସଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ନିଖିଳେଶପଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଏ ଜଗତରେ ସମସ୍ତେ ପର, ଈଶ୍ୱର ଏକମାତ୍ର ଆପଣାର।
- ଶ୍ରୀ ରାମକୃଷ୍ଣ ପରମହଂସ



## ଆଜି କ'ଣ କେଉଁଠି

**କଟକ**

- ବିଜୁ ମହିଳା ଜନତା ଦଳ ବାରବାଟୀ-କଟକ ପକ୍ଷରୁ ମହିଳା ଦକ୍ଷତା କର୍ମଶାଳା, ୱାଇଏମ୍‌ସିଏ, ପୂର୍ବାହ୍ନ ୧୧ଟା।
- ନିମସାହି ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ନିମନ୍ତେ ମାଟି ଅନୁକୂଳ, ଦେବୀଗଡ଼ା, ପୂର୍ବାହ୍ନ ୧୧ଟା।
- ସ୍କ୍ରିନଟେକ୍ସ ଏବଂ ସ୍କ୍ରିନ ପ୍ରିଣ୍ଟର ସଂଘ ପକ୍ଷରୁ ଏକଦିବସୀୟ ପ୍ରଦର୍ଶନୀ ଓ କର୍ମଶାଳା, ଗ୍ରାଣ୍ଡ୍ ରେସିଡେନ୍ସି, ପାଲାମଣ୍ଡପ, ଅପରାହ୍ନ ୪ଟା।
- କଟକ ଜିଲା ଯାଦବ ମହାସଭା ପକ୍ଷରୁ ନନ୍ଦ ଉତ୍ସବ, ରାଧାମୋହନଜୀଉ ମନ୍ଦିର ପ୍ରାଙ୍ଗଣ, ପୋତାପୋଖରୀ, ନୂଆବଜାର, ସନ୍ଧ୍ୟା ୬ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୨୬ତମ ଇଣ୍ଡିଆ ଥିଏଟର ଅଲିମ୍ପିଆଡ୍‌ର ତୃତୀୟ ସନ୍ଧ୍ୟା, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ୩୦।

**କଣ୍ଟାପଡ଼ା**

- ଦଧିଚି ଶିକ୍ଷା ସମୂହ ଅନୁଷ୍ଠାନର ପ୍ରତିଷ୍ଠା ଦିବସ ପାଳନ, ବିଦ୍ୟାବିହାର, ସୁନ୍ଦରଗ୍ରାମ, ପୂର୍ବାହ୍ନ ୧୦ଟା ୩୦।

**ଚୌଦ୍ୱାର**

- ୧୧୪ତମ ପାଲା ମହୋତ୍ସବର ଶୁଭାରମ୍ଭ, ବଡ଼ବଜାର ପୂଜା ମଣ୍ଡପ, ରାତି ୭ଟା।

# ଫୁଡ୍ ସେଫ୍ଟି ସ୍କ୍ୱାଡ୍ ନିଷ୍କ୍ରିୟ, ମେଳିଛି ବାସି ଖାଦ୍ୟ ପସରା

**କଟକ ଅଫିସ, ୨।୯**

ଗୁପ୍‌ଚୁପ, ବରା, ପିଆଜି, ଚାଟ୍ ଅବା ଦହିବରା ଆଳୁଦମ। ସହରର ଗଳିକନ୍ଦିରେ ପ୍ରତିଦିନ ସକାଳୁ ରାତି ପର୍ଯ୍ୟନ୍ତ ପସରା ମେଲିଛି ମାଳମାଳ ଷ୍ଟ୍ରିଟ୍ ଫୁଡ୍ ଷ୍ଟଲ। ଆଉ କିଛି ବ୍ୟବସାୟୀ ବୁଲି ବୁଲି ଏହି ବେପାର କରୁଛନ୍ତି। ହେଲେ ଅଧିକାଂଶ ଷ୍ଟଲ୍‌ରେ ମିଳୁଥିବା ଖାଦ୍ୟକୁ ନେଇ ଅନେକ ସମୟରେ ଅଭିଯୋଗ ଉଠୁଛି। କେଉଁଠି ବାସିଖାଦ୍ୟ ତ ଆଉ କେଉଁଠି ଦୂଷିତ ପାଣି ଓ ପରିଷ୍କାର ପରିଚ୍ଛନ୍ନତାକୁ ନେଇ ନାନା ପ୍ରଶ୍ନ ଉଠୁଛି। ହେଲେ ଏମାନଙ୍କ ଉପରେ କଟକ ମହାନଗର ନିଗମ (ସିଏମ୍‌ସି) ଓ ସ୍ୱାସ୍ଥ୍ୟ ବିଭାଗର କୌଣସି କଟକଣା ନାହିଁ। ଏପରିକି ଗଠିତ ହୋଇଥିବା ଫୁଡ୍ ସେଫ୍ଟି ସ୍କ୍ୱାଡ୍ ମଧ୍ୟ ନିଷ୍କ୍ରିୟ ହୋଇପଡିଛି। ଫଳରେ ଅଜାଣତରେ ଲୋକେ ଏସବୁ ଖାଦ୍ୟ ଖାଇ ରୋଗ କିଣୁଛନ୍ତି। ସହରର ବିଭିନ୍ନ ସ୍ଥାନରେ ହଜାରରୁ ଉର୍ଦ୍ଧ୍ୱ ଷ୍ଟ୍ରିଟ ଫୁଡ୍ ଷ୍ଟଲ ରହିଛି। ଆଉ ଏଗୁଡିକୁ ଯାଞ୍ଚ କରିବା ପାଇଁ ସିଏମ୍‌ସିର ମାତ୍ର ଦୁଇଜଣ ଖାଦ୍ୟ ସୁରକ୍ଷା ଅଧିକାରୀ ରହିଛନ୍ତି। ଜଣେ ହେଲ୍‌ଥ ଅଫିସର ଓ ଆଉ ଜଣେ ଫୁଡ୍ ଚେକିଂ ଇନ୍ସପେକ୍ଟର। କର୍ମଚାରୀ ଅଭାବରୁ ଚଢ଼ାଉ ଓ ଯାଞ୍ଚ ହୋଇପାରୁ ନ ଥିବା କୁହାଯାଉଛି। ତେବେ ଯେତେବେଳେ ଚଢ଼ାଉ ହେଉଛି ସେଥିରେ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ଏନଫୋର୍ସମେଣ୍ଟ ଟିମ ସଦସ୍ୟଙ୍କୁ ସାମିଲ୍ କରାଯାଉଛି। ଫଳରେ ଠିକ୍ ଭାବେ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନି। କର୍ମଚାରୀ ଅଭାବ ଦର୍ଶାଇ ନିୟମିତ ଚଢ଼ାଉ କରାଯାଉ ନ ଥିବାବେଳେ ଏହି ସୁଯୋଗରେ ରାସ୍ତାପାର୍ଶ୍ୱ ଖାଦ୍ୟ ବ୍ୟବସାୟୀମାନେ ଗ୍ରାହକଙ୍କ ସହ ଖେଳ ଖେଳୁଛନ୍ତି।

ଅନ୍ୟପଟେ ଆଉ ଗୋଟିଏ ବଡ ଅବହେଳା ସାମ୍ନାକୁ ମଧ୍ୟ ଆସିଛି। ନିୟମ ଅନୁଯାୟୀ ରାସ୍ତା କଡରେ ଖାଦ୍ୟ ସାମଗ୍ରୀ ବିକୁଥିବା ଜଣେ ଦୋକାନୀ ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡ ଅଥରିଟି ଅଫ ଇଣ୍ଡିଆ (ଏଫଏସଏସଏଆଇ)ଠାରୁ ଲାଇସେନ୍ସ ଆଣି ବ୍ୟବସାୟ କରିବା କଥା। ଏହି ଲାଇସେନ୍ସ କରିବାକୁ ଅନଲାଇନରେ ଆବେଦନ କରିବାକୁ ପଡୁଛି। କିନ୍ତୁ ଅଧିକାଂଶ ବ୍ୟବସାୟୀ ଏ ସମ୍ପର୍କରେ ଜାଣି ନ ଥିବାବେଳେ ସିଏମ୍‌ସି ପକ୍ଷରୁ ସଚେତନ କରାଯାଉ ନାହିଁ। ସିଏମ୍‌ସି ଫୁଡ୍ ସେଫ୍ଟି ସ୍କ୍ୱାଡ୍‌ର ଜଣେ ଅଧିକାରୀଙ୍କ କହିବାନୁଯାୟୀ, କର୍ମଚାରୀ ଅଭାବ ସଂକ୍ରାନ୍ତରେ ସିଏମ୍‌ସି କମିଶନର ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ ଅବଗତ କରାଯାଇଛି। ହେଲେ କେବେ ନୂତନ ନିଯୁକ୍ତି ହେବ ସେ ସମ୍ପର୍କରେ କିଛି ବି ସୂଚନା ମିଳିନି। ଅନ୍ୟପଟେ ସହରରେ ଦିନକୁ ଦିନ ରାସ୍ତାକଡରେ ଖାଦ୍ୟ ବିକୁଥିବା ଦୋକାନୀଙ୍କ ସଂଖ୍ୟା ବଢୁଥିବାବେଳେ ଦୁଇ ଜଣ ଅଧିକାରୀଙ୍କୁ ସାଙ୍ଗରେ ଧରି ସିଏମସି ସହରରେ ଚଳାଇଥିବା ଫୁଡ୍ ସେଫ୍ଟି ସ୍କ୍ୱାଡ୍ ପ୍ରଭାବହୀନ ହୋଇଫଡିଛି। ତେଣୁ ମହାନଗରବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି ସିଏମ୍‌ସି କେତେ ସଚେତନ ତାହା କହିବା ଅନାବଶ୍ୟକ ବୋଲି କହିଛନ୍ତି କର୍ପୋରେଟର ଚାରୁଲତା ସାହୁ।

**କଟକ ମହାନଗର ନିଗମ**




- ଅଜାଣତରେ ରୋଗ କିଣୁଛନ୍ତି ଲୋକେ
- ଦୁଇଜଣ ଅଧିକାରୀଙ୍କୁ ନେଇ ଚାଲିଛି ସ୍କ୍ୱାଡ୍



ଜନ୍ମାଷ୍ଟମୀ ଅବସରରେ ସିଡିଏ ସେକ୍ଟର-୯ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

■ ଚକ୍ଷୁଦାନ ପାଇଁ ସଚେତନତା

# ସାଇକେଲ ରାଲିରେ ପୋଲିସ କମିଶନର



କଟକ ବାରବାଟୀ ଦୁର୍ଗ ନିକଟରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା।

**କଟକ ଅଫିସ, ୨।୯**

ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ ଅବସରରେ ରବିବାର କମିଶନରେଟ ପୋଲିସ ଏବଂ କଟକ ବାରବାଟୀ ସାଇକେଲିଷ୍ଟ ଆସୋସିଏଶନ ପକ୍ଷରୁ ଏକ ସଚେତନା ସାଇକେଲ ରାଲି କଟକରେ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସାଇକେଲ ରାଲି କଟକ ବାରବାଟୀ ଷ୍ଟାଡିୟମରୁ ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ସାମିଲ୍ ହୋଇଥିବା ୩୦ରୁ ଉର୍ଦ୍ଧ୍ୱ ସାଇକେଲରେ ଚକ୍ଷୁଦାନ ସଂକ୍ରାନ୍ତରେ ସଚେତନତାମୂଳକ ପ୍ଲାକାର୍ଡ ଲଗାଯାଇଥିଲା। ରାଲିରେ ପରିବହନ ବିଭାଗ କମିଶନର ସଞ୍ଜୀବ ପଣ୍ଡା, ଚକ୍ଷୁ ଡାକ୍ତର କ୍ରିଷ୍ଣା କାବେରୀ ପଟ୍ଟନାୟକଙ୍କ ସମେତ ବହୁ ଡାକ୍ତର ଏବଂ ପୋଲିସ କର୍ମଚାରୀମାନେ ଯୋଗଦେଇଥିଲେ।

## ୬ କୁଇଣ୍ଟାଲ ମଦ ଜବତ, ୨ ଅଟକ

**କଟକ ଅଫିସ, ୨।୯:** କଟକ ଜିଲା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ରବିବାର ୬ କୁଇଣ୍ଟାଲ ଦେଶୀ ମଦ ଜବତ କରାଯାଇଛି। ମଦ ନେଇ ଯାଉଥିବା ଏକ କାର(ଏମ୍‌ପି ୧୭ବି ୩୧୮୩) ଏବଂ ବାଇକ୍‌କୁ ଜବତ କରାଯାଇଛି। ଏଥିସହିତ ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଦୁଇଜଣଙ୍କୁ ଅବକାରୀ ବିଭାଗ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, କଟକ ସିଡିଏ ସେକ୍ଟର-୭ ଅଞ୍ଚଳରେ ଦେଶୀ ମଦ ତିଆରି କରାଯାଉଥିବା ଅବକାରୀ ବିଭାଗ ସୂଚନା ପାଇଥିଲା। ରବିବାର ଅପରାହ୍ନରେ ଅବକାରୀ ବିଭାଗ ଅଧିକାରୀ ଅଶୋକ ଶତପଥୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲା। ଛୋଟ ଛୋଟ ପ୍ୟାକେଟ ମଦକୁ ବସ୍ତାରେ ଭର୍ତ୍ତି କରି ଅଟକ ବ୍ୟକ୍ତି ଦ୍ୱୟ କାରରେ ନେଇ ଯାଉଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ଜବତ କରାଯାଇଥିଲା।

## ମଶାଣିରୁ ମୃତଦେହ ଉଦ୍ଧାର

**କଣ୍ଟାପଡା, ୨।୯(ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ଅନ୍ତର୍ଗତ କମାରସାହି ଗ୍ରାମ୍ୟ ମଶାଣିରେ ପୋତାଯାଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ରବିବାର ଉଦ୍ଧାର କରିଛି। ମୃତକ ହେଲେ ଅଶୋକ କୁମାର ମହାରଣା(୩୫) ଓ ଘର ନୟାଗଡ ଥାନା ଅନ୍ତର୍ଗତ ନବଘନପୁର ଗ୍ରାମରେ ବୋଲି ତାଙ୍କର ଆଧାରକାର୍ଡରୁ ଜଣାପଡିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨/୧୮) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ପୋଲିସ ସୂତ୍ରରୁ ପ୍ରକାଶ, କିଛିବର୍ଷ ହେଲା ଅଶୋକ କମାରସାହି ଗ୍ରାମର ଅଭିମନ୍ୟୁ ଭୋଇଙ୍କ ଝିଅ ମିନତିଙ୍କୁ ବିବାହ କରିଥିଲେ। କିଛିଦିନ ହେବ ସେ ମଧୁମେହ ସାଙ୍ଗକୁ କିଡ୍‌ନୀ ରୋଗରେ ଆକ୍ରାନ୍ତହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ କହିଥିଲେ। ମାତ୍ର ଅର୍ଥାଭାବ ଯୋଗୁ ମିନତୀ ତାଙ୍କୁ ନିଜ ବାପଘର କମାରସାହିକୁନେଇ ଆସିଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ଅଶୋକଙ୍କ ମୃତ୍ୟୁ ଘଟିଥିଲା। ପରେ ଶ୍ୱଶୁର ଘରଲୋକେ ତାଙ୍କର ମୃତଦେକୁ ମଶାଣିରେ ପୋତି ଦେଇଥିଲେ। ତେବେ ଏହି ଘଟଣାକୁ ଗ୍ରାମବାସୀ ବିରୋଧ କରିବାରୁ ପୋଲିସ ମିନତିଙ୍କ ଅଭିଯୋଗକ୍ରମେ ରବିବାର ମଶାଣିରୁ ମୃତଦେହ ଉଦ୍ଧାର କରିଥିଲା।

## ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ, ୨।୯**

ଓଡିଶା ହାଇକୋର୍ଟର ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତ ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ରବିବାର ହାଇକୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାରିଷ୍ଟର ରଣଜିତ୍ ମହାନ୍ତି ସ୍ମୃତି କମିଟି ପକ୍ଷରୁ ହାଇକୋର୍ଟ ବାର୍ କନ୍‌ଭେନ୍‌ସନ୍ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ବିଚାରପତି କେ.ଏସ୍ ଝାବେରୀ ଉଦ୍‌ଘାଟନ କରି ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ସ୍ମୃତି କମିଟି ଆବାହକ ତଥା ଆଇନଜୀବୀ ବିପିନ୍ ବିହାରୀ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ପୂର୍ବତନ ଆଡିସିନାଲ୍ ସଲିସିଟର୍ ଜେନେରାଲ କେ.ଭି. ବିଶ୍ୱନାଥନ୍ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଙ୍ଗାଲୋର୍ ଲ ସ୍କୁଲ୍ ପ୍ରତିଷ୍ଠାରେ ରଣଜିତ୍‌ଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ସମସ୍ତ ବିଚାରପତି ଓ ବହୁ ଅବସରପ୍ରାପ୍ତ ବିଚାରପତି ଯୋଗ ଦେଇଥିଲେ ।



କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା କେ.ଭି. ବିଶ୍ୱନାଥନ୍ ବକ୍ତବ୍ୟ ଦେଉଛନ୍ତି।

# ୮ ଘଣ୍ଟାରେ ଦୌଡିଲେ ୧୧୦ କିମି

**ଚୌଦ୍ୱାର,୧।୯(ଡି.ଏନ୍.ଏ.)**

ଦୌଡିବାର ଅଦମ୍ୟ ନିଶା। ସ୍ୱପ୍ନ ରହିଛି ମାରାଥନ ଦୌଡରେ ଭାଗ ନେବେ ଓ ଜଣେ ଭଲ ଧାବକ ହେବେ। ଏହି ଲକ୍ଷ୍ୟ ନେଇ ଦୌଡିବା ଆରମ୍ଭ କରିଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ନୂଆମାଣିତ୍ରୀ ଗ୍ରାମର ବିମଲ ପେରା। ତାଙ୍କ କହିବାନୁଯାୟୀ, ରବିବାର ସକାଳ ୯ଟା ୫୦ମିନିଟ୍‌ରେ ଘରୁ ଦୁଇଟି କଦଳୀ ଖାଇ ଦୌଡିବା ଆରମ୍ଭ କରିଥିଲି। ବାଟରେ କିଛି ପାଣି ପିଇଥିଲି। ଏହାପରେ ଦୌଡି ଦୌଡି ସନ୍ଧ୍ୟା ୬ଟାରେ ଚୌଦ୍ୱାର ଥାନା ନିକଟରେ ପହଞ୍ଚିଥିଲି। ଦୀର୍ଘ ୧୧୦ କି.ମି. ରାସ୍ତା ଅତିକ୍ରମ କରିବାକୁ ମୋତେ ୮ ଘଣ୍ଟା ୧୦ ମିନିଟ୍ ସମୟ ଲାଗିଥିଲା। ହେଲେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲି। ଆଗକୁ ଆହୁରି ଯିବା ପାଇଁ ଇଚ୍ଛା ଅଛି। ହେଲେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଏବେ ଘରକୁ ଫେରିଯିବାକୁ ପଡିବ ବୋଲି ତାଙ୍କ ଭାଇ ଯୁଗଳ ପେରା କହିଛନ୍ତି। ଅନ୍ୟପକ୍ଷରେ ଭବିଷ୍ୟତରେ ଜଣେ ଭଲ ଧାବକ ହେବାରେ ଇଚ୍ଛା ଥିଲେ ମଧ୍ୟ ପ୍ରୋତ୍ସାହନର ଅଭାବ ରହିଛି। ଯଦି ସରକାରୀ କିମ୍ବା ବେସରକାରୀ ସ୍ତରରେ ପ୍ରୋତ୍ସାହନ ମିଳେ ତା' ହେଲେ ଭବିଷ୍ୟତରେ ନିଜ ସ୍ୱପ୍ନ ସାକାର କରିପାରନ୍ତି ବୋଲି ବିମଲ କହିଛନ୍ତି।

**ଅଦମ୍ୟ ନିଶା**



ବିମଲ ପେରା।

## ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ




**କଟକ ସଦର, ୨।୯(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ସୋମପୁର ପଞ୍ଚାୟତ ତେଲଦିଆ ସରକାରୀ ଉଚ୍ଚବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ମୋ' ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ରୂପକ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ଧୀରେନ୍ଦ୍ର ନାଥ ବାରିକ, ପୂର୍ବତନ ପ୍ରଧାନଶିକ୍ଷକ ଧୀରେନ୍ଦ୍ର ନାଥ ପ୍ରଧାନ, ଶରତ ଚନ୍ଦ୍ର ଦାସ, ପୁରାତନ ଛାତ୍ର ସଙ୍ଗଠନର ସମ୍ପାଦକ ଶକ୍ତି ପ୍ରସାଦ ସ୍ୱାଇଁ ଯୋଗଦେଇଥିଲେ। ପ୍ରଶାସକ ପ୍ରଦୀପ୍ତ ମହାନ୍ତି, ନିହାର ରଞ୍ଜନ ବିଶ୍ୱାଳ, ଅଶୋକ ବେହେରା ଓ ଅଧାପିକା ସୀତା ମହାନ୍ତି ପ୍ରମୁଖ ବିଦ୍ୟାଳୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହାଛଡା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମୋ' ସ୍କୁଲ ଅଭିଯାନରେ ପୁରାତନ ଛାତ୍ର, ଅଭିଭାବକ ଓ ବଦାନ୍ୟ ବ୍ୟକ୍ତି ଭିତ୍ତିଭୂମୀର ବିକାଶ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ବକ୍ତାମାନେ ଆହ୍ୱାନ ଜଣାଇଥିଲେ। ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ନାଗେଶ୍ୱର ମହାନ୍ତି ଓ ପ୍ରଶାନ୍ତ ଭୋଇ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

## ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ

**କଟକ ସଦର/ଫୁଲନଖରା /ଚୌଦ୍ୱାର/ଖୁଣ୍ଟୁଣୀ, ୨।୯(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ସାମନ୍ତରାପୁରସ୍ଥିତ ଶ୍ରୀକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ପୂଜାର୍ଚ୍ଚନା, ଯଜ୍ଞ, ହରିବଂଶ, ଭାଗବତ ପାଠ ଓ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା। ମନ୍ଦିର ସେବକ ଦେବେନ୍ଦ୍ର ବେହେରା, ଅଧାପକ କିଶୋର ଚନ୍ଦ୍ର ଦାସ, ଶିବ ପ୍ରସାଦ ମିଶ୍ର, ପ୍ରତାପ ଚନ୍ଦ୍ର ବିଶୋୟୀ ଓ ନିମାଇଁ ଚରଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆମଣ ପଞ୍ଚାୟତ ଅଧୀନ ବାଗଧରାପୁର ଗ୍ରାମରେ ଥିବା ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ମନ୍ଦିରରେ ଠାକୁରଙ୍କୁ ପୂଜାର୍ଚ୍ଚନା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ସେହିପରି ଲକ୍ଷେଶ୍ୱର ମନ୍ଦିର ପରିସରରେ ଥିବା ଶ୍ରୀରାମ ମନ୍ଦିର, କୋଠସାହିର ରାଧାକୃଷ୍ଣ ମନ୍ଦିର ଓ ଅରିଲୋର ଜନାର୍ଦ୍ଦନ ଦେବଙ୍କ ପୀଠରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଚୌଦ୍ୱାର ପୌରପାଳିକା ୪ନଂ. ୱାର୍ଡ ଅନ୍ତର୍ଗତ ରାସବିହାରୀ ମଠ, ଓଟିଏମ୍ କଲୋନୀର ରାଧାମୋହନ ମନ୍ଦିର,୧୭ ନଂ. ୱାର୍ଡ ବଙ୍ଗାଳି ସାହି, ଆଗ୍ରାହାଟ ସ୍ଥିତ ମାଧବ ମନ୍ଦିର ଓ ନଖରା ପଞ୍ଚାୟତର ପଣ୍ଡୁଆମଠରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି।

ଖୁଣ୍ଟୁଣୀ ଓ ଗୁରୁଡିଝାଟିଆ ଅଞ୍ଚଳର ବିଭିନ୍ନ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ବିଭିନ୍ନ ମନ୍ଦିରରେ ବହୁ ଶ୍ରଦ୍ଧାଳୁ ଠାକୁରଙ୍କୁ ପୂଜା କରି ଭାଗବତ ପଠନ ଓ ଶ୍ରବଣ କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇଥିବା ଦେଖିବାକୁ ମିଳିଥିଲା।

## ସ୍କୁଟି ଜବତ, ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨।୯:** ଚୋରି ଅଭିଯୋଗରେ ପୁରୀଘାଟ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ମ୍ୟୁନସିପାଲଟି କଲୋନୀର ସୁଧୀର ନାୟକ। ତାଙ୍କଠାରୁ ପୋଲିସ ଏକ ସ୍କୁଟି(ନଂ. ଓଆର୦୫ଏପି-୨୦୭୦) ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୩୯/୧୮) ରୁଜୁ ହୋଇଛି। ପୁରୀଘାଟ ଥାନା ଅନ୍ତର୍ଗତ ଖୁଣ୍ଟିଆସାହି ଅଞ୍ଚଳର ପ୍ରଦୀପ ଅଗ୍ରୱାଲ ନାମକ ବ୍ୟକ୍ତିଙ୍କର ସ୍କୁଟି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ରାତିରେ ତାଙ୍କ ଘର ବାହାରେ ସ୍କୁଟି ରହିଥିବାବେଳେ କେହି ଦୁର୍ବୃତ୍ତ ତାହାକୁ ଚୋରିକରି ନେଇଥିଲେ।ଏ ନେଇ ସେ ଶୁକ୍ରବାର ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଆଇନ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ

**କଟକ ଅଫିସ,୨।୯**

ଶନିବାର ଧମକ ପାଇ ପୋଲିସ ନିକଟରେ ଅଭିଯୋଗ କରିବା ପରେ ମଧ ରବିବାର ଅପରାହ୍ନରେ ମରଣାନ୍ତକ ଭାବେ ଆକ୍ରମଣର ଶିକାର ହୋଇଛନ୍ତି ମଧୁସୂଦନ ଆଇନ ମହାବିଦ୍ୟାଳୟ ଏଲଏଲବି ୩ୟ ବର୍ଷର ଛାତ୍ର ଗୌତମ ଲେଙ୍କା। ବିଚ୍ ରାସ୍ତାରେ ସହରର ଜଣେ ପୁରୁଖା ଛାତ୍ରନେତା ଓ ତାଙ୍କ ସହଯୋଗୀମାନେ ଗୌତମଙ୍କୁ ମାଡ଼ ମାରିଛନ୍ତି। ଏଥିରେ ଗୌତମଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ହାତ, ଗୋଡ, ପେଟରେ ମଧ କ୍ଷତ ସୃଷ୍ଟି ହୋଇଛି। ଚିକିତ୍ସା ନିମନ୍ତେ ସେ ସିଟି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଚାଉଳିଆଗଞ୍ଜ ଥାନା ପୋଲିସ ଏକ ମାମଲା(ନଂ. ୨୨୧/୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ବୋଲି ଆଇଆଇସି ଅଜୟ କୁମାର ଦାସ ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତି ଓ ଶନିବାର ଦିନ ଛାତ୍ର ବିଜେଡିର ଜଣେ ପୁରୁଖା ନେତା ଗୌତମଙ୍କୁ ଫୋନ୍‌ରେ ହତ୍ୟା ଧମକ ଦେଇଥିଲେ। ଛାତ୍ର ସଂସଦ ରାଜନୀତିକୁ ନେଇ ଏହି ଧମକ ଆସିଥିଲା। ଏପରି କି ଛାତ୍ରନେତା ଜଣଙ୍କ ମଧୁସୂଦନ ଆଇନ ମହାବିଦ୍ୟାଳୟ ପରିସରରେ ପଶି ଗୌତମଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ଶନିବାର ଅପରାହ୍ନରେ ଗୌତମ ଏ ନେଇ ଚାଉଳିଆଗଞ୍ଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଦିନ ମାମଲା ରୁଜୁ କରିବା ତ ଦୂରର କଥା କୌଣସି ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ରବିବାର ଅପରାହ୍ନରେ ଗୌତମ ବ୍ୟକ୍ତିଗତ କାର୍ଯ୍ୟରେ ଯାଉଥିବାବେଳେ ମହାନଦୀବିହାର ଅଞ୍ଚଳରେ ଛାତ୍ରନେତା ଜଣଙ୍କ କିଛି ସହଯୋଗୀଙ୍କ ସହିତ ତାଙ୍କୁ ଘେରି ଯାଇଥିଲେ। ସେଠାରେ ବାଉଁଶ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିବା ସହ ଇଟାରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଗୌତମ ତଳେ ପଡ଼ିଯିବା ପରେ ତାଙ୍କୁ ନିର୍ଦ୍ଧୂମ ମାଡ଼ ମାରିଥିଲେ। ଚିକିତ୍ସା ଲାଗି ତାଙ୍କୁ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ସେ ଫେରିଛନ୍ତି। ତେବେ ଗୌତମଙ୍କୁ ଧମକ ଦେଇଥିବା ଓ ଆକ୍ରମଣ କରିଥିବା ଛାତ୍ରନେତା ଜଣଙ୍କ ନିକଟ ଅତୀତରେ ଜେଲରୁ ମୁକୁଳିଛନ୍ତି। ପୂର୍ବରୁ ଅନେକ ମାମଲାରେ ଛନ୍ଦି ହୋଇଥିବା ଏହି ଛାତ୍ରନେତା ପୁଣି ଦାଦାଗିରି ଆରମ୍ଭ କରିଛନ୍ତି ବୋଲି ଗୌତମ କହିଛନ୍ତି। ଛାତ୍ର ବିଜେଡ଼ିକୁ ସମର୍ଥନ କରୁଥିବା ଉକ୍ତ ଛାତ୍ରନେତାଙ୍କ ବିପକ୍ଷରେ ଛାତ୍ର ବିଜେଡି କୌଣସି ବରିଷ୍ଠ ନେତା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ମଧ ଗୌତମ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଶନିବାର ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରି ନ ଥିଲା। ଏହାକୁ ନେଇ ପୋଲିସର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଛାତ୍ର ନେତାଙ୍କ ଦାଦାଗିରି**




କଟକ ସାରଳା ଭବନରେ ୨୬ତମ ଇଣ୍ଡିଆ ଥିଏଟର ଅଲିମ୍ପିୟାଡର ରବିବାର ଦ୍ୱିତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଏନ୍‌ଏଚ୍-୧୬'ର ଏକ ଦୃଶ୍ୟ।



କଟକ ଉପର ତେଲେଙ୍ଗା ବଜାର ଅଞ୍ଚଳରେ ଝିଅମାନେ ଖୁଦୁରୁକୁଣୀ ପୂଜା କରୁଛନ୍ତି।

# ଆଜି ହାଇକୋର୍ଟରେ ଜବାବ ଦାଖଲ

**କଟକ ଅଫିସ, ୨।୯**

ମାଡ଼ ଘଟଣାକୁ ନେଇ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦକୁ ସୋମବାର ୫ ଦିନ ପୂରିବ। ଏହି ଘଟଣାରେ ଏଯାବତ ପୋଲିସ ପକ୍ଷରୁ ୨ ଜଣ କନଷ୍ଟେବଳ ଓ ଜଣେ ହାବିଲଦାରଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଆଇନଜୀବୀଙ୍କ ପକ୍ଷରୁ ହାଇକୋର୍ଟରେ ଦୁଇଟି ମାମଲା ଦାଏର କରାଯାଇଛି। ସୋମବାର ଏହି ଦୁଇ ମାମଲାରେ ପୋଲିସ ହାଇକୋର୍ଟରେ ଜବାବ ରଖିବ ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଇନଜୀବୀଙ୍କୁ ମାଡ଼ ଘଟଣାର ପ୍ରାଥମିକ ତଦନ୍ତ ଆଧାରରେ ୩ ଜଣଙ୍କୁ ନିଲମ୍ବନ କରାଯାଇଛି। ଏହାସତ୍ତ୍ୱେ ବି ଆଇନଜୀବୀଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା। ମାମଲା କୋର୍ଟରେ ବିଚାରାଧୀନ ରହିଛି। କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ଘଟଣାକ୍ରମ ସମେତ ତଦନ୍ତର ଧାରା ଓ ରିପୋର୍ଟ ଆଦି ସମସ୍ତ ତଥ୍ୟ ଦାଖଲ କରାଯିବ। କୋର୍ଟ ଯାହା ନିର୍ଦ୍ଦେଶ ଦେବେ ତାହାକୁ ପୋଲିସ ମାନିନେବ ବୋଲି କମିଶନର ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ଗତ ଶୁକ୍ରବାର ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସୋମବାର ଯାଏ ବୃଦ୍ଧି କରାଯାଇଥିଲା। ଡିସିପିଙ୍କ ବଦଳି ଓ ଚାଉଳିଆଗଞ୍ଜ ଥାନାଧିକାରୀଙ୍କ ବଦଳି ଦାବି ପୂରଣ ନ ହେଲେ ପୁଣି ଥରେ ବୈଠକ ବସି ପରବର୍ତ୍ତୀ କାର୍ଯ୍ୟାପନ୍ଥା ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଭଳି ସ୍ଥିତିରେ ହାଇକୋର୍ଟରେ ଏହି ମାମଲାର ଫଳାଫଳ କ'ଣ ରହୁଛି, ତାହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ବାର୍ ଆସୋସିଏଶନର ପରବର୍ତ୍ତୀ ନିଷ୍ପତ୍ତି କ'ଣ ରହିବ ତାହା ଉପରେ ଏବେ ନଜର।

**ପୋଲିସ-ଆଇନଜୀବୀ ବିବାଦ ମାମଲା**

## ସଂକ୍ଷେପରେ

### ପାଣିରେ ବୁଡ଼ି ଶିଶୁକନ୍ୟା ମୃତ

**କୃଷ୍ଣପ୍ରସାଦ, ୨।୯ (ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକର ଡିଆଁକୁଦା ଗ୍ରାମର ଜଣେ ଶିଶୁକନ୍ୟା ରବିବାର ଅପରାହ୍ନ ୪ଟାରେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ପ୍ରକାଶ ବାରିକୀଙ୍କ ଦେଢ଼ବର୍ଷର ଝିଅ ଶର୍ମିଷ୍ଠା। ବହୁ ସମୟ ଖୋଜିବା ପରେ ମଧ ଶିଶୁକନ୍ୟାଟିର କୌଣସି ସନ୍ଧାନ ମିଳି ନ ଥିଲା। ଶେଷରେ ସାଇପଡ଼ିଶା ଓ ଝିଅର ପିତା ନିକଟସ୍ଥ ପୋଖରୀରୁ ଶିଶୁଟିର ମୃତଦେହ ଉଦ୍ଧାର କରିଥିଲେ। ତେବେ ଏ ନେଇ ପରିବାର ପକ୍ଷରୁ ପୋଲିସରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ଅଜଗର ଉଦ୍ଧାର



**ଖୋର୍ଦ୍ଧା ଅଫିସ,୨।୯:** ଖୋର୍ଦ୍ଧା ତହସିଲ ଜୟମଙ୍ଗଳ ମଠବାରି ନିକଟସ୍ଥ କାଜୁ ଜଙ୍ଗଲରୁ ଏକ ୧୫ ଫୁଟର ଅଜଗର ସାପ ରବିବାର ଉଦ୍ଧାର ହୋଇଛି। ଜୟମଙ୍ଗଳ ଗାଁର ବୀରେନ୍ଦ୍ର ଜେନା ସ୍ଥାନୀୟ କାଜୁ ଜଙ୍ଗଲକୁ ଯାଇଥିଲେ। ଦେଖିଲେ ଏକ ଅଜଗର ସାପ ବରଗଛରେ ଯାଉଛି। ସାପକୁ ଦେଖି ସେ ଚିତ୍କାର କରିବା ପରେ ଗାଁଲୋକ ରୁଣ୍ଡ ହୋଇ ସାପକୁ ଧରିବାକୁ ଉଦ୍ୟମ କରିଥିଲେ। ଯାଁଳାର ସ୍ନେକ ହେଲପଲାଇନର ଜଣେ ସଦସ୍ୟ ସାପକୁ ଧରିଥିଲେ। ପରେ ସାପକୁ ଗାଁଲୋକ ଗାଁ ପରିକ୍ରମା କରାଇ ଜଙ୍ଗଲ ମଧ୍ୟରେ ନେଇ ଛାଡି ଦେଇଥିଲେ।

### ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଟାଙ୍ଗୀ (ଖୋର୍ଦ୍ଧା),୨।୯ (ଡି.ଏନ.ଏ.):** ସ୍ଥାନୀୟ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ରବିବାର ଭୁବନେଶ୍ୱରସ୍ଥିତ ଏକ ହାସ୍ପିଟାଲ ତତ୍ତ୍ୱାବଧାନରେ ଓ ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ସହଯୋଗରେ ଶିବିର ଆୟୋଜିତ ହୋଇଯାଇଛି। ହୃଦ୍‌ରୋଗ, ଅସ୍ଥିଶଲ୍ୟ, ରକ୍ତଚାପ, ରକ୍ତ ଶର୍କରା ଇତ୍ୟାଦି ବିଭିନ୍ନ ପ୍ରକାର ରୋଗର ପରୀକ୍ଷା ଓ ନିରୂପଣ କରାଯାଇଥିଲା। ଶିବିରରେ ୧୦୨ ଜଣ ମହିଳାପୁରୁଷ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ନେତୃତ୍ୱରେ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ପ୍ରମୁଖଙ୍କ ସମେତ ପ୍ରଧାନ ଶିକ୍ଷକ ସନ୍ତୋଷ ଚନ୍ଦ୍ର କର, ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ଉଦୟନାଥ ସ୍ୱାଇଁ ଓ ଏବିଏମ୍ ଇଂରାଜୀ ମାଧ୍ୟମ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିବିର ପରିଚାଳନା କରିଥିଲେ।

# ପାଠ୍ୟବହିରେ ଦଳବେହେରାଙ୍କ ବିଷୟ ସ୍ଥାନ ପାଉ

**ଖୋର୍ଦ୍ଧା ଅଫିସ,୨।୯**

ତାପଙ୍ଗ ଦଳବେହେରା ମହାବୀର ମାଧବ ଚନ୍ଦ୍ର ରାଉତରାୟଙ୍କ ୨୪୮ ତମ ଜୟନ୍ତୀ ଜିଲା ସଂସ୍କୃତି ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବି ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ସ୍ମୃତି ପରିଷଦର ସଭାପତି ଇଂ. ଶିଶିର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆଲୋଚନା ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ କଳିଙ୍ଗ ପାଇକ ସଙ୍ଗଠନର ପ୍ରତିଷ୍ଠାତା ହଟନାଥ ମଙ୍ଗରାଜ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଶହୀଦ୍ ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟିର ସମ୍ପାଦକ ନୀରୋଦ କୁମାର ଛୋଟରାୟ, କଳିଙ୍ଗ ପାଇକ ସଙ୍ଗଠନର ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ ଯୋଗଦେଇ ଦଳବେହେରାଙ୍କ



ତାପଙ୍ଗ ଦଳବେହେରାଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ତ୍ୟାଗପୂତ ଜୀବନର ଅବତାରଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ଝିଲିରାଣୀ ସାମନ୍ତରାୟ, ଡ.ବୃନ୍ଦାବନ ପଣ୍ଡା, ଗଡ଼ ବଳଭଦ୍ରପୁରର ସତ୍ୟବାଦୀ ବଳିଆରସିଂହ ପ୍ରମୁଖ ମଧ୍ୟ ବକ୍ତବ୍ୟ ରଖିଥିଲେ। ତାପଙ୍ଗ ଦଳବେହେରାଙ୍କ ଜୀବନୀକୁ ପାଠ୍ୟପୁସ୍ତକରେ ସ୍ଥାନ ଦେବା ପାଇଁ ବକ୍ତାମାନେ ଦାବି କରିଛନ୍ତି। ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟିର ଉପସଭାପତି ଅମରେନ୍ଦ୍ର ମହାପାତ୍ରଙ୍କୁ ସ୍ମୃତି ପରିଷଦ ପକ୍ଷରୁ ଶୌର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ସ୍ମୃତି ପରିଷଦର ସଭାପତି ନାୟକ ତାଙ୍କ ବକ୍ତବ୍ୟରେ ତାପଙ୍ଗ ଦଳବେହେରାଙ୍କ ଉପରେ କ୍ଷୁଦ୍ର ପୁସ୍ତକ ଲେଖି ପ୍ରଚାର ଓ ପ୍ରସାର କରାଇବା, ପାଠ୍ୟ ପୁସ୍ତକରେ ତାଙ୍କ ବିଷୟ ସ୍ଥାନିତ କରିବା, ସଂସ୍କୃତି ଭବନ ନିକଟରେ ଥିବା ଶହୀଦ ଭବନକୁ ଉଦ୍‌ଘାଟନ କରିବା, ବରୁଣେଇ ପାହାଡ଼ ତଳେ ଶହୀଦମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ସରକାରଙ୍କଠାରେ ଦାବି କରିଛନ୍ତି। ଏ ନେଇ ନଭେମ୍ବର ମାସରେ ପାଇକ ଦରବାର ମାଧ୍ୟମରେ ଏକ ବିରାଟ ପାଇକ ସମାବେଶ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ହରିଚନ୍ଦନ ସ୍ୱାଗତଭାଷଣ, ଅତିଥି ପରିଚୟ ଓ ଜିଲା ସାହିତ୍ୟ ସମାଜ ଆବାହକ ଜ୍ଞାନ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷେ ତାପଙ୍ଗ ଦଳବେହେରାଙ୍କ ଜୟନ୍ତୀ ନିଜ ଜନ୍ମଭୂମି ନିଜିଗଡ଼ ତାପଙ୍ଗଠାରେ ମଧ୍ୟ ପାଳିତ ହୋଇଥିଲା। ସ୍ଥାନୀୟ ହାଇସ୍କୁଲ, ଉ.ପ୍ରା. ସ୍କୁଲର ଛାତ୍ରୀଛାତ୍ର, ହାରାମଣି ମହିଳା ସଂଘ ପକ୍ଷରୁ ରତନପୁର କୁହୁଡ଼ିରୁ ଉମା ମହେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଆସିଥିବା ପାଇକ ଆଖଡ଼ା ଦଳ ତାପଙ୍ଗ ଗ୍ରାମର ସମସ୍ତ ସାହି ପରିକ୍ରମା କରିଥିଲେ। ପରେ ଶହୀଦ ସ୍ମୃତି ପୀଠଠାରେ ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ପାଇକ ସମାରୋହ ପରିଷଦର ଉପଦେଷ୍ଟା ସାମାଜିକ କର୍ମୀ କାଳୁ ଖଣ୍ଡାୟତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନିମେଇ ଶ୍ରୀଚନ୍ଦନ, ସଂଗ୍ରାମ ଜଗଦେବ ଏହାକୁ ପରିଚାଳନା କରିଥିଲେ।

■ ବାଳମୁକୁନ୍ଦ ଦେବଙ୍କ ପୀଠରେ ଜନ୍ମାଷ୍ଟମୀ

# ଅଧିଆ ପଡ଼ିଲେ ୩୨ ମାନସିକଧାରୀ

**ବାଲୁଗାଁ,୨।୯(ଡି.ଏନ.ଏ.)**

ବାଲୁଗାଁ ନିକଟ ଚନ୍ଦ୍ରାପୁଟର ସର୍ବପୁରାତନ ବାଳମୁକୁନ୍ଦ ଦେବଙ୍କ ପୀଠରେ ରବିବାର ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଠାକୁରଙ୍କଠାରୁ ଆଶୀର୍ବାଦ ପାଇବା ନିମନ୍ତେ ୩୨ଜଣ ଶ୍ରଦ୍ଧାଳୁ ଅଧିଆ ପଡ଼ିଥିବା ଦେଖାଯାଇଛି । କୁହାଯାଏ ଶିବ ମନ୍ଦିରରେ ଅଧିଆ ପଡ଼ି ରୋଗାକ୍ରାନ୍ତ ବ୍ୟକ୍ତି ଆରୋଗ୍ୟ ଲାଭ କରିଥାଏ। କିନ୍ତୁ ମନସ୍କାମନା ପୂରଣ ନିମନ୍ତେ ବିଷ୍ଣୁଙ୍କଠାରେ ଅଧିଆ ପଡିବା ଏଠାରେ ଏକ ନିଆରା ପରମ୍ପରା। ରବିବାର ଜନ୍ମାଷ୍ଟମୀ ଅବସରରେ ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ଉପାସନାକାରୀ ବାଳମୁକୁନ୍ଦ ଦେବଙ୍କ ଦର୍ଶନ କରିଥିଲେ। ବିଳମ୍ବିତ ରାତ୍ରି ଶ୍ରୀକୃଷ୍ଣ ଜନ୍ମ ହେବା ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ପକ୍ଷରୁ ପୁରାଣ ପାଠ କରାଯାଇଥିଲା। ଶେଷରେ ପୂଜା କରି ଅଧିଆ ପଡ଼ିଥିବା ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ଦେଇ ଉଠାଯିବା ପରମ୍ପରା ରହିଛି । ଉତ୍ସବକୁ ବାଳମୁକୁନ୍ଦ ଦେବ ଠାକୁର କମିଟି ତରଫରୁ ପରିଚାଳନା କରାଯାଇଥିଲା । ସେହିପରି ସମଗ୍ର ବାଲୁଗାଁ ଓ ବାଣପୁର ଅଞ୍ଚଳରେ ଥିବା ରାଧାକୃଷ୍ଣ ଓ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି।



ବାଳମୁକୁନ୍ଦ ଦେବ



ଅଧିଆ ପଡ଼ିଥିବା ମହିଳାପୁରୁଷ।

# ପ୍ଲାଷ୍ଟିକ ମୁକ୍ତ ଅଭିଯାନ




ବିଜୁ ଯୁବ ବାହିନୀ ପକ୍ଷରୁ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ।

**ଖୋର୍ଦ୍ଧା ଅଫିସ, ୨।୯:** ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିର ପୂର୍ବତନ ବିଧାୟକ ରଘୁନାଥ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଶାସକ ଦଳର ଲୋକ ପ୍ରତିନିଧିମାନେ ସାମିଲ ହୋଇ ପ୍ଲାଷ୍ଟିକର ଭୟାବହତା ଉପରେ ସଚେତନତା ସୃଷ୍ଟି କରିଥିଲେ। ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଗଠନ କରିବାକୁ ଅନୁଷ୍ଠିତ ସଭାରେ ଦର୍ଶାଇଥିଲେ।

# ପ୍ରତିଷ୍ଠା, ବଳିଦାନ ଦିବସ

**ଖୋର୍ଦ୍ଧା ଅଫିସ,୨।୯:** ବିଶ୍ୱହିନ୍ଦୁ ପରିଷଦର ଖୋର୍ଦ୍ଧା ଜିଲା ପକ୍ଷରୁ ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ରବିବାର ପାଳନ ହୋଇଯାଇଛି। ଜିଲା ସଭାପତି ଯଦୁନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ପୂର୍ବପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ଆନନ୍ଦ ପାଣ୍ଡିଆ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱହିନ୍ଦୁ ପରିଷଦର ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର ଅନ୍ୟତମ ବକ୍ତାରୂପେ ଯୋଗ ଦେଇଥିଲେ। ଖୋର୍ଦ୍ଧା ଜିଲା ସମ୍ପାଦକ ବିଭୁଦେନ୍ଦ୍ର ବିଦ୍ୟାଧର ମଞ୍ଚ ପରିଚାଳନା, ମିହିର କୁମାର ବିଧାର ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ସାରୁଆଁ ଗାଁର ସତ୍ୟ ନାରାୟଣ ପାଣିଗ୍ରାହୀ ଓ ପାତ୍ରପଡାର ମୃତ୍ୟୁଞ୍ଜୟ ପାଟଶାଣୀଙ୍କୁ ବ୍ରଜନାଥ ଶତପଥୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ଜୟ ପ୍ରକାଶ ମହାପାତ୍ର, ନରେନ୍ଦ୍ର ସାହୁ, ମନୋଜ କୁମାର ଭୂୟାଁ, ଅଭିମନ୍ୟୁ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଦେଢ଼ଶାଶୁଙ୍କୁ ମାଡ଼ ଅଭିଯୋଗ: ଜ୍ୱାଇଁ ଗିରଫ

**ବୋଲଗଡ଼, ୨।୯ (ଡି.ଏନ.ଏ.):** ଦେଢ଼ଶାଶୁଙ୍କୁ ମାଡ଼ ମାରିବା ଅଭିଯୋଗରେ ବୋଲଗଡ଼ ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ଦଳେଇସାହି ପଞ୍ଚାୟତସ୍ଥ ଗିରିଶ ପ୍ରସାଦ ଗ୍ରାମର ସୁରେଶ ପ୍ରଧାନ (୩୧)। ସୁରେଶ ତାଙ୍କ ସ୍ତ୍ରୀଙ୍କୁ ବିଭିନ୍ନ ସମୟରେ ହଇରାଣ କରୁଥିବାରୁ ସେ ତାଙ୍କ ବଡ ଭଉଣୀ କଳାଙ୍ଗ ଗ୍ରାମର ମିନତି ସ୍ୱାଇଁଙ୍କ ଘରେ ରହୁଥିଲେ। ଏଥିରେ ସୁରେଶ ରାଗିଯାଇ ମିନତିଙ୍କ ଘରେ ପହଞ୍ଚି ତାଙ୍କୁ ମାଡ଼ ମାରିଥିଲେ । ମିନତି ବୋଲଗଡ ଥାନାରେ ଏ ନେଇ ଅଭିଯୋଗ କରିବା ପରେ କେସ୍ ନଂ. ୭୮/୧୮ରେ ମାମଲା ରୁଜୁ ହୋଇଛି।

### ବନ୍ୟା ପରିସ୍ଥିତି ଟଳୁନି

**ଖୋର୍ଦ୍ଧା ଅଫିସ, ୨।୯:** ହୀରାକୁଦ ବନ୍ୟାଜଳ ଛାଡିବା ଯୋଗୁ ଖୋର୍ଦ୍ଧା ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ରାଜୁଆ ନଦୀରେ ୩ ଦିନ ହେଲା ବନ୍ୟା ପରିସ୍ଥିତି ଲାଗି ରହିଛି। ହିରିମୂଳ ଓ ଡିହଖଳା ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି। ନରଣଗଡ ପଞ୍ଚାୟତର ମାନପୁର, ଓରମି ଓ ଧବଳପୁର ଗାଁରେ ବାରିପଟ ଦେଇ ଘର ଭିତରେ ପାଣି ରହିଛି। ବନ୍ୟାର ତୃତୀୟ ଦିବସରେ ପାଣି କମୁନି କି ବଢୁନି। ସାଧାରଣରେ ଲାଗି ରହିଥିବା ବନ୍ୟା ଡର ହଟୁନାହିଁ।

■ ଭିଟାମାଟି ସୁରକ୍ଷା ପାଇଁ ପ୍ରସ୍ତୁତି ବୈଠକ

# ୧୯ରେ ନବୀନ ନିବାସ ଯିବ ଶୋଭାଯାତ୍ରା

**ଜଟଣୀ,୨।୯(ଡି.ଏନ.ଏ)**

ଭିଟାମାଟିର ସୁରକ୍ଷା ପାଇଁ ଜଟଣୀ ତହସିଲ ଅନ୍ତର୍ଗତ ୧୧ଟି ମୌଜାର ହଜାର ହଜାର ସ୍ଥିତିବାନ ରୟତ ଆସନ୍ତା ୧୯ ତାରିଖରେ ଶୋଭାଯାତ୍ରାରେ ନବୀନ ନିବାସ ଯିବେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିବେ। ଜଟଣୀସ୍ଥିତ କୁଦିଆରୀ ବଜାରରେ ଆଞ୍ଚଳିକ ଭିଟାମାଟି ସୁରକ୍ଷା ମଞ୍ଚ ପକ୍ଷରୁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏପରି ନିଷ୍ପତ୍ତି ହୋଇଥିବା ମଞ୍ଚର ସଭାପତି ସୁଦର୍ଶନ ସୁନ୍ଦରାୟ କହିଛନ୍ତି। ହରିହର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ଷତିଗ୍ରସ୍ତ ୧୧ ଟି ମୌଜାର ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଶତାଧିକ ବର୍ଷ ହେବ ବାପଅଜା ଅମଳରୁ ରହି ଆସୁଥିବା କୁଦିଆରୀ, କୁଶମାଟି, ଛଣଘର, କଣ୍ଡିଆ, ବୁଢ଼ାପଡ଼ା, ନିରଞ୍ଜନପୁର, ରଥିପୁର, ବେରୁହାଁ, ବାଇରଙ୍ଗ, ହରିରାଜପୁର ଆଦି ମୌଜାର ପ୍ରାୟ ଏକ ଲକ୍ଷ ରୟତ ସେମାନଙ୍କ ସ୍ଥିତିବାନ ଜମି ଓ ଭିଟାମାଟି ହରେଇ ବସିଛନ୍ତି। ଏହି ରୟତଙ୍କ ଅଗୋଚରରେ ପାଞ୍ଚ ବର୍ଷ ପୂର୍ବେ ସେମାନଙ୍କର ଭିଟାମାଟିକୁ ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ରେକର୍ଡ କରି ଦିଆଯାଇଥିଲା। ଏହାକୁ ବିରୋଧ କରି ମୌଜା ବାସିନ୍ଦା ଆନ୍ଦୋଳନ ଜାରି ରଖିଛନ୍ତି। ଏଥିରେ ମଞ୍ଚର ସମ୍ପାଦକ ସୁନୀଲ କୁମାର ରାଉତରାୟ, ଦିଲୀପ କୁମାର ଦାସ, ଶ୍ରୀନିବାସ ସାହୁ ଓ ଅନ୍ୟ ରୟତମାନେ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ଭୁବନେଶ୍ୱର ବ୍ଲକ ଯୁବ ବିଜେଡିର ନୂତନ କର୍ମକର୍ତ୍ତା

**ଜଟଣୀ,୨।୯(ଡି.ଏନ.ଏ):** ଭୁବନେଶ୍ୱର ବ୍ଲକ ଯୁବ ବିଜେଡ଼ିର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ମନୋଜ କୁମାର ମହାରଣା, ସୁଶୀଲ କୁମାର ପରିଡ଼ା ଓ ଦୀନେଶ ରାଉତ ମନୋନୀତ ହୋଇଛନ୍ତି। ପ୍ରତାପ ପରିଡ଼ା, ଅମିତ କୁମାର ସାମନ୍ତରାୟ, ସନ୍ତୋଷ ବେହେରା ସାଧାରଣ ସମ୍ପାଦକ, ସମ୍ପାଦକ ଭାବେ ରଞ୍ଜନ ମହାଭୋଇ, ସୂର୍ଯ୍ୟନାରାୟଣ ସାହୁ, ମନୋଜ ଲେଙ୍କା, ସନ୍ତୋଷ ପ୍ରଧାନ, ଦୀପ୍ତିରଞ୍ଜନ ପ୍ରଧାନ ମନୋନୀତ ହୋଇଥିବା ବ୍ଲକ ସଭାପତି ଲିପୁନା ଭଞ୍ଜ ସୂଚନା ଦେଇଛନ୍ତି। ଖୋର୍ଦ୍ଧା ଜିଲା ଯୁବ ବିଜେଡ଼ି ସଭାପତି ବିଷ୍ଣୁପ୍ରସାଦ ଡେଙ୍ଗଙ୍କ ଅନୁମୋଦନ ଓ ରାଜ୍ୟ ଯୁବ ବିଜେଡି ସଭାପତି ଅମରେଶ ପତ୍ରିଙ୍କ ସହମତିରେ ଏହି ନୂତନ କର୍ମକର୍ତ୍ତା ଚୟନ କରାଯାଇଥିବା ଲିପୁନା କହିଛନ୍ତି।



ନିରାକାରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କ ରାଧାକୃଷ୍ଣ ବେଶ।



ଖୋର୍ଦ୍ଧାଠାରେ ପିଲାଙ୍କ ରାଧାକୃଷ୍ଣ ବେଶ।



ରାଧାକୃଷ୍ଣ ବେଶରେ ଧଳାପଥର ଶିଶୁମନ୍ଦିରର ପିଲାମାନେ।

# ଜନ୍ମାଷ୍ଟମୀରେ ସବୁଠି ରାଧାକୃଷ୍ଣ ବେଶ

**ଖୋର୍ଦ୍ଧା ଅଫିସ,୨।୯**

ଖୋର୍ଦ୍ଧା ସହରସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ରବିବାର ଜନ୍ମାଷ୍ଟମୀ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ରାଧାକୃଷ୍ଣ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଖୋର୍ଦ୍ଧାର ପ୍ରବଚକ ଆଶୁତୋଷ ମିଶ୍ର ଯୋଗଦେଇଥିଲେ। ଏହାକୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଜୟ ପଣ୍ଡା ପରିଚାଳନା କରିଥିଲେ। ସ୍କୁଲ ପରିଚାଳନା ସମିତିର ସଭାପତି ଗୌରାଙ୍ଗ ମଣ୍ଡଳ ଓ ସମ୍ପାଦକ ରମେଶ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ।

**ଜଟଣୀ, (ଡି.ଏନ.ଏ.):** ଜଟଣୀରେ ରବିବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ସ୍ଥାନୀୟ ଗୋପୀନାଥ ମନ୍ଦିର, ଆନ୍ଦ୍ରବ୍ୟାଙ୍କ ଲେନ୍ ରାଧାକୃଷ୍ଣ ମନ୍ଦିର, ପାତ୍ରପଡ଼ାସ୍ଥିତ ଶ୍ରୀମଦନମୋହନ ଦେବଙ୍କ ମନ୍ଦିର, ବାଲିଛକସାହି ଲକ୍ଷ୍ମୀନାରାୟଣ ମନ୍ଦିର, ଉତ୍ତରାୟଣୀ ମନ୍ଦିରରେ ଥିବା ରାଧାକୃଷ୍ଣ ମନ୍ଦିର, ଶ୍ରୀହରିବିହାରସ୍ଥିତ ବିଷ୍ଣୁ ମନ୍ଦିରରେ ସକାଳୁ ରାତ୍ରି ପର୍ଯ୍ୟନ୍ତ ପୂଜାନୀତି ସମ୍ପନ୍ନ ହୋଇଥିଲା। ସେହିପରି ସ୍ଥାନୀୟ ଅରଗୁଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଇଁ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସସ୍ମିତା ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଜୟ କୁମାର ପରିଡ଼ା ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

**ବୋଲଗଡ, (ଡି.ଏନ.ଏ.):** ବୋଲଗଡ ବ୍ଲକର ଅଞ୍ଚଳରେ ରବିବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ମଠ, ମନ୍ଦିର ଆଦିରେ ଶ୍ରଦ୍ଧାଳୁମାନେ ଭକ୍ତିର ସହ ଏହି ପର୍ବ ପାଳନ କରିଛନ୍ତି। ଏହି ଅବସରରେ ଧଳାପଥରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଭଗବାନ ଶ୍ରୀକୃଷ୍ଣଙ୍କର ଏହି ପବିତ୍ର ଉତ୍ସବ ପାଳନ କରାଯାଇଛି। ଛାତ୍ରୀଛାତ୍ରମାନେ ରାଧା, କୃଷ୍ଣ ଏବଂ ସୁଦାମା ଆଦି ବେଶ ହୋଇଥିଲେ।

**ନିରାକାରପୁର, (ଡି.ଏନ.ଏ):** ଜନ୍ମାଷ୍ଟମୀ ଅବସରରେ ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଆଚାର୍ଯ୍ୟ ମନ୍ମଥ ମିଶ୍ର, ଅନୁଷ୍ଠାନର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ, ପ୍ରଧାନ ଆଚାର୍ଯ୍ୟ ନଳିନୀ ରଥ, ରୀନାମଣି ଦେଈ ପ୍ରମୁଖ ଉପସ୍ଥିତ ଥିଲେ।

**କୃଷ୍ଣପ୍ରସାଦ, (ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ପିଲାମାନେ ରାଧାକୃଷ୍ଣ ବେଶ ହୋଇ ଗାଁ ପରିକ୍ରମା କରିଥିଲେ। ବଡ଼ଖାଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପାରିକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ବଜ୍ରକୋଟ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ବିଦ୍ୟାଳୟରେ ନୃତ୍ୟ, ଗୀତ ମାଧ୍ୟମରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଡ଼ଖାଡ଼ ଶିଶୁମନ୍ଦିରରେ ସଭାପତି ପ୍ରତାପ ଚନ୍ଦ୍ର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା ଓ ପ୍ରଧାନ ଆଚାର୍ଯ୍ୟ ଚକ୍ରଧର ମାଝି ପ୍ରମୁଖ ସହଯୋଗ କରୁଥିଲେ।



ରାଧାକୃଷ୍ଣ ବେଶରେ ଜଟଣୀ ଅରଗୁଳ ଶିଶୁ ବିଦ୍ୟାମନ୍ଦିରର ପିଲାମାନେ।



କୃଷ୍ଣପ୍ରସାଦରେ ଜନ୍ମାଷ୍ଟମୀ।

### ଜନ୍ମାଷ୍ଟମୀ ଶୀର୍ଷକ ସାହିତ୍ୟ ଆସର

**ଖୋର୍ଦ୍ଧା ଅଫିସ, ୨।୯:** ନାତୁଣୀର ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଜାଗୃତିକା ପକ୍ଷରୁ ବଡପଦରସ୍ଥିତ ମହାବୀର ମନ୍ଦିର ପରିସରରେ ଜନ୍ମାଷ୍ଟମୀ ଶୀଷର୍କ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନବ କିଶୋର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରରେ ଗାୟକ ଦକ୍ଷୀଣ କେଶରୀ ରାମଚନ୍ଦ୍ର କର, ପ୍ରଫେସର ଗଙ୍ଗାଧର ପ୍ରଧାନ, ଶିବ ସୁନ୍ଦର ରଥ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ସେହିପରି ଚିଲିକା ଓ ବାଣପୁର ବ୍ଲକରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କ ଗୁପ୍ତ ଲୀଳାକ୍ଷେତ୍ର, ଚିଲିକା ନାଭାଲ ଛକସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଜନ୍ମାଷ୍ଟମୀ ପର୍ବ ପାଳିତ ହୋଇଯାଇଛି।



ଏ ଜଗତରେ ସମସ୍ତେ ପର, ଈଶ୍ୱର ଏକମାତ୍ର ଆପଣାର।
– ଶ୍ରୀ ରାମକୃଷ୍ଣ ପରମହଂସ



## ଆଜି କ'ଣ କେଉଁଠି

ସାକ୍ଷୀଗୋପାଳ
- ନନ୍ଦୋତ୍ସବ ଉପଲକ୍ଷେ ଗୋଟିପୁଅ ନୃତ୍ୟ ଓ ଭଜନ ସମାରୋହ, ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖ, ରାତି ୭ଟା।



## ଅଲାରନାଥଙ୍କ ପୀଠରେ କୃଷ୍ଣ ଜନ୍ମୋତ୍ସବ ପାଳିତ

ବ୍ରହ୍ମଗିରି, ୨।୯(ଡି.ଏନ୍.ଏ.): ମହାପ୍ରଭୁ ଅଲାରନାଥଙ୍କ ପୀଠରେ ସୋମବାର ପାଳିତ ହୋଇଯାଇଛି କୃଷ୍ଣ ଜନ୍ମୋତ୍ସବ। ସନ୍ଧ୍ୟାଧୂପ ପରେ ମନ୍ଦିର ଶୋଧ କରାଯାଇ ସମସ୍ତଙ୍କୁ ମନ୍ଦିର ବେଢ଼ା ମଧ୍ୟରୁ ବାହାର କରାଯାଇଥିଲା। ପରେ ମନ୍ଦିରର ସମସ୍ତ ଲାଇଟ୍ ବନ୍ଦ କରି ଦିଆଯାଇ ଦ୍ୱାର ବନ୍ଦ କରାଯିବା ପରେ ମଝି ଦେଉଳରେ ଜାତକର୍ମ ପାଇଁ ମଣ୍ଡଳ କଟାଯାଇଥିଲା। ମଧ୍ୟରାତ୍ରର ନିର୍ଜନତା ମଧ୍ୟରେ ଏକ ପୁରାତନ ତାଳପୋଥି ପଢ଼ାଯାଇ ଶ୍ରୀକୃଷ୍ଣଙ୍କ ଜନ୍ମକର୍ମ କରାଯାଇଥିଲା। ଏହି ସମୟରେ ପ୍ରତିହାରୀ ପାଳିଆର ଉଗ୍ରସେନ ଭୂମିକାର ହୁସିଆର, ହୁସିଆର ଓ ସାବଧାନ ଡାକ ବେଶ୍ ରୋମାଞ୍ଚକର ଥିଲା। ବସୁଦେବ ଭୂମିକାରେ ପୂଜାପଣ୍ଡା ପାଳିଆ ମଦନ ମୋହନଙ୍କୁ ନେଇ ଯାଉଥିବା ବେଳେ ଉଗ୍ରସେନଙ୍କୁ ଦର୍ଶନ ଦେଇ ଶାଢିବନ୍ଧା କାର୍ଯ୍ୟକ୍ରମ ପରେ ଯମୁନା ନଦୀ ପାର ହେବା ଏବଂ ମନ୍ଦିର ବେଢାରେ ଏନ୍ତୁଡି କର୍ମ, ନାଭିଚ୍ଛେଦନ ଓ ଗଣ୍ଡୁଷ କର୍ମ ହୋଇଥିଲା। ପରେ ମହାପ୍ରଭୁଙ୍କୁ କ୍ଷୀରସର ଓ ୧୧୦ ନଡିଆ କୋରା ଭୋଗ ଅର୍ପଣ କରାଯାଇଥିଲା।

## ୧୪୪ଧାରା ଜାରି ସତ୍ତ୍ୱେ ବେଆଇନ ପଥର ଖୋଳା
## ୩ ଟ୍ରକ ଜବତ, ଚାଳକ ଗିରଫ

କଣାସ,୨।୯ (ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକର ଗୋଡ଼ିପୁଟ ମାଟିଆପଡ଼ା, ରେଙ୍ଗଳ, ଯମୁନା, ଝାରପଡ଼ା ମୌଜାର ସରକାରୀ ଜମିରୁ ବେଆଇନ ଭାବେ ପଥର ଖାଦାନ ଉପରେ ଡେଲାଙ୍ଗ ପୋଲିସ ରବିବାର ଚଢ଼ାଉ କରିଛି। ପଥର ବୋଝେଇ ହୋଇଥିବା ୨ଟି ୭୦୯ ଓ ଗୋଟିଏ ୪୦୭ ଟ୍ରକ ଜବତ କରିବା ସହ ୩ ଡ୍ରାଇଭରଙ୍କୁ ଗିରଫ କରିଛି। ଏହି ଟ୍ରକରେ ନିୟମିତ ପଥର ଚୋରାଚାଲଣ ହେଉଥିଲା ବୋଲି ଥାନା ଇନସ୍ପେକ୍ଟର ଅସିତ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଚୋରା ପଥର ଚାଲାଣ କରୁଥିବା ଟ୍ରକ ମାଲିକଙ୍କ ଘର କଣ୍ଟି, କାକୁଡିଆ ଓ ଜଙ୍କିଆ। ଗିରଫ ଡ୍ରାଇଭରଙ୍କ ବୟାନ ଭିତ୍ତିରେ ବେଆଇନ ଭାବେ ପଥର ଖୋଳି ବିକ୍ରି କରୁଥିବା ସୁଧୀର ବେହେରା, ବାଟେଇ ଭୂୟାଁ, ଭାସ୍କର ରାଉତ, ଅକ୍ରୁର ନାୟକ, ହରେକୃଷ୍ଣ ଭୂୟାଁ, ମଳୟ ଭୂୟାଁ ଓଗେରଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏହି ଅଞ୍ଚଳରୁ ବ୍ୟାପକ ପଥର ଖୋଳି ଚୋରାଚାଲାଣ ହେଉଥିବା ଅଭିଯୋଗ ପାଇ ଡେଲାଙ୍ଗ ତହସିଲଦାର ଉପରୋକ୍ତ ୪ଟି ମୌଜାର ଥିବା ୧୬ଟି ପ୍ଲଟ ଅନ୍ତର୍ଭୁକ୍ତ ୮୫୧.୬୩ଏକର ସରକାରୀ ଅନାବାଦୀ ଗୋଚରଜମି ଉପରେ ୨୩।୮।୨୦୧୮ ରୁ ୧୪୪ ଧାରା ଜାରି କରିଥିଲେ। ଏହା ସତ୍ତ୍ୱେ ଅଭିଯୁକ୍ତମାନେ ପଥର ଖୋଳା ଓ ଚୋରାଚାଲଣ ଚଳାଇଥିଲେ।

## ସାକ୍ଷୀଗୋପାଳ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

ସାକ୍ଷୀଗୋପାଳ, ୨।୯(ଡି.ଏନ୍.ଏ.): ପରମ୍ପରା କ୍ରମେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଠାକୁରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଦିନ ତମାମ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଥିଲା। ସାକ୍ଷୀଗୋପାଳ ସେବାୟତ ସଂଘ ପକ୍ଷରୁ ଆୟୋଜିତ ଆଧାତ୍ମିକ ଭଜନ ସମାରୋହ, ଓଡ଼ିଶୀ ନୃତ୍ୟ, ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ସାଙ୍ଗକୁ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ପ୍ରସାଦ ବିତରଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଘ ସଭାପତି ସୋମନାଥ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଉଦ୍‌ଘାଟକ ଭାବେ ସତ୍ୟବାଦୀରେ ନୂତନ ଭାବେ ଯୋଗଦେଇଥିବା ଆଇଆଇସି ଜ୍ୟୋତିପ୍ରକାଶ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ମନ୍ଦିର ସେବାୟତ ଟ୍ରଷ୍ଟି ବିଜୟ କୁମାର ମହାପାତ୍ର ଯୋଗଦେଇଥିଲେ।

### ଦାଉ ସାଧୁଛି ପ୍ରକୃତି, ଚିନ୍ତାରେ ଚାଷୀ

# ଏବେ ବି ୧୪ହଜାର ହେକ୍ଟର ଚାଷ ଜମି ଜଳମଗ୍ନ

ପୁରୀ ଅଫିସ, ୨।୯



ଜଳମଗ୍ନ ହୋଇପଡିଥିବା ଚାଷଜମି।

ଚାଷୀଙ୍କ ଉପରେ ଦାଉ ସାଧୁଛି ପ୍ରକୃତି। ଗତ ଦେଢ଼ ମାସ ମଧ୍ୟରେ ହୋଇଥିବା ଦୁଇଟି ଲଗାଣ ବର୍ଷା ଚାଷୀର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ବର୍ଷା ଛାଡ଼ିବାର ୧ମାସ ବିତିବାକୁ ବସିଥିଲେ ହେଁ ଏ ପର୍ଯ୍ୟନ୍ତ ଚାଷଜମିରୁ ପାଣି ଛାଡୁନାହିଁ। ଜିଲାର ୫ଟି ବ୍ଲକର ୧୩,୯୮୫ ଏକର ଚାଷ ଜମି ଅଦ୍ୟାବଧି ଜଳମଗ୍ନ ହୋଇ ରହିଛି। ଚଳିତବର୍ଷ ଉକ୍ତ ଜମିରେ ଆଉ ଚାଷ ହୋଇପାରିବ ନାହିଁ ବୋଲି ଆଶଙ୍କା କରିଛି ଜିଲା କୃଷି ବିଭାଗ।

ଗତ ଜୁଲାଇ ୨୧ ଓ ୨୨ତାରିଖ ଦୁଇଦିନ ଧରି ବର୍ଷା ହୋଇଥିଲା। ଜିଲାରେ ୩୦୦୮.୬ ମିଲିମିଟର ବର୍ଷା ହୋଇଥିଲା। ଅଗଷ୍ଟ ୭ରୁ ପ୍ରବଳ ବର୍ଷା ହୋଇଥିଲା। ଗତ ଏପ୍ରିଲଠାରୁ ଅଗଷ୍ଟ ମାସ ମଧ୍ୟରେ ଜିଲାରେ ସାଧାରଣ ବୃଷ୍ଟିପାତଠାରୁ ଅଧିକ ପରିମାଣର ବର୍ଷା ହୋଇଛି। ଲଗାଣ ବର୍ଷାରେ ଜିଲାର ୪୨ହଜାର ୧୫୯ହେକ୍ଟର ଚାଷ ଜମିରେ ପାଣି ଜମି ରହିବା ସହ ଫସଲ ପ୍ରଭାବିତ ହୋଇଥିଲା। ବର୍ଷା ଛାଡି ଯାଇଥିବା ବେଳେ ୧୩, ୯୮୫ ହେକ୍ଟର ଚାଷ ଜମିରୁ ପାଣି ଛାଡୁନାହିଁ। ପୁରୀ ସଦର ବ୍ଲକର ୧୬୨୪ ହେକ୍ଟର, ବ୍ରହ୍ମଗିରି ବ୍ଲକର ୯୬୫ହେକ୍ଟର, ଡେଲାଙ୍ଗ ବ୍ଲକର ୩୯୮୭ ହେକ୍ଟର, ସତ୍ୟବାଦୀ ବ୍ଲକର ୭ଶହ ଏବଂ କଣାସ ବ୍ଲକର ୬୭୦୯ ହେକ୍ଟର ଜମିରେ ପାଣି ଜମି ରହିଛି। ପାଣି ଛାଡୁ ନ ଥିବାରୁ ଏହି ଜମିଗୁଡିକରେ ଚଳିତବର୍ଷ ଚାଷ କାର୍ଯ୍ୟ ହେବା ଆଶା କ୍ଷୀଣ ବୋଲି କହିଛନ୍ତି ଜିଲା କୃଷି ଉପନିର୍ଦ୍ଦେଶକ ଏସ୍. ଚନ୍ଦ୍ରଶେଖର ରାଓ।

ଅନ୍ୟପକ୍ଷରେ ହୀରାକୁଦ ଡ୍ୟାମରୁ ପାଣି ଛଡ଼ାଯିବା ପରେ ଭାର୍ଗବୀ, ଦୟା ଏବଂ ଏହାର ଶାଖା ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇଛି। ନଦୀର ଉଦ୍‌ବୃତ୍ତ ଜଳ ଚାଷ ଜମିରେ ମାଡ଼ିଛି। ତେଣୁ ଆହୁରି କିଛି ଚାଷ ଜମି ଜଳମଗ୍ନ ହେବାର ମଧ ଆଶଙ୍କା ଦେଖାଦେଇଛି। ଲଗାଣ ବର୍ଷା ଯୋଗୁ ଜିଲାରେ ଚାଷ କାର୍ଯ୍ୟ ପଛେଇଛି। ଚାଷୀ ପକାଇଥିବା ତଳି ଅଧିକାଂଶ ଅଞ୍ଚଳରେ ନଷ୍ଟ ହୋଇଯାଇଛି। କେତେକ

**ଆହୁରି କିଛି ଜମି ଜଳମଗ୍ନ ହେବା ଆଶଙ୍କା**

ଅଞ୍ଚଳରେ ବୁଣାଧାନ ବି ନଷ୍ଟ ହୋଇଛି। ଜିଲା କୃଷି ବିଭାଗର ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଖରିଫ ଋତୁରେ ୧ଲକ୍ଷ ୩୯ହଜାର ୧୫୨ହେକ୍ଟର ଜମିରେ ଧାନ ଚାଷ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବର୍ତ୍ତମାନ ସୁଦ୍ଧା ୯୮ହଜାର ୭୦୪ ହେକ୍ଟର ଜମି ଧାନ ରୁଆ ଓ ବୁଣା ଶେଷ ହୋଇଛି। ସେହିପରି ଅଣଧାନ ଫସଲ ୧୫ହଜାର ୭୩ ହେକ୍ଟର ଜମି କରିବା ଲାଗି ଟାର୍ଗେଟ ରହିଥିବାବେଳେ ୧୧,୫୭୩ ହେକ୍ଟର ଜମିରେ ଅଣଧାନ ଫସଲ ଚାଷ ହୋଇଥିବା କୃଷି ବିଭାଗ କହୁଛି।

ଜିଲାରେ ରାସାୟନିକ ସାର ଯୋଗାଣ ଧିମା ରହିଛି। ଜିଲାକୁ ୨୦ହଜାର ୮୭୦ ମେଟ୍ରିକଟନ୍ ସାର ଆବଶ୍ୟକ ରହିଥିବାବେଳେ ବର୍ତ୍ତମାନ ମାତ୍ର ୮୨୦୫ ମେଟ୍ରିକ ଟନ ଆସିଛି। ପ୍ରଥମ ଥର ଲାଗି ଜିଲାରେ ପିଓଏସ୍ ମେଶିନ ଜରିଆରେ ସାର ବିକ୍ରି ହେଉଛି। ଅପରପକ୍ଷରେ ଦୟା ଓ ଭାର୍ଗବୀର ଜଳସ୍ତର ବଢିଥିବାରୁ ଏହାର ପ୍ରଭାବରେ କେତେ ଚାଷ ଜମି ଜଳମଗ୍ନ ହେଉଛି ତାହାର ରିପୋର୍ଟ ଦେବାକୁ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କୃଷି ଉପ ନିର୍ଦ୍ଦେଶକ କହିଛନ୍ତି।

# ୧୫ ପ୍ରତିଯୋଗୀ ମନୋନୀତ

**ମିଷ୍ଟର ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

ପୁରୀ ଅଫିସ, ୨।୯

ଅକ୍ଟୋବର ୬ ଓ ୭ ତାରିଖ ଦୁଇଦିନ ଧରି ତାମିଲନାଡୁରେ ଅନୁଷ୍ଠିତ ହେବ ମିଷ୍ଟର ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା। ଏଥିରେ ଅଂଶଗ୍ରହଣ କରିବା ପାଇଁ ରବିବାର ପୁରୀଠାରେ ଏକ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି। ପୁରୀ ଆମେଚର ବଡି ବିଲ୍ଡିଂ ଫିଟ୍‌ନେସ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଏହି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ୧୮ ଜିଲାରୁ ପ୍ରାୟ ୩୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କଳିଙ୍ଗ ବଡି ବିଲ୍ଡିଂ ଫିଟ୍‌ନେସ ଆସୋସିଏଶନ ୧୫ ଜଣଙ୍କୁ ମିଷ୍ଟର ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେବା ଲାଗି ମନୋନୀତ କରିଛି। ପ୍ରତିଯୋଗୀମାନେ ସଫଳ ହେବେ ବୋଲି କଳିଙ୍ଗ ବଡି ବିଲ୍ଡିଂ ଫିଟ୍‌ନେସ ଆସୋସିଏଶନ ସଭାପତି ଗୌରୀଶଙ୍କର ସିଂହାରୀ, ଉପସଭାପତି ସଞ୍ଜୀବ ରଥଶର୍ମା, ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି, ସୁଶାନ୍ତ ମହାନ୍ତି କହିଛନ୍ତି।

### ଟ୍ୟାଲେଣ୍ଟ ଫେଷ୍ଟ ଉଦ୍‌ଯାପିତ

# ସମ୍ମାନିତ ହେଲେ କୃତୀ କଳାକାର




ଟ୍ୟାଲେଣ୍ଟ ଫେଷ୍ଟ ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ପୁରୀ ଅଫିସ,୨।୯

ନାଚ୍ ବଲିଯେ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଟାଉନ୍ ହଲ୍‌ରେ ଅନୁଷ୍ଠିତ ଦୁଇଦିନିଆ ଟ୍ୟାଲେଣ୍ଟ ଫେଷ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ, କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ରାମକୃଷ୍ଣ ଦାସମହାପାତ୍ର, ସେବାୟତ ଭଗବାନ ମହାସୁଆର, ଆୟୋଜକ ଅନୁଷ୍ଠାନର ସଭାପତି ନାରାୟଣ ଖୁଣ୍ଟିଆ, ସମ୍ପାଦକ ସୂର୍ଯ୍ୟ ଦାସ, ନାରୀନେତ୍ରୀ ପୁଷ୍ପାଞ୍ଜଳି ରଣା, ଆଇନଜୀବୀ କାମାକ୍ଷାପ୍ରସାଦ ମହାପାତ୍ର, ରବିନାରାୟଣ ପଣ୍ଡା, ଅଜୟ ସ୍ୱାଇଁ, ରଜନୀକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ କୃତୀ କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିନେ କଳାକାର ଅମ୍ଳାନ ଦାସ, ଇଲୁ ବାନାର୍ଜୀ, ରବି ମିଶ୍ର, ଦିଲୀପ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ହୋଇଥିଲେ। ଏହି ଅବସରରେ କୃଷ୍ଣମଣି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

## ୮ ଲକ୍ଷ ଲୁଟ୍ ଘଟଣାରେ ଆଉ ୨ଗିରଫ

ନିମାପଡ଼ା,୨।୯(ଡି.ଏନ୍.ଏ.)

ବଳଙ୍ଗା ଅଞ୍ଚଳର ଗୋ ଖାଦ୍ୟ ବ୍ୟବସାୟୀ ରଞ୍ଜନ କୁମାର ସାହୁଙ୍କଠାରୁ ୮ଲକ୍ଷ ଟଙ୍କା ଲୁଟ୍ କରିଥିବା ଘଟଣାରେ ନିମାପଡ଼ା ଥାନା ପୋଲିସ ବାଲିପାଟଣା ଅଞ୍ଚଳରୁ ଆଉ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିଜୁ ଓରଫ୍ ଅନନ୍ତ ବେହେରା ଓ ଅଜୟ ବେହେରା। ଏମାନଙ୍କଠାରୁ ଦୁଇଟି ନମ୍ବର ବିହୀନ ବାଇକ୍ ଓ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ତେବେ ଅନନ୍ତ ଓ ଅଜୟ ଦୁଇ ଭାଇ ବୋଲି ଜଣାପଡିଛି। ମୁଖ୍ୟ ଅଭିଯୁକ୍ତ ଅନନ୍ତଙ୍କ ନାଁରେ ନିମାପଡ଼ା, ଗୋପ, ନିଆଳି, ପିପିଲି, ବାଲିପାଟଣା ଆଦି ଥାନାରେ ଏକାଧିକ ମାମଲା ରହିଥିବା ଏକ ଖବରଦାତା ସମ୍ମିଳନୀରେ ଆଇଆଇସି ହରମୋହନ ନାୟକ କହିଛନ୍ତି। ସୂଚନାଥାଉକି, ଗତ ୧୪ ଅଗଷ୍ଟ ୨୦୧୮ରେ ବଳଙ୍ଗା ଅଞ୍ଚଳର ଗୋ ଖାଦ୍ୟ ବ୍ୟବସାୟୀ ରଞ୍ଜନଙ୍କ ବୋଲେରୋକୁ କେତେଜଣ ଦୁର୍ବୃତ୍ତ ନିମାପଡ଼ା କେନାଲ ବନ୍ଧରେ ଅଟକାଇ ତାଙ୍କୁ ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ୮ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ପୋଲିସ ବୋଲେରୋ ଡ୍ରାଇଭରଙ୍କ ସମେତ ୪ଜଣଙ୍କୁ ଗିରଫ କରି ୨୨ ଅଗଷ୍ଟରେ କୋର୍ଟ ଚାଲାଣ କରିଥିଲା। ଏ ନେଇ ଥାନାରେ ମାମଲା(ନଂ.୨୨୫/୧୮)ରୁଜୁ ହୋଇଥିଲା। ତେବେ ଏହି ଲୁଟ୍ ଘଟଣାରେ ଆଉ ୨ଜଣ ଫେରାର ଥିବା ଆଇଆଇସି ନାୟକ କହିଛନ୍ତି। ଖୁବଶୀଘ୍ର ଏମାନଙ୍କୁ ଧରାଯିବ ବୋଲି ସେ କହିଛନ୍ତି।

## ଓଡ଼ିଶା ଇତିହାସକୁ ବିଶ୍ୱବ୍ୟାପ୍ତ କରିଥିଲେ ଭବାନୀଚରଣ ରାୟ

ଭୁବନେଶ୍ୱର, ୨।୯(ବ୍ୟୁରୋ)

ସ୍ୱାଧୀନୋତ୍ତର କାଳରେ ଯେଉଁ କେତେଜଣ ଐତିହାସିକ ଓଡ଼ିଶା ଇତିହାସ, ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ଗବେଷଣା କରି ସୁନାମ ଅର୍ଜନ କରିଥିଲେ ସେମାନଙ୍କ ମଧ୍ୟରେ ଆଗଧାଡିରେ ଥିଲେ ପ୍ରଫେସର ଡ. ଭବାନୀଚରଣ ରାୟ। ଏହି ପ୍ରଖ୍ୟାତ ଐତିହାସିକ ପୁରୀ ଜିଲା ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଜଗଦଳପୁର ଗ୍ରାମରେ ୧୯୨୧ରେ ଜନ୍ମଗ୍ରହଣ କରିଥିଲେ। ଅଲ୍ଲାହାବାଦ ବିଶ୍ୱବିଦ୍ୟାଳୟ ଏବଂ ଏବଂ ଲଣ୍ଡନର ସ୍କୁଲ୍ ଅଫ୍ ଓରିଏଣ୍ଟାଲ ଆଣ୍ଡ ଆଫ୍ରିକାନ୍ ଷ୍ଟଡିଜ୍‌ରୁ ଉଚ୍ଚଶିକ୍ଷା ଲାଭ କରିଥିବା ରାୟ ଓଡ଼ିଶା ଇତିହାସର ବହୁ ଅଜ୍ଞାତ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆଣିଥିଲେ। ଓଡ଼ିଶାରେ ମୁସଲମାନ ରାଜତ୍ୱ, ମରହଟ୍ଟା ରାଜତ୍ୱ ଓ ବ୍ରିଟିଶ ରାଜତ୍ୱ ଉପରେ ଗବେଷଣା କରି ସଫଳତା ପାଇଥିଲେ। ଓଡ଼ିଶାରେ ମରହଟ୍ଟା ଶାସନ ଓ ଖୋର୍ଦ୍ଧା ପାଇକ ବିଦ୍ରୋହ ସମ୍ବନ୍ଧରେ ସାମ୍ରାଜ୍ୟବାଦୀ ବ୍ରିଟିଶ ଲେଖକଙ୍କ ମତାମତ ଭ୍ରାନ୍ତ ଓ ଉଦ୍ଦେଶ୍ୟମୂଳକ ବୋଲି ସେ ପ୍ରମାଣିତ କରିଥିଲେ। ୧୮୧୭ରେ ଖୋର୍ଦ୍ଧାରେ ବ୍ରିଟିଶ ଶାସନ ବିରୋଧରେ ପାଇକ ବିଦ୍ରୋହର ସୂତ୍ରପାତ ହୋଇଥିଲା, ଯାହାକୁ ବ୍ରିଟିଶ ମାନେ ସିପାହୀ ବିଦ୍ରୋହର ନାମ ଦେଇଥିଲେ। କିନ୍ତୁ ପ୍ରଫେସର ରାୟ ଏହି ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଏବଂ ବକ୍ସି ଜଗବନ୍ଧୁଙ୍କୁ ଭାରତ ସ୍ୱାଧୀନତା ଆନ୍ଦୋଳନର ଆଦ୍ୟଗୁରୁ ବୋଲି ପ୍ରମାଣିତ କରିଥିଲେ। ତାଙ୍କ ଗବେଷଣାରେ ଓଡ଼ିଆ ଜାତିର ଇତିହାସ ଜୀବନ୍ତ ହେବା ସହ ବିଶ୍ୱସ୍ତରରେ ପରିବ୍ୟାପ୍ତ ହୋଇଥିଲା ବୋଲି ଏଠାରେ ମତପ୍ରକାଶ ପାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସେଣ୍ଟର ଫର୍ ଆଡ୍‌ଭାନ୍ସ ଷ୍ଟଡିଜ୍ ଇନ୍ ହିଷ୍ଟ୍ରି ଆଣ୍ଡ କଲଚର୍ ପକ୍ଷରୁ ରବିବାର ରାଜ୍ୟ ଅଭିଲେଖାଗାର ପରିସରରେ ଆୟୋଜିତ ପ୍ରଫେସର ଭବାନୀଚରଣ ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ବକ୍ତାମାନେ ଏହା କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ଯୋଗଦେଇ ରାୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଅତୁଲ୍ୟ ଚନ୍ଦ୍ର ପ୍ରଧାନ, ଡ. କୈଳାସ ଚନ୍ଦ୍ର ଦାଶ, ଡ. ହେମନ୍ତ କୁମାର ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଆଲୋଚନାଚକ୍ର

## ବିମଳା ଭୈରବୀ ଓ ଶ୍ରୀଜଗନ୍ନାଥ ଭୈରବ



ଆଲୋଚନାଚକ୍ରରେ ଉପସ୍ଥିତ ପରିଷଦର କର୍ମକର୍ତ୍ତାମାନେ।

ପୁରୀ ଅଫିସ,୨।୯

ଶ୍ରୀନୀଳାଚଳ ତତ୍ତ୍ୱ ଅନୁସନ୍ଧାନ ପରିଷଦର ସେପ୍ଟେମ୍ବର ମାସ ଆଲୋଚନାଚକ୍ର ରବିବାର ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗୋପାଳ କୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ ସମ୍ପାଦକ ଡ. ଶ୍ରୀନିବାସ ଆଚାର୍ଯ୍ୟ। ବାମଦେବ ସଂହିତାରେ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ଉପରେ ଭିତ୍ତିପ୍ରବନ୍ଧ ପାଠ କରିଥିଲେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ। ବାମଦେବ ସଂହିତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ତତ୍ତ୍ୱ ପ୍ରତିପାଦକ ଏକ ପ୍ରାମାଣିକ ପୌରାଣିକ ଗ୍ରନ୍ଥ। ଅନୁମାନ କରାଯାଏ, ଓଡ଼ିଶାରେ ଶୈବ ଧର୍ମର ପ୍ରଚାର ଓ ଶୈବ ଧର୍ମରୁ ବୈଷ୍ଣବ ଧର୍ମ ପ୍ରତି ମନ ପରିବର୍ତ୍ତନର ଏକ ସନ୍ଧିକ୍ଷଣରେ ଏହା ରଚିତ। ବ୍ରହ୍ମାଙ୍କ ଆବିର୍ଭାବ କାଳରୁ ନାରାୟଣ ନୀଳମାଧବ ରୂପେ ପୁରୁଷୋତ୍ତମ କ୍ଷେତ୍ରରେ ବିରାଜମାନ କଲେ। ଯେତେବେଳେ ଦେବତାମାନେ ତ୍ରିପୁରାସୁର ଦ୍ୱାରା ଆକ୍ରାନ୍ତ ହେଲେ ସେତେବେଳେ ଶିବ ନିର୍ଗୁଣ ଅବସ୍ଥାରୁ ସଗୁଣ ରୂପ ଧାରଣ କରି ତ୍ରିପୁରାସୁରକୁ ବଧ କଲେ। ଦକ୍ଷ କନ୍ୟା ସତୀଙ୍କ ସହ ତାଙ୍କ ବିବାହ ସମ୍ପନ୍ନ ହେଲା। ଏକଦା ମହର୍ଷି ନାରଦ ପୁରୁଷୋତ୍ତମ କ୍ଷେତ୍ରରୁ କିଛି ବିଷ୍ଣୁ ନିର୍ମାଲ୍ୟ ନେଇ ଶିବଙ୍କ ମୁଖରେ ଦେଲେ। ସେହି ଦିବ୍ୟ ପ୍ରସାଦ ଶିବଙ୍କ ଉଦରସ୍ଥ ହେବା ଦେଖି ସତୀ ଦୁଃଖିତ ହେଲେ। କିଛି କାଳ ପରେ ଦକ୍ଷ ଯଜ୍ଞାନଳରେ ସତୀ ଝାସ ଦେଇ ପ୍ରାଣ ବିସର୍ଜନ କଲେ। ଶିବ ସତୀଙ୍କ ଅର୍ଦ୍ଧଦଗ୍ଧ ଶରୀରକୁ ଉଦ୍ଧାର କରି ଆସିବା ସମୟରେ ସତୀଙ୍କ ଶରୀରର କିୟଦଂଶ ପ୍ରଥମେ ଶଙ୍ଖକ୍ଷେତ୍ରର ରୋହିଣୀକୁଣ୍ଡ ପାର୍ଶ୍ୱରେ ପଡିଥିଲା। ଯାହାକି ପରବର୍ତ୍ତୀ ସମୟରେ ବିମଳା ଶକ୍ତିପୀଠ ରୂପେ ପ୍ରସିଦ୍ଧ ହେଲା। ଏହିଠାରେ ଦେବୀ ପ୍ରତ୍ୟହ ଶ୍ରୀମହାପ୍ରସାଦ ଭୋଜନ କଲେ। ଏଠାରେ ଦେବୀ ବିମଳା ଭୈରବୀ ଓ ଶ୍ରୀଜଗନ୍ନାଥ ଭୈରବ ଅଟନ୍ତି। ଶ୍ରୀପୁରୁଷୋତ୍ତମ କ୍ଷେତ୍ର ହେଉଛି ଶଙ୍ଖକ୍ଷେତ୍ର। ସର୍ବଶ୍ରେଷ୍ଠ କ୍ଷେତ୍ର। ଅନ୍ୟ ତିନୋଟି କ୍ଷେତ୍ର ହେଲେ ଗଦାକ୍ଷେତ୍ର ରୂପେ ପ୍ରତିଷ୍ଠିତ ବିରଜା ପୀଠ ଯାଜପୁର, ଚକ୍ରକ୍ଷେତ୍ର ରୂପେ ପ୍ରତିଷ୍ଠିତ ଏକାମ୍ରକ୍ଷେତ୍ର ଭୁବନେଶ୍ୱର ଏବଂ ପଦ୍ମକ୍ଷେତ୍ର ରୂପେ ବିଖ୍ୟାତ କୋଣାର୍କ। ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ଅନାଦି ସନାତନ କ୍ଷେତ୍ର। ଶ୍ରୀଜଗନ୍ନାଥ ଏପରି ପରମ ରହସ୍ୟମୟ ଯେ, ଦେବତାମାନେ ମଧ ତାଙ୍କ ରହସ୍ୟ ଭେଦ କରିବାକୁ ସମର୍ଥ ହୁଅନ୍ତି ନାହିଁ ବୋଲି ଏଥିରେ ଆଲୋଚନା ହୋଇଥିଲା।

ଏହି ଆଲୋଚନାଚକ୍ରରେ ଡ. ଉମେଶ ଚନ୍ଦ୍ର ଚିନାରା, ସତ୍ୟନାରାୟଣ ମିଶ୍ର, ଅଧ୍ୟାପକ ସୁନୀଲ କୁମାର ରଥ, ଧ୍ରୁବ ଚରଣ କର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡ. ସିଦ୍ଧେଶ୍ୱର ମହାପାତ୍ର, ଡ. କଲ୍ୟାଣୀ ନନ୍ଦୀ, ଡ. ନୃସିଂହ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ଡ. ଶୈଳବାଳା ଦାଶ, ଶ୍ୟାମପ୍ରକାଶ ସେନାପତି, ଶଙ୍କର୍ଷଣ ମଙ୍ଗରାଜ, ଅନାମ ଚନ୍ଦ୍ର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ସ୍ୱାଭାବିକ ହେଉଛି ବେଳାଭୂମି ସ୍ଥିତି

## ୫ରେ ଅନୁଧ୍ୟାନ ଲାଗି ଆସିବେ ବିଶେଷଜ୍ଞ ଦଳ

ପୁରୀ ଅଫିସ, ୨।୯

ଗତ କିଛିଦିନ ଧରି ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ଅବକ୍ଷୟ ଜାରି ରହିଥିଲା। ସମୁଦ୍ର ଅଶାନ୍ତ ସାଙ୍ଗକୁ ସୁଉଚ୍ଚ ଲହଡ଼ି ଆସି ବେଳାଭୂମିକୁ ଗ୍ରାସୁଥିଲା। ବର୍ତ୍ତମାନ ସ୍ଥିତିରେ ପରିବର୍ତ୍ତନ ହେଉଛି। ବେଳାଭୂମିରେ ସମୁଦ୍ର ବାଲି ଆଣି ଗଦଉଥିବା ବେଳେ ସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି। ଆସନ୍ତା ୫ ଏବଂ ୬ତାରିଖରେ ପୁରୀ ବେଳାଭୂମି ଅନୁଧ୍ୟାନ ଲାଗି ୨ଟି ବିଶେଷଜ୍ଞ ଦଳ ଆସିବେ ବୋଲି ପୁରୀ ଜଳସେଚନ ଡିଭିଜନ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାଉତ ସୂଚନା ଦେଇଛନ୍ତି। ୫ତାରିଖରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓସେନିକ ଟେକ୍ନୋଲୋଜି (ଏନ୍‌ଆଇଓଟି)ର ବିଶେଷଜ୍ଞ ଆସିବେ। ଏହି ବିଶେଷଜ୍ଞ ଦଳରେ ଡ. ଏମ.ବି. ରାମାନୁଜ ମୂର୍ତ୍ତି, ସତ୍ୟକିରନ ରାଜୁ, ଅରୁଣ କୁମାର ଆଲୁୱାଲିଆ ଏବଂ ଡ. ପି.କେ. ପାଣିଗ୍ରାହୀ ଅଛନ୍ତି। ସେହିପରି ୬ତାରିଖରେ ନ୍ୟାଶନାଲ ସେଣ୍ଟର ଫର ସଷ୍ଟେନବୁଲ କୋଷ୍ଟାଲ ମ୍ୟାନେଜମେଣ୍ଟ (ଏନ୍‌ସିଏସ୍‌ସିଏମ୍)ର ଟିମ୍ ଆସିବେ। ଏହି ଟିମ୍‌ରେ ମଣିକାନ୍ତ, ମୂଲେରା ଶାହା, ଇସାକ୍ ରାଜନ୍ ଏବଂ ଅରୁଣ କୁମାର ରହିଛନ୍ତି। ଏହି ଟିମ୍ ଦ୍ୱୟ ପୁରୀ ବେଳାଭୂମି ଏବଂ ମଙ୍ଗଳାମୁହାଣ ସ୍ଥିତି ଅନୁଧ୍ୟାନ କରିବେ। ସୂଚନାଯୋଗ୍ୟ, ୨୦୦୬ ଏବଂ ୨୦୧୬ ଅଗଷ୍ଟ ମାସରେ ପୁରୀ ବେଳାଭୂମି ଅବକ୍ଷୟ ହୋଇଥିଲା। ଏହି ସମୟରେ ଜାତୀୟ ସ୍ତରର ବିଶେଷଜ୍ଞମାନେ ଆସି ପୁରୀ ବେଳାଭୂମିର ସ୍ଥିତି ଅନୁଧ୍ୟାନ କରିଥିଲେ। କିନ୍ତୁ କୌଣସି ପ୍ରତିକାରମୂଳକ ପଦକ୍ଷେପ ନିଆଯାଇ ନ ଥିଲା। ପ୍ରାକୃତିକ ପ୍ରକ୍ରିୟା ଯୋଗୁ ଏଭଳି ହେଉଥିବା କୁହାଯାଇଥିଲା। ହୋଟେଲ କୋକୋପାମଠାରୁ ହୋଟେଲ ଷ୍ଟର୍ଲିଂ ପର୍ଯ୍ୟନ୍ତ ବେଳାଭୂମି କଡ଼ରେ ସମୁଦ୍ର ପ୍ରାଚୀର (ସି ୱାଲ) ମଙ୍ଗଳାମୁହାଣ ବାରମ୍ବାର ମେଲୁଥିବା ଓ ଗତିପଥ ବଦଳାଉଥିବାରୁ ତାହାର ପ୍ରତିକାର ଲାଗି ଜଳସେଚନ ବିଭାଗ ପକ୍ଷରୁ ୧୪କୋଟି ଟଙ୍କାର ଏକ ପ୍ରସ୍ତାବ ରଖିଛି। ଟିମ୍ ଅନୁଧ୍ୟାନ କରିବା ସହ ଏକ ଡିପିଆର ପ୍ରସ୍ତୁତ କରିବ ବୋଲି ଜଣାପଡ଼ିଛି।

### ସୁଜାତା ନଗରରେ ବଢୁଛି ପାଣି

# ଘର ଛାଡ଼ିଲେଣି ଲୋକେ

ପୁରୀ ଅଫିସ, ୨।୯

ପୁରୀ ସହରର ସୁଜାତା ନଗର ଏବଂ ମାଟିତୋଟା ୫ମ ଲେନ ଅଞ୍ଚଳର ସ୍ଥିତି ସଙ୍ଗିନ୍ ହେବାରେ ଲାଗିଛି। ଦିନକୁ ଦିନ ମୂଷା ଏବଂ ମଙ୍ଗଳା ନଦୀର ବନ୍ୟାଜଳ ପଶୁଥିବାବେଳେ ଜଳସ୍ତର ବଢିବାରେ ଲାଗିଛି। ଲୋକଙ୍କ ଘରେ ଆଣ୍ଠୁଏ ଲେଖାଏ ପାଣି ଜମିଛି। ଏପରି କି ଲୋକଙ୍କ ଘରେ ସାପ, ବେଙ୍ଗ ଆଦି ପଶିଲେଣି। ପ୍ରବଳ ମାତ୍ରରେ ଯୋକ ଏବଂ ଗେଣ୍ଡା ଦେଖାଯାଉଛନ୍ତି। ଯୋକ ରହିଥିବାରୁ ଲୋକମାନେ ପାଣିରେ ପଶିବାକୁ ମଧ ସୁରକ୍ଷିତ ମଣୁନାହାନ୍ତି। କିଛି କଚା ଘରର କାନ୍ଥ ବି ଭୁଶୁଡିଗଲାଣି। ମାଟିତୋଟା ୫ମ ଲେନରେ ଥିବା ମଙ୍ଗଳାମନ୍ଦିର ପାଣି ଘେରରେ

**■ଘାରିଛି ସାପ, ଜୋକ ଭୟ**
**■ପ୍ରଶାସନ ଗଠନ କଲା ଟିମ୍**



ଜଳମଗ୍ନ ହୋଇପଡିଥିବା ସୁଜାତା ନଗରରୁ ବାସିନ୍ଦାମାନେ ଚାଲି ଯାଉଛନ୍ତି।

ରହିଥିବାରୁ ଠାକୁରାଣୀଙ୍କ ପୂଜା ହୋଇ ପାରୁନାହିଁ। ଗତ ଜୁଲାଇ ୨୧ ଲଗାଣ ବର୍ଷା ପରଠାରୁ ଏଭଳି ସ୍ଥିତି ଲାଗି ରହିଥିବାବେଳେ କେତେଜଣ ଘର ଛାଡି ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। କେତେକ ଘରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି। ଫଳରେ ଅଧିକାଂଶ ସମୟରେ ଚାପା ଉତ୍ତେଜନା ଦେଖାଦେଉଛି। ଦୀର୍ଘଦିନର ନୀରବତା ପରେ ଜିଲା ପ୍ରଶାସନର ନିଦ ଭାଙ୍ଗିଛି। ପ୍ରଶାସନ ଏକ ଟିମ୍ ଗଠନ କରିଛି। ସୋମବାର ଡାକ୍ତରୀ ଟିମ୍ ଯାଇ ସ୍ଥାନୀୟ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବ। ଅଗ୍ନିଶମ ବାହିନୀ, ତହସିଲଦାର ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ସୋମବାର ଯାଇ ସ୍ଥାନୀୟ ଅଞ୍ଚଳ ସ୍ଥିତି ଅନୁଧ୍ୟାନ କରିବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଗୋପୀନାଥପୁର ନୂଆସାହି ଏବଂ ଭାରତୀପୁର ଅଞ୍ଚଳରେ ମଧ ପାଣି ପଶିଛି।